ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୯/୨୦୨୧ (୧୬ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Thursday, September 9/2021 | ★★★★
୪୭ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

Download BHARAT MASALA App from GET IT ON Google Play Store

Place orders for **BHARAT MASALA** products
Free Home Delivery,
reasonable price.

# ଜୟ ଭାରତ ଫାଉଣ୍ଡେସନ

## ପ୍ରସ୍ତୁତି

# ୨୨ତମ ପୂଜ୍ୟପୂଜାର ପରମ୍ପରା ଭାରତ ପ୍ରତିଭା ସମ୍ମାନ - ୨୦୨୧

ସ୍ଥାନ - ଭାରତ ମସଲା ଅଡିଟୋରିୟମ୍, ରାମଦାସପୁର, ବାରଙ୍ଗ, କଟକ
ତାରିଖ : ୧୦.୦୯.୨୦୨୧ (ଶୁକ୍ରବାର)
ସମୟ : ଦିବା ୧୧ଘଟିକା

## ଏ ବର୍ଷର ବିଶିଷ୍ଟ ପ୍ରତିଭା

ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରୁଛୁ ଓଡ଼ିଶାର ବହୁ ବିଶିଷ୍ଟ ପ୍ରତିଭାଙ୍କୁ ।


BHARAT GAURAV
**Mr. Amit Rohidas**
Indian Men's Hockey Team


BHARAT GAURAV
**Mr. Birendra Lakra**
Indian Men's Hockey Team


KRIDA BHARAT
**Ms. Deep Grace Ekka**
Indian Women's Hockey Team


KRIDA BHARAT
**Ms. Nomita Toppo**
Indian Women's Hockey Team

*Presented by :*
JAY BHARAT FOUNDATION ODISHA

ଶ୍ରୀ ଗଣେଶ ଚତୁର୍ଥୀ ଉପଲକ୍ଷେ
ସମସ୍ତ ଓଡ଼ିଶା ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

*Sponsored by :*
BHARAT MASALA



THE TASTE OF NEW INDIA

ସଭିଙ୍କ ହାଣ୍ଡିଶାଳର
ଜୀବନରେଖା
ଭାରତ ମସଲା




Design by : B. B. Graphics, CTC, Mob. : 9338846885

ଭାରତ ମସଲାର ଆକର୍ଷଣୀୟ ଅଫର୍ **BUY ONE GET ONE FREE**
Available at all Reliance SMART SUPERSTORE

E-mail : jbspl@bharatmasala.in | Toll Free : 1800 345 1138 | www.bharatmasala.in

ଧରିତ୍ରୀ
DHARITRI
ଗୁରୁବାର, ୯ ସେପ୍ଟେମ୍ବର, ୨୦୨୧



ନରିଲସ୍କର ଆର୍କଟିକ୍ ସହରରେ ଏକ ଟ୍ରେନିଂ କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ କ୍ୟାମେରାମ୍ୟାନ୍‌ଙ୍କୁ ବଞ୍ଚାଇବାକୁ ଯାଇ ରୁଷିଆ ଜରୁରିକାଳୀନ ମନ୍ତ୍ରୀ ୟେଭଜେନି ଜିନିଚେଭ୍‌ଙ୍କ ମୃତ୍ୟୁ ଘଟିଛି। କ୍ୟାମେରାମ୍ୟାନ୍ ଜିନିଚେଭ୍ ଏକ ଉଚ୍ଚ ପାହାଡ଼ରେ ଛିଡ଼ା ହୋଇଥିଲେ। ସେ ହଠାତ୍ ସେଠାରୁ ଖସିପଡ଼ିବା ପରେ ତାଙ୍କୁ ରକ୍ଷା କରିବାକୁ ଯାଇ ଜିନିଚେଭ୍ ଲମ୍ଫ ମାରିଥିଲେ। ପଥରରେ ପିଟି ହୋଇଯିବା ପରେ ଜିନିଚେଭ୍‌ଙ୍କ ମୃତ୍ୟୁ ଘଟିଛି। କେଜେବି ସିକ୍ୟୁରିଟି ସର୍ଭିସ୍‌ରେ ଜିନିଚେଭ୍ ସଦସ୍ୟ ଥିଲେ।






ତାଲିବାନ୍ ଶାସନ କହିଲେ ମଧ୍ୟଯୁଗୀୟ ବର୍ବରତାକୁ ବୁଝାଏ। ଆଫଗାନିସ୍ତାନରେ ମଙ୍ଗଳବାର ତାଲିବାନୀମାନେ ଦ୍ୱିତୀୟ ପାଳି ସରକାର ଗଠନ କରିବା ସହ ନୂଆ କ୍ୟାବିନେଟ୍ ଘୋଷଣା କରିଛନ୍ତି। ଏଥିରେ ଜଣେ ହେଲେ ମହିଳାଙ୍କୁ ସାମିଲ କରାଯାଇନାହିଁ। ଓଲଟା ମହିଳାଙ୍କ ଶିକ୍ଷା ଉପରେ କଟକଣା ଜାରି କରିଛନ୍ତି ଅନ୍ତରୀଣ ସରକାର। ଏପରି କି ମହିଳାମାନେ କ୍ରିକେଟ ସମେତ କୌଣସି କ୍ରୀଡ଼ାରେ ଭାଗ ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ସରକାର ଗଠନ ପରେ ଏହା ହେଉଛି ତାଲିବାନ୍‌ର ପ୍ରଥମ ବିଧିବଦ୍ଧ ଫତ୍‌ୱା। ସେପଟେ ୧୯୯୬-୨୦୦୧ ଶାସନର ବର୍ବରତାକୁ ମନେପକାଇ ରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ଆଫଗାନ୍ ମହିଳା। ନିଜ ଅଧିକାର ଓ ସ୍ୱାଧୀନତା ଦାବି ସହ ଆଭ୍ୟନ୍ତରୀଣ ବ୍ୟାପାରରେ ପାକିସ୍ତାନର ଅବାଞ୍ଛିତ ହସ୍ତକ୍ଷେପକୁ ବିରୋଧ କରି ତାଲିବାନ୍‌କୁ ସାମ୍ନା କରୁଛନ୍ତି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ କ୍ୟାମେରା ଆଗରେ ତାଲିବାନୀ ଭଦ୍ର ବ୍ୟବହାର ଦେଖାଉଥିବାବେଳେ ପଛପଟୁ ଆତଙ୍କବାଦୀଙ୍କ ବନ୍ଧୁକରୁ ଛୁଟୁଛି ଗୁଳି।



## ସଂକ୍ଷେପରେ

### ଇଣ୍ଡୋନେସିଆ ଜେଲରେ ଅଗ୍ନିକାଣ୍ଡ: ୪୧ ମୃତ

ଜାକର୍ତ୍ତା, ୮।୯: ଇଣ୍ଡୋନେସିଆର ଏକ ଜେଲରେ ବୁଧବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ୪୧ ଜଣ ବନ୍ଦୀ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଅନ୍ୟ ୭୨ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ସହ ବନ୍ଦୀମାନଙ୍କୁ ଉଦ୍ଧାର କରିଥିଲା। ରାଜଧାନୀ ଜାକର୍ତ୍ତା ସହର ଉପକଣ୍ଠ ଟାଙ୍ଗେରାଙ୍ଗ ପେନିଟେଣ୍ଟିଆରିରେ ଥିବା ଜେଲ୍‌ର ନିଶା ଚୋରାବେପାରୀ ରହୁଥିବା ବ୍ଲକ୍‌ରେ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଉକ୍ତ ବ୍ଲକ୍‌ରେ ୪୦ ବନ୍ଦୀ ରହିବା ବ୍ୟବସ୍ଥା ଥିବାବେଳେ ସେଠାରେ ୧୨୦ ଜଣ ରହୁଥିଲେ।

### ମେକ୍ସିକୋରେ ବଡ଼ ଭୂକମ୍ପ

ମେକ୍ସିକୋ ସିଟି, ୮।୯: ମେକ୍ସିକୋର ଆକାପୁଲ୍‌କୋ ସହର ନିକଟରେ ମଙ୍ଗଳବାର ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ଅନେକ ଘର ଭୁଶୁଡ଼ି ପଡ଼ିଥିବାବେଳେ ଜଣେ ପ୍ରାଣ ହରାଇଛନ୍ତି। ମେକ୍ସିକୋ ସିଟିରେ ମଧ୍ୟ ଭୂକମ୍ପର ପ୍ରଭାବ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭ ଥିବା ଆମେରିକା ଭୂତତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଭୂକମ୍ପ ବେଳେ ବିଲ୍ଡିଂଗୁଡ଼ିକରୁ ପ୍ରଚଣ୍ଡ ଶବ୍ଦ ଆସିଥିଲା, ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଲୋକମାନେ ଭୟରେ ଚିତ୍କାର କରିବା ସହ ଏଣେତେଣେ ଧାଉଁଥିବା ଦେଖାଯାଇଥିଲା।

### ୨ ସିପିଏମ୍ ଅଫିସ୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଗୁଆହାଟୀ, ୮।୯: ତ୍ରିପୁରା ରାଜଧାନୀ ଅଗରତାଲା ସମେତ କେତେକ ଜିଲାରେ ହିଂସାକାଣ୍ଡ ପରେ କେତେଜଣ ଦୁର୍ବୃତ୍ତ ସିପିଏମ୍ ମୁଖ୍ୟାଳୟ ସମେତ ଦୁଇଟି ଦଳୀୟ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଛନ୍ତି। ସିପିଏମ୍ ରାଜ୍ୟ ମୁଖ୍ୟାଳୟ ଭାନୁ ସ୍ମୃତି ଭବନ ଏବଂ ଦଶରଥ ଭବନ ସମେତ ସେଠାରେ ଥିବା ଅନେକ ଗାଡ଼ି ଜଳିଯାଇଛି। ଆକ୍ରମଣ ପାଇଁ ଭାଜପାକୁ ଦାୟୀ କରିଛି ଦଳ। ଅଗରତାଲାସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ଭାଜପାର ଉତ୍ୟକ୍ତ କର୍ମୀମାନେ ଆକ୍ରମଣ କରିବା ସହ ପାର୍କିଂ ସ୍ଥାନରେ ଥିବା କାର୍‌ଗୁଡ଼ିକୁ ଭଙ୍ଗାରୁଜା କରୁଥିବା ଭିଡିଓରୁ ଦେଖାଯାଇଛି। ବିଶାଳଗଡ଼ ଏବଂ କଠାଳିଆ ଜିଲାରେ ଥିବା ପାର୍ଟି ଅଫିସକୁ ମଧ୍ୟ ଟାର୍ଗେଟ କରାଯାଇଛି। ରାଜ୍ୟରେ ସରକାର ବିରୋଧୀ ସ୍ୱର ତେଜୁଥିବାରୁ ଏଥିରେ ଭୟଭୀତ ଭାଜପା ଆତଙ୍କ ସୃଷ୍ଟି କରୁଥିବା ସିପିଏମ୍ ପକ୍ଷରୁ ଟୁଇଟ୍ କରାଯାଇଛି।

# ତାଲିବାନ୍‌କୁ ମହିଳାଙ୍କ ଚ୍ୟାଲେଞ୍ଜ

କାବୁଲ, ୮।୯

ସରକାର ଗଢ଼ିଲେ ମହିଳାଙ୍କ ସମେତ ସବୁ ବର୍ଗର ଲୋକଙ୍କୁ ସାମିଲ କରିବୁ। ଇସ୍‌ଲାମୀୟ ଆଇନ ଅନୁସାରେ ମହିଳାମାନେ ଅଧିକାର ଓ ସ୍ୱାଧୀନତା ଉପଭୋଗ କରିବେ ବୋଲି କଥା ଦେଇଥିଲା ତାଲିବାନ୍। ହେଲେ ଆତଙ୍କବାଦୀ ସଙ୍ଗଠନ ସେପ୍ଟେମ୍ବର ୭ରେ କାମଚଳା ସରକାର ଗଠନ କରିବା ପରେ ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିବା ମନେହେଉଛି। ନୂଆ କ୍ୟାବିନେଟରେ ଜଣେ ବି ମହିଳାଙ୍କୁ ସ୍ଥାନ ନ ଦେବା କଠୋରପନ୍ଥୀଙ୍କ ମହିଳା ବିରୋଧୀ ଚରିତ୍ରକୁ ପଦାରେ ପକାଇଛି। କେବଳ ସେତିକି ନୁହେଁ ସରକାର ଗଢ଼ୁ ଗଢ଼ୁ ମହିଳା ବିରୋଧୀ କଠୋର ନୀତି ପ୍ରଣୟନ ମଧ୍ୟ ଆରମ୍ଭ କରିଛି। ମହିଳାଙ୍କ ଅଧିକାର ଛଡ଼ାଇନେଉଥିବା 'ଶରିଆ' ଆଇନ୍‌କୁ ତୁରନ୍ତ ଦେଶରେ ଲାଗୁ କରିବାକୁ ଯାଉଛି ତାଲିବାନ୍। କ୍ରିକେଟ ସମେତ କୌଣସି କ୍ରୀଡ଼ା ଖେଳିବା ଅଧିକାର ମହିଳାଙ୍କ ନାହିଁ ବୋଲି ନିର୍ଦ୍ଦେଶ ଦେଇଛି। ହେଲେ ଏ ସବୁକୁ ଚୁପ୍‌ଚାପ୍ ଦେଖି ସହିଯିବା ଏବଂ ଅଧିକାର ପାଇଁ ଲଢ଼େଇ ନ କରିବା ଭଳି ମାନସିକତାରୁ ବହୁ ଊର୍ଦ୍ଧ୍ୱକୁ ଉଠିଛନ୍ତି ସାହସୀ ଆଫଗାନ୍ ମହିଳା। ରାସ୍ତା ଉପରେ ଖୋଲାଖୋଲି ଭାବେ ସେମାନେ ଏହି କଠୋରପନ୍ଥୀ ଶାସକ ଗୋଷ୍ଠୀକୁ ବିରୋଧ କରୁଛନ୍ତି। ଆତଙ୍କବାଦୀଙ୍କ ବନ୍ଧୁକ ସାମ୍ନାରେ ସେମାନେ ବିରୋଧର ସ୍ୱରକୁ ଶାଣିତ କରିଛନ୍ତି।

ଆଫଗାନ୍ ମହିଳାଙ୍କ ସାହସ ଆହୁରି ବଢ଼ାଇବାକୁ ବିକ୍ଷୋଭରେ ହଜାର ହଜାର ସଂଖ୍ୟାରେ ଦେଶବାସୀ ସେମାନଙ୍କ ସହ ଯୋଡ଼ି ହୋଇଛନ୍ତି। ବିଶ୍ୱ ସମୁଦାୟ ଏହି ଆତଙ୍କବାଦୀଙ୍କ ସରକାରଙ୍କୁ ସ୍ୱୀକୃତି ନ ଦେବାକୁ ଆଫଗାନ୍‌ମାନେ ନିବେଦନ କରିଛନ୍ତି। ପଞ୍ଜଶିର ପ୍ରଦେଶରେ ତାଲିବାନ୍ ବିରୋଧୀ ଦଳ ମଧ୍ୟ ଏହି ସରକାର ଗଠନକୁ ବେଆଇନ ଓ ଅସାମ୍ବିଧାନିକ ବୋଲି କହିଛି। ଏହା ଆଫଗାନ୍‌ବାସୀଙ୍କ ସରକାର ନୁହେଁ ବରଂ ଶତ୍ରୁ ବୋଲି ଅଭିହିତ କରିଛି ନ୍ୟାଶନାଲ ରେଜିଷ୍ଟାନ୍ସ ଫୋର୍ସ। ଏକ ସାକ୍ଷାତକାରରେ ତାଲିବାନ୍ ସାଂସ୍କୃତିକ କମିଶନର ଉପମୁଖ୍ୟ ଅହମ୍ମଦୁଲ୍ଲା ୱାସିକ୍ କହିଛନ୍ତି, ମହିଳାମାନେ କ୍ରିକେଟ ଖେଳିବାର କୌଣସି ଆବଶ୍ୟକତା ନାହିଁ। ଏହା ମିଡିଆର ଯୁଗ। ଖେଳବେଳେ ମହିଳାମାନଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରାଯିବ, ଯାହାକୁ ଇସ୍‌ଲାମ ଏବଂ ଇସ୍‌ଲାମିକ୍ ଏମିରେଟ୍ସ ଅନୁମତି ଦିଏ ନାହିଁ। ବିନା ବୁର୍ଖାରେ ମହିଳାଙ୍କୁ ମୁହଁ ଦେଖାଇବା ଇସ୍‌ଲାମ ବିରୋଧୀ ବୋଲି ସେ କହିଛନ୍ତି। ଏଠାରେ ମନେ ପକାଯାଇପାରେ ଯେ, ୨୦୨୦ ନଭେମ୍ବରରେ ୨୫ ଶ୍ରେଷ୍ଠ ମହିଳା କ୍ରିକେଟରଙ୍କୁ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ପୁରସ୍କୃତ କରିଥିଲା। ହେଲେ ତାଲିବାନ୍‌ର ଏପରି ନୀତି ପରେ ଏବେ ଏହି ପ୍ରତିଭାବାନ୍ ମହିଳା ଖେଳାଳି ଏଥିରୁ ବଞ୍ଚିତ ହେବେ। ମହିଳାମାନେ କେବଳ ଆବଶ୍ୟକ କାମ ପାଇଁ ବାହାରକୁ ଯାଇପାରିବେ। ଏଥିପାଇଁ ସେମାନେ ବୁର୍ଖା ଆଦି ପିନ୍ଧିବା ଜରୁରୀ ବୋଲି ୱାସିକ୍ କହିଛନ୍ତି।

ସେପଟେ ମହିଳାଙ୍କୁ ବିକ୍ଷୋଭରୁ ହଟାଇବାକୁ ତାଲିବାନ୍ ଆତଙ୍କବାଦୀ ଫାଙ୍କା ଗୁଳିଚାଳନା କରିବା ସହ ସମ୍ମୁଖରେ ବନ୍ଧୁକ ଦେଖାଇ ଧମକାଉଛନ୍ତି। କେତେଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି ପାଇଁ ଉଦ୍ୟମ ମଧ୍ୟ ଚଳାଇଛନ୍ତି। ହେଲେ ଏ ସବୁକୁ ଖାତିର ନ କରି ସାହସୀ ମହିଳାମାନେ ବିକ୍ଷୋଭ ଜାରି ରଖିଛନ୍ତି। ବୁଧବାର ଜଣେ ମହିଳା ଆତଙ୍କବାଦୀଙ୍କ ସମ୍ମୁଖରେ ନିର୍ଭୀକତାର ସହ ଆଖିରେ ଆଖି ମିଶାଇ ଛିଡ଼ା ହୋଇଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ପାଇଁ ପ୍ରତିଶ୍ରୁତି ଦେଇଥିବା ତାଲିବାନ୍‌ର ସରକାରରେ କୌଣସି ମହିଳାଙ୍କୁ ସାମିଲ କରା ନ ଯିବା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏକ ସମୃଦ୍ଧ ସମାଜ ଗଠନ ପରିବର୍ତ୍ତେ ତାଲିବାନ୍ ସମାଜକୁ ଏକ ନକାରାତ୍ମକ ବାର୍ତ୍ତା ଦେଇଛି ବୋଲି ଜାତିସଂଘ ମହିଳା ଏଜେନ୍ସି ମୁଖ୍ୟ ପ୍ରମିଳା ପାଟେନ୍ କହିଛନ୍ତି। ସେହିପରି ଜାତିସଂଘ ମୁଖପାତ୍ର ଫର୍‌ହାନ୍ ହକ୍‌ଙ୍କ ମତରେ ତାଲିବାନ୍ ସରକାରକୁ ସ୍ୱୀକୃତି ଦେବାରେ ଜାତିସଂଘ କୌଣସି ଭୂମିକା ନେଇନାହିଁ। ଏକ ଶାନ୍ତିପୂର୍ଣ୍ଣ ସମାଧାନରେ ସହଯୋଗ କରିବା, ଆଫଗାନ୍ ବିଶେଷ କରି ମହିଳାଙ୍କ ଅଧିକାରକୁ ପ୍ରୋତ୍ସାହିତ କରିବା ଦିଗରେ ଜାତିସଂଘ ଏହାର ଭୂମିକା ନିଭାଇବ।


କାବୁଲରେ ବନ୍ଧୁକ ଦେଖାଉଥିବା ତାଲିବାନୀଙ୍କ ଆଗରେ ନିର୍ଭୟରେ ଛିଡ଼ା ହୋଇଛନ୍ତି ଜଣେ ମହିଳା।

- ସ୍ୱୀକୃତି ନ ଦେବା ପାଇଁ ବିଶ୍ୱ ସମୁଦାୟକୁ ଅନୁରୋଧ କଲେ
- ଅନ୍ତରୀଣ ସରକାର ବିରୋଧରେ ତେଜିଲା ବିକ୍ଷୋଭ
- ମହିଳାଙ୍କୁ ମୁହଁ ଦେଖାଇବା ମନା, କ୍ରୀଡ଼ା ଉପରେ ଫତ୍‌ୱା

### ମହିଳାଙ୍କ ଅଧିକାର ଥିବା ଶରିଆ ଆଇନ ଲାଗୁ କରୁ ତାଲିବାନ୍

ଶ୍ରୀନଗର, ୮।୯

ତାଲିବାନ୍ ଏବେ ଏକ ବାସ୍ତବତା। ସେମାନଙ୍କ ପୂର୍ବ ଛବି ମାନବାଧିକାର ବିରୋଧୀ ଥିଲା ବୋଲି ସ୍ୱୀକାର କରନ୍ତୁ। ଆଫଗାନିସ୍ତାନରେ ଶାସନ କରିବାକୁ ଚାହୁଁଥିଲେ ସେମାନେ ମହିଳାଙ୍କ ଅଧିକାର ଅନ୍ତର୍ଭୁକ୍ତ ଥିବା ପ୍ରକୃତ ଶରିଆ ଆଇନ ଲାଗୁ କରନ୍ତୁ। ଏହା ଦ୍ୱାରା ହିଁ ତାଲିବାନ୍‌କୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ମିଳିପାରିବ ବୋଲି ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି କହିଛନ୍ତି। ୯୦ ଦଶକର ସେହି ପୁରୁଣା ଶାସନ ଶୈଳୀକୁ ତାଲିବାନ୍ ଫେରିଲେ ଏହା କେବଳ ଆଫଗାନିସ୍ତାନ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୁଲ୍‌ଗାମର ଏକ ଜନସମାବେଶରେ ଭାଷଣ ଦେଇ ପିଡିପି ମୁଖ୍ୟ ମୁଫ୍‌ତି କହିଛନ୍ତି।


ମେହବୁବା ମୁଫ୍‌ତି

ନିଜ ସଙ୍ଗଠନ ଓ ସହଯୋଗୀଙ୍କୁ ନେଇ ତାଲିବାନ୍ କାମଚଳା ସରକାର ଗଢ଼ିଛି। ଏଥିରେ ମହିଳାଙ୍କୁ ସାମିଲ କରାଯାଇନାହିଁ। କ୍ୟାବିନେଟ୍‌ରେ ସ୍ଥାନ ପାଇଥିବା କେତେଜଣଙ୍କ ଟ୍ରାକ୍ ରେକର୍ଡ ଚିନ୍ତାର ବିଷୟ।



**-ଏଡ୍‌ୱାର୍ଡ ପ୍ରାଇସ୍, ପରରାଷ୍ଟ୍ର ବିଭାଗ ମୁଖପାତ୍ର, ଆମେରିକା**

ଅନ୍ତରୀଣ ସରକାର କେତେଦିନ ତିଷ୍ଠିବ ତାହା ଜଣାନାହିଁ। ଆଫଗାନିସ୍ତାନରେ ଘଟଣାକ୍ରମ ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରହିଛି।



**-ରେସେପ୍ ତୟିପ୍ ଏର୍ଦୋଗାନ୍, ତୁର୍କୀ ରାଷ୍ଟ୍ରପତି**

ଆଫଗାନିସ୍ତାନରେ ୩ ସପ୍ତାହର ଅରାଜକତା ଶେଷ ହୋଇଛି। ସରକାର ଗଠନ ପରେ ତାଲିବାନ୍ ସେଠାରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ଦେଶର ପୁନର୍ଗଠନ କରିବ ବୋଲି ଆଶା।



**-ୱାଙ୍ଗ୍ ୱେନବିନ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

## ଡଙ୍ଗା ବୁଡ଼ି ୫୦ ଯାତ୍ରୀ ନିଖୋଜ

ଗୁଆହାଟୀ, ୮।୯

ଆସାମରେ ବ୍ରହ୍ମପୁତ୍ର ନଦୀରେ ବୁଧବାର ଦୁଇଟି ବୋଟ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନିଖୋଜ ହୋଇଯାଇଛନ୍ତି। ଦୁଇ ବୋଟ୍‌ରେ ୧୨୦ ଯାତ୍ରୀ ଥିଲେ। ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍)ର ଯବାନମାନେ ନିୟୋଜିତ ହୋଇଛନ୍ତି। ଉଦ୍ଧାର ହୋଇଥିବା ଜଣେ ଶିଶୁ ସମେତ ଅନ୍ୟ କେତେଜଣଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବୋଟ୍‌ଟି ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଜୋର୍‌ହାଟର ନିମାତି ଘାଟରୁ ମାଜୁଲି ନଦୀ ଦ୍ୱୀପ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବୋଟ୍ ସହ ଧକ୍କା ହୋଇଥିଲା। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହ ସମସ୍ତଙ୍କ ସୁରକ୍ଷା ଲାଗି ପ୍ରାର୍ଥନା କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ମର୍ମନ୍ତୁଦ ବୋଟ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି।

ଦୁଇଟି ବୋଟ୍ ଦୁର୍ଘଟଣା ପରେ ବୁଡ଼ିଯାଇଥିଲା। ଏହି ସମୟରେ କେତେଜଣ ଯାତ୍ରୀ ବୋଟକୁ ଜାବୁଡ଼ି ଧରିଥିବାବେଳେ ଅନ୍ୟମାନେ ପାଣିକୁ ଡେଇଁପଡୁଥିବା ଦୁର୍ଘଟଣା ସମୟର ଭିଡିଓରୁ ଦେଖାଯାଇଛି। ବୋଟରେ ଲୋଡ୍ ହୋଇଥିବା ବାଇକ୍, କାର୍ ସମେତ ଅନ୍ୟାନ୍ୟ ଜିନିଷ ନଦୀରେ ଭାସିଯାଇଥିଲା। କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ଫୋନ୍ ଯୋଗେ କଥା ହୋଇ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ବୁଝିଛନ୍ତି। ପ୍ରଭାବିତ ଲୋକଙ୍କୁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ବ୍ରହ୍ମପୁତ୍ରରେ ୨ ବୋଟ୍ ଧକ୍କା: ଜଣେ ମୃତ

## ବାୟୁସେନା ପାଇଁ ୫୬ ବିମାନ କ୍ରୟକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୮।୯

- ୧୬ ବିମାନ ଯୋଗାଇବ ଏୟାରବସ୍
- ଭାରତରେ ନିର୍ମାଣ ହେବ ୪୦

ଭାରତୀୟ ବାୟୁସେନାର ପୁରୁଣା ଆଭ୍ରୋ ବିମାନ ସ୍ଥାନରେ ସାମିଲ ହେବ ଟ୍ୱିନ୍-ଟର୍ବୋପ୍ରପ୍ ସି-୨୯୫ଏମ୍‌ଡବ୍ଲ୍ୟୁ ବିମାନ। ଏଭଳି ୫୬ଟି ବିମାନ କିଣିବା ପ୍ରସ୍ତାବକୁ ବୁଧବାର ସୁରକ୍ଷା ସମ୍ବନ୍ଧୀୟ କ୍ୟାବିନେଟ କମିଟି (ସିସିଏସ୍) ମଞ୍ଜୁରୀ ପ୍ରଦାନ କରିଛି। ପ୍ରସ୍ତାବ ଅନୁଯାୟୀ ସ୍ପେନ୍‌ର ଏୟାରବସ୍ ଡିଫେନ୍ସ ଆଣ୍ଡ ସ୍ପେସ୍ କମ୍ପାନୀରୁ ବାୟୁସେନା ପାଇଁ ୧୬ଟି ପରିବହନ ବିମାନ କିଣାଯିବ। ଏହା ବ୍ୟତୀତ ଉକ୍ତ କମ୍ପାନୀ ଟାଟା ସହ ମିଶି ଭାରତରେ ଅନ୍ୟ ୪୦ଟି ବିମାନ ନିର୍ମାଣ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସି-୨୯୫ଏମ୍‌ଡବ୍ଲ୍ୟୁ ବିମାନର ପରିବହନ କ୍ଷମତା ୫ରୁ ୧୦ ଟନ୍। ଚୁକ୍ତି ସ୍ୱାକ୍ଷର ହେବାର ୪୮ ମାସ ମଧ୍ୟରେ କମ୍ପାନୀ ସ୍ପେନ୍‌ରୁ ୧୬ଟି ବିମାନ ଯୋଗାଇଦେବ। ଏହା ବ୍ୟତୀତ ୧୦ ବର୍ଷ ମଧ୍ୟରେ ଟାଟା କନ୍‌ସୋର୍ଟିୟମ ଦ୍ୱାରା ଅବଶିଷ୍ଟ ୪୦ଟି ବିମାନ ନିର୍ମାଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି।



## ୧୫୦ କୁକୁରଙ୍କୁ ଜିଅନ୍ତା ପୋତିଦେଲେ

ଶିବାମୋଗା, ୮।୯(ଆଇଏଏନ୍‌ଏସ୍)

କର୍ନାଟକର ଶିବାମୋଗା ଜିଲାରେ କେତେଜଣ ଦୁର୍ବୃତ୍ତ ୧୫୦ କୁକୁରଙ୍କୁ ଜିଅନ୍ତା ପୋତିଦେଇଛନ୍ତି। ସେପ୍ଟେମ୍ବର ୪ରେ ଭଦ୍ରାବତୀ ସହର ନିକଟ ରଙ୍ଗନାଥପୁରାରେ ଏଭଳି ଅମାନବୀୟ ଘଟଣା ଘଟିଥିବା ପୋଲିସ କହିଛି। ଜଙ୍ଗଲରେ କୁକୁରଙ୍କ ଭୁକିବା ଶବ୍ଦ ଶୁଭୁଥିବାବେଳେ ହଠାତ୍ ବନ୍ଦ ହୋଇଯିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ପ୍ରାଣୀ ଅଧିକାର କର୍ମୀଙ୍କୁ ଜଣାଇଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ କୁକୁରଗୁଡ଼ିକୁ ପୋତାଯାଇଥିବା ଜାଣିବାକୁ ପାଇଥିଲେ। ଭଦ୍ରାବତୀ ଗ୍ରାମାଞ୍ଚଳ ଥାନାରେ ଏନେଇ ମାମଲା ରୁଜୁ ହୋଇଥିବାବେଳେ କୁକୁରଗୁଡ଼ିକୁ ଜିଅନ୍ତା ପୋତିବାର କାରଣ ଜଣାପଡ଼ିନାହିଁ। କୁକୁର ବଂଶବୃଦ୍ଧି ରୋକିବା ପାଇଁ ଜଣେ ଠିକାଦାରଙ୍କୁ ଅସ୍ତ୍ରୋପଚାର ଦାୟିତ୍ୱ ଦିଆଯାଇଥିଲା। ସେ ପଇସା ବଞ୍ଚାଇବା ପାଇଁ ସେମାନଙ୍କୁ ପୋତି ଦେଇଥିବା ସନ୍ଦେହ କରାଯାଉଛି। ପୂର୍ବରୁ କୁକୁରଗୁଡ଼ିକୁ ଧରି ଦୂରରେ ଛାଡ଼ିଦେବା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଲୋକ ନିଯୁକ୍ତ କରିଥିଲେ। ସେମାନେ କୁକୁର ଧରି ପୋତି ଦେଇଥିବା ପୋଲିସ ଅନୁମାନ କରୁଛି।



# ଏନ୍‌ଡିଏରେ ମହିଳାଙ୍କୁ ସାମିଲ ଅନୁମତି

ନୂଆଦିଲ୍ଲୀ,୮।୯

### ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ଏକ ଐତିହାସିକ ପଦକ୍ଷେପକ୍ରମେ କେନ୍ଦ୍ର ସରକାର ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ)ରେ ମହିଳାମାନଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଫଳରେ ମହିଳାମାନେ ଭାରତର ସଶସ୍ତ୍ର ବଳରେ ସ୍ଥାୟୀ କମିଶନ ରୂପେ ଯୋଗଦେଇପାରିବେ। ଏନେଇ ସରକାର ବୁଧବାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ତେବେ ମହିଳାଙ୍କ ପାଇଁ ଏନ୍‌ଡିଏ ପାଠ୍ୟକ୍ରମ ଖୋଲିବା ଲାଗି ବାଟ ଫିଟାଇବା ସକାଶେ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବାକୁ ସରକାର ସମୟ ମାଗିଥିବାବେଳେ ଆସନ୍ତା ୨୦ ତାରିଖ ସୁଦ୍ଧା ଏନେଇ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଡିଏ ପ୍ରବେଶିକା ପରୀକ୍ଷାରେ ମହିଳାମାନେ ବସିପାରିବେ ବୋଲି ସୁପ୍ରିମକୋର୍ଟ ଏକ ଅନ୍ତରୀଣ ଐତିହାସିକ ରାୟ ଦେବାର ମାସକ ଭିତରେ ସଦ୍ୟ ଶୁଣାଣି ହୋଇଛି। ଏହାର ଚୂଡ଼ାନ୍ତ ରାୟ ନଭେମ୍ବର ୧୪ରେ ଆସିବ।

ଏନ୍‌ଡିଏ ଏବଂ ନାଭାଲ ଏକାଡେମୀ ପରୀକ୍ଷାରେ ମହିଳାଙ୍କୁ ଅନୁମତି ପ୍ରଦାନ ନିମନ୍ତେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ଏସ୍.କେ. କୌଲ୍ ଏବଂ ଏମ୍.ଏମ୍. ସୁନ୍ଦରେଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ସଶସ୍ତ୍ର ବଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଆନ୍ତି। କିନ୍ତୁ ସେନାରେ ଲିଙ୍ଗଗତ ସମାନତା ଆଣିବା ପାଇଁ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ତେଣୁ କୋର୍ଟଙ୍କ ହସ୍ତକ୍ଷେପକୁ ଅପେକ୍ଷା ନ କରି ଅଧିକ ତତ୍ପରତା ଦେଖାନ୍ତୁ ବୋଲି ଆମେ ଚାହୁଁଛୁ। ଆମେ ଏହା ଜାଣି ଅତ୍ୟନ୍ତ ଖୁସି ଯେ ଏନ୍‌ଡିଏରେ ମହିଳାଙ୍କୁ ସାମିଲ କରିବା ପାଇଁ ସଶସ୍ତ୍ର ବଳ ନିଜେ ନିଷ୍ପତ୍ତି ନେଇଛନ୍ତି। ସଂସ୍କାର ଗୋଟିଏ ଦିନରେ ହୋଇପାରିବ ନାହିଁ। ସରକାର ଏହି ପ୍ରକ୍ରିୟା ଓ କାର୍ଯ୍ୟପନ୍ଥା ପାଇଁ ସମୟସୀମା ଧାର୍ଯ୍ୟ କରିବେ। ଶୁଣାଣି ବେଳେ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି ଏନ୍‌ଡିଏରେ ମହିଳାଙ୍କୁ ସାମିଲ କରାଯିବା ନେଇ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ସେ କହିଥିଲେ, ସରକାରଙ୍କ ପକ୍ଷରୁ ଏନେଇ ବିସ୍ତୃତ ସତ୍ୟପାଠ ଦାଖଲ କରାଯିବ। ଗତ ଜୁନ୍ ୨୪ରେ ଚଳିତ ବର୍ଷର ପରୀକ୍ଷା ଆସନ୍ତା ନଭେମ୍ବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ପରୀକ୍ଷାର ପ୍ରକ୍ରିୟା ଓ ଭିତ୍ତିଭୂମିରେ ପରିବର୍ତ୍ତନ ଆବଶ୍ୟକ ଥିବାରୁ ଏହା ଉପରେ ସ୍ଥିତାବସ୍ଥା ଜାରି କରିବାକୁ ସେ ଅନୁରୋଧ କରିଥିଲେ।



# ଧରିତ୍ରୀ
DHARITRI

ଗୁରୁବାର, ସେପ୍ଟେମ୍ବର ୯/୨୦୨୧ | Thursday, September 9/2021 | ପୃଷ୍ଠା-୧




**ଭାରତୀୟ ଟି୨୦ ବିଶ୍ୱକପ ଦଳରେ ଅଶ୍ୱିନ**
ଟି୨୦ ବିଶ୍ୱକପ ପାଇଁ ବୁଧବାର ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଭେଟେରାନ ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ୧୪

୧୨ **ସାଉଥ୍‌ରେ କମାଲ କରିବେ କିଙ୍ଗ୍ ଖାନ୍**
ସାଉଥ୍‌ର ଏକ ଆକ୍ସନ ଡ୍ରାମା ଫିଲ୍ମରେ ଅଭିନେତା ଶାହରୁଖ ଖାନ୍‌ଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ।



ବିତରକଙ୍କଠାରୁ ୮ ପୃଷ୍ଠାର ପାକ୍ଷିକ 'ସାହିତ୍ୟାୟନ' ସଂଗ୍ରହ କରିବାକୁ ପାଠିକା, ପାଠକ ବନ୍ଧୁମାନଙ୍କୁ ଅନୁରୋଧ।




ଧରିତ୍ରୀର ୭ ଟଙ୍କା ମୂଲ୍ୟ ଅପରିବର୍ତ୍ତିତ।

**ଆଜିର ସମ୍ପାଦକୀୟ**
ଜଳ ସୁରକ୍ଷା ଓ ଆଧୁନିକ ଅର୍ଥ ବ୍ୟବସ୍ଥା



ଅଭାବୀ ବିକ୍ରିର ପ୍ରତିବାଦ: ବରଗଡ଼ରେ ଚାଷୀମାନେ ବୁଧବାର ରାସ୍ତାରେ ପରିବା ଢାଳି ନିଜର ଅସନ୍ତୋଷ ପ୍ରକାଶ କରୁଛନ୍ତି। (ରିପୋର୍ଟ: ପୃଷ୍ଠା-୧୨)

# ବିଧାନସଭା ନିକଟରେ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୮।୯(ବ୍ୟୁରୋ)


ଦୁଷ୍ମନ୍ତ ଦାସ

- ଚିକିତ୍ସା ଅବହେଳାରୁ ଚରମ ପନ୍ଥା ଆପଣାଇଲେ
- ହାତ କାଟି ବିଷ ପିଇଥିଲେ, ଚିକିତ୍ସାଧୀନ ଅବସ୍ଥାରେ ଏସ୍‌ସିବିରେ ମୃତ୍ୟୁ

ରାଜ୍ୟ ସରକାରଙ୍କ ବିଜୁ କୃଷକ କଲ୍ୟାଣ ଯୋଜନା(ବିକେକେୱାଇ) ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଥାଇ ମଧ୍ୟ ଜଣେ ଯୁବକ ଠିକ୍ ଭାବେ ଚିକିତ୍ସା ପାଇଲେ ନାହିଁ। ଏପରି କି ହସ୍ପିଟାଲ୍‌ରେ ଡାକ୍ତରଙ୍କ ଅବହେଳାରୁ ଗୋଡ଼ ଭଲ ହେବା ପରିବର୍ତ୍ତେ ଅଧିକ ଖରାପ ହୋଇଥିଲା। ଚିକିତ୍ସା ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଗୁହାରି କଲେ। ହେଲେ ଚିକିତ୍ସା ନ ମିଳିବାରୁ ଶେଷରେ ଆତ୍ମହତ୍ୟାକୁ ଆପଣାଇଲେ। ଏଭଳି ଏକ ଘଟଣାକ୍ରମରେ ବୁଧବାର ବିଧାନସଭା ନିକଟରେ ଜଣେ ଯୁବକ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ☞ପୃଷ୍ଠା-୨






# ପ୍ରମୋଦଙ୍କୁ ମିଳିବ ୬ କୋଟି, ଚାକିରି


ପ୍ରମୋଦ ଭଗତ

ଭୁବନେଶ୍ୱର,୮।୯(ବ୍ୟୁରୋ): ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ପ୍ରମୋଦ ଭଗତଙ୍କୁ ରାଜ୍ୟ ସରକାର ୬ କୋଟି ଟଙ୍କା ପ୍ରଦାନ କରିବେ। ଏନେଇ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ପୂର୍ବ ଘୋଷଣା ଅନୁସାରେ ପ୍ରମୋଦଙ୍କୁ ଉକ୍ତ ଅର୍ଥରାଶି ଦିଆଯିବ। ଏଥିସହିତ ତାଙ୍କୁ ଗ୍ରୁପ୍-ଏ ବର୍ଗର ସରକାରୀ ଚାକିରି ମଧ୍ୟ ଦିଆଯିବ। ଭୁବନେଶ୍ୱର ଫେରିବା ପରେ ପ୍ରମୋଦଙ୍କୁ ସରକାର ଚେକ୍ ଦେବେ ବୋଲି ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରାଜ୍ୟ ସରକାର ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଖେଳାଳିଙ୍କ ପାଇଁ ପୂର୍ବରୁ ପୁରସ୍କାର ରାଶି ଘୋଷଣା କରିଥିଲେ। ସ୍ୱର୍ଣ୍ଣ ବିଜେତାଙ୍କ ପାଇଁ ୬ କୋଟି, ରୌପ୍ୟ ବିଜେତାଙ୍କ ପାଇଁ ୪ କୋଟି ଓ ବ୍ରୋଞ୍ଜ ବିଜେତାଙ୍କ ପାଇଁ ୨.୫ କୋଟି ଟଙ୍କା ଘୋଷଣା ହୋଇଥିଲା। ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରାଙ୍କୁ ମଧ୍ୟ ରାଜ୍ୟ ସରକାର ୨.୫ କୋଟି ଟଙ୍କା ଲେଖାଏ ଦେଇସାରିଛନ୍ତି। ☞ପୃଷ୍ଠା-୨

# ପ୍ରଶାନ୍ତ ଜଗଦେବ ନିଲମ୍ବିତ

ଭୁବନେଶ୍ୱର, (ବ୍ୟୁରୋ)/ ବାଲୁଗାଁ,୮।୯(ଡି.ଏନ୍.ଏ.)

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ବୁଧବାର ବିଜେଡିରୁ ନିଲମ୍ବିତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ନିଲମ୍ବିତ କରିଥିବା ନେଇ ଦଳ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହ ଖୋର୍ଦ୍ଧା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦରୁ ମଧ୍ୟ ପ୍ରଶାନ୍ତଙ୍କୁ ବିଦା କରାଯାଇଛି। ବାଲୁଗାଁ ନଗର ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ ଓ ଜଣେ ଖବରଦାତାଙ୍କୁ ଧମକ ନେଇ ମଧ୍ୟାହ୍ନରେ ଥାନାରେ ଅଭିଯୋଗ ହୋଇଥିବାବେଳେ ସନ୍ଧ୍ୟାରେ ତାଙ୍କ ଉପରେ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଆକ୍ରମଣ ଓ ଗାଳିଗୁଲଜ ନେଇ ଅଭିଯୋଗ ରହିଥିବାବେଳେ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ରାଜନୈତିକ ବାତାବରଣକୁ ବେଶ୍ ସରଗରମ କରିଛି।

ଅଭିଯୋଗ ଓ ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବାଲୁଗାଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ☞ପୃଷ୍ଠା-୨

**ଭାଜପା ମଣ୍ଡଳ ସଭାପତିଙ୍କୁ ମାଡ଼ ଅଭିଯୋଗ**



- ତୁରନ୍ତ ପଦକ୍ଷେପ ନେଲେ ମୁଖ୍ୟମନ୍ତ୍ରୀ
- ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦରୁ ବିଦା

# ବାଚସ୍ପତିଙ୍କୁ ଗୃହକୁ ଛାଡ଼ିଲେନି

## ଖଣି ଦୁର୍ନୀତି ଆଲୋଚନାକୁ ଅମଙ୍ଗ ହେବାରୁ ତାତିଲେ ବିରୋଧୀ

ଭୁବନେଶ୍ୱର,୮।୯(ବ୍ୟୁରୋ)

ଖଣି ଦୁର୍ନୀତି ପ୍ରସଙ୍ଗ ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କଲେ ନାହିଁ। ଏହାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ହୁଲସ୍ଥୁଲ କରିଛନ୍ତି। ମୁଲତବୀ ଗ୍ରହଣ କର, ନଚେତ୍ ଗୃହ ଚଳାଇ ଦେବୁନାହିଁ। ଏଭଳି ଜିଦ୍‌ରେ ଅଡ଼ିବସି ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାକୁ ସମ୍ପୂର୍ଣ୍ଣ ଅଚଳ କରିଦେଇଛନ୍ତି। ଏଭଳି ହଟ୍ଟଗୋଳ ତରବରିଆ ଭାବେ ବିନା ଆଲୋଚନାରେ ୪ଟି ବିଲ୍ ପାରିତ ହୋଇଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୁଧବାର ୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର ଆରମ୍ଭ କରିବା ମାତ୍ରେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା ମଧ୍ୟଭାଗକୁ ମାଡ଼ି ଆସିଥିଲେ। ଖଣି ଦୁର୍ନୀତି ସମ୍ପର୍କରେ ଆଲୋଚନା କରିବା ପାଇଁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ବାଚସ୍ପତିଙ୍କୁ ପ୍ରଶ୍ନ କରିଥିଲେ। ବାଚସ୍ପତି ବିରୋଧୀଙ୍କ ଦାବିକୁ କର୍ଣ୍ଣପାତ ନ କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ପ୍ରଥମ ପ୍ରଶ୍ନ ୧୮୧ ନମ୍ବରର ପ୍ରଶ୍ନକର୍ତ୍ତା କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଅନୁପସ୍ଥିତ ଥିବାରୁ ବିଜେଡି ସଭ୍ୟ ଭୂପିନ୍ଦର ସିଂ ପଚାରିଥିବା ୧୮୨ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସେ କହିଥିଲେ। ମନ୍ତ୍ରୀ ଉତ୍ତର ପଢ଼ିବା ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ନିଜର ନାରାବାଜିକୁ ଆହୁରି ଶାଣିତ କରିଥିଲେ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ମାତ୍ର ୧ ମିନିଟ୍ ପରେ ଅର୍ଥାତ୍ ୧୦ଟା ୩୧ ମିନିଟ୍‌ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବାଚସ୍ପତି ବିଧାନସଭା ପରିସରରେ ଥିବା ନିଜ ଚାମ୍ବରକୁ ଚାଲିଯାଇଥିଲେ। କିନ୍ତୁ ଭାଜପା, କଂଗ୍ରେସ ଓ ସିପିଏମ୍ ସଦସ୍ୟମାନେ ବାଚସ୍ପତିଙ୍କ ଚାମ୍ବର ଆଗରେ ବସି ବାଟ ଓଗାଳିଥିଲେ। ଫଳରେ ବାଚସ୍ପତି ନିଜ ଚାମ୍ବରରୁ ବାହାରି ପାରି ନ ଥିଲେ। ୧୧ଟା ୩୦ ମିନିଟ୍‌ରେ ବାଚସ୍ପତି ଆଉ ଗୃହକୁ ଯାଇପାରି ନ ଥିଲେ। ଉପବାଚସ୍ପତି ରଜନୀକାନ୍ତ ସିଂ ଗୃହକୁ ଆସି ଅପରାହ୍ନ ୪ଟା ଯାଏ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଯୋଗୁ ବାଚସ୍ପତିଙ୍କୁ ☞ପୃଷ୍ଠା-୨



- କାମ ଚଳାଇଲେ ଉପବାଚସ୍ପତି
- ବାଚସ୍ପତିଙ୍କୁ ଘେରାଉ ବିଧାନସଭା ଇତିହାସରେ ପ୍ରଥମ: ନରସିଂହ

# ସହଜରେ ବୁଝିହେବା ଭଳି ରାୟ ଦିଅ

**ହାଇକୋର୍ଟ ବିଚାରପତିଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ**

*ଗୋଟିଏ ରାୟରୁ ବିଚାରପତିଙ୍କ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥାଏ। ରାୟ ଲେଖିବା ଏକ କଳା, ଯହିଁରେ ଆଇନ ଓ ଯୁକ୍ତିର ନିପୁଣ ବ୍ୟବହାର ଜରୁରୀ। ତେଣୁ ହାଇକୋର୍ଟ ବିଚାରପତିମାନେ ଦେଉଥିବା ରାୟକୁ ସେମାନେ ଏପରି ଢଙ୍ଗରେ ଲେଖିବା ଉଚିତ, ଯାହାକୁ ସହଜରେ ପଢ଼ି ବୁଝି ହେଉଥିବ। ରାୟ ସ୍ପଷ୍ଟ, ନିର୍ଦ୍ଦିଷ୍ଟ ଓ ସଂକ୍ଷିପ୍ତ ହେବା ଆବଶ୍ୟକ। ଏହାର ନିଷ୍କର୍ଷ ରେକର୍ଡ ଆଧାରିତ ଯୁକ୍ତିସଙ୍ଗତ ହୋଇଥିବା ଦରକାର ବୋଲି ହାଇକୋର୍ଟ ବିଚାରପତିମାନଙ୍କୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।*



ନୂଆଦିଲ୍ଲୀ,୮।୯

କେତେକ ହାଇକୋର୍ଟର ବିଚାରପତିମାନେ ଲେଖୁଥିବା ରାୟକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଚାରପତିମାନେ ଏପରି ରାୟ ଦେବା ଉଚିତ ଯେମିତି କି ତାହା ସ୍ପଷ୍ଟ ଭାବେ ବୁଝି ହେଉଥିବ। ତାହା ଆଇନ ଓ ତଥ୍ୟ ସମ୍ବଳିତ ସଂକ୍ଷିପ୍ତ ରାୟ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି।

ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡାଦେଶ ପାଇଥିବା ଉତ୍ତର ପ୍ରଦେଶର ୫ ଦୋଷୀଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ଜାମିନ ଦେଇଥିଲେ। ଶକୁନ୍ତଳା ଶୁକ୍ଳା ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ରାୟରେ କୌଣସି ସ୍ପଷ୍ଟତା ନ ଥିବା ଦର୍ଶାଇ ☞ପୃଷ୍ଠା-୨

# ଗହମ ଏମ୍‌ଏସ୍‌ପି ୪୦ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ, ୮।୯

ଚଳିତ ବର୍ଷ ପାଇଁ କେନ୍ଦ୍ର ସରକାର ଗହମ ସମେତ କେତେକ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। ଗହମ ଏମ୍‌ଏସ୍‌ପି ୪୦ ଟଙ୍କା ବୃଦ୍ଧି କରାଯାଇ କୁଇଣ୍ଟାଲ ପିଛା ଦର ୨,୦୧୫ ଟଙ୍କା ରଖାଯାଇଛି। ସେହିପରି ସୋରିଶ ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୪୦୦ ଟଙ୍କା ବୃଦ୍ଧି ପାଇ ୫,୦୫୦ ଟଙ୍କା ହୋଇଛି। ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦଶ ବର୍ଷ ମଧ୍ୟରେ ଏହା ଗହମର ସର୍ବନିମ୍ନ ଏମ୍‌ଏସ୍‌ପି ବୃଦ୍ଧି। ଭାରତ ☞ପୃଷ୍ଠା-୨

# ଶନିବାର ଦର୍ଶନ ଅନୁମତି

- ସକାଳ ୭ରୁ ରାତ୍ର ୯ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ
- ଆନନ୍ଦବଜାରରେ ମହାପ୍ରସାଦ ସେବନ କରିପାରିବେ ଶ୍ରଦ୍ଧାଳୁ



ପୁରୀ ଅଫିସ,୮।୯

ଏଣିକି ଶନିବାର ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ହେବ। କେବଳ ରବିବାର ଦର୍ଶନ ବନ୍ଦ ରହିବ। ସେହିପରି ସକାଳ ୭ଟାରୁ ସନ୍ଧ୍ୟା ୭ଟା ପରିବର୍ତ୍ତେ ରାତ୍ର ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଜାରି ରହିବ। ତେବେ ଦର୍ଶନ ଲାଗି ପୂର୍ବ ଭଳି ୯୬ଘଣ୍ଟା ପୂର୍ବର ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ ଟିକାକରଣର ପ୍ରମାଣପତ୍ର ବାଧ୍ୟତାମୂଳକ। ଏହି ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଆସନ୍ତା ୧୩ ତାରିଖରୁ ଲାଗୁ ହେବ ବୋଲି ବୁଧବାର ☞ପୃଷ୍ଠା-୨

# ୧୪ ତାଲିବାନୀ ମନ୍ତ୍ରୀ ଆତଙ୍କବାଦୀ

## କଳାତାଲିକାଭୁକ୍ତ କରିଛି ଜାତିସଂଘ

କାବୁଲ/ପେଶାୱର,୮।୯

ତାଲିବାନ୍‌ର କଠୋରପନ୍ଥୀ ଅନ୍ତରୀଣ ସରକାରରେ ଏଭଳି ଅନ୍ୟୂନ ୧୪ ଜଣଙ୍କୁ ମନ୍ତ୍ରୀ କରାଯାଇଛି, ଯାହାଙ୍କୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ପକ୍ଷରୁ ଆତଙ୍କବାଦର କଳାତାଲିକାରେ ରଖାଯାଇଛି। ପ୍ରଧାନମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ମୁଲ୍ଲା ମହମ୍ମଦ ହାସନ ଅଖୁନ୍ଦ ଓ ତାଙ୍କ ଦୁଇ ଉପପ୍ରଧାନମନ୍ତ୍ରୀ ମଧ୍ୟ କଳାତାଲିକାଭୁକ୍ତ। ଆଫଗାନିସ୍ତାନରେ ତାଲିବାନ୍‌ର ନୂଆ କ୍ୟାବିନେଟକୁ ନେଇ ଏହି ବିଷୟ ଜଣାପଡ଼ିବା ପରେ ଅନ୍ତର୍ଜାତୀୟ ସମୁଦାୟର ଚିନ୍ତା ବଢ଼ିଯାଇଛି। କାବୁଲ ଦଖଲର ୩ ସପ୍ତାହ ପରେ ମଙ୍ଗଳବାର ତାଲିବାନ୍ ଏକ ଅନ୍ତରୀଣ ସରକାର ଗଠନ ନେଇ ଘୋଷଣା କରିଛି। କ୍ୟାବିନେଟ୍‌ରେ ୩୩ ସଦସ୍ୟଙ୍କୁ ସ୍ଥାନ ମିଳିଥିବାବେଳେ ଜଣେ ହେଲେ ମହିଳାଙ୍କୁ ସାମିଲ କରାଯାଇ ନାହିଁ। ମନ୍ତ୍ରୀ ହୋଇଥିବା ଅନେକ ସଦସ୍ୟଙ୍କୁ ପୂର୍ବରୁ ଜାତିସଂଘ ଓ ଆମେରିକା ପକ୍ଷରୁ ଆତଙ୍କବାଦୀ ଘୋଷଣା କରାଯାଇଛି। ତାଲିବାନ୍ ୨.୦ ସରକାରରେ କାମଚଳା ☞ପୃଷ୍ଠା-୨

## ପିଏଚ୍.ଡି., ମାଷ୍ଟର ଡିଗ୍ରୀର ମୂଲ୍ୟ ନାହିଁ

**ମୁଲ୍ଲାମାନେ ହାଇସ୍କୁଲ ନ ମାଡ଼ି ମହାନ୍: ତାଲିବାନ୍ ଶିକ୍ଷାମନ୍ତ୍ରୀ**

କାବୁଲ,୮।୯



ଶୀର୍ଷକ ପଢ଼ିଲେ ଜାଣିହେଉଛି ଏହା ଆଫଗାନିସ୍ତାନ ଦଖଲ କରି ସରକାର ଗଢ଼ିଥିବା ତାଲିବାନ୍‌ର ମନ୍ତବ୍ୟ। ପିଏଚ୍‌ଡି କିମ୍ବା ସ୍ନାତକୋତ୍ତର ଡିଗ୍ରୀଗୁଡ଼ିକ ମୂଲ୍ୟବାନ ନୁହେଁ। ଏସବୁ ନ ଥାଇ ମଧ୍ୟ ମୌଲବୀମାନେ ଏତେ ☞ପୃଷ୍ଠା-୨

# ପାର୍ବଣ: ମୂର୍ତ୍ତି ଉଚ୍ଚତା ନିଷ୍ପତ୍ତି ଖୁବ୍‌ଶୀଘ୍ର

ଭୁବନେଶ୍ୱର, ୮।୯(ବ୍ୟୁରୋ)

ପାର୍ବଣରେ ମୂର୍ତ୍ତିର ଉଚ୍ଚତା କେତେ ରହିବ ସେନେଇ ଆସନ୍ତା ୨ ଦିନ ମଧ୍ୟରେ ସରକାର ନିଷ୍ପତ୍ତି ନେବେ। ବୁଧବାର ଲୋକସଭା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ସୂଚନା ଦିଆଯାଇଛି। ସେହିପରି ଦୁର୍ଗା ପୂଜା ସମୟରେ ରାଜ୍ୟର ସଂକ୍ରମଣ ସ୍ଥିତି ଦେଖି ଭକ୍ତଙ୍କ ଦର୍ଶନ ସଂକ୍ରାନ୍ତରେ ସରକାର ନିଷ୍ପତ୍ତି ନେବେ। ସରକାରଙ୍କ ସହ ହୋଇଥିବା ଆଲୋଚନା ସଫଳ ହୋଇଛି ବୋଲି କଟକ ଶାନ୍ତି କମିଟି ଓ ଦୁର୍ଗାପୂଜା କମିଟି ପକ୍ଷରୁ କୁହାଯାଇଛି।



**ଆଜିର ମନ୍ତବ୍ୟ**

ନିୟମିତ ପାନୀୟ ଜଳ ପାଇବା ଏକ ମୌଳିକ ଅଧିକାର। ସ୍ୱାଧୀନତାର ୭୫ ବର୍ଷ ପରେ ବି ଲୋକେ ପିଇବା ପାଣି ପାଇଁ ଅଦାଳତଙ୍କ ଦ୍ୱାରସ୍ଥ ହେବା ଦୁର୍ଭାଗ୍ୟଜନକ।

– ବମ୍ବେ ହାଇକୋର୍ଟ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଆହିଲ୍ ପରିଡ଼ା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ବିଧାନସଭା ନିକଟରେ...

ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମେଡିସିନ୍ ୱାର୍ଡରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ପ୍ରାୟ ୭ଟାରେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଉଛନ୍ତି ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ(୩୦)।

ସୂଚନା ଅନୁଯାୟୀ ୨୦୨୦ ମାର୍ଚ୍ଚ ୨୨ ରାତିରେ ଦୁଷ୍ମନ୍ତ ଘରକୁ ଫେରୁଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍‌ସିବି ଅଣାଯାଇଥିଲା। ମାର୍ଚ୍ଚ ୨୩ ତାରିଖରେ ପ୍ଲାଷ୍ଟିକ୍ ସର୍ଜରୀ ୱାର୍ଡରେ ବାମ ଜଙ୍ଘରୁ ମାଂସ ଅଣାଯାଇ ତାଙ୍କ ଗୋଡ଼ର ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ଗୋଡ଼ ଭଲ ହେବା ପରିବର୍ତ୍ତେ ଆହୁରି ଖରାପ ହୋଇଯାଇଥିଲା। ତେଣୁ ଜୁନ୍ ୨୦ରେ ସେ ପୁଣି କଟକ ଆସି ଏସ୍‌ସିବି ମେଡିକାଲରେ ଡାକ୍ତରଙ୍କୁ ଦେଖା କରିଥିଲେ। ସେଠାରେ ତାଙ୍କର ଦ୍ୱିତୀୟ ଅସ୍ତ୍ରୋପଚାର କରାଯାଇଥିଲା। ଏହାସତ୍ତ୍ୱେ ମଧ ଗୋଡ଼ ଭଲ ହୋଇ ନ ଥିଲା। ଏସ୍‌ସିବିର ଅସ୍ଥିଶଲ୍ୟ ବିଭାଗ ଡାକ୍ତର ପରୋକ୍ଷ ଭାବରେ ନିଜ ବିଭାଗ ଦ୍ୱାରା ଭୁଲ ଅସ୍ତ୍ରୋପଚାର ହୋଇଛି ବୋଲି ମାନିବା ସହ ଏଠାରେ ତାଙ୍କର ଗୋଡ ଭଲ ହେବ ନାହିଁ ବୋଲି କହିଥିଲେ। ତେଣୁ ଉନ୍ନତ ଚିକିତ୍ସା ପାଇଁ ବିଜୁ କୃଷକ କଲ୍ୟାଣ କାର୍ଡ ନେଇ ଭୁବନେଶ୍ୱରର ଦୁଇଟି ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଯାଇଥିଲେ। ଏସ୍‌ସିବି ମେଡିକାଲରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ହୋଇଛି ବୋଲି ଘରୋଇ ମେଡିକାଲର ଡାକ୍ତରମାନେ ତାଙ୍କୁ କହିଥିଲେ। ଗୋଡ଼ ଭଲ ହେବା ପାଇଁ ୩ରୁ ୪ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିବା ସହ ମାଗଣା ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କଠୁ ଲିଖିତ ଆଣିବାକୁ କୁହାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଲିଖିତ ଦେବାକୁ ମନା କରିଦେଇଥିଲେ। ତେଣୁ ବାଧ ହୋଇ ଦୁଷ୍ମନ୍ତ ନବୀନ ନିବାସ ଯାଇ ଅଭିଯୋଗ କରିବାରୁ ସେଠାରୁ ତାଙ୍କୁ ପୁଣି କଟକ ଏସ୍‌ସିବିକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଗୋଡ଼ ଭଲ ହେବ ନାହିଁ ବୋଲି ଡାକ୍ତର ତାଙ୍କୁ କହିଥିଲେ। ତେଣୁ ବାଧହୋଇ ଏସ୍‌ସିବିର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଏବଂ ଅବହେଳା ପାଇଁ ରାଜ୍ୟପାଳ, ସ୍ୱାସ୍ଥ୍ୟ ସଚିବ ଓ ଏସ୍‌ସିବିର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ତାଙ୍କ ଝିଅ ଦେବାଂଶୀ ମଧ ବାପାଙ୍କ ରୋଗକୁ ଭଲ କରିବା ପାଇଁ ଏକ ଭିଡିଓ ମାଧମରେ ନିବେଦନ କରିଥିଲେ। ସେହି ଭିଡିଓଟି ସାମାଜିକ ଗଣମାଧମରେ ଭାଇରାଲ ହେବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କୁ ଚିଠି ଲେଖି ଦୁଷ୍ମନ୍ତଙ୍କ ଚିକିତ୍ସା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅଗଷ୍ଟ ୧୬ରେ ଦୁଷ୍ମନ୍ତ ଏସ୍‌ସିବିର ଅସ୍ଥିଶଲ୍ୟ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ପୁଣିଥରେ ଆଡ୍‌ମିଶନ ହୋଇଥିଲେ। ହେଲେ ସେଠାରେ ତାଙ୍କର କୌଣସି ଚିକିତ୍ସା କରାଗଲା ନାହିଁ। ଏସ୍‌ସିବିରେ ଏହାର ଚିକିତ୍ସା ହୋଇପାରିବ ନାହିଁ ବୋଲି ଜଣେ ଡାକ୍ତର ଦୁଷ୍ମନ୍ତଙ୍କୁ କହିଥିଲେ। ଏପରିକି ସେଠାରେ ତାଙ୍କୁ ଔଷଧ ମଧ ସେବନ କରିବାକୁ ଦିଆ ନ ଯାଇ ନିର୍ଯାତନା ଦିଆଯାଇଥିଲା। ଏଭଳି ଘଟଣାରେ ମର୍ମାହତ ହୋଇ ଦୁଷ୍ମନ୍ତଙ୍କ ମା' ବାସନ୍ତୀ ଗତ ଅଗଷ୍ଟ ୨୬ରେ ତାଙ୍କ ପରିବାରକୁ ଇଚ୍ଛା ମୃତ୍ୟୁ ଅନୁମତି ଦେବାକୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ ବୋଲି ବୁଧବାର ଦୁଷ୍ମନ୍ତ ବିଷପାନ କରିବାର କିଛି ସମୟ ପରେ ଗଣମାଧମ ନିକଟରେ ପ୍ରକାଶ କରିଥିବା ଜଣାପଡ଼ିଛି।

## ବାଚସ୍ପତିଙ୍କୁ ଗୃହକୁ...

ପୂର୍ବାହ୍ନରେ କିଛି ସମୟ ପାଇଁ ଛାଡ଼ିଥିଲେ। ବାଚସ୍ପତି ଅପରାହ୍ନରେ ଚାମ୍ବରକୁ ଫେରିବା ପରେ ବିରୋଧୀ ସଦସ୍ୟମାନେ ପୁଣିଥରେ ଘେରାଉ କରିଥିଲେ। ବାଚସ୍ପତି ଗୃହ ଚଳାଇବାକୁ ଆସିପାରି ନ ଥିଲେ। ଉପବାଚସ୍ପତି ହଟ୍ଟଗୋଳ ମଧ୍ୟରେ ୪ଟି ବିଲ୍‌କୁ ବିନା ଆଲୋଚନାରେ ପାରିତ କରିଥିଲେ। ବିଲ୍ ପାରିତ ହେବା ପରେ ଉପବାଚସ୍ପତି ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ଯାଏ ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ବେଦାନ୍ତ ପରିଚାଳିତ ଫେକର ଓସ୍ତପାଳ ଖଣିର ଅନିୟମିତତାକୁ କିଭଳି ପ୍ରଶାସନ ସହାୟତାରେ ଘୋଡ଼ାଯାଉଥିଲା ତାହା ବେଦାନ୍ତର ଏକ ଆଭ୍ୟନ୍ତରୀଣ ଇ-ମେଲ୍‌ରୁ ଜଣାପଡ଼ିଥିଲା। ଏହି ଖବର ଧରିତ୍ରୀରେ ଜୁଲାଇ ୨୯ ତାରିଖରେ ପ୍ରକାଶ ପାଇଥିଲା। ଏହାକୁ ନେଇ ବିରୋଧୀ ଦଳ ବିଧାନସଭାରେ ଖଣି ଦୁର୍ନୀତି ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଥିଲେ। ଏନେଇ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ତେବେ ବାଚସ୍ପତି ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲେ। ଖଣି ଦୁର୍ନୀତି ପ୍ରସଙ୍ଗ ଆଲୋଚନା ପାଇଁ ସରକାର ରାଜି ହେଉ ନ ଥିବା ଜାଣି ବିରୋଧୀ ଦଳ ଗୃହକୁ ଅଚଳ କରି ଦେଇଥିଲେ।

ଗୃହ ଅଚଳ ହେବା ପରେ ଶାସକ ଓ ବିରୋଧୀ ପରସ୍ପରକୁ ଦୋଷାରୋପ କରିଛନ୍ତି। ବିଧାନସଭା ବାହାରେ ଗଣମାଧମକୁ ସୂଚନା ଦେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଧରିତ୍ରୀରେ ଖଣି ଦୁର୍ନୀତିକୁ ନେଇ ବାହାରିଥିବା ଷ୍ଟୋରି ଆଧାରରେ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ବାଚସ୍ପତି ଏହାକୁ ଗ୍ରହଣ କଲେ ନାହିଁ ଏହାକୁ କ'ଣ ପାଇଁ ଗ୍ରହଣ କଲେ ନାହିଁ ତାହାକୁ ବାଚସ୍ପତି କହିଲେ ନାହିଁ। ପୂର୍ବରୁ ଅନେକ ସମୟରେ ସମାନ ଭାଷା ଓ ସମାନ ଦାବି ଉପରେ ଗୃହରେ ଆଲୋଚନା ହୋଇଛି। ଏହା ଅଗଣତାନ୍ତ୍ରିକ। ବିରୋଧୀ ଦଳଙ୍କ ଅଧିକାରକୁ ବାଚସ୍ପତି ସଙ୍କୁଚିତ କରିବାକୁ ଚାହୁଁଛନ୍ତି। ଖଣି ଦୁର୍ନୀତି ପାଇଁ ସରକାର ଏତେ ଭୟଭୀତ ଯେ ବିରୋଧୀ ଦଳକୁ ସମ୍ମୁଖୀନ ହେବାକୁ ଡରୁଛନ୍ତି ଏବଂ ପଛଘୁଞ୍ଚା ଦେଉଛନ୍ତି। ଭାରତ ଇତିହାସରେ ଏହା ହେଉଛି ପ୍ରଥମ ଘଟଣା, ଯାହାକି ବାଚସ୍ପତିଙ୍କୁ ତାଙ୍କ ଚାମ୍ବରରେ ଘେରାଉ କରି ରଖାଗଲା। ବାଚସ୍ପତିଙ୍କର ଜରୁରୀ ଚିକିତ୍ସା ଦରକାର ପଡ଼ିବାରୁ ତାଙ୍କୁ କିଛି ସମୟ ପାଇଁ ଛଡ଼ା ଯାଇଥିଲା। ହସ୍ପିଟାଲରୁ ଆସିବା ପରେ ଅପରାହ୍ନ ୩ଟା ୪୦ରେ ପୁଣି ତାଙ୍କୁ ତାଙ୍କ ଚାମ୍ବରରେ ଘେରାଉ କରି ରଖାଯାଇଥିଲା। ଏଭଳି ଘଟଣା ବିଧାନସଭା ଇତିହାସରେ କେବେ ହୋଇ ନ ଥିଲା ବୋଲି ନରସିଂହ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ରାଜ୍ୟ ସରକାର ଖଣି ଦୁର୍ନୀତି ଆଲୋଚନାକୁ ଡରୁଛନ୍ତି। ଖଣି ଦୁର୍ନୀତିରେ ରାଜ୍ୟ ସରକାର ଓ ଖଣି ମାଲିକଙ୍କ ସହ ସଲାସୁତରା ରହିଛି। ଆମେ ଯେତେବେଳେ ଏହି ପ୍ରସଙ୍ଗ ପ୍ରଶ୍ନୋତ୍ତର ସମୟରେ ଆଲୋଚନା କରିବାକୁ ଚାହୁଁଛୁ ବାଚସ୍ପତି ଗୃହକୁ ମୁଲତବୀ କରି ଦେଉଛନ୍ତି। ଏହାର ପ୍ରତିବାଦରେ ଆମେ ବାଚସ୍ପତିଙ୍କୁ ଘେରାଉ କରିଥିଲୁ ବୋଲି ସେ କହିଛନ୍ତି।

ବିଜେଡି ସଦସ୍ୟ ପ୍ରତାପ ଦେବ ବିରୋଧୀ ଦଳଙ୍କ ଏଭଳି ଆଚରଣକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ବିରୋଧୀଙ୍କ ଆଚରଣ ରାଜନୀତିରେ ଗୋଲ୍‌ପୋଷ୍ଟ ଶିଫ୍ଟ କରିବା ଭଳି ହୋଇଛି। ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ପାଇଁ ସେମାନେ ଦାବି କରିଥିଲେ। ଆଲୋଚନା ହେଲା, କିନ୍ତୁ ସାର ଅଭାବ, ବୀମା ସମସ୍ୟା ଆଦିକୁ ବିରୋଧୀ ଭୁଲିଗଲେ। ବଡ଼ ପ୍ରସଙ୍ଗକୁ ଛାଡ଼ି ଅନ୍ୟ ଆଲୋଚନା ଚାହୁଁଛନ୍ତି କାରଣ ଚାଷୀ ପ୍ରସଙ୍ଗରେ ଆଲୋଚନା ହେଲେ କେନ୍ଦ୍ରର ମୁଖା ଖୋଲିଯିବା ଅନ୍ୟପକ୍ଷରେ ବାଚସ୍ପତି କହିଛନ୍ତି, ବିଜେଡି, ଭାଜପା ଓ କଂଗ୍ରେସ ବିଧାୟକଙ୍କ ସହିତ ସେ ଆଲୋଚନା କରିଛନ୍ତି। କାହିଁକି ମୁଲତବୀ ପ୍ରସ୍ତାବ ଗ୍ରହଣ ହେଲାନି, ତା'ର ଉତ୍ତର ମୁଁ ଦେଇଛି।

## ପ୍ରଶାନ୍ତ ଜଗଦେବ...

ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଏହି ସମୟରେ ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ସେଠୀ ହିତାଧିକାରୀଙ୍କୁ ଧରି ଆବାସ ଯୋଜନା ଓ ବିଭିନ୍ନ ୱାର୍ଡର ସମସ୍ୟା ସମ୍ପର୍କରେ ଜଣାଇବା ପାଇଁ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। କିଛି ସମୟ ପରେ ବିଧାୟକ ଜଗଦେବ ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିବାବେଳେ ଏହାକୁ ଭାଜପା ବିରୋଧ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଧାୟକ ଓ ତାଙ୍କ ସମର୍ଥକମାନେ ମଣ୍ଡଳ ସଭାପତି ନିରଞ୍ଜନଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ। ଫଳରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ଭାଜପା ପକ୍ଷରୁ ଥାନାରେ ବିଧାୟକ ଓ କର୍ମୀଙ୍କ ନାଁରେ ଲିଖିତ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଏହି ଆକ୍ରମଣ ସମୟରେ ଜଣେ ଖବରଦାତା ଫଟୋ ଉତ୍ତୋଳନ କରୁଥିଲେ। ତାଙ୍କୁ ମଧ ବିଧାୟକ ଗାଳିଗୁଲଜ କରିବା ସହ ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇଥିବା ନେଇ ସେ ମଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବିଧାୟକ ମାଡ଼ ମାରୁଥିବା ଭିଡିଓ ଭାଇରାଲ ହେବା ପରେ ରାଜ୍ୟରେ ରାଜନୈତିକ ତାତି ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ଖବରପାଇ ଅପରାହ୍ନରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ବାଲୁଗାଁ ଥାନାରେ ପହଞ୍ଚି ତୁରନ୍ତ ଅଭିଯୁକ୍ତଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଥିଲେ। ଉକ୍ତ ଘଟଣାକୁ ନେଇ ଅନୁସୂଚିତ ଜନଜାତି କମିଶନରଙ୍କ ପାଖରେ ଉପସ୍ଥାପନ କରାଯିବା ସହ ବିଧାନସଭାରେ ଏହି ଘଟଣାକୁ ଆଗତ କରାଯିବ ବୋଲି ହରିଚନ୍ଦନ ଗଣମାଧମ ଆଗରେ ପ୍ରକାଶ କରିଥିଲେ। ଏପରିକି ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଭାଜପା ଚେତାବନୀ ଦେଇଥିଲା।

## ସହଜରେ ବୁଝିହେବା...

ତାକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବିଚାରପତିମାନେ ନିଜ ରାୟରେ ଯାହା ଜଣାଇବାକୁ ଚାହୁଁଛନ୍ତି, ତାକୁ ପ୍ରଶଂସା କରିହେଉନାହିଁ। ମାମଲାର ପୁନର୍ବିଚାର ପାଇଁ ଶୀର୍ଷ ଅଦାଲତ ରେସ୍ ରେକର୍ଡ ମଗାଇବାକୁ ବାଧ ହେଉଛନ୍ତି। ବିଚାରପତିମାନଙ୍କ ଉପରେ ମାମଲାର ବୋଝ ଅଧିକ ଥାଇପାରେ ବୋଲି ସୁପ୍ରିମକୋର୍ଟ ସହମତ ହୋଇଛନ୍ତି। କିନ୍ତୁ ତା' ସହ କହିଛନ୍ତି, ପରିମାଣ ପାଇଁ ଗୁଣବତ୍ତାକୁ ବଳି ଦିଆଯାଇପାରିବ ନାହିଁ। ରାୟ କିପରି ଲେଖାଯିବା ଦରକାର ଓ ସେଥିରେ କ'ଣ ରହିବା ଉଚିତ ତାହା ବି ସୁପ୍ରିମକୋର୍ଟ ବୁଝାଇବେ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଖଣ୍ଡପୀଠ ଆହୁରି କହିଛନ୍ତି, ଏକ ରାୟ ବୋଧଗମ୍ୟ, ବ୍ୟବସ୍ଥିତ ଓ ଯୁକ୍ତିସଙ୍ଗତ ହେବା ଉଚିତ। ଏହାକୁ ପଢ଼ିଲେ ଆଇନଗତ ସିଦ୍ଧାନ୍ତ ଆଧାରରେ ଏକ ଯୁକ୍ତିଯୁକ୍ତ ନିଷ୍କର୍ଷରେ ପହଞ୍ଚି ହେଉଥିବା ଦରକାର। ଖଣ୍ଡପୀଠ ଆହୁରି କହିଛନ୍ତି, ଜଜ୍‌ମେଣ୍ଟର ଅର୍ଥ ହେଉଛି ଏକ ନ୍ୟାୟିକ ମତ, ଯାହା ସମ୍ପୃକ୍ତ ମାମଲାର କାହାଣୀକୁ ବୟାନ କରିଥାଏ। ମାମଲା କ'ଣ ଏବଂ କୋର୍ଟ ତାକୁ କିପରି ଓ କାହିଁକି ଫଇସଲା କରୁଛନ୍ତି, ସେସବୁ ରାୟରୁ ହିଁ ଜଣାପଡ଼ିଥାଏ।

## ଗହମ ଏମ୍‌ଏସ୍‌ପି...

ବିଶ୍ୱର ଦ୍ୱିତୀୟ ସର୍ବାଧିକ ଗହମ ବ୍ୟବହାରକାରୀ ଦେଶ ହୋଇଥିବାବେଳେ ଚାଷୀଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରିବା ପାଇଁ ପ୍ରତିବର୍ଷ ଏମ୍‌ଏସ୍‌ପି ବୃଦ୍ଧି କରାଯାଇଥାଏ। ଏମ୍‌ଏସ୍‌ପି ଅନୁସାରେ ସରକାର ଚାଷୀଙ୍କଠାରୁ ଫସଲ କିଣିଥାନ୍ତି। ନିୟମ ଅନୁଯାୟୀ ଉଭୟ ଖରିଫ ଓ ରବିଋତୁରେ ଅମଳ ହେଉଥିବା ୨୩ଟି ଫସଲର ଏମ୍‌ଏସ୍‌ପି ଧାର୍ଯ୍ୟ କରାଯାଇଥାଏ। ଅକ୍ଟୋବରରୁ ରବି ଫସଲ ଚାଷ କାର୍ଯ୍ୟ ଆରମ୍ଭ ହେଉଥିବାବେଳେ ଏହା ପୂର୍ବରୁ ଏମ୍‌ଏସ୍‌ପି ବୃଦ୍ଧି କରାଯାଇଛି। ଏହାଦ୍ୱାରା ଚାଷୀ ଲାଭବାନ ହୋଇଥାନ୍ତି। ଚଳିତ ଫସଲ ବର୍ଷ ପାଇଁ ବାର୍ଲି ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୩୫ ଟଙ୍କା ବୃଦ୍ଧି ପାଇ ୧,୬୩୫ ଟଙ୍କା ହୋଇଥିବାବେଳେ ବୁଟ ଡାଲି ଏମ୍‌ଏସ୍‌ପି ୧୩୦ ଟଙ୍କା ବଢ଼ି ୫,୨୩୦ ଟଙ୍କା ଏବଂ ମସୁର ୪୦୦ ଟଙ୍କା ବୃଦ୍ଧି ପାଇ ୫,୫୫୦ ଟଙ୍କା ହୋଇଛି। ସେହିପରି ସୂର୍ଯ୍ୟମୁଖୀ କୁଇଣ୍ଟାଲ ୧୧୪ ଟଙ୍କା ବଢ଼ି ୫,୪୪୧ ଟଙ୍କାରେ ପହଞ୍ଚିଛି।

## ଶନିବାର ଦର୍ଶନ...

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ସୂଚନା ଦେଇଛନ୍ତି। ପୁରୀରେ ସପ୍ତାହାନ୍ତ ଶଟ୍‌ଡାଉନ୍ କଟକଣା ହଟିବା ପରେ ଶନିବାର ଓ ରବିବାର ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ପୁଣି କାର୍ଯ୍ୟକାରୀ କରିବାକୁ ବିଭିନ୍ନ ବର୍ଗର ଲୋକେ ଦାବି କରିଆସୁଥିଲେ। ଏନେଇ ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶନିବାର ଭକ୍ତଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯାଇଛି। ମାତ୍ର ଶ୍ରୀମନ୍ଦିର ଭିତର ଓ ବାହାର ଅଞ୍ଚଳ ସାନିଟାଇଜେଶନ୍ ପାଇଁ ରବିବାର ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଗଣେଶ ଚତୁର୍ଥୀ, ବାମନ ଜନ୍ମ, ବିଶ୍ୱକର୍ମା ପୂଜା, ମହାଳୟା, ଦଶହରା, କୁମାରପୂର୍ଣ୍ଣିମୀ ଭଳି କେତେକ ସ୍ୱତନ୍ତ୍ର ପର୍ବପର୍ବାଣିରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରଦ୍ଧାଳୁମାନେ ମାସ୍କ ପରିଧାନ ସହ ହାତ ସାନିଟାଇଜ କରି ଶ୍ରୀମନ୍ଦିରକୁ ପ୍ରବେଶ କରିବେ। ମନ୍ଦିର ପରିସରରେ କୌଣସି ବସ୍ତୁକୁ ସ୍ପର୍ଶ କରିବେ ନାହିଁ। ନିର୍ଦ୍ଧାରିତ ସ୍ଥାନରେ ଦୀପଦାନ କରିବେ। ଫୁଲ ଓ ଭୋଗ ସାମଗ୍ରୀ ନେଇ ମନ୍ଦିର ଭିତରକୁ ଯାଇପାରିବେ ମାତ୍ର ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବେ। ଆନନ୍ଦବଜାରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ସମ୍ପୂର୍ଣ୍ଣ ବ୍ୟବସ୍ଥା କିଭଳି କାର୍ଯ୍ୟକାରୀ ହେବ ସେନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ, ସୁଆର ମହାସୁଆର ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରି ନିଷ୍ପତ୍ତି ନେବେ। ଏସବୁ ବ୍ୟତୀତ ପ୍ରଶାସନ ପକ୍ଷରୁ ପୂର୍ବରୁ ଜାରି ହୋଇଥିବା କଟକଣା ବଳବତ୍ତର ରହିବ। ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାରରେ ପ୍ରବେଶ କରି ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବେ। ଅନ୍ୟପକ୍ଷରେ ପୁରୀ ସହରବାସୀଙ୍କ ପାଇଁ କଟକଣା କୋହଳ ହୋଇନାହିଁ। ଚାରିଦ୍ୱାରରେ ପ୍ରବେଶ ଅନୁମତି ନ ମିଳିବାରୁ ସହରବାସୀଙ୍କୁ ନିରାଶ ହେବାକୁ ପଡ଼ିଛି। ଉକ୍ତ ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ସିଡିଏମ୍‌ଓ ସୁଜାତା ମିଶ୍ର, ପରିଚାଳନା କମିଟି ସଦସ୍ୟ, ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସକମାନେ ଉପସ୍ଥିତ ଥିଲେ।

## ୧୪ ତାଲିବାନୀ...

ପ୍ରତିରକ୍ଷାମନ୍ତ୍ରୀ ଥିବା ମୁଲ୍ଲା ୟାକୁବ ହେଉଛନ୍ତି ସଙ୍ଗଠନର ପ୍ରତିଷ୍ଠାତା ମୁଲ୍ଲା ଉମାରଙ୍କ ପୁଅ। ସେହିପରି ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି ଓ ତାଙ୍କ ଉପମନ୍ତ୍ରୀ ଶେର ଅବାସ ଷ୍ଟାନିକ୍‌ଜାଇଙ୍କ ନାମ ୟୁଏନ୍‌ଏସ୍‌ସି ୧୯୮୮ କଟକଣା କମିଟି (ତାଲିବାନ୍ ସେଙ୍କଶନ୍ କମିଟି)ରେ ରହିଛି। କ୍ୟାବିନେଟ୍‌ର ଶୀର୍ଷ ୫ ନେତାଙ୍କୁ 'ତାଲିବାନ୍ ଫାଇଭ୍' କୁହାଯାଉଛି, ଯାହାଙ୍କ ମଧ୍ୟରୁ ୪ ଜଣ ପୂର୍ବରୁ ଗୁଆଣ୍ଟାନାମୋ ବେ' ଜେଲ୍‌ରେ ଥିଲେ। ସେମାନେ ହେଲେ ମୁଲ୍ଲା ମହମ୍ମଦ ଫଜିଲ (ପ୍ରତିରକ୍ଷା ଉପମନ୍ତ୍ରୀ), ଖଇରୁଲ୍ଲା ଖଇରଖ୍ୱା(ସୂଚନା ଓ ସଂସ୍କୃତି ମନ୍ତ୍ରୀ), ମୁଲ୍ଲା ନୁରୁଲ୍ଲା ନୁରି (ସୀମା ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ) ଏବଂ ମୁଲ୍ଲା ଅବ୍‌ଦୁଲ ହକ୍ ୱାସିକ୍ (ଗୋଇନ୍ଦା ନିର୍ଦ୍ଦେଶକ)। ଏହି ଗ୍ରୁପ୍‌ର ପଞ୍ଚମ ସଦସ୍ୟ ମହମ୍ମଦ ନବି ଉମାରିଙ୍କୁ ଖୋସ୍ତ ପ୍ରଦେଶର ଗର୍ଭର୍ନର ନିଯୁକ୍ତ କରାଯାଇଛି। 'ତାଲିବାନ୍ ଫାଇଭ୍' ନେତାଙ୍କୁ ୨୦୧୪ରେ ଓବାମା ପ୍ରଶାସନ ଗୁଆଣ୍ଟାନାମୋ ବେ' ଜେଲ୍‌ରୁ ମୁକ୍ତ କରିଥିଲେ। ଏହା ବଦଳରେ ଆମେରିକୀୟ ସେନା ଛାଡ଼ିଥିବା ବୋୱେ ବର୍ଗଦହଲଙ୍କୁ ତାଲିବାନ୍ ମୁକ୍ତ କରିଥିଲା। ୧୯୯୮ରେ ମଜାର୍-ଇ-ଶରିଫରେ ଶିଆ ହଜାରା, ତାଜିକ୍ ଏବଂ ଉଜ୍‌ବେକ୍ ସମୁଦାୟ ଉପରେ ଗୁଳି କରିବାପୁ ଫାଜିଲ ଓ ନୁରି ନିର୍ଦ୍ଦେଶ ଦେଇଥିଲେ। ଦୁଇ ଉପପ୍ରଧାନମନ୍ତ୍ରୀ ମୁଲ୍ଲା ଅବ୍‌ଦୁଲ ଗନି ବରାଦର ଓ ମୌଲବୀ ଅବ୍‌ଦୁଲ ସଲାମ ହନାଫିଙ୍କ ବିରୋଧରେ ମଧ ଡ୍ରଗ୍ସ ଚାଲାଣ ମାମଲା ରହିଛି। ଜାତିସଂଘ ଦୁହିଁଙ୍କୁ କଳାତାଲିକାଭୁକ୍ତ କରିଛି। କାମଚଳା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନି ହେଉଛନ୍ତି ସୋଭିଏଟ୍ ବିରୋଧୀ ୱାର୍‌ଲର୍ଡ ଜଲାଲୁଦ୍ଦିନ ହକ୍କାନିଙ୍କ ପୁଅ। ହକ୍କାନି ନେଟ୍‌ୱର୍କର ନେତୃତ୍ୱ ନେଉଥିବା ଏହି ଆତଙ୍କର ସୌଦାଗର ୨୦୦୮ରେ କାବୁଲର ଏକ ହୋଟେଲରେ ଆକ୍ରମଣ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜଣେ ଆମେରିକୀୟଙ୍କ ସମେତ ୬ ନିହତ ହୋଇଥିଲେ। ତେଣୁ ସେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ)ର ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ଜଳ ଓ ଶକ୍ତି ମନ୍ତ୍ରୀ ମୁଲ୍ଲା ଅବ୍‌ଦୁଲ ଲତିଫ୍ ମନ୍‌ସୁର, ଟେଲି କମ୍ୟୁନିକେଶନ୍ ମନ୍ତ୍ରୀ ନଜିବୁଲ୍ଲା ହକ୍କାନି, ଅର୍ଥମନ୍ତ୍ରୀ କାଦ୍‌ରି ଦିନ୍ ହନିଫ୍ ଏବଂ ଆଭ୍ୟନ୍ତରୀଣ ଉପମନ୍ତ୍ରୀ ମୌଲବୀ ନୁର ଜଲାଲଙ୍କ ସମେତ କ୍ୟାବିନେଟର ଅନେକ ସଦସ୍ୟ ଜାତିସଂଘର କଳାତାଲିକାଭୁକ୍ତ ହୋଇଛନ୍ତି।

## ପିଏଚ୍.ଡି., ମାଷ୍ଟର ଡିଗ୍ରୀର...

ମହାନ୍ ହୋଇପାରିଛନ୍ତି ବୋଲି ତାଲିବାନ୍‌ର ନୂଆ ଶିକ୍ଷାମନ୍ତ୍ରୀ ମୌଲବୀ ନୁରୁଲ୍ଲା ମୁନିର ବୁଧବାର କହିଛନ୍ତି। ମୁନିର କହିଥିଲେ, କ୍ଷମତାରେ ଥିବା ମୁଲ୍ଲା ଓ ତାଲିବାନ୍ ନେତାମାନଙ୍କୁ ଦେଖନ୍ତୁ। ସେମାନଙ୍କ ନିକଟରେ ପିଏଚ୍‌ଡି କିମ୍ବା ଏମ୍‌ଏ ଡିଗ୍ରୀ ନାହିଁ। ଏପରି କି ହାଇସ୍କୁଲ ମଧ ପାସ୍ କରିନାହାନ୍ତି। କିନ୍ତୁ ସେମାନେ ସମସ୍ତଙ୍କଠାରୁ ମହାନ୍। ଉଚ୍ଚଶିକ୍ଷାର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନ ଉଠାଉଥିବା ଶିକ୍ଷାମନ୍ତ୍ରୀଙ୍କ ଏହି ଲଜ୍ଜାଜନକ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଆପଣ ନିକଟ ସମ୍ପର୍କୀୟଙ୍କ ଦ୍ୱାରା କାର୍ଯ୍ୟ ହାସଲ କରିବେ। ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟଗୁଡ଼ିକ ପ୍ରତି ଆଗ୍ରହୀ ହେବେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କୃତିକା ନକ୍ଷତ୍ରର ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ**



ପ୍ରତ୍ୟେକ କାର୍ଯ୍ୟ ସମସ୍ୟାବହୁଳ ହୋଇପଡ଼ିବା କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ମୃଗଶିରା ନକ୍ଷତ୍ରର ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଭାବ ନ ଥିଲେ ମଧ ଆବଶ୍ୟକତା ଅନୁଯାୟୀ ଅର୍ଥାଭାବ ପରିଲକ୍ଷିତ ହୋଇପାରେ।

**ମିଥୁନ**



ଆଜିର କାମରେ ଆପଣଙ୍କୁ ପାଖ ପଡ଼ୋଶୀ ସାହାଯ୍ୟ କରିବେ। ଆରଦ୍ରା ନକ୍ଷତ୍ରର ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ**



କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ପ୍ରକାଶନ, ପରିବହନ, ପ୍ରଶାସନ ଓ ଆଇନ ଅଦାଲତରେ ସମସ୍ୟାର ସମାଧାନ ହୋଇଯିବ। ପୁଷ୍ୟା ନକ୍ଷତ୍ରବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ଅଶାନ୍ତ ରହିବେ।

**ସିଂହ**



ଅଟକି ରହିଥିବା ଅର୍ଥଲାଭରୁ ମନ ଖୁସି ରହିବ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ମଘା ନକ୍ଷତ୍ରର ଯିବା ଆସିବା ସମୟରେ ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ।

**କନ୍ୟା**



ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ହସ୍ତା ନକ୍ଷତ୍ର ସକାଶେ ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସାମୟିକ ଜ୍ୱର କିମ୍ବା ସ୍ନାୟବିକ ଦୁର୍ବଳତା ଜନିତ ଅସ୍ୱସ୍ତିକର ଅନୁଭବ କରିପାରନ୍ତି।

**ତୁଳା**



ବିଶାଖା ନକ୍ଷତ୍ର ସମସ୍ୟାର ସରଳ ସମାଧାନ ପାଇଁ ଉଦ୍ୟମ କଲେ ସଫଳତା ପାଇବେ। ଭଲ ସମ୍ପର୍କ ନ ଥିବା ସହକର୍ମୀଟିର ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡ଼ିଯିବା ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ ଲାଭ ନ ହେଲେ ମଧ କ୍ଷତି ହେବ ନାହିଁ। ଲାଗି ରହିଥିବା କଚେରି ମାମଲା ସକାଶେ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା**



ସାମାଜିକ ସ୍ତରରେ ଅନ୍ୟଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ କରି ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଅନୁରାଧା ନକ୍ଷତ୍ର ସକାଶେ ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ**



ପରିବାରର ଅସ୍ୱାଭାବିକ ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ଅବଶ୍ୟ ପୂର୍ବଷାଢ଼ା ନକ୍ଷତ୍ର ପାଇଁ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସମ୍ଭାବନା ରହିଛି। ସଭାସମିତିରେ ଇଚ୍ଛା ବିରୋଧରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ନିଶ୍ଚିତ ମିଳିବ।

**ମକର**



ଆପଣଙ୍କର ବ୍ୟବହାର ବନ୍ଧୁଙ୍କ ମନରେ ଆନନ୍ଦ ଭରିଦେବ। କୌଶଳ କ୍ରମେ ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିପାରିବେ। ଉତ୍ତରାଷାଢ଼ା ନକ୍ଷତ୍ରର କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି କରିପାରିବେ ନାହିଁ। ସହକର୍ମୀଙ୍କଠାରୁ ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ଭାବନା ସୃଷ୍ଟି ହେବ।

**କୁମ୍ଭ**



ପୂର୍ବଭାଦ୍ରବ ନକ୍ଷତ୍ର ବନ୍ଧୁଙ୍କୁ ଆପଣେଇ କାମ ହାସଲ କରିବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। କୌଣସି ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ସାୟାହ୍ନେ ନୈରାଶ୍ୟ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକ ପ୍ରକାର ଖୁସି ରହିବ।

**ମୀନ**



ଉତ୍ତରଭାଦ୍ରବ ନକ୍ଷତ୍ର ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ସାମୟିକ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

## ପ୍ରମୋଦଙ୍କୁ ମିଳିବ...

ଏଥିସହିତ ରାଜ୍ୟ ସରକାର ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଖେଳାଳିମାନଙ୍କ ସକାଶେ ୧୫ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। ପ୍ରମୋଦ ଭୁବନେଶ୍ୱର ଫେରିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଘୋଷଣା କରାଯାଇଥିବା ଅର୍ଥରାଶିର ଚେକ୍ ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ କ୍ରୀଡ଼ାର ବିକାଶ ଲାଗି ପ୍ରତିଶ୍ରୁତିବଦ୍ଧ। ଖେଳାଳିମାନଙ୍କୁ ଆଗାମୀ ଦିନରେ ସମସ୍ତ ପ୍ରକାର ସହଯୋଗ ରାଜ୍ୟ ସରକାର ଜାରି ରଖିବେ। ଉଲ୍ଲେଖଯୋଗ୍ୟ, ଟୋକିଓ ପାରାଲିମ୍ପିକ୍ସରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତିବା ପରେ ଓଡ଼ିଶା ଏବଂ ଭାରତୀୟ କ୍ରୀଡ଼ା ଇତିହାସରେ ସଫଳତାର ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ବ୍ୟାଡ୍‌ମିଣ୍ଟନରେ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି।


# classifieds

**Everyday**
**0674-2580101, 2549302**




**SALE**

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/–, ନଖରା ତ୍ରିନାଥବଜାର sqft.–150/– (Outright). 9348232008. D–21590

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

**Bhubaneswar infocity-2** ପାଖରୁ **200mtrs distance** ଘରବାରି ପଟ୍ଟା **(4plots) 30ft. road, electricity available. Rate-21,00,000/-, 7978444805.** D-70900

ଭୁବନେଶ୍ୱର ଚନ୍ଦକାରେ BCCST College ପାଖରେ ରୋଡ୍, Electricity, Water ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 7735922768, 7326820978. D-70897

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ। **9437005434.** D-70898

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

**30'road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422.** D-70879

Sum Hospitalରୁ 5k.m. ଭିତରେ gharabari yellowzone, electricity, 30'road, boundary ସହିତ plot ମିଳୁଅଛି। Contact: 8917697736, 7750068828. D-21562

**2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989.** D-70890




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891




2000 sft. each in 1st and 2nd floor, office space Lewis Road. Contact: 8018725357, 9810064588. D-70953

4000sqft. Godown with office space for rent at BJB Nagar. Contact: 9937095445. D-70478




Newly open SPA Offer @599/-, positively health benefits, Kalpana. 8984846329. D-71413

**Refreshing your mind, your body with tha best therapy at Lotus SPA. 8018891951.** D-70482

Swarna SPA newly open positively health benefits with expert therapist. 9556978408. D-71150

Newly Open Saikrupa Panchakarma Spa positively health benefits with Expert. 8984068077. D-21564

Newly open full body massage ladies and gents. 7894304092, 8327740003. D-70481

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Refreshments rejuvenation body massage therapy with experience therapists, Bhubaneswar. 9668374480. D-71152

**AFFIDAVIT**

By virtue of an affidavit at Bhubaneswar court dated 07.09.2021, this is to certify that Sanand Dash and Sananda Dash are one and the same person. My name stands changed from Sanand Dash to Sananda Dash. I will henceforth known as Sananda Dash. D-21583

By virtue of an affidavit sworn before the Notary Public, Sambalpur, I Gopal Charan Nayak at present R/o. M.I. Colony, Zilla School Chowk, Sambalpur declare that the Birth Certificate of my son Arnav Nayak vide Regd. No.4614 Dt.15.10.2005, in which my middle name has been wrongly mentioned as Chandra instead of Charan. That both Gopal Charan Nayak and Gopal Chandra Nayak is one and the same person. D-21588

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୩୦,୬୦,୭୨୩ | ୪୬,୦୪,୮୦୬ | ୧୯,୯୫,୭୭,୯୭୦ |
| ଭାରତ | ୩,୩୧,୩୮,୧୭୫ | ୪,୪୧,୭୭୪ | ୩,୨୨,୯୬,୦୪୫ |
| ଓଡ଼ିଶା | ୧୦,୧୩,୫୬୭ | ୮୦୭୦(+୫୩) | ୯,୯୯,୧୬୫ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପଶ୍ଚିମ ଓଡ଼ିଶାର ୭ ଜିଲାକୁ ୩.୭୪ କୋଟି

ଭୁବନେଶ୍ୱର, ୮।୯(ବ୍ୟୁରୋ):ପଶ୍ଚିମ ଓଡ଼ିଶାର ୭ ଜିଲାର ପ୍ରଶାସନିକ ମଞ୍ଜୁରିପ୍ରାପ୍ତ ଉନ୍ନୟନ କାର୍ଯ୍ୟ ଲାଗି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ପକ୍ଷରୁ ୩ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସୁନ୍ଦରଗଡ଼ ଜିଲାରେ ୫୨ ପ୍ରକଳ୍ପ ପାଇଁ ସର୍ବାଧିକ ୧ କୋଟି ୮୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥରେ ବିଜୁଳି ଭିତ୍ତିଭୂମି, ପାନୀୟ ଜଳ ଯୋଗାଣ, ଶିକ୍ଷା, ଗମନାଗମନ, କମ୍ୟୁନିଟି ସେଣ୍ଟର ଏବଂ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ। ସୁବର୍ଣ୍ଣପୁର ଜିଲାରେ ସ୍କୁଲ ଉନ୍ନତୀକରଣ ସାଙ୍ଗକୁ କମ୍ୟୁନିଟି ସେଣ୍ଟର ଓ କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପର୍କିତ ୪୭ ପ୍ରକଳ୍ପ ପାଇଁ ୧ କୋଟି ୩୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ସମ୍ବଲପୁର ଜିଲାରେ ରାସ୍ତା ଉନ୍ନତୀକରଣ ନିମନ୍ତେ ୨୦ ଲକ୍ଷ, ଝାରସୁଗୁଡ଼ା ଜିଲାର ଲଇକେରା ବ୍ଲକ୍ ସାହସପୁର ପଞ୍ଚାୟତର ଧଉଳଟିକ୍ରାର ଆର୍‌ଡି ରୋଡ୍‌ଠାରୁ ନୂଆ ସ୍କୁଲପଡ଼ା ଯାଏ କଂକ୍ରିଟ୍ ରାସ୍ତା ନିର୍ମାଣ ଲାଗି ୫ ଲକ୍ଷ, ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ୨ କମ୍ୟୁନିଟି ସେଣ୍ଟର ନିର୍ମାଣ ଲାଗି ୧୦ ଲକ୍ଷ, ଅନୁଗୋଳ ଜିଲା ଅଁଳାବେରେଣୀ ଓ ଷଣ୍ଢପଲ୍ଲା-୨ରେ ଥିବା ଉଠାଜଳସେଚନ ପଏଣ୍ଟର ଉନ୍ନତୀକରଣ ଲାଗି ୬ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ କରାଯିବ ବୋଲି ସୂଚନା ଦିଆଯାଇଛି।

### ନଦୀପଠାରେ ଯୁବକଙ୍କ ମୃତଦେହ

ଜଳେଶ୍ୱର, ୮।୯(ଡି.ଏନ.ଏ.): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ପଞ୍ଚୁଘଣ୍ଟା ନିକଟ ସୁବର୍ଣ୍ଣରେଖା ନଦୀପଠାରେ ବୁଧବାର ସକାଳେ ଏକ ପିଠାଲୁ ଗଛରେ ଗାଁର ଗଣେଶ ସିଂଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ରାତିରେ ପରିବାର ଲୋକେ ଖାଇପିଇ ଶୋଇଥିବା ବେଳେ ଭୋର ସମୟରେ ପୁଅ ଘରେ ନ ଥିବା ଜାଣି ବାପା ଓ ମା' ଖୋଜିଖୋଜି କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ୭ଦିନରେ ୭୯୪ ପିଲା ସଂକ୍ରମିତ

## ୨୪ ଘଣ୍ଟାରେ ୧୦୨ ପିଲା ଚିହ୍ନଟ

## ସୁବର୍ଣ୍ଣପୁରରେ ଦୈନିକ ସଂକ୍ରମଣ ହାର ଶତପ୍ରତିଶତ

ଭୁବନେଶ୍ୱର,୮।୯(ବ୍ୟୁରୋ)

ରାଜ୍ୟରେ ଏବେ ଦୈନିକ ସଂକ୍ରମଣ ହଜାରେ ତଳେ ରହୁଛି। ଆକ୍ରାନ୍ତଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ସ୍ତରରେ ଉପରତଳ ହେଉଥିବାବେଳେ ପିଲାଙ୍କ ସଂକ୍ରମଣ ବଢ଼ିଚାଲିଛି। କେବଳ ୭ ଦିନରେ ୭୯୪ ଶିଶୁ ଓ କିଶୋର ଆକ୍ରାନ୍ତ ହୋଇଥିବାବେଳେ ଶେଷ ୨୪ ଘଣ୍ଟାରେ ୧୦୨ ପିଲା ସଂକ୍ରମିତ ହୋଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂଚନା ଦେଇଛି। ସମ୍ଭାବ୍ୟ ତୃତୀୟ ଲହର ନ ଆସୁଣୁ ପିଲାଙ୍କ ସଂକ୍ରମଣ ଏବେ ଅଭିଭାବକଙ୍କ ନିଦ ହଜାଇ ଦେଇଛି। ସେପଟେ ଏହି ପରିସ୍ଥିତି ସମ୍ପର୍କରେ ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ପିଲାମାନେ ଟିକା ନେଇ ନ ଥିବାରୁ ବୟସ୍କଙ୍କଠାରୁ ସେମାନଙ୍କୁ ସଂକ୍ରମଣ ବ୍ୟାପୁଥାଇପାରେ। ପିଲାଙ୍କୁ ସଂକ୍ରମଣରୁ ରକ୍ଷା କରିବାରେ ଅଭିଭାବକଙ୍କର ବଡ଼ ଦାୟିତ୍ୱ ରହିଛି। ତେବେ ତୃତୀୟ ଲହରରେ ପିଲାଙ୍କ ସଂକ୍ରମଣ ହାର ଓ ତୀବ୍ରତା କମ୍ ରହିବାର ଆକଳନ କରାଯାଉଥିବା ଡିଏମ୍‌ଇଟି କହିଛନ୍ତି। ଅପରପକ୍ଷେ ରାଜ୍ୟରେ ମଙ୍ଗଳବାର ଅପେକ୍ଷା ବୁଧବାର ପୁଣି ସଂକ୍ରମଣ ବଢ଼ିଥିବା ଦେଖାଯାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ୬୪,୬୦୨ ନମୁନା ପରୀକ୍ଷା କରାଯାଇଥିଲା। ମୋଟ ୭୭୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସଂକ୍ରମଣ ହାର ୧.୧୮%କୁ ବୃଦ୍ଧି ପାଇଛି। ସବୁଠାରୁ ବଡ଼ କଥା ହେଲା ସୁବର୍ଣ୍ଣପୁର ଜିଲାରେ ଦୈନିକ ସଂକ୍ରମଣ ହାର ଶତପ୍ରତିଶତ ଦେଖିବାକୁ ମିଳିଛି। ଯଦିଓ ଏଠାରେ କମ୍ ସଂଖ୍ୟକ ନମୁନା ପରୀକ୍ଷା କରାଯାଇଥିଲା, ତଥାପି ପ୍ରଥମଥର ପାଇଁ କୌଣସି ଜିଲା ସଂକ୍ରମଣ ହାରରେ ଶତ ପ୍ରତିଶତ ଥିବା ଜଣାପଡ଼ିଛି। ଏହି ଜିଲାରେ ମାତ୍ର ୩ଟି ନମୁନା ପରୀକ୍ଷା କରାଯାଇଥିଲା ଓ ସମସ୍ତ ରିପୋର୍ଟ ପଜିଟିଭ୍ ବାହାରିଛି। ସେପେଟ ଖୋର୍ଦ୍ଧା ଜିଲାରେ ରାଜ୍ୟର ସର୍ବାଧିକ ୩୧୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରେ ୧୧୯ ଜଣ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୧୩,୫୬୭ରେ ପହଞ୍ଚିଛି। ସେହିପରି ରାଜ୍ୟରେ ପୁଣି ୮ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକଙ୍କ ମଧ୍ୟରେ ଭୁବନେଶ୍ୱର ଓ ଢେଙ୍କାନାଳରୁ ୨ଜଣ ଲେଖାଏ ଥିବାବେଳେ ଅନୁଗୋଳ, ବାଲେଶ୍ୱର, କେନ୍ଦୁଝର ଓ କୋରାପୁଟରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୦୭୦କୁ ବୃଦ୍ଧି ପାଇଛି। ବୁଧବାର ଆଉ ୫୭୪ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୯,୯୯,୧୬୫କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୬,୨୭୯ଜଣ ସକ୍ରିୟ ରୋଗୀ ରହିଛନ୍ତି।



ଧରିତ୍ରୀରେ ଗତ ୬ତାରିଖରେ ପ୍ରକାଶିତ ସମ୍ପାଦକୀୟକୁ ବିରୋଧ କରି ମିଳିତ ଗୋରକ୍ଷା ମହାସମାବେଶ ପକ୍ଷରୁ ବୁଧବାର ଭୁବନେଶ୍ୱର ଧରିତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ସ୍ତ୍ରୀ, ପୁଅଙ୍କୁ ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

## ପାରିବାରିକ କଳହର କରୁଣ ପରିଣତି

ଛତ୍ରପୁର,୮।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅନ୍ତର୍ଗତ ତଳପୁଟବଗଡ଼ ଗ୍ରାମରେ ବୁଧବାର ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଆରି ବ୍ଲେଡରେ ସ୍ତ୍ରୀ ଓ ୧୦ମାସର ଶିଶୁପୁତ୍ରଙ୍କ ବେକ କାଟି ହତ୍ୟା ପରେ ସ୍ୱାମୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘର ଭିତରୁ ସ୍ୱାମୀ ସୁଜନ ପ୍ରଧାନ, ସ୍ତ୍ରୀ ରୁନି ପ୍ରଧାନ ଓ ଶିଶୁପୁତ୍ର ରୁମେଶଙ୍କ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅନୁଧ୍ୟାନ କରିଛି। ଘରୁ ଦଉଡ଼ି ଓ ଆରି ବ୍ଲେଡ ଜବତ କରାଯାଇଛି।

ସୁଜନ ଦୁଇବର୍ଷ ପୂର୍ବେ ବଡ଼ପୁଟ ଗ୍ରାମର ଚରଣ ପ୍ରଧାନଙ୍କ ଝିଅ ରୁନିଙ୍କୁ ବିବାହ କରିଥିଲେ। ଉଭୟେ କିଛିଦିନ ଭଲରେ ଚଳିଥିଲେ। ଭାଗରେ ଚାଷ କରିବା ପାଇଁ ସୁଜନ ଧାରକରଜ କରିଥିଲେ। ତେଣୁ ବାପଘରୁ ଟଙ୍କା ଆଣିବାକୁ ସେ ରୁନିଙ୍କୁ ବାଧ କରୁଥିଲେ। ଏଥିପାଇଁ ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗୁଥିଲା। ସୁଜନ ତାଙ୍କ ବଡ଼ଭାଇ ସଦାନନ୍ଦଙ୍କଠାରୁ ଅଲଗା ହୋଇ ଉପର ମହଲାରେ ରହୁଥିଲେ। ବୁଧବାର ଗାଁରେ ରାଶନ ବଣ୍ଟାଯାଉଥିଲା। ସୁଜନ ଚାଉଳ ଆଣିବା ପାଇଁ ଯାଇ ନ ଥିବାରୁ ବଡ଼ଭାଇଙ୍କ ପାଖରେ ରହୁଥିବା ମା' ଶୋଭା ପ୍ରଧାନ ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଙ୍କୁ ଡାକିବାକୁ ଯାଇଥିଲେ। ସେଠାରେ ବୋହୂ ରୁନି, ନାତି ରୁମେଶ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଥିବା ଓ ସୁଜନଙ୍କ ମୃତଦେହ ଝୁଲୁଥିବା ଦେଖି ସଦାନନ୍ଦଙ୍କୁ ଡାକିଥିଲେ। ସଦାନନ୍ଦ ଏ ସମ୍ପର୍କରେ ଚମାଖଣ୍ଡି ଥାନାକୁ ଜଣାଇଥିଲେ । ଗଞ୍ଜାମ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଚମାଖଣ୍ଡି ଥାନା ଅଧିକାରୀ ସିତାଂଶୁ ଶେଖର ମାନ୍ଧାତା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମଙ୍ଗଳବାର ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ନଂ. ୧୭୦/୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଅନ୍ୟପକ୍ଷରେ ରୁନିଙ୍କ ମା' ଟିକି ପ୍ରଧାନ ଜ୍ୱାଇଁ ସବୁବେଳେ ପାଟିତୁଣ୍ଡ କରିବା ସହ ଝିଅକୁ ମାରପିଟ କରୁଥିଲେ ବୋଲି କହିଛନ୍ତି।

## ସପ୍ତାହେ ବର୍ଷିବ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ଲଘୁଚାପ ଯୋଗୁ ସାରା ରାଜ୍ୟରେ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ସେପଟେ ଆସନ୍ତା ୧୧ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ଥିବାରୁ ରାଜ୍ୟରେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୧୦ ତାରିଖରୁ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ୧୧ରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର ଓ ବରଗଡ଼ ଏବଂ ୧୨ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଅନୁଗୋଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।






### ଭାଜପାର ନିର୍ବାଚନ ପ୍ରଭାରୀ ନିଯୁକ୍ତ

# ଧର୍ମେନ୍ଦ୍ରଙ୍କୁ ୟୁପି ଦାୟିତ୍ୱ

ନୂଆଦିଲ୍ଲୀ, ୮।୯(ପି.ଟି.)

ଆଗାମୀ ବିଧାନସଭା ନିର୍ବାଚନ ଲାଗି ବୁଧବାର ଭାଜପା ପକ୍ଷରୁ ବିଭିନ୍ନ ରାଜ୍ୟ ନିମନ୍ତେ ପ୍ରଭାରୀ ନିଯୁକ୍ତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପ୍ରଭାରୀ ନିଯୁକ୍ତ କରାଯାଇଥିବାବେଳେ ପ୍ରହ୍ଲାଦ ଜୋଷୀଙ୍କୁ ଉତ୍ତରାଖଣ୍ଡ, ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ପଞ୍ଜାବ ଏବଂ ଭୂପେନ୍ଦ୍ର ଯାଦବଙ୍କୁ ମଣିପୁର ଦାୟିତ୍ୱ ଦିଆଯାଇଛି। ସେହିପରି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଗୋଆ ନିର୍ବାଚନ ଦାୟିତ୍ୱ ମିଳିଛି। ନିର୍ବାଚନ ପ୍ରଚାରରେ ସେମାନଙ୍କୁ ସହାୟତା କରିବା ପାଇଁ ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀ ଓ ନେତାଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ଅର୍ଜୁନ ରାମ ମେଘୱାଲ୍, ଶୋଭା କରନ୍ଦଲାଜେ, ଅନ୍ନପୂର୍ଣ୍ଣା ଦେବୀ ଯାଦବ, ସରୋଜ ପାଣ୍ଡେ, ବିବେକ ଠାକୁର, କ୍ୟାପ୍‌ଟେନ୍ ଅଭିମନ୍ୟୁଙ୍କୁ ଉତ୍ତରପ୍ରଦେଶ ନିର୍ବାଚନ ପାଇଁ ସହ-ପ୍ରଭାରୀ କରାଯାଇଛି।



ଧର୍ମେନ୍ଦ୍ର ପ୍ରଧାନ

ଉତ୍ତରପ୍ରଦେଶ ନିର୍ବାଚନକୁ ଭାଜପା ସର୍ବାଧିକ ଗୁରୁତ୍ୱ ଦେଉଥିବାରୁ ୬ଟି ଅଞ୍ଚଳ ପାଇଁ ସାଙ୍ଗଠନିକ ପ୍ରଭାରୀ ନିଯୁକ୍ତ କରାଯାଇଛି। ଏମ୍‌ପି ସଞ୍ଜୟ ଭାଟିଆ, ବିହାର ବିଧାୟକ ସଞ୍ଜୀବ ଚୌରାସିଆ, ଭାଜପା ରାଷ୍ଟ୍ରୀୟ ସମ୍ପାଦକ ୱାଇ. ସତ୍ୟକୁମାର ଏବଂ ଅରବିନ୍ଦ ମେନନ, ୟୁପି ନେତା ସୁନୀଲ ଓଝା, ସହ-କୋଷାଧ୍ୟକ୍ଷ ସୁଧୀର ଗୁପ୍ତା ଯଥାକ୍ରମେ ପଶ୍ଚିମ ଉତ୍ତରପ୍ରଦେଶ, ବ୍ରଜ, ଅଓ୍ୱଧ, ଗୋରଖପୁର, କାଶୀ ଏବଂ କାନପୁର ଅଞ୍ଚଳ ଦାୟିତ୍ୱରେ ରହିବେ।

ସେହିପରି ଉତ୍ତରାଖଣ୍ଡ ନିର୍ବାଚନ ଲାଗି ପଶ୍ଚିମବଙ୍ଗ ଏମ୍‌ପି ଲକେଟ୍ ଚାଟାର୍ଜୀ ଏବଂ ଦଳ ମୁଖପାତ୍ର ଆର୍.ପି. ସିଂଙ୍କୁ ସହ-ପ୍ରଭାରୀ ନିଯୁକ୍ତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ ଏବଂ ଆସାମ ମନ୍ତ୍ରୀ ଅଶୋକସିଂଘଲ ମଣିପୁର ପାଇଁ ସହ-ପ୍ରଭାରୀ ନିଯୁକ୍ତ ହୋଇଥିବାବେଳେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ, ମୀନାକ୍ଷୀ ଲେଖି ଏବଂ ଏମ୍‌ପି ବିନୋଦ ଚାୱ୍‌ଡ଼ାଙ୍କୁ ପଞ୍ଜାବ ପାଇଁ ସହ-ପ୍ରଭାରୀ ଦାୟିତ୍ୱ ମିଳିଛି।

# ପ୍ରତିଭା ମହାପାତ୍ର ଆଡୋବି ଇଣ୍ଡିଆର ଏମ୍‌ଡି

ନୂଆଦିଲ୍ଲୀ, ୮।୯: ଓଡ଼ିଶାର ପ୍ରତିଭା ମହାପାତ୍ର ଆଡୋବି ଇଣ୍ଡିଆର ଉପସଭାପତି ଏବଂ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଆଇବିଏମ୍‌ରେ କାମ କରୁଥିଲେ। ସେ ରିଜିଅନାଲ ଇଞ୍ଜିନିୟରିଂ



କଲେଜ (ବର୍ତ୍ତମାନର ଏନ୍‌ଆଇଟି) ରାଉରକେଲାରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ ହାସଲ କରିଛନ୍ତି। ଭୁବନେଶ୍ୱରର ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟରୁ ସିଷ୍ଟମ ଆଣ୍ଡ ଫାଇନାନ୍ସରେ ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀ ମଧ୍ୟ ସେ କରିଛନ୍ତି। ଆଡୋବି ଇଣ୍ଡିଆର ଏକ୍ସପେରିଏନ୍ସ କ୍ଲାଉଡ୍, କ୍ରିଏଟିଭ କ୍ଲାଉଡ୍, ଡକ୍ୟୁମେଣ୍ଟ କ୍ଲାଉଡ୍ ଭଳି ବିଜ୍‌ନେସ୍‌ର ସେ ନେତୃତ୍ୱ ନେବେ ବୋଲି ଜଣାପଡିଛି। କମ୍ପାନୀର ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ(ଏପିଏସି) ଲାଗି ସଭାପତି ଥିବା ସାଇମନ ଟେଟ୍‌ଙ୍କୁ ସେ ରିପୋର୍ଟିଂ କରିବେ। ପ୍ରତିଭାଙ୍କର ଟେକ୍ନୋଲୋଜି ପ୍ରତି ଅନୁରକ୍ତି ରହି ଆସିଥିବା ବେଳେ ତାଙ୍କ ନେତୃତ୍ୱ ଆଡୋବିର ଭାରତ ବିଜନେସ୍ ଅଭିବୃଦ୍ଧିକୁ ଆଉ ଗୋଟିଏ ସ୍ତରକୁ ନେବାରେ ଯୋଗଦାନ ରଖିବ ବୋଲି ଟେଟ୍ କହିଛନ୍ତି। ଟେକ୍ନୋଲୋଜି ଶିଳ୍ପରେ ମହାପାତ୍ରଙ୍କର ଦୀର୍ଘ ୨୫ ବର୍ଷର ଅଭିଜ୍ଞତା ରହିଛି। ଆଇବିଏମ୍‌ରେ ଥିବା ବେଳେ ସେ ଏପିଏସି ଲାଗି ଡିଜିଟାଲ ସେଲ୍‌ସର ଉପସଭାପତି ଭାବେ କାର୍ଯ୍ୟ କରିଥିଲେ।


## ଗଣ୍ଠି ଓ ଆଣ୍ଠୁ ବ୍ୟଥା କାହିଁକି ହୋଇଥାଏ?

**ଅଣ୍ଟା, ଆଣ୍ଠୁ, ପିଠି ଓ ଅନ୍ୟାନ୍ୟ ବ୍ୟଥା କାରଣରୁ ବ୍ୟଥିତ ଲୋକେ କୁହନ୍ତି ଯାହା ପୁରୁଣା ତେଲ କରିପାରିନାହିଁ କିନ୍ତୁ କ୍ୱିକ୍ ତ୍ୱରିତ ଆରାମ ଦେଇଛି**

**କ୍ୱିକ୍ ପୀଡ଼ାନାଶକ ତେଲର ଅଭୂତପୂର୍ବ ଚାହିଦା କାରଣରୁ କମ୍ପାନୀ ଦ୍ୱାରା ଉତ୍ପାଦନ ବୃଦ୍ଧି କରାଯାଇଛି**

ଗଣ୍ଠି ବା joints ଶରୀରର ଏପରି ଅଂଶ ଯେଉଁଠି ଦୁଇ କିମ୍ବା ଦୁଇରୁ ଅଧିକ ଅସ୍ଥି ଯୋଡ଼ି ହୋଇଥାଏ, ଯେମିତିକି ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ ଆଦି । ଜଏଣ୍ଟ ପେନ୍‌ର ଅନେକ କାରଣ ହୋଇପାରେ । ବଢ଼ନ୍ତା ବୟସ ସହିତ ଗଣ୍ଠିରେ ବ୍ୟଥା ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଛି । ଗଣ୍ଠି ବ୍ୟଥା (Knee Joint Pain) ଶରୀରର ଯେକୌଣସି ଅଂଶରେ ଦେଖାଦେଇପାରେ । ଏହି ବ୍ୟଥା ଆଣ୍ଠୁ, କହୁଣି, ବେକ, ବାହୁ ଓ ବଳାଗଣ୍ଠିରେ ଦେଖାଦେଇପାରେ । ଦୀର୍ଘ ସମୟ ଧରି ଗୋଟିଏ ଜାଗାରେ ବସି ରହିବା, ଯାତ୍ରା କରିବା ଦ୍ୱାରା ଆଣ୍ଠୁର ଅନମନୀୟତା ବଢ଼ିଯାଇଥାଏ ଓ ବ୍ୟଥା ଦେଖାଦେଇଥାଏ । ଏହାକୁ ଗଣ୍ଠିବ୍ୟଥା କୁହାଯାଏ । ଯଦି ସଠିକ୍ ସମୟରେ ଆଣ୍ଠୁ ବ୍ୟଥାରେ ଚିକିତ୍ସା କରା ନ ଯାଏ, ତେବେ ତାହା ଗଣ୍ଠିବାତର ରୂପ ମଧ୍ୟ ନେଇପାରେ, ଏବଂ ଆପଣଙ୍କୁ ଅସ୍ତ୍ରୋପଚାର କରାଇବାକୁ ପଡ଼ିପାରେ। ଗଣ୍ଠିବ୍ୟଥାର କାରଣ ଅନୁଚିତ ଖାଦ୍ୟପେୟ ଓ ଦିନଚର୍ଯ୍ୟାରେ ବ୍ୟାୟାମର ଅଭାବ, ହାଡ଼ରେ କ୍ୟାଲ୍‌ସିୟମର ଅଭାବ ଏବଂ ବଢ଼ନ୍ତା ବୟସ ହୋଇପାରେ । ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି ବା ଅଣ୍ଟା ବ୍ୟଥାରେ ପୀଡ଼ିତ ରୋଗୀଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ପେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଚେରମୂଳିର ମିଶ୍ରଣରେ ପ୍ରସ୍ତୁତ ନିଜର 'କ୍ୱିକ୍ ପେନ୍ ରିଲିଫ୍ ଅଏଲ୍'କୁ ଏବେ ବଜାରରେ ପ୍ରବେଶ କରିଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କଠାରେ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ଦେଖାଦେଇଥାଏ । ତା' ଉପରେ କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବା ପାଇଁ ବାଧ କରିଦେଇଛି । "ଆକ୍ଟିଭ୍ ନ ରହିବା ଓ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟୋଜ୍ୟେଷ୍ଠଙ୍କ ସମେତ ଯୁବବର୍ଗଙ୍କ ମଧ୍ୟରେ ମଧ୍ୟ ବ୍ୟଥାରେ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଓଜୋନ୍ ଫାର୍ମ ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛି । ଯାହାର ଉତ୍ତମ ପ୍ରଭାବ କାରଣରୁ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି । ଏହାର 120 MLର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର 7328008854, 8127080666ରେ ଯୋଗାଯୋଗ କରିପାରନ୍ତି ।




KWIK Pain Relieving Oil

କ୍ୱିକ୍ ଅଏଲ୍ Flipkart | amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।


# ବିପଦ ସଙ୍କେତ ଉପରେ ଜଳକା



## ଚିନ୍ତାରେ ନଦୀକୂଳିଆ ଗ୍ରାମବାସୀ

ରୂପସା/ବସ୍ତା, ୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲାରେ ଲଗାଣ ବର୍ଷା ଯୋଗୁ ଜଳକା ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ବସ୍ତା ବ୍ଲକ ଅଧୀନ ମଥାନୀଠାରେ ବିପଦ ସଂକେତ ୫.୫୦ ମିଟର ଥିବା ବେଳେ ଅପରାହ୍ନ ୩ଟାରେ ଜଳସ୍ତର ବୃଦ୍ଧି ହୋଇ ୫.୮୮ ମିଟର ଓ ସନ୍ଧ୍ୟା ୬ଟା ସୁଦ୍ଧା ୫.୮୯ ମିଟରରେ ପ୍ରବାହିତ ହେଉଥିବା ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ଅଶୋକ କୁମାର ଦାସ ପ୍ରକାଶ କରିଛନ୍ତି। ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ଲାଗି ରହିଥିବା ଯୋଗୁ ବନ୍ୟା ଆଶଙ୍କା ଦେଖାଦେଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ନଦୀକୂଳିଆ ଗ୍ରାମବାସୀ ସମେତ ଚାଷୀକୁଳ ଚିନ୍ତାରେ ରହିଛନ୍ତି। ବନ୍ୟା ଯୋଗୁ ଏହି ବ୍ଲକର ମଥାନୀ, ବାହାର୍ଦ୍ଦା, ଦୁଧହଂସା, ସଦାନନ୍ଦପୁର, ବରୁଣଗଡ଼ିଆ, ବାସିଚକୁରି, ଦରଡ଼ା, ଗଡ଼ପଦା, ରାଉତପଡା ପଞ୍ଚାୟତ ସମେତ ସଦର ବ୍ଲକର ଶ୍ରୀରାମପୁର, ରସଲପୁର ଆଦି ପଞ୍ଚାୟତରେ ଚାଷ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାବ୍ୟତୀତ ଜଳକା ନଦୀ ପାଖ ତଳତାପଣ୍ଡା, ମେଳକ, ପେଗରପଡ଼ା, ଲକ୍ଷ୍ମଣାପଡ଼ା, ସାନଖୁଡ଼ି, ଶିବଗଡ଼ିଆ, ବଡ଼ଖୁଡ଼ି, ଧଳସାହି ଆଦି ଗ୍ରାମରେ ଦୁଇ ପାର୍ଶ୍ୱ ନଦୀବନ୍ଧର ଅଧିକାଂଶ ସ୍ଥାନ ଦୁର୍ବଳ ହୋଇଥିବାରୁ ଧନଜୀବନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।




କୌଣସି କାର୍ଯ୍ୟ ଭଲ ନୁହଁ କି ମନ୍ଦ ନୁହଁ। କିନ୍ତୁ ତୁମେ କେଉଁ ମନୋଭାବ ବା ପ୍ରେରଣା ନେଇ ସେ କାମଟି କରୁଛ- ତା'ର ଉପରେ ହିଁ ସବୁ ଭଲମନ୍ଦ ନିର୍ଭର କରେ। -ଶ୍ରୀମା



# ଜଳ ସୁରକ୍ଷା ଓ ଆଧୁନିକ ଅର୍ଥ ବ୍ୟବସ୍ଥା



ଗ୍ୟୁଲିଓ ବୋକାଲେଟି

ୟୁରୋପର ବିସ୍ତୀର୍ଣ୍ଣ ଅଞ୍ଚଳ ବନ୍ୟା ଏବଂ ପଶ୍ଚିମ ଆମେରିକା ସମ୍ପୂର୍ଣ୍ଣ ନିଆଁ ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପରିବର୍ତ୍ତିତ ଜଳବାୟୁ ଓ ଜଳ ନିୟନ୍ତ୍ରଣରେ ବିଫଳତା ଯୋଗୁ ପରିସ୍ଥିତି ଅସହନୀୟ ହୋଇଥାଏ। ଏଭଳି ସମସ୍ୟାକୁ ବିକାଶଶୀଳ ଦେଶଗୁଡ଼ିକ ସବୁବେଳେ ସାମ୍ନା କରନ୍ତି ଓ ଏ ସମ୍ପର୍କରେ ଭଲ ଭାବେ ଜାଣନ୍ତି। ଏବେ କିନ୍ତୁ ଏହି ସମସ୍ୟାକୁ ଧନୀ ଦେଶଗୁଡ଼ିକ ଅନୁଭବ କରୁଛନ୍ତି। ଗ୍ରୀଷ୍ମର ଘୋର ବିପର୍ଯ୍ୟୟ ପରେ ଜର୍ମାନୀ ଚାନ୍ସେଲର ଆଞ୍ଜେଲା ମର୍କେଲଙ୍କ ଠାରୁ ଆରମ୍ଭ କରି ଓରୋଗାଁଓ ଗଭର୍ନର କାଟେ ବ୍ରାଉନଙ୍କ ପର୍ଯ୍ୟନ୍ତ ବହୁ ରାଜନେତା ଜଳବାୟୁ ପରିବର୍ତ୍ତନ ବିରୋଧରେ ଏକ ବୈଶ୍ୱିକ ଯୁଦ୍ଧକୁ ତୀବ୍ର କରିବା ଲାଗି ଡାକରା ଦେଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ରୋକିବାକୁ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଲାଗି ଜରୁରିକାଳୀନ ପଦକ୍ଷେପ ନିଆଯାଉଛି। ହେଲେ ଏହା ଯଥେଷ୍ଟ ନୁହେଁ। ଏବେ ଧନୀ ଦେଶ ସମୂହର ଜଳ ସୁରକ୍ଷାର ଅଭାବ ଜଳବାୟୁ ପରିବର୍ତ୍ତନକୁ ନୁହେଁ, ବରଂ ବ୍ୟାପକ ରାଜନୈତିକ ବିଫଳତାର ପ୍ରମାଣ ଦେଉଛି।

ବିଂଶଶତାବ୍ଦୀର ପ୍ରାରମ୍ଭରେ ସମସ୍ତେ ଏକ କଠିନ ଜଳବାୟୁ ପରିସ୍ଥିତିର ସାମ୍ନା କରୁଥିଲେ। ଏହାଦ୍ୱାରା ପ୍ରଭାବିତ ମଧ୍ୟ ହେଉଥିଲେ। ଦୃଷ୍ଟାନ୍ତ ସ୍ୱରୂପ, ଆମେରିକାର ପଶ୍ଚିମ ଭାଗରେ ଯେଉଁମାନେ ମଧ୍ୟମ ଜଳବାୟୁ ସହ ଅଭ୍ୟସ୍ତ ଥିଲେ ସେମାନଙ୍କ ପାଇଁ ମଧ୍ୟ ସେହି ଅଞ୍ଚଳ ବାସ ଅନୁପଯୋଗୀ ହୋଇଗଲା। କାଲିଫର୍ନିଆ ଇମ୍ପେରିଆଲ ଭ୍ୟାଲିର ଫଳବଗିଚା ଏବେ ସୁଦ୍ଧା ତା' ପୂର୍ବ ସ୍ଥିତିକୁ ଆସିପାରିନାହିଁ। ଭ୍ୟାଲିର ଉର୍ବର ମାଟି ଶୁଖି କଠିନ ହେବା ସହ ଏହା ଚାଷ ପାଇଁ ଅନୁପପଯୋଗୀ ହୋଇଗଲା। ସାଂସ୍କୃତିକ ତଥା ବୌଦ୍ଧିକ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରୁଥିବା ସାନ ଡିଏଗୋ, ଲସ୍ ଏଞ୍ଜେଲ୍ସ, ଲାସ୍ ଭେଗାସ, ଫୋଏନିକ୍ସ ସହରରେ ଜଳାଭାବ ଯୋଗୁ ଆଧୁନିକ ଜୀବନଶୈଳୀରେ ଜୀବନ ବିତାଉଥିବା ଲୋକମାନଙ୍କୁ କିଛି ସହଯୋଗ କରିପାରିଲେ ନ ଥିଲେ। ସେହିପରି ପଞ୍ଚମ ଶତାବ୍ଦୀରେ ପାଶ୍ଚାତ୍ୟ ରୋମ ସାମ୍ରାଜ୍ୟର ପତନ ପର୍ଯ୍ୟନ୍ତ ୟୁରୋପୀୟ ଅଞ୍ଚଳ ଉନ୍ନତ ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ରହିଥିଲା, ଜଙ୍ଗଲମୟ ଥିଲା । ଆମେ ଏବେ ଏହି ମହାଦେଶର ଜଙ୍ଗଲକୁ ଅତ୍ୟନ୍ତ ରୋମାଞ୍ଚକ ବୋଲି କହିପାରିବା। ଶତାବ୍ଦୀ ଶତାବ୍ଦୀ ଧରି ଜର୍ମାନୀର ଇଞ୍ଜିନିୟରମାନେ ସମ୍ପୂର୍ଣ୍ଣ ମହାଦେଶରେ ଏହି ସବୁ ଜଙ୍ଗଲିଆ ଅଞ୍ଚଳକୁ ତା' ପୂର୍ବ ସ୍ଥିତିକୁ ଫେରାଇ ଆଣିବା ଲାଗି ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ ଓ ଏହାର ସ୍ଥାୟୀ ସୁରକ୍ଷା କରିପାରି ନ ଥିଲେ। ସେ ସମୟରେ ଚାଇନାର ଝିଙ୍ଗ୍ ରାଜବଂଶ ବିଶ୍ୱରେ ଖ୍ୟାତି ଲାଭ କରିଥିଲା। ଏସିଆର ବୃହତ୍ ନଦୀଗୁଡ଼ିକର ଜଳ ନିୟନ୍ତ୍ରଣ କରିବାର ସାମର୍ଥ୍ୟ ଯୋଗୁ ଏହା ସମ୍ଭବ ହୋଇଥିଲା। ତଥାପି ଲଗାତର ପ୍ରାକୃତିକ ବିପର୍ଯ୍ୟୟକୁ ଏହା ଦୂରେଇପାରି ନ ଥିଲା। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବି ଜଳବାୟୁ ସ୍ଥିତି ସେହି ଚାଇନାକୁ ପ୍ରଭାବିତ କରି ରଖିଥିଲା। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ଲାଗି ସେତେବେଳେ ବିଶ୍ୱସ୍ତରରେ କେବଳ ଗୋଟିଏ ଢାଞ୍ଚାରେ ପଦକ୍ଷେପ ନିଆଯାଉଥିଲା। କିନ୍ତୁ ପରେ ସବୁକିଛି ପରିବର୍ତ୍ତନ ହୋଇଗଲା। ଦୁଇଟି ବିଶ୍ୱଯୁଦ୍ଧ ଏବଂ ବର୍ଦ୍ଧିତ ରାଜନୈତିକ ସ୍ୱାଧୀନତା ତଥା ମତାଧିକାର ବୈଶ୍ୱିକ କଲ୍ୟାଣ ଲାଗି ଦାବିକୁ ଜୋର୍‌ଦାର କଲା। ଆଉ ମଧ୍ୟ ଊନବିଂଶ ଶତାବ୍ଦୀରେ ବିଶିଷ୍ଟ ବ୍ୟକ୍ତି ତଥା ରାଜାନେତାମାନେ ଆର୍ଥିକ ଅଭିବୃଦ୍ଧି ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିଲେ। ଏଥିରେ ପୁଞ୍ଜି ଶେୟାର କରାଯାଉ ନ ଥିଲା। ପରେ ବେରୋଜଗାରୀ ଓ ଅସୁରକ୍ଷା ବୃଦ୍ଧି ଯୋଗୁ ରାଜନେତାମାନେ ଉତ୍ତରଦାୟୀ ରହିଲେ ଏବଂ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ସେମାନେ ଅଧିକ ଚିନ୍ତା କଲେ। ଏହି କ୍ରମରେ ଆର୍ଥିକ ବ୍ୟବସ୍ଥାରେ ସହଜରେ ପାଣି ଉପଲବ୍ଧ କରାଇବା ଏକ ରାଜନୈତିକ ଅନିବାର୍ଯ୍ୟତା ହେଲା ଏବଂ ଏହା ଦେଶ ଗଠନରେ ଏକ ପ୍ରମୁଖ କାରକ ପାଲଟିଲା।

ଏହି ଧାରାରେ ଚାଲିଥିବା ଅଧିକାଂଶ ଦେଶ ସେମାନଙ୍କ ଜଳଉତ୍ସକୁ କଞ୍ଜ୍ୟୁମର ଇକୋନୋମି ବା ଉପଭୋକ୍ତା ଅର୍ଥବ୍ୟବସ୍ଥାର ସେବାରେ ପରିବର୍ତ୍ତନ କରିବା ଆରମ୍ଭ କଲେ। ସେମାନେ ମଧ୍ୟ ଏକ ବିସ୍ତାରିତ ରାଜନୈତିକ କ୍ଷେତ୍ରକୁ ପ୍ରବେଶ କଲେ। ସୁଧାର ଯୋଜନାଗୁଡ଼ିକରେ ଚାଷଜମି ବଢ଼ାଇଲେ ଏବଂ ବ୍ୟାପକ ଆର୍ଥିକ ସୁଯୋଗ ସୃଷ୍ଟି କଲେ। ପରେ ସାମ୍ନାକୁ ଆସିଲା ଜଳବିଦ୍ୟୁତ ପ୍ରକଳ୍ପ। ଏହା ଶିଳ୍ପକରଣ ଏବଂ ଗଣ ରୋଜଗାରକୁ ସମର୍ଥନ କରିବା ସହ ଆଗକୁ ବଢ଼ାଇବାରେ ସାହାଯ୍ୟ କଲା। କ୍ରମଶଃ ନଦୀଗୁଡ଼ିକ ବିକାଶର ରୂପରେଖ ପାଲଟିଗଲା। ସହରଗୁଡ଼ିକ ବୃଦ୍ଧିପାଇଲା ଓ ସେଠାରେ ବନ୍ୟା ରାଜନୈତିକ ଦୃଷ୍ଟିକୋଣରୁ ଅସହନୀୟ ହେଲା। ସ୍ୱଚ୍ଛ ଜଳ ଯୋଗାଣ ଦ୍ୱାରା ଅସ୍ୱାସ୍ଥ୍ୟକର ପରିସ୍ଥିତି ଦୂର କରାଗଲା। ନଦୀପାର୍ଶ୍ୱ ସୁରକ୍ଷା ବନ୍ଧ, ବନ୍ୟା ପ୍ରତିରୋଧୀ ବ୍ୟବସ୍ଥା, କେନାଲ ଏବଂ ଜଳଭଣ୍ଡାର ଅଧିକ କରାଯିବା ଯୋଗୁ ଧୀରେ ଧୀରେ ସ୍ଥିତିରେ ପରିବର୍ତ୍ତନ ଆସିଲା। ଦେଶର ଅର୍ଥବ୍ୟବସ୍ଥାରେ ଏ ସବୁ ନିର୍ମାଣ କରିବା ଲାଗି ସବୁବେଳେ ଅର୍ଥ ବରାଦ କରାଗଲା ଏବଂ ମତଦାତାଙ୍କ ମହତ୍ତ୍ୱାକାଂକ୍ଷାକୁ ଲକ୍ଷ୍ୟ କରି ଏହାକୁ ସମର୍ଥନ କରାଗଲା। ବିଂଶ ଶତାବ୍ଦୀରେ ସବୁଠୁ ବୃହତ୍ ଜଳ ପରିଯୋଜନା ହାତକୁ ନେଇ ଆମେରିକା ଏ କ୍ଷେତ୍ରରେ ସବୁଠୁ ଆଗରେ ରହିଲା।

ଆଧୁନିକ ଜଳ ଭିତ୍ତିଭୂମି କ୍ଷେତ୍ରରେ ନିବେଶ କରିବାର ଧାରା ବିଶ୍ୱରେ ବ୍ୟାପିଲା ଓ ବଢ଼ିଚାଲିଲା। ଏକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ମଧ୍ୟ ଲକ୍ଷ୍ୟ କରାଗଲା। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଣିଷ ପାଖରେ କୌଣସି ଜଳଭଣ୍ଡାର କିମ୍ବା ବଡ଼ ଡ୍ୟାମ୍ ନ ଥିଲା। ତେବେ ୧୯୭୦ ଦଶକ ସୁଦ୍ଧା ପୃଥିବୀରୁ ସମୁଦ୍ରକୁ ବହିଯାଉଥିବା ଜଳର ପ୍ରାୟ ୫ ଭାଗରୁ ୧ ଭାଗ ଧରି ରଖା ଯାଇପାରିଲା। ଲୋକମାନେ ପରିବେଶଗତ ପ୍ରଭାବକୁ ଦୂରେଇ ଦେଇ ସ୍ଥିତିରେ କିଛି ପରିବର୍ତ୍ତନ ଆଣିଲେ। ଏହି ଉଦ୍ୟମ ଆଧୁନିକ ଯୋଜନା କରିବାରେ ସାହାଯ୍ୟ କଲା। ଶେଷରେ ଲୋକମାନେ ଏକ କଷ୍ଟଦାୟକ ଜଳବାୟୁର ପ୍ରଭାବରୁ ବଞ୍ଚିପାରିଲେ। କିନ୍ତୁ ବହୁ ସମୟ ପର୍ଯ୍ୟନ୍ତ ବିକଶିତ ଦେଶଗୁଡ଼ିକରେ ରହୁଥିବା ଲୋକମାନେ ନଦୀବନ୍ଧ ଓ ଅନିକଟରୁ ବହିଯାଉଥିବା ଜଳ କଥା ଚିନ୍ତା କରି ନ ଥିଲେ। ପରେ ଏଥିରେ ପରିବର୍ତ୍ତନ କରାଗଲା। ଉପଭୋକ୍ତା ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ ମଧ୍ୟ ଆସିଲା। ଏସବୁ ବାଦ୍ ଚଳିତ ବର୍ଷ କାଲିଫର୍ନିଆ ଓ ଜର୍ମାନୀର ଲୋକମାନେ ପ୍ରକୃତିର କରାଳ ରୂପ ଦେଖି ସ୍ତବ୍ଧ ହୋଇଯାଇଛନ୍ତି। ଏକ ପ୍ରଳୟଙ୍କରୀ ସ୍ଥିତି ସେମାନେ ଦେଖିଲେ ଯାହା ଚିନ୍ତା ବାହାରେ। ବନ୍ୟା ଓ ମରୁଡ଼ି ଲଗାତର ବିଶ୍ୱର କୋଟି କୋଟି ଗରିବଙ୍କୁ ପ୍ରଭାବିତ କରି ଆସିଥିଲେ ମଧ୍ୟ ଏଭଳି ଘଟଣାଗୁଡ଼ିକ କ୍ୱଚିତ ଚର୍ଚ୍ଚାକୁ ଆସୁଛି। ମାଲଥୁସିଆନଙ୍କ ବିଶ୍ୱାସରେ ଦାରିଦ୍ର୍ୟକୁ ନୈତିକ ବିଫଳତାର ଏକ ଲକ୍ଷଣ ଭାବେ ବିଚାର କରାଯିବା ଭଳି ଅବିକଶିତର ଏକ ଅପରିହାର୍ଯ୍ୟ ପରିଣାମ ରୂପେ ବିକାଶଶୀଳ ଦେଶଗୁଡ଼ିକରେ ଘଟୁଥିବା ବିପର୍ଯ୍ୟୟକୁ ଅସ୍ୱୀକାର କରାଯାଉଛି।

ବିକାଶ ଓ ସ୍ଥାୟୀ ରାଜନୈତିକ ବ୍ୟବସ୍ଥା ଯୋଗୁ ଜଳ ସୁରକ୍ଷା ହେଉଛି ତାହା ନୁହେଁ, ବରଂ ଏହାର ଉଭୟ କ୍ଷେତ୍ରକୁ ଯଥେଷ୍ଟ ଅବଦାନ ରହିଛି। ଆଧୁନିକ ଅର୍ଥ ବ୍ୟବସ୍ଥାଗୁଡ଼ିକ ଏବଂ ସ୍ଥାୟୀ ରାଜନୈତିକ ବ୍ୟବସ୍ଥା ଜଳ ସୁରକ୍ଷା ଓ ଏହାଦ୍ୱାରା ସୃଷ୍ଟି ସୁଯୋଗର ପ୍ରତିଶ୍ରୁତିରୁ ହିଁ ଗଢି ଉଠିଥିଲା। କିନ୍ତୁ ଏହି ପ୍ରତିଶ୍ରୁତି ପୂରଣ କରିବାରେ ଏମାନେ ବିଫଳ ହୋଇଛନ୍ତି। ଏହା ନାଗରିକ ଓ ଦେଶ ମଧ୍ୟରେ ଥିବା ଦୃଢ ବନ୍ଧନ ଉପରେ ସିଧାସଳଖ ବିପଦ ଠିଆ କରିଦେଇଛି। ସମ୍ଭବତଃ ବିଂଶଶତାବ୍ଦୀର ଜଳ ସୁରକ୍ଷାର ସ୍ଥାୟୀ ସମାଧାନ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇନାହିଁ ବୋଲି ପ୍ରମାଣିତ ହେଉଛି। ଏହି ଶତାବ୍ଦୀରେ ପରିବେଶ ସହ ଆମର ନୂଆ ସମ୍ପର୍କ ଯୋଡ଼ିବାରେ ଜଳବାୟୁଜନିତ ବିପର୍ଯ୍ୟୟଗୁଡ଼ିକ ଅଗ୍ରଦୂତ ଭାବେ ରହିଛନ୍ତି ଏବଂ ପିଢି ପିଢି ଧରି ଆମେ ଉପସ୍ଥାପନ କରି ନ ଥିବା ପ୍ରଶ୍ନଗୁଡ଼ିକୁ ପୁଣି ଉଖାରିଛନ୍ତି। ଆମେ ପରିବେଶ ଓ ଆମ ଅଞ୍ଚଳକୁ କେମିତି ଦେଖିବାକୁ ଚାହୁଁ। କେଉଁ ବିପଦଗୁଡ଼ିକ ଆମେ ସହିବାକୁ ସକ୍ଷମ। ପରିବେଶଗତ ସୁରକ୍ଷା ଦୃଷ୍ଟିକୋଣରୁ ଆମେ ଦେଶଠାରୁ କ'ଣ ଆଶା କରିବା ଉଚିତ ଏବଂ ଏଥିରେ ଆମର କ'ଣ ଅଧିକାର ନିହିତ ରହିଛି। ଏସବୁ ରାଜନେତିକ ପ୍ରଶ୍ନଗୁଡ଼ିକୁ ବୁଝିବା କଷ୍ଟକର। ଏ ପ୍ରଶ୍ନଗୁଡ଼ିକ ମଧ୍ୟ ଏକବିଂଶ ଶତାବ୍ଦୀର ପ୍ରମୁଖ କେନ୍ଦ୍ର ପାଲଟିବ।

**ଅନରାରି ରିସର୍ଚ୍ଚ ଆସୋସିଏଟ୍, ସ୍ମିଥ୍ ସ୍କୁଲ ଅଫ୍ ଏଣ୍ଟରପ୍ରାଇସ ଆଣ୍ଡ୍ ଏନଭାଇରନ୍‌ମେଣ୍ଟ, ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡ**

# ହୋମ୍ ପ୍ୟୁରିଫାୟର



ଡ. ନରେନ୍ଦ୍ର ସେଠୀ

ବର୍ତ୍ତମାନ ବାୟୁ ପ୍ରଦୂଷଣ ଯେଉଁ ପରିମାଣରେ ବଢ଼ିଲାଣି ଦିଲ୍ଲୀ ଭଳି ସହରରେ ଘର ଭିତରେ ମଧ୍ୟ ରହିବା କାଠିକର ପାଠ। ଏହି ସମସ୍ୟାକୁ ଆଖିଆଗରେ ରଖି ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ଘର ପାଇଁ ବାୟୁ ବିଶୋଧନ ଉପକରଣ ବଜାରରେ ଉପଲବ୍ଧ କରାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଦଶବର୍ଷ ତଳେ (୨୦୧୧) ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ଦିଲ୍ଲୀରେ ପିଏମ୍ ଟେନ୍ ବା ବାୟୁରେ ଦଶ ମାଇକ୍ରନ୍‌ରୁ ଛୋଟ ଧୂଳିକଣା ମାତ୍ରାରେ ଆବଶ୍ୟକ ସୀମାଠାରୁ ଦଶ ଗୁଣ ବୃଦ୍ଧି ପାଇଥିଲା। ଏହି ଛୋଟ ଧୂଳିକଣା ନିଃଶ୍ୱାସ ବାଟେ ଶରୀରର ଆଭ୍ୟନ୍ତରୀଣ ସ୍ଥାନରେ ପହଞ୍ଚି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ୨୦୧୬ ତଥ୍ୟ ଉପରେ ଆଧାରିତ ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ଅତି କମ୍‌ରେ ୧୪୦ ନିୟୁତ ଲୋକ ନେଉଥିବା ନିଃଶ୍ୱାସରେ ପ୍ରଦୂଷଣର ମାତ୍ରା ଡବ୍ଲ୍ୟୁଏଚ୍‌ଓ ସୁରକ୍ଷିତ ସୀମାଠାରୁ ୧୦ ଗୁଣ କିମ୍ବା ଅଧିକ। ଏଠାରେ କହିବା ବାହୁଲ୍ୟ ଯେ ଭାରତ ସରକାରଙ୍କ ଆର୍ଥିକ ସର୍ଭେ ୨୦୧୮ ଅନୁଯାୟୀ ଦିଲ୍ଲୀରେ ପ୍ରତି ହଜାର ବ୍ୟକ୍ତି ପିଛା ୫୬୬ ମୋଟର ଯାନ ପଞ୍ଜୀକୃତ ଥିଲା। ଅର୍ଥାତ୍ ଦିଲ୍ଲୀରେ ମୋଟର ଯାନ ସଂଖ୍ୟା ଏକ କୋଟିରୁ ଅଧିକ ଓ ଦୁଚକିଆ ଯାନ ୭୦ ଲକ୍ଷରୁ ଊର୍ଦ୍ଧ୍ୱ । ଅର୍ଥାତ୍ ଆମେ ଘରେ ବନ୍ଦ ହୋଇ ରହିଲେ ମଧ୍ୟ ବାୟୁ ପ୍ରଦୂଷଣରୁ ନିଜକୁ ରକ୍ଷା କରିବା କଷ୍ଟକର। ଯାହାର ଚାହିଦାକୁ ଲକ୍ଷ୍ୟ କରି ଏବେ ପ୍ରଦୂଷିତ ବାୟୁକୁ ସଫା କରିବା ପାଇଁ ଅନେକ ପ୍ରକାରର ହୋମ୍ ଏୟାର ପ୍ୟୁରିଫାୟର ବଜାରରେ ଉପଲବ୍ଧ। ଏହି ବାୟୁ ଶୋଧକ ଉପକରଣ ଘର ଭିତରେ ଥିବା ବାୟୁରୁ ଅନେକାଂଶରେ ଛୋଟ ଛୋଟ ଧୂଳି କଣାଗଡ଼ିକ ଛାଣି ବାହାର କରିବାରେ ସକ୍ଷମ। କିନ୍ତୁ ବାୟୁରେ ମିଶି ରହିଥିବା ହାନିକାରକ ଯଥା ମିଥେନ, ବେଞ୍ଜିନ, ଫର୍ମାଲ ଡିହାଇଡ, କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଅକ୍ସାଇଡ ଭଳି ଅତି ବିପଦ ଜନକ ପ୍ରଦୂଷିତ ଗ୍ୟାସ୍‌କୁ ବାହାର କରି ପାରନ୍ତି ନାହିଁ। ଯେହେତୁ କୌଣସି ବାୟୁ ଶୋଧନକାରୀ ଉପକରଣ ଏସବୁ କରିବାରେ ଅସମର୍ଥ, ଆମକୁ କିଛି ଅନ୍ୟ ଉପାୟ ଅବଲମ୍ବନ କରିବାକୁ ହେବ। ଠିକ୍ ଯେମିତି ଘର ବାହାରେ ଅମ୍ଳଜାନର ଏକମାତ୍ର ଉତ୍ସ ଗଛ ସେମିତି ଘର ଭିତରେ ମଧ୍ୟ ଅମ୍ଳଜାନ ମାତ୍ରା ବଢ଼େଇବା ପାଇଁ ଗଛର ସାହାଯ୍ୟ ଲୋଡ଼ିବାକୁ ହେବ। ତେବେ ଆମେ ଘରେ ଅମ୍ଳଜାନର ମାତ୍ରା ବଜାୟ ରଖିବା ଏବଂ ବାୟୁକୁ ଶୋଧନ କରିବା ପାଇଁ ସବୁ ଗଛ ଘର ଭିତରେ ଲଗେଇ ପାରିବା ନାହିଁ। କାରଣ ଘର ଭିତର ସୂର୍ଯ୍ୟ କିରଣ ନ ଥାଏ । ତେବେ କିଛି ଗଛ ଅଛି, ଯାହାକୁ ଆମେ ଘର ଭିତରେ କୁଣ୍ଡ ଜରିଆରେ ଲଗେଇ ପାରିବା।

ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ, କାନପୁର ଏବଂ ଆମେରିକାର ପ୍ରମୁଖ ଗବେଷଣା ସଂସ୍ଥା ନାସାର ଅଧ୍ୟୟନରୁ ଜଣାଯାଏ ଯେ ଘର ଭିତରେ ପାଞ୍ଚ ପ୍ରକାର ଗଛ ଲଗେଇ ପାରିବା, ଯାହା ଘର ଭିତରେ ଅନାୟାସରେ ବଢ଼ିଥାଏ। ଏହା ପ୍ରଚୁର ପରିମାଣରେ ଅମ୍ଳଜାନ ଦେବା ସଙ୍ଗେ ସଙ୍ଗେ ବାୟୁ ବିଶୋଧନ ମଧ୍ୟ କରିଥାଏ। ଏଥି ମଧ୍ୟରେ ସବୁଠୁ ଶୀର୍ଷରେ ଲୋକପ୍ରିୟ ହେଲା ଏରକା ପାମ୍ ଗଛ। ଏହାକୁ କୁଣ୍ଡରେ ଲଗେଇ ଡ୍ରଇଂ ରୁମ୍‌ରେ ରଖାଯାଇ ପାରେ । ଏହି ଗଛର ବିଶେଷତ୍ୱ ହେଲା ଏହା ଅମ୍ଳଜାନ ଦେବା ସହିତ ବାୟୁରୁ ବେଞ୍ଜିନ, ଫରମାଲ ଡିହାଇଡ, ଟ୍ରାଇକ୍ଲୋରୋଏଥିଲିନ ଭଳି ଅତି ହାନିକାରକ ପ୍ରଦୂଷକକୁ ବାହାର କରିଦିଏ। ଦିତୀୟରେ ଗଛଟି ହେଲା ସ୍ନେକ ପ୍ଲାଣ୍ଟ ଏହା ହାତ ଗଣତି କେତୋଟି ଗୁଳ୍ମ ଭିତରେ ଗଣାଯାଏ, ଯାହା ରାତିରେ ଅଙ୍ଗାରକାମ୍ଳକୁ ଅମ୍ଳଜାନରେ ପରିବର୍ତ୍ତନ କରିଥାଏ। ଏହା ମଧ୍ୟ ହାନିକାରକ ବେଞ୍ଜିନ, ଟଲ୍ୟୁନେ, ଜାଇଲିନ, ନାଇଟ୍ରୋଜେନ ଅକ୍ସାଇଡ ପ୍ରଭୃତି ଗ୍ୟାସ୍‌କୁ ବିଶୋଧନ କରିଥାଏ। ଏଥିପାଇଁ ଏହି ସ୍ନେକ ପ୍ଲାଣ୍ଟକୁ ଶୋଇବା ଘରେ ରଖାଯାଏ । ନାସାର ଅଧ୍ୟୟନ ଅନୁସାରେ ଏକ ଅଠର ଶହ ବର୍ଗଫୁଟ୍ ବଡ଼ ଘର ପାଇଁ ପନ୍ଦରଟି ମଧ୍ୟମ ଧରଣର ସ୍ନେକ ପ୍ଲାଣ୍ଟ ପର୍ଯ୍ୟାପ୍ତ ଅମ୍ଳଜାନ ଦେଇଥାଏ। ଅର୍ଥାତ୍ ଗୋଟିଏ କିଙ୍ଗ ସାଇଜ ଘର ପାଇଁ ମାତ୍ର ଗୋଟିଏ ମଧ୍ୟମ ଧରଣର ସ୍ନେକ ପ୍ଲାଣ୍ଟ ଯଥେଷ୍ଟ। ସେହିପରି ନିମ ଓ ବରଗଛ ରାତିରେ ଅମ୍ଳଜାନ ପ୍ରଦାନ କରିଥାନ୍ତି। ଏସବୁ ଗଛର ବଂଶାଇ ଡ୍ରଇଂ ରୁମ୍‌ରେ ରଖାଯାଇ ପାରେ। ଆଲୋଭେରାକୁ କୁଣ୍ଡରେ ଘର ଭିତରେ ରଖାଯାଇ ପାରେ । ଏହା ରାତିରେ ଅମ୍ଳଜାନ ଦେବା ସଙ୍ଗେ ସଙ୍ଗେ ବାୟୁରୁ ହାନିକାରକ ତତ୍ତ୍ୱ ଶୋଷଣ କରିଥାଏ । ତୁଳସୀ ମଧ୍ୟ ରାତିରେ ଅମ୍ଳଜାନ ପ୍ରଦାନ କରିଥାଏ । ଅନ୍ୟ ଉଲ୍ଲେଖନୀୟ ଗଛ ଯାହା ଆମେ ଘର ଭିତରେ ବାୟୁ ଶୋଧନ ପାଇଁ ଲଗେଇ ପାରିବା ତାହା ହେଲା କ୍ରିସମାସ କାକଟସ, ବାମ୍ବୁ ପାମ୍, ସ୍ପାଇଡର ପ୍ଲାଣ୍ଟ , ଗାରବେରା ଇତ୍ୟାଦି । ଏସବୁ ଗଛ ଘରେ ରଖିଲେ ତାହା ମହଙ୍ଗା ଓ ବ୍ରାଣ୍ଡେଡ ବାୟୁ ବିଶୋଧନକାରୀ ଉପକରଣଠାରୁ ଅନେକ ଗୁଣରେ ଅଧିକ ଉପଯୋଗୀ ହେଇଥାଏ। ତେଣୁ ଆମେ ସମସ୍ତେ ଏହି ପ୍ରାକୃତିକ ହୋମ ପ୍ୟୁରିଫାୟରଗୁଡ଼ିକୁ ଘରେ ଘରେ ବ୍ୟବହାର କରିବା ଆବଶ୍ୟକ।

**ଜାମୁଗାଁ, ଅସ୍ତରଙ୍ଗ, ପୁରୀ,
ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

ପ୍ରକୃତିର ଅନେକ କରିସ୍ମା ଦେଖିଛନ୍ତି । ତେବେ ନିକଟରେ ମଧ୍ୟପ୍ରଦେଶର ସିଦ୍ଧି ଜିଲାରେ ଘଟିଥିବା ଘୂର୍ଣ୍ଣିଝଡ଼ରେ ଏକ ନିଆରା ଘଟଣା ଦେଖିବାକୁ ମିଳିଛି। ହଠାତ୍ ଏକ ପୋଖରୀର ପାଣି ୨୦ ଫୁଟ ଉପରକୁ ଉଠିଯାଇଥିଲା। ସିଦ୍ଧି ଜିଲା ମୁଖ୍ୟାଳୟଠାରୁ ୮୦କି.ମି. ଦୂର ଆଦିବାସୀ ଅଧ୍ୟୁଷିତ ବନାଞ୍ଚଳ କୁଶମୀର ଭୂଇମାଡ ଗାଁରେ ଏଭଳି ଦୃଶ୍ୟ ଦେଖାଯାଇଛି। ସେଠାରେ ଅପରାହ୍ନରେ ହଠାତ୍ ଝଡ଼ ଆସିଲା ଓ ଏହାର ଗତି ଏତେ ତୀବ୍ର ଥିଲା ଯେ, ତାହା ପୋଖରୀରୁ ପାଣିକୁ ୩୦ ଫୁଟ ଉପରକୁ ନେଇଗଲା। ଉପରେ ୨୦ରୁ ୩୦ ମିନିଟ୍ ରହିବା ପରେ ପୁଣି ପାଣି ପୋଖରୀରେ ପଡ଼ିଥିଲା। ଗୋଟିଏ ପମ୍ପରୁ ପ୍ରେସରରେ ପାଣି ଉପରକୁ ଉଠିଲା ଭଳି ଥିଲା ଏହି ଦୃଶ୍ୟ। ଏହାଦେଖି ପ୍ରଥମେ ଲୋକମାନେ ଭୟ କରିଯାଇଥିଲେ କିନ୍ତୁ ପରେ ସେମାନେ ମୋବାଇଲରେ ଏହାକୁ ଉତ୍ତୋଳନ କରିଥିଲେ। ଝଡ଼ ପ୍ରଥମେ ଗାଁର ଚାଳଛପର ଉଡାଇ ନେବାପରେ ପୋଖରୀରୁ ପାଣି ଉପରକୁ ଉଠିବା ଆରମ୍ଭ ହୋଇଥିଲା। ଏଭଳି ଅଦ୍ଭୁତ ଦୃଶ୍ୟ ପ୍ରଥମଥର ଦେଖିବାକୁ ମିଳିଛି ବୋଲି କହନ୍ତି ସେଠାକାର ବାସିନ୍ଦା।

## ୨୫ ବର୍ଷ ତଳର ଧରିତ୍ରୀ

୯ ସେପ୍ଟେମ୍ବର ୧୯୯୬

- ବୁରୁଣ୍ଡି ରାଜଧାନୀ ବୁଜୁମ୍ବରାରେ ସଂଘର୍ଷ ଘଟି ୨୦ ଜଣ ଲୁଟୁ ବିଦ୍ରୋହୀ ଓ ତିନି ସୈନ୍ୟ ନିହତ ହୋଇଛନ୍ତି।
- ଆନ୍ଧ୍ରପ୍ରଦେଶର କୁଡ୍ଡାପା ଜିଲା ଅନ୍ତର୍ଗତ ନଦିମଣ୍ଡଳମ୍ ଗ୍ରାମ ନିକଟ ଏକ ନାଳକୁ ଯାତ୍ରୀବାହୀ ଲରି ଖସିପଡ଼ିବା ଫଳରେ ୪୦ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ସିଡିଏମ୍‌ର ପୂର୍ବତନ ନିର୍ଦ୍ଦେଶକ ଡଃ ଟି.ଏନ୍. କ୍ରିଷ୍ଣନଙ୍କ ୬୩ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | 1 | |
| | 8 | | | 9 | | | | 2 |
| 6 | 9 | | 1 | | | | | 5 |
| | | 8 | | | | | | 1 |
| 1 | | 7 | | | 4 | | | 3 |
| | | | | 8 | | | 9 | |
| | | | | | 8 | 4 | | |
| 3 | | | | | | | | |
| | | | 7 | | | 1 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 5 | 6 | 9 | 2 | 4 | 1 | 3 |
| 2 | 4 | 6 | 1 | 3 | 8 | 5 | 9 | 7 |
| 1 | 9 | 3 | 4 | 5 | 7 | 2 | 6 | 8 |
| 7 | 6 | 8 | 5 | 2 | 9 | 1 | 3 | 4 |
| 5 | 3 | 1 | 7 | 8 | 4 | 9 | 2 | 6 |
| 4 | 2 | 9 | 3 | 1 | 6 | 8 | 7 | 5 |
| 3 | 1 | 2 | 8 | 6 | 5 | 7 | 4 | 9 |
| 9 | 8 | 7 | 2 | 4 | 3 | 6 | 5 | 1 |
| 6 | 5 | 4 | 9 | 7 | 1 | 3 | 8 | 2 |

ଗତକାଲିର ଉତ୍ତର

# ସୀମାନ୍ତ ଗାଁର ଚିତ୍ର



ଡ. ପ୍ରମୋଦ କୁମାର ପଣ୍ଡା

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ଏହା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଜାତିପ୍ରାଣ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଏହା ବହୁ ଭାବରେ ମର୍ମାହତ କରିଥିଲା। ସେ ଯେତେବେଳେ ଏହାର କାରଣ ଅନୁଧ୍ୟାନ କଲେ, ଜାଣିବାକୁ ପାଇଲେ ଯେ ଓଡ଼ିଶା ଏକ ଶାସନ ଅଧୀନରେ ନ ଥିଲା। ଉତ୍ତର ଓ ତଟୀୟ ଓଡ଼ିଶା ବେଙ୍ଗଲ ପ୍ରେସିଡେନ୍ସିରେ, ଦକ୍ଷିଣ ଓଡ଼ିଶା ମାଡ୍ରାସ ପ୍ରେସିଡେନ୍ସିରେ ଓ ପଶ୍ଚିମ ଓଡ଼ିଶା ସେଣ୍ଟ୍ରାଲ ପ୍ରେସିଡେନ୍ସିରେ ଅନ୍ତର୍ଭୁକ୍ତ ଥିଲା। ତେଣୁ ଓଡ଼ିଶାର ସୁବିଧା ଅସୁବିଧାକୁ କେହି ଗୁରୁତ୍ୱ ଦେଉ ନ ଥିଲେ ଓ ପ୍ରଦେଶର ବିକାଶ ନ୍ୟୂନତମ ସ୍ତରରେ ରହି ଦାରିଦ୍ର୍ୟ ଜନସମାଜକୁ କବଳିତ କରି ସାରିଥିଲା। ତାଙ୍କର ଆପ୍ରାଣ ଉଦ୍ୟମରେ ଓ ଅନ୍ୟ ରାଜାରାଜୁଡ଼ା ଓ ସ୍ୱାଭିମାନୀ ଓଡ଼ିଆ ମାନଙ୍କ ପ୍ରଚେଷ୍ଟାରେ ଆମେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ୧୯୩୬ ଏପ୍ରିଲ ୧ରେ ପାଇଲେ। ମାତ୍ର ଏହି ସମୟରେ ଓଡ଼ିଶାର ବହୁ ଗ୍ରାମ ପଶ୍ଚିମବଙ୍ଗ, ତତ୍କାଳୀନ ବିହାର (ବର୍ତ୍ତମାନର ଝାଡ଼ଖଣ୍ଡ),ତତ୍କାଳୀନ ମଧ୍ୟପ୍ରଦେଶ(ବର୍ତ୍ତମାନର ଛତିଶଗଡ଼) ଓ ଆନ୍ଧ୍ର ପ୍ରଦେଶରେ ରହିଗଲା। ସେତେବେଳେ ସେହି ଅଞ୍ଚଳରେ ଓଡ଼ିଆ ସ୍କୁଲ ଚାଲୁରଖିବା ଓ ସେଠାରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବା ପାଇଁ ସେଠାକାର ପ୍ରାଦେଶିକ ସରକାର ବାଧ ବୋଲି ଆଇନରେ ବ୍ୟବସ୍ଥା ଥିଲା। ଧୀରେ ଧୀରେ ଶିକ୍ଷକମାନଙ୍କ ଅବସର ପରେ ସ୍କୁଲ ଗୁଡ଼ିକ ବନ୍ଦ କରି ଦିଆଗଲା କିମ୍ବା ସେଠାରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରାଗଲା ନାହିଁ । ତେଣୁ ସୀମାବର୍ତ୍ତୀ ଅଞ୍ଚଳରେ ଓଡ଼ିଆ ଲୋକ ଓଡ଼ିଆ ଶିକ୍ଷାରୁ ବଞ୍ଚିତ ହେଲେ ଓ ସେହି ପ୍ରଦେଶର ଶିକ୍ଷା ଲାଭ କରିବାକୁ ଲାଗିଲେ। ଅପରପକ୍ଷରେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶାରେ ଯେତେ ପ୍ରାଦେଶିକ ସରକାର ଆସିଲେ, ସେମାନେ ଅଭ୍ୟନ୍ତରୀଣ ଓଡ଼ିଶାର ବିକାଶକୁ ଗୁରୁତ୍ୱ ଦେଲେ ଓ ଆମ ସୀମାବର୍ତ୍ତୀ ଗ୍ରାମଗୁଡିକ ପାଇଁ ସେତେଟା ଦେଲେ ନାହିଁ। ତେଣୁ ଅନ୍ୟ ରାଜ୍ୟର ସୀମାକୁ ଲାଗିଥିବା ଆମ ରାଜ୍ୟର ଗ୍ରାମଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାଣି, ବଜାର ଇତ୍ୟାଦିର ବିକାଶ ହୋଇପାରିଲା ନାହିଁ। ଆମ ଓଡ଼ିଆ ଭାଇମାନଙ୍କର ଆଉ ଏକ ବଡ଼ ଭୁଲ୍ ଥିଲା ଯେ, ସେମାନେ ଆଦିବାସୀ ଅଧ୍ୟୁଷିତ ସୀମାନ୍ତ ଅଞ୍ଚଳରେ ଚାକିରି କରିବାକୁ ପସନ୍ଦ କରୁ ନ ଥିଲେ ଓ ବାଧ୍ୟବାଧକତାରେ ପଠାଗଲେ ସେମାନେ ଅଫିସ ସବୁଦିନେ ଯାଉ ନ ଥିଲେ । ଦୁର୍ନୀତିରେ ଲିପ୍ତ ରହି ସେ ଅଞ୍ଚଳର ବିକାଶରେ ଧ୍ୟାନ ଦେଲେ ନାହିଁ। ଏହାର ସୁଯୋଗ ପଡ଼ୋଶୀ ରାଜ୍ୟଗୁଡ଼ିକ ନେଲେ। ସେମାନେ ସୀମାନ୍ତ ଗ୍ରାମଗୁଡ଼ିକରେ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ବଜାର ପ୍ରଭୃତିର ବ୍ୟବସ୍ଥା କଲେ। ଫଳରେ ଆମ ରାଜ୍ୟର ସୀମାନ୍ତବାସୀ ସେସବୁ ସୁବିଧା ପାଇବା ପାଇଁ ପଡ଼ୋଶୀ ରାଜ୍ୟ ମୁହାଁ ହେଲେ। ତା'ପରେ ଧୀରେ ଧୀରେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପଡ଼ୋଶୀ ରାଜ୍ୟଗୁଡ଼ିକ ଆମ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ କରିବା ନାଁରେ ଲୋକଙ୍କର ପ୍ରିୟଭାଜନ ହୋଇ ଆମ ରାଜ୍ୟର ଅଞ୍ଚଳକୁ ନିଜ ରାଜ୍ୟରେ ମିଶାଇବା ନିଶାରେ ଲାଗିପଡ଼ିଲେ । କିଏ କିଏ ଧମକାଇ ଆମ ଅଞ୍ଚଳକୁ ନିଜର ବୋଲି ଦାବି କରିବାକୁ ଲାଗିଲେ ତ କିଏ କିଏ ଲୁଚିଛପି ଉଦ୍ଦେଶ୍ୟ ହାସଲରେ ଲାଗି ରହିଲେ। ଆମ ପ୍ରାଦେଶିକ ସରକାରର ଅଜ୍ଞତା ପାଇଁ କିମ୍ବା ସୀମାନ୍ତବର୍ତ୍ତୀ ଅଞ୍ଚଳର ସମସ୍ୟାକୁ କର୍ଣ୍ଣପାତ ନ କରିବା କାରଣରୁ କିମ୍ବା ସରକାରଙ୍କର ଅସହାୟତା କାରଣରୁ ଏହା ଘଟିବାରେ ଲାଗିଲା। କିଛିଦିନ ପୂର୍ବେ କୋଟିଆ ଅଞ୍ଚଳକୁ ଆନ୍ଧ୍ର ନିଜ ରାଜ୍ୟରେ ଅନ୍ତର୍ଭୁକ୍ତ କରି ବିଭିନ୍ନ ବିକାଶମୂଳକ ଯୋଜନା କଲାବେଳେ ଓଡ଼ିଶାର ଜନ ପ୍ରତିନିଧିଙ୍କ ପ୍ରତିରୋଧର ସମ୍ମୁଖୀନ ହେଲା। ସରକାର ବାଧହୋଇ ୧୫୦ କୋଟି ଟଙ୍କାର ବିକାଶ ଯୋଜନା ମଞ୍ଜୁରକଲେ କୋଟିଆ ଅଞ୍ଚଳ ପାଇଁ ସୁପ୍ରିମକୋର୍ଟରେ ଆନ୍ଧ୍ର ବିରୋଧରେ ମାମଲା ଦାଏର କଲେ । ମାତ୍ର ଏହି ଭାବରେ ବିପଦକୁ ଦେଖି ସେଥିରୁ ରକ୍ଷାପାଇବା ପାଇଁ ଛୋଟ ଛୋଟ ପଦକ୍ଷେପ ନେଲେ ଆମେ ଆମର ସୀମାକୁ ସୁରକ୍ଷିତ ରଖିପାରିବା ନାହିଁ । ସୀମା ସମସ୍ୟା କିପରି ସବୁଦିନ ପାଇଁ ଶେଷ ହେବ, ସେଥିପାଇଁ ଚିନ୍ତନ ଓ କ୍ରିୟାନ୍ୱୟନ କରିବାର ସମୟ ଆସିଛି। ଆମର ପ୍ରାୟ ସବୁ ପଡ଼ୋଶୀ ରାଜ୍ୟ ସହିତ ଅଳ୍ପ ବହୁତେ ସୀମା ବିବାଦ ଅଛି । ଆମକୁ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳ ପାଇଁ ଏକ ସମନ୍ୱିତ ବିକାଶ ଯୋଜନା ପ୍ରଣୟନ କରିବାକୁ ପଡ଼ିବ। ପ୍ରତି ସୀମାବର୍ତ୍ତୀ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଗମନାଗମନ, ପାନୀୟଜଳ ଯୋଗାଣ, ବଜାର ସ୍ଥାପନ, ଗାଡ଼ିମଟର ପ୍ରଭୃତି ଚଳପ୍ରଚଳ ଇତ୍ୟାଦି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ବିଭିନ୍ନ ସରକାରୀ ଅଧିକାରୀଙ୍କୁ ସେଠାରେ ନିଯୁକ୍ତି କରିବାକୁ ପଡ଼ିବ । ସେମାନଙ୍କ କାର୍ଯ୍ୟକଳାପକୁ ମଧ୍ୟ ନିରୀକ୍ଷଣ କରାଯିବା ଆବଶ୍ୟକ। ସେହି ଅଞ୍ଚଳ ଅପହଞ୍ଚ ହୋଇଥିବାରୁ, ମାତ୍ରାଧିକ ଦୁର୍ନୀତିର ଗନ୍ତାଘର। ତେଣୁ ସେ ଅଞ୍ଚଳରୁ ଦୁର୍ନୀତି ହଟାଇବାକୁ ପଦକ୍ଷେପ ନିଆଯାଉ। ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଯଦି ଆମେ ବିକାଶଧାରାରେ ଯୋଡ଼ିପାରିବା, ନିଶ୍ଚିତ ରୂପେ ସେ ଅଞ୍ଚଳର ଅଧିବାସୀଙ୍କ ହୃଦୟ ଜିତିପାରିବା। ସେମାନେ ଆଉ ଅନ୍ୟ ଆଡ଼େ ଯିବାକୁ ମନ ବଳେଇବେ ନାହିଁ ।

ମୋଟ ଉପରେ ଆମ ଅନୁପସ୍ଥିତିର ସୁଯୋଗ ନେଇ ପଡ଼ୋଶୀ ରାଜ୍ୟଗୁଡ଼ିକ ଏହି ଅଞ୍ଚଳ ଉପରେ ଲୋଲୁପଦୃଷ୍ଟି ପକାଉଛନ୍ତି। ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକରେ ପୋଲିସ ବଳକୁ ଜାଗ୍ରତକରି ରଖିବାକୁ ପଡ଼ିବ । ସରଳ ଆଦିବାସୀମାନଙ୍କ ଦାରିଦ୍ର୍ୟର ସୁଯୋଗ ନେଇ ପଡ଼ୋଶୀ ରାଜ୍ୟର ଅଧିବାସୀମାନେ ତାଙ୍କ ଉପରେ ଦାଦାଗିରି କରି ତାଙ୍କ ଜମି କିମ୍ବା ସେମାନେ ଚାଷ କରୁଥିବା ଜଙ୍ଗଲ ଜମିକୁ ହାତେଇବାର ଅନେକ ଖବର ଆସୁଛି। ପୋଲିସ ବିଭାଗର କଣ୍ଟ୍ରୋଲ ରୁମ୍‌ର ନମ୍ବର ସୀମାନ୍ତବର୍ତ୍ତୀ ଗ୍ରାମବାସୀଙ୍କୁ ଦେବା ଆବଶ୍ୟକ। ଯେଉଁଠି ପଡ଼ୋଶୀଙ୍କ ଦାଦାଗିରି ଦେଖାଯିବ, ତୁରନ୍ତ ପୋଲିସ ଫୋର୍ସକୁ ଖବର ଦେବେ ଓ ପୋଲିସ ବାହିନୀ ପହଞ୍ଚି ସେମାନଙ୍କର ଦୃଢ଼ ପ୍ରତିରୋଧ କରିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଭୟଭୀତ ହେବେ ଓ ଭବିଷ୍ୟତରେ ଏଭଳି କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ। ସୀମାବର୍ତ୍ତୀ ଗ୍ରାମର ସମସ୍ତ ସ୍କୁଲରେ ଶିକ୍ଷକ ନିଯୁକ୍ତି, ଭଲ ପାଠପଢ଼ା ଓ ଛାତ୍ରୀଛାତ୍ରଙ୍କ ପାଇଁ ବହିର ବ୍ୟବସ୍ଥା ନ କରିପାରିଲେ ଭବିଷ୍ୟତରେ ଅବସ୍ଥା ସାଂଘାତିକ ହେବ। ସେହିପରି ସେମାନକ ସ୍ୱାସ୍ଥ୍ୟ ଯତ୍ନ ପାଇଁ ପର୍ଯ୍ୟାପ୍ତ ଡାକ୍ତର ଓ ଡାକ୍ତରଖାନାର ବ୍ୟବସ୍ଥା କରିବାକୁ ପଡ଼ିବ। ଆମକୁ କେନ୍ଦ୍ର ସରକାରଙ୍କଠାରେ ଦୃଢ଼ ଦାବିକରି ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଟେଲିଫୋନ ଟାୱାର ବ୍ୟବସ୍ଥା ଓ ଭଲ ରାସ୍ତା ନିର୍ମାଣ କରାଯାଉ। ସମୟ ଆସିଛି, ଆମର ସୀମାବର୍ତ୍ତୀ ଅଞ୍ଚଳ ପାଇଁ ସମନ୍ୱିତ ବିକାଶ ଯୋଜନା ପ୍ରସ୍ତୁତି ଓ ତା'ର କ୍ରିୟାନ୍ୱୟର। ଯଦି ଆମେ ସେସବୁ ଅଞ୍ଚଳର ସର୍ବାଙ୍ଗୀନ ବିକାଶ କରିବାରେ ବିଫଳ ହୁଅନ୍ତି, ସୀମାନ୍ତବର୍ତ୍ତୀ ଅଞ୍ଚଳର ଜନତା ନିଜର ସୁବିଧା ପାଇଁ ପଡ଼ୋଶୀ ରାଜ୍ୟମୁହାଁ ହେବେ ଓ ଆମେ ଯେତେ କୁମ୍ଭୀରକାନ୍ଦଣା କାନ୍ଦିଲେ ବି ତା'ର କିଛି ଫଳ ମିଳିବନାହିଁ । ଆମ ପୂର୍ବସୁରୀ ଯେଉଁ ଦୁଃଖକଷ୍ଟ ସହି ଆମକୁ ସ୍ୱତନ୍ତ୍ର ପ୍ରଦେଶଟିଏ ଦେଇଥିଲେ, ତା'ର ସୀମା ସୁରକ୍ଷା କରି ନ ପାରି ଭାଗ୍ୟକୁ ଦୋଷ ଦେବାରେ ବ୍ୟସ୍ତ ରହିବା ସବୁଦିନ ପାଇଁ।

**ପ୍ରଧାନ ବୈଜ୍ଞାନିକ,ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
ଭୁବନେଶ୍ୱର,ମୋ-୮୯୧୭୪୨୬୪୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ଚିଡ଼ିଲେଣି ଭଦ୍ରମଣ୍ଡଳୀ

ମହାଶୟ,

ପର୍ଯ୍ୟଟନ ଶିଳ୍ପରେ ଚଡ଼କ ପଡ଼ିଥିବା ବେଳେ ରାଜ୍ୟର ୬ଟି ପ୍ରମୁଖ ବେଳାଭୂମିରେ ଚାଲିଆରେ ମଦ୍ୟପାନ ବ୍ୟବସ୍ଥା ସହିତ ନାଚଗୀତର ଆସର ଜମିବ। ବହୁ ଅନୁଷ୍ଠାନ ଏଭଳି ଆଧୁନିକତାକୁ ନ ପଶେଇବା ପାଇଁ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରୁଛନ୍ତି । ଆଧାତ୍ମିକ ସହର ପୁରୀ ବେଳାଭୂମିରେ ଏଭଳି ପ୍ରସ୍ତାବ ମୂର୍ଖାମି। ମଦ ଧନ୍ଦାରେ ନ ପଡ଼ି ସଉକ ପାଇଁ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ ପାଇଁ ମନୋରଞ୍ଜନର ଭିନ୍ନ ବ୍ୟବସ୍ଥା କରାଯିବା ଦରାକର। ସେବାନିବୃତ୍ତ ଯୁଦ୍ଧ ଜାହାଜ ଓ ଇଂରେଜ ସମୟର ରେଳଗାଡ଼ି ବେଳାଭୂମିମାନଙ୍କରେ ସ୍ଥାନ ପାଇବା ଆବଶ୍ୟକ। ବିଚ୍ ଭଲି ପାଇଁ ଦର୍ଶକ ଗ୍ୟାଲେରି ନିର୍ମାଣ ଓ ଆନ୍ତର୍ଜାତିକ ସ୍ତରର ମହିଳା ଆଉ ପୁରୁଷ ପ୍ରତିଯୋଗିତା ଆୟୋଜନ ହେବା ଦରକାର। ଚାଲିଆରେ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସୁଲଭ ମୂଲ୍ୟରେ ପଖାଳ ଆଉ ଇଲିଶି ମାଛଭଜା ବ୍ୟବସ୍ଥା ହେବା ଆବଶ୍ୟକ। ସରକାର ଝାଉଁବଣ ଭିତରେ ନଡିଆ ଗଛ ଉତାରିବା ଦରକାର ।

**-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

## ଚିରନ୍ତନୀ

ରୋଧିଦିଅ ରୋଧିଦିଅ ଏ କାରାଦୁଆର,
ଘୋଟିଆସୁ ଭଇରବ ଘନ ଅନ୍ଧକାର,
ଏ ଆଲୋକ ଏ ଆକାଶ
ପରାଣେ ଦିଏ ପରାସ,
ସୁଦୂର ସ୍ମୃତିର ଆଣେ ବିରହ ଝଙ୍କାର,
ଲଗାଏ ମରମେ ମମ ମହା ହାହାକାର।

-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଠିକା ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁ



ତୈଳ ବିଶୋଧନାଗାର ଗେଟ୍ ଆଗରେ ମୃତଦେହ ରଖି ଧାରଣା।

**ପାରାଦୀପ ତୈଳ ବିଶୋଧନାଗାର**

■ କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

ପାରାଦୀପ,୮।୯(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ୨ ନଂ. ଗେଟ୍ ସମ୍ମୁଖରେ ବୁଧବାର କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା ଦିଆଯାଇଛି। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ନିଯୁକ୍ତି ଦାବି କରାଯାଇଛି। ସୂଚନାଯୋଗ୍ୟ, ସ୍ଥାନୀୟ ଅଭୟଚାନ୍ଦପୁର ଥାନା ବଗଦିଆ ଗାଁର ବିପିନ ମଲ୍ଲିକ (୪୯) ହେଲେ ତୈଳ ବିଶୋଧନାଗାରର ବିସ୍ଥାପିତ ସଦସ୍ୟ। ସେ ବିଶୋଧନାଗାରରେ ମେଣ୍ଟେନାନ୍ସ କମ୍ପାନୀ କୋଲକାତା ଟ୍ୟୁବରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ମଙ୍ଗଳବାର ଅପରାହ୍ଣରେ ତାଙ୍କର ଗୋଡ ଖସିଯିବାରୁ ସେ ପଡି ଯାଇଥିଲେ। ଅସୁସ୍ଥ ଲାଗିବାରୁ ଘରକୁ ଯାଇଥିଲେ। ସନ୍ଧ୍ୟାରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କ ପରିବାର ଲୋକେ ନେଇ ଯାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରିଥିଲେ। କଟକରେ ଚିକିତ୍ସାଧୀନ ଅବସ୍ଥାରେ ବିପିନଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ପରିବାର ଲୋକେ ଓ ସାଥୀ ଶ୍ରମିକମାନେ ମୃତଦେହ ନେଇ ତୈଳ ବିଶୋଧନାଗାରର ଗେଟ୍ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ଧାରଣାକୁ ଦୁଇଟି ଶ୍ରମିକ ସଂଘ ସମର୍ଥନ କରିଛନ୍ତି। ଯେହେତୁ ବିପିନ ବିସ୍ଥାପିତ ସଦସ୍ୟ ତାଙ୍କୁ କ୍ଷତିପୂରଣ ଦେବା ଯଥାର୍ଥ ବୋଲି ଶ୍ରମିକ ନେତା ସୁରେଶ ସାହୁ କହିଛନ୍ତି। ଅପରପକ୍ଷେ ଏହାର ସମାଧାନ ପାଇଁ ତୈଳ ବିଶୋଧନାଗାର ପ୍ରଶାସନିକ ଅଧିକାରୀ ଓ ଜିଲା ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲା। ପ୍ରଶାସନ ପକ୍ଷରୁ ବିପିନଙ୍କ ଝିଅକୁ ଚାକିରି ଦେବାର ପ୍ରତିଶ୍ରୁତି ସହ ଏକ ଲକ୍ଷ ଟଙ୍କା ଦିଆଯାଇଥିଲା। ଏହା ପରେ ଧାରଣା ହଟିଥିଲା।

# ତଳି ରୁଆର ୧୫ ଦିନରେ ବାହାରିଲା ଥୋଡ଼

## ଧାନ ଅଧିକ ଅମଳ ଆଶାରେ ଚାଷୀ ହତାଶ



ଚାଷୀମାନେ ଧାନ ଗଛରେ ହୋଇଥିବା ଥୋଡକୁ ଦେଖାଉଛନ୍ତି।

ନାଉଗାଁ, ୮।୯(ସ୍ୱ.ପ୍ର.)

ପାରମ୍ପରିକ ଚାଷ ପରିବର୍ତ୍ତେ ଚାଷୀ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ସୋସାଇଟିକୁ ବିହନ ଯୋଗାଇ ଦିଆଯାଇଥିବା ବେଳେ କେତେଜଣ ଚାଷୀ ବ୍ୟକ୍ତିଗତ ଭାବେ ବିଭିନ୍ନ କମ୍ପାନୀର ବିହନ ଆଣି ବିକ୍ରି କରୁଛନ୍ତି। କିନ୍ତୁ ଅନେକ ଚାଷୀ ବିହନରେ ଠକାମିର ଶିକାର ହେଉଥିବା ଜଣାଯାଇଛି। ଧାନ ଅଧିକ ଅମଳ ଆଶାରେ ଚାଷୀ ଉନ୍ନତମାନର ଅମଳକ୍ଷମ ବିହନ ବ୍ୟବହାର କରି ଏବେ ହତାଶ ହୋଇଛନ୍ତି। ତଳି ରୁଆର ୧୫ଦିନରେ ଧାନ ଥୋଡ ବାହାରିଛି। ଏଭଳି ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଦହିପାଳ ଗାଁରେ।

ଗାଁର ଅନେକ ଚାଷୀ ପୁରୀ ଜିଲା ନିମାପଡାରୁ ଧାନ ଅଧିକ ଅମଳ ପାଇଁ ଉନ୍ନତମାନର ବିହନ କ୍ରୟ କରିଥିଲେ। ପ୍ୟାକେଟରେ ୬ କି.ଗ୍ରା. ବିହନ ରହିଥିଲା। ଏହାର ମୂଲ୍ୟ ୧୨ ଶହ ଟଙ୍କା ଥିଲା। ଉକ୍ତ ଧାନ ବିହନର ନାମ ଶ୍ୟାମଳା-୨୦। ଏହି ବିହନ ଖାଲୁଆ ଜମିରେ ଚାଷ ହେବାକୁ ବିକ୍ରୟ କରିଥିବା ଦୋକାନୀ କହିଥିଲା। ବିହନ ଭୁବନେଶ୍ୱରସ୍ଥିତ ସ୍ୱନ ପର୍ଣ୍ଣୁ ବାଇଟେକ ପ୍ରାଇଭେଟ ଲିମିଟେଡର ସ୍ୱନ ପଶୁ ଫିଡସ ପକ୍ଷରୁ ଆସିଥିବା ଚାଷୀ କ୍ରୟ କରିଥିବା ପ୍ୟାକେଟ ଉପରେ ଲେଖା ରହିଛି। ଉକ୍ତ ବିହନ କ୍ରୟ ସମୟରେ ଦୋକାନୀଙ୍କ ପକ୍ଷରୁ ଚାଷୀଙ୍କୁ କୌଣସି ରସିଦ ପ୍ରଦାନ କରାଯାଇ ନ ଥିଲା। ଚାଷୀ ବିହନ ଆଣି ତଳି ପକାଇବା ପରେ ଅଗଷ୍ଟ ମଧ୍ୟ ଭାଗରେ ରୋଇ ଥିଲା। ମାତ୍ର ୧୫ ଦିନ ମଧ୍ୟରେ ଉକ୍ତ ଧାନରୁ ଥୋଡ ବାହାରିବା ଦେଖିବାକୁ ମିଳିଛି। ଏହାକୁ ଦେଖି ଚାଷୀ ହତାଶ ହୋଇପଡିଛନ୍ତି। ଟ୍ରାକ୍ଟରରେ ଜମି ହଳ କରି, ସାର ଔଷଧ ପକାଇ ଚାଷୀ ମଜୁରି ଦେଇ ଧାନ ଚାଷ କରି ସର୍ବସ୍ୱାନ୍ତ ହୋଇଛନ୍ତି। ଅମଳ ବେଳକୁ ଧାନ କିଆରିରେ ଆଣ୍ଠୁଏ ପାଣି ଜମି ରହିଛି। ଧାନ ପାଚିବା ବେଳକୁ ଅମଳ ହୋଇପାରିବ ନାହିଁ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ ଜମିରେ ୧୫୦ ଦିନ ଅମଳକ୍ଷମ ବିହନ ଆବଶ୍ୟକ ହୋଇଥାଏ। କିନ୍ତୁ ତଳି ପ୍ରସ୍ତୁତଠାରୁ ରୁଆ ପର୍ଯ୍ୟନ୍ତ ଶ୍ୟମଳା -୨୦ ମାତ୍ର ୪୫ ଦିନରେ ଥୋଡ ବାହାରିଥିବା ଚାଷୀ ପ୍ରକାଶ କରିଛନ୍ତି। ଦହିପାଳ ଗାଁର ସରୋଜ ବାରିକ, କୁନା ଭୋଇ, ସନ୍ତୋଷ ସ୍ୱାଇଁ, ସଞ୍ଜୀବ ବାରିକ, ଦୀପକ ଶାସମଲ, ଅମୀୟ ଶାସମଲ, ପ୍ରଦୀପ୍ତ କାନ୍ତି ପ୍ରମୁଖ ଚାଷୀ ଉକ୍ତ ବିହନ ଆଣି ୩ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ କରିଥିବା ମତବ୍ୟକ୍ତ କରିଛନ୍ତି। ଯେହେତୁ ବିହନ କ୍ରୟ କରିବା ବେଳେ ରସିଦ୍ ଆଣିନାହାନ୍ତି କାହାକୁ ଏକଥା କହି ପାରୁ ନାହାନ୍ତି। ଭାଗ୍ୟକୁ ଆଦରି ଚୁପ ହୋଇ ବସି ରହିଛନ୍ତି। ବିହନ ଯୋଗାଇ ଥିବା ଉକ୍ତ କମ୍ପାନୀ ବିରୋଧରେ ପ୍ରଶସାନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସହ କୃଷି ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ପଚାରିବାରେ ଚାଷୀମାନେ ସୋସାଇଟିରୁ ଧାନ ବିହନ ନ ନେଇ ବାହାରୁ କିଣିଛନ୍ତି। ଯଦି ଧାନର ଥୋଡ ବାହାରିଥାଏ ତେବେ କ'ଣ କରିହେବ ତାହା ଦେଖିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ବେଆଇନ ବିଦ୍ୟୁତ୍ ସଂଯୋଗ: ୫୦ ଜଣଙ୍କ ଉପରେ ୮ ଲକ୍ଷ ଜରିମାନା

ଜଗତ୍‌ସିଂହପୁର ଅଫିସ, ୮।୯

ଟିପିସିଓଡିଏଲ୍ ପକ୍ଷରୁ ଜଗତ୍‌ସିଂହପୁର ବିଦ୍ୟୁତ ଡିଭିଜନ ଅଧୀନରେ ଥିବା ସମସ୍ତ ସେକ୍ସନରେ ମେଗା ଅପରେଶନ କ୍ଲିନ୍ ଚାଲିଛି। ଏହି ପରିପ୍ରେକ୍ଷୀରେ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ପାଢୀଙ୍କ ତତ୍ତ୍ୱାବଧାନରେ ଜଗତ୍‌ସିଂହପୁର ସବ୍‌ଡିଭିଜନାଲ ଏସ୍‌ଡିଓ ବାବୁଲି ବେହେରାଙ୍କ ନେତୃତ୍ୱରେ ଜଗତ୍‌ସିଂହପୁର ନଂ. ୧ ସେକ୍ସନ ଅଧୀନ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଏ ସମୟରେ ୫୦ରୁ ଊର୍ଦ୍ଧ୍ୱ ବେଆଇନ ବିଦ୍ୟୁତ୍ ସଂଯୋଗ ଚିହ୍ନଟ କରାଯାଇଛି। ଏଥିସହ ବିଦ୍ୟୁତ୍ ଚୋରି କରିଥିବା ଲୋକଙ୍କ ଉପରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏହି ଜରିମାନା ମଧ୍ୟରୁ ଏସ୍‌ଡିଓ ବେହେରା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୧ ଲକ୍ଷ ଟଙ୍କା ଆଦାୟ ହୋଇଛି। ଚଢାଉରେ ଜଗତ୍‌ସିଂହପୁର ନଂ. ୧ ସେକ୍ସନ୍ କନିଷ୍ଠ ଯନ୍ତ୍ରୀ ନିମାଇଁ ଚନ୍ଦ୍ର ମିଶ୍ର, ଚନ୍ଦ୍ରକାନ୍ତ ସାହୁ, ବିବେକାନନ୍ଦ ଦାସ, ଧୀରେନ୍ଦ୍ର କୁମାର ସାହୁ ପ୍ରମୁଖ ସାମିଲ ହୋଇଥିବା ସୂଚନା ଦିଆଯାଇଛି।

# ପ୍ରୋତ୍ସାହନ ପାଇଁ ଜମି ଚିହ୍ନଟରେ ବିଳମ୍ବ




ଜଗତ୍‌ସିଂହପୁର ଜିଲାସ୍ତରୀୟ ଉନ୍ନତ କିସମ କଲିମୀ କାଜୁ ଚାଷ ଉପରେ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଜଗତ୍‌ସିଂହପୁର ଅଫିସ, ୮।୯

■ ଉନ୍ନତ କିସମ କଲିମୀ କାଜୁ ଚାଷ ଉପରେ ଆଲୋଚନାଚକ୍ର

■ ନିଗମ ପକ୍ଷରୁ ୨୦ ମାସ ହେବ ଜିଲାପାଳଙ୍କୁ ଚିଠି

■ ସହସ୍ରାଧିକ ଲୋକଙ୍କ ଜୀବିକା ଓ ନିଯୁକ୍ତି ସୁଯୋଗକୁ ଅଣଦେଖା

■ ସାଧାରଣ ଅପେକ୍ଷା କଲିମୀରେ ୫ ଗୁଣା ଅମଳ

ରାଜ୍ୟ କାଜୁ ଉନ୍ନୟନ ନିଗମ ପକ୍ଷରୁ ୨୦ଟି ଜିଲାରେ କାଜୁ ନର୍ସରି (ଚାରା ଉତ୍ପାଦନ) ସହ କ୍ଷେତ୍ର (ଫିଲ୍ଡ) ଅଛି। କିନ୍ତୁ ୧୦ଟିରେ ଏହା ନ ଥିଲା। ଯେଉଁଥିରେ ଜଗତ୍‌ସିଂହପୁର ଜିଲା ଅନ୍ୟତମ। ଅନ୍ୟ ଜିଲାରେ ଏହି ନର୍ସରି ଓ କ୍ଷେତ୍ର ପାଇଁ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅନୁଯାୟୀ ଅନ୍ୟ ଜିଲାରେ ଏହା କରାଗଲାଣି। କିନ୍ତୁ ପରିତାପର ବିଷୟ ଜଗତ୍‌ସିଂହପୁର ଜିଲାରେ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ନିଗମ ପକ୍ଷରୁ ଜିଲାପାଳଙ୍କୁ ଏ ସମ୍ପର୍କରେ ପାଖାପାଖି ୨୦ ମାସ ହେବ ଚିଠି କରାଯାଇଥିଲା। କିନ୍ତୁ କୌଣସି କାରଣରୁ ଜମି ଚିହ୍ନଟରେ ବିଳମ୍ବ ଯୋଗୁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଇ ପାରୁନାହିଁ। ଫଳରେ ଲୋକଙ୍କୁ ରୋଜଗାର ଓ ନିଯୁକ୍ତି ଦିଆଯିବାରେ ବିଳମ୍ବ ହେଉଛି। ବୁଧବାର ସ୍ଥାନୀୟ ଶାରଦା ମଣ୍ଡପରେ ଅନୁଷ୍ଠିତ ଉନ୍ନତ କିଷମ କଲମୀ କାଜୁ ଚାଷ ସମ୍ବନ୍ଧୀୟ ଜିଲାସ୍ତରୀୟ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଗମର ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଏହା କହିଛନ୍ତି। ସେ କହିଥିଲେ, କାଜୁ ଚାଷ ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହେଉଛି। ଯାହାର ଜ୍ୱଳନ୍ତ ପ୍ରମାଣ ଆଲୋଚନାଚକ୍ରରେ ସହସ୍ରାଧିକ ଲୋକଙ୍କ ଉପସ୍ଥିତି ପ୍ରମାଣିତ କରିଛି। ଲୋକେ ଏହି ଚାଷ କରିବାକୁ ଇଚ୍ଛା ପ୍ରକାଶ କରୁଥିବାରୁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏକଥା ମଧ୍ୟ କୁହାଯାଇଥିଲା, ୧୮ଟି ସେଓରେ ଯେତିକି ଭିଟାମିନ ସି ରହିଛି ଗୋଟିଏ କାଜୁରେ ସେତିକି ମିଳୁଛି। ଉନ୍ନତ କିସମ କଲିମୀ କାଜୁ କମ୍ ସମୟରେ (୧ ବର୍ଷ) ଅଧିକ ଅମଳ ଦେଉଛି। ସାଧାରଣ ମଞ୍ଜି ଗଛରୁ ୧ ବର୍ଷରେ ଯେତିକି ଫଳ ମିଳିବ ଏହି କଲିମୀ କାଜୁ ଗଛରୁ ତାହାଠାରୁ ୫ ଗୁଣା ଅମଳ ଦେବ। ଏହି ଅବସରରେ ଲୋକଙ୍କୁ କାଜୁ ଜୁସ୍‌ର ଚାହିଦା ଓ ବ୍ୟବସାୟରେ ମିଳୁଥିବା ଲାଭ ଉପରେ ବିସ୍ତୃତ ଭାବେ ବୁଝାଯାଇଥିଲା। କାର୍ଯ୍ୟକ୍ରମରେ ନିଗମ ସାଧାରଣ ପରିଚାଳକ (ଅର୍ଥ) ପ୍ରତାପ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଚାଷୀ ପ୍ରସନ୍ନ ସ୍ୱାଇଁ ଏବଂ ବରଦା ପ୍ରସାଦ ରାୟଙ୍କୁ ନିଗମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନିଗମ ପକ୍ଷରୁ ଉପସ୍ଥିତ ଚାଷୀଙ୍କୁ ମାଗଣାରେ ୬୦୦ ଚାରା ଓ ୨୫୦୦ ଜୁସ୍ (ଭିଟାମିଟ୍ ସି) ବଣ୍ଟା ଯାଇଥିଲା। ଶେଷରେ ନିଗମ ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ଭାସ୍କର ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଗମର ଏମ୍‌ଡି ସଦାନନ୍ଦ ନାୟକ (ଆଇଏଏସ୍), ଗିରିଜା ଶଙ୍କର ପାଣି, ଭଗତ ମହାନ୍ତି, ନିରଞ୍ଜନ ବେହେରା, ପ୍ରଦୀପ କୁମାର ବଳ, ନିବେଦିତା ଜେନା, ପ୍ରଶାନ୍ତ ସାହୁ, ରବି ନାରାୟଣ ସେଠ, ସଚ୍ଚିଦାନନ୍ଦ ସ୍ୱାଇଁ, ସତ୍ୟାନନ୍ଦ ସ୍ୱାଇଁ, ଗଗନ ପ୍ରଧାନ, ଛବିଲତା ବାରିକ, ଅକ୍ଷୟ ପରିଡା, ଦିବାକର ବେହେରା, ପ୍ରସନ୍ନ ସ୍ୱାଇଁ ଓ ବିଜୟ ଖଟେଇ ପ୍ରମୁଖ ଯୋଗଦେଇଥିଲେ।

# ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଘଟଣା ରହସ୍ୟ ହୋଇଗଲା

ପାରାଦୀପ,୮।୯(ସ୍ୱ.ପ୍ର.)



ପାରାଦୀପ ବନ୍ଦରର ବହୁଚର୍ଚ୍ଚିତ ବ୍ଲାକ୍‌ରୋଜ ଜାହାଜ ବୁଡି ଘଟଣା ଗୁରୁବାର ୧୨ ବର୍ଷ ପୂରିଯିବ। ସମୟ ଚକ୍ରରେ ଅଧାବୁଡା ଜାହାଜ ଉପର ଅଂଶ ସମୁଦ୍ରରେ ଅଦୃଶ୍ୟ ହୋଇଗଲାଣି। ସେହିପରି ବ୍ଲାକ୍‌ରୋଜ ଜାହାଜର ବୁଡିବା କାରଣ ମଧ୍ୟ ରହସ୍ୟ ହୋଇଗଲାଣି। ପାରାଦୀପ ବନ୍ଦର ଇତିହାସରେ କଳଙ୍କିତ ଅଧ୍ୟାୟ ଥିବା ଏହି ଘଟଣା ଏବେ ରାଜନୈତିକ ଚର୍ଚ୍ଚାର ବିଷୟ ବେଳେବେଳେ ହେଉଛି। କିନ୍ତୁ ଜାହାଜ ବୁଡିର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ କିମ୍ବା ଜାହାଜର ମାଲିକ ମଙ୍ଗୋଲିଆ ଦେଶର ସି କକ୍‌ଙ୍କ ପାଖରେ ତଦନ୍ତକାରୀ ସଂସ୍ଥା ପହଞ୍ଚି ପାରିନାହିଁ।

ସୂଚନାଯୋଗ୍ୟ, ୯।୯।୨୦୦୯ରେ ଏମ୍ ଭି ବ୍ଲାକ୍‌ରୋଜ ଜାହାଜ ପାରାଦୀପ ବନ୍ଦରରେ ଲୁହାପଥର ବୋଝେଇ କରାଯାଇଥିଲା। ଓଦା ପଣ୍ୟ ଥିବାରୁ ଜାହାଜର କ୍ୟାପଟେନ ବାରଣ କରିଥିଲେ। ସେହି ଅଧା ବୋଝେଇ ଜାହାଜ ବର୍ଥରୁ ଯାଇ ଆଙ୍କରେଜ ଏରିଆରେ ଅପେକ୍ଷା କରିବାକୁ କୁହାଯାଇଥିଲା। ସନ୍ଧ୍ୟାରେ ବ୍ଲାକ୍‌ରୋଜ ଜାହାଜ ସମୁଦ୍ରର ଆଙ୍କରେଜ ଏରିଆରେ ଥିବା ବେଳେ ଭାରସାମ୍ୟ ହରାଇ ବୁଡିଯାଇଥିଲା। ସେଥିରେ ଥିବା ୨୭ ଜଣ ନାବିକଙ୍କ ମଧ୍ୟରୁ ପାରାଦୀପ ବନ୍ଦର ମେରାଇନ ବିଭାଗ ୨୬ ଜଣଙ୍କୁ ଉଦ୍ଧାର କରିଥିଲେ। ଜାହାଜର ମୁଖ୍ୟଯନ୍ତ୍ରୀ ଆଲେକଜାଣ୍ଡାର ୟୁଲିଶ୍ଚେଙ୍କର ମୃତ୍ୟୁ ଘଟିଥିଲା। ବ୍ଲାକ୍‌ରୋଜ ଜାହାଜର ଲାଇସେନ୍ସ ନ ଥିଲା।୨୫ ବର୍ଷ ପୂରଣ କରିବା ପରେ ମଧ୍ୟ ତାହା ବିନା କାଗଜପତ୍ରରେ ଚାଲିଥିଲା ବୋଲି ପରେ ଜଣା ପଡିଥିଲା। ଉକ୍ତ ଘଟଣାକୁ ନେଇ ପ୍ରଥମେ ପାରାଦୀପ ସାମୁଦ୍ରିକ ଥାନା, ପରେ କ୍ରାଇମବ୍ରାଞ୍ଚ, କୋଲକାତା ଓ ଓଡ଼ିଶା ହାଇକୋର୍ଟରେ ମାମଲା, ଏମିତି ଅନେକ ତଦନ୍ତ ହୋଇଥିଲା। ଏପରି କି ୨୦୧୮ରେ ପାରାଦୀପ ବନ୍ଦରର ତତ୍କାଳୀନ ଅଧ୍ୟକ୍ଷ ରିଙ୍କେଶ ରାୟ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ଏତିକିରେ ପ୍ରସଙ୍ଗ ରହିଛି। ଜାହାଜ ବୁଡି ଘଟଣାରେ ଅଭିଯୋଗକାରୀ ଶଙ୍ଖନାଦ ବେହେରାଙ୍କ ପରଲୋକ ହୋଇସାରିଛି। ପାରାଦୀପ ବନ୍ଦରର ସେତେବେଳର ଅଧିକାରୀଙ୍କ ମଧ୍ୟରୁ କେତେଜଣ ଅବସର ଓ ଟ୍ରାନ୍ସଫର ହୋଇଗଲେଣି। ସମୟ ଚକ୍ରରେ ସବୁକିଛି ଇତିହାସ ପାଲଟି ଗଲାଣି।

# ଜମିବାଡ଼ି ବିବାଦରୁ ଆକ୍ରମଣ ଘଟଣା: ଦୁଇ ଗିରଫ

ବାଲିକୁଦା,୮।୯(ସ୍ୱ.ପ୍ର.)

ବାଲିକୁଦା ଥାନା ପୋଲିସ ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ ଘଟଣାରେ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ୨ ଅଭିଯୁକ୍ତ ହେଉଛନ୍ତି ବଡ଼ଗାଁ ପଞ୍ଚାୟତ ନୁହୁଣ୍ଡି ଗାଁର ମଣ୍ଟୁ ନାୟକ ଓ ତାଙ୍କ ମା' ସୁଜନୀ ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ ନଂ. ୩୨୪/୨୧ରେ ମାମଲା ରୁଜୁ କରିଛି।

ସୂଚନାଯୋଗ୍ୟ, ନୁହୁଣ୍ଡି ଗାଁର ଗୁଣନିଧି ବିଶ୍ୱାଳ ଓ ସ୍ୱର୍ଗତ ଶୁକଦେବ ନାୟକଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ପୂର୍ବରୁ ବହୁବାର ଗଣ୍ଡଗୋଳ ହୋଇଛି। ଶୁକଦେବଙ୍କ ଜମିକୁ ଅବସରପ୍ରାପ୍ତ ସେନା କର୍ମଚାରୀ ଗୁଣନିଧିଙ୍କ ପରିବାର ହିଡ଼ ପାଖ ନାଁରେ କିଛି ମାଡ଼ି ଯାଇଥିଲେ। କେବଳ ସେତିକି ନୁହେଁ ଶୁକଦେବଙ୍କ ଧାନ ରୁଆ ବିଲରେ ଟ୍ରାକ୍ଟର ପୂରାଇ ନିଜ ବିଲକୁ ହଳ କରିବାକୁ ନେଇ ଯାଇଥିଲେ। ଏହାକୁ ପ୍ରତିବାଦ ଶୁକଦେବଙ୍କ ପୁଅ ମଣ୍ଟୁ କରିଥିଲେ। ପରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୁଅ ସହ ଗଣ୍ଡଗୋଳ ହେଉଥିବା ଜାଣି ଶୁକଦେବଙ୍କ ସ୍ତ୍ରୀ ସୁଜନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏମାନଙ୍କ ମଧ୍ୟରେ ଗଣ୍ଡଗୋଳ ବଢିଥିଲା। ପରେ କୌଣସି ଏକ ମାରଣାସ୍ତ୍ରରେ ମଣ୍ଟୁ ଗୁଣନିଧିଙ୍କ ପୁଅ ରାଜେଶଙ୍କ ବେକକୁ ଶକ୍ତ ପ୍ରହାର ଦେଇଥିଲେ। ଫଳରେ ରାକେଶ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ଚିକିତ୍ସା ପାଇଁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଥାନାରେ ଗୁଣନିଧି ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରି ସୁଜନୀ ଓ ମଣ୍ଟୁଙ୍କୁ ଗିରଫ କରିଥିଲା। ବୁଧବାର କୋର୍ଟ ଚାଲାଣ କରିଛି।


ଶିକ୍ଷା ଅଧିକାର

**DISTRICT PROJECT OFFICE (SAMAGRA SHIKSHA), NABARANGPUR**

E-mail: dpcnawrangssa.opepa@nic.in, Ph.: (06858) 222568 (Off.)

No. 2374/Estt/2021 — **NOTICE** — Date: 08.09.2021

The merit list and reject list of the candidates who are applied for selection of Warden, Assistant Cook, Head Cook to be engaged in OAV Hostels (KGBV: Type-IV) under District Project Office, Samagra Shiksha, Nabarangpur are published in the website **www.opepa.in** district website **www.nabarangpur.nic.in** from 09.09.2021 to 16.09.2021.
The details list of candidates may be downloaded from the website **www.opepa.in** district website **www.nabarangpur.nic.in**.

Sd./- DEO-cum-Dist. Project Coordinator
Samagra Shiksha, Nabarangpur

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. :AIIMS/BBSR/Engg./631/ NIT-023/ 2021-22 — Dated : 08th Sept 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Provision of Aluminium Partition, Vinyl Flooring and False Ceiling inside Microbiology store in Academic Building, AIIMS, Bhubaneswar** *(NIT No.: AIIMS/BBSR/Engg./023/ 2021-22)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**

Sd/-
Executive Engineer(Civil) I/C
AIIMS, Bhubaneswar

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017

**NOTICE INVITING TENDER**

Tender Notice No. TPWODL/NP/O/SU/037

TP Western Odisha Distribution Limited invites quotations (in 2 part) from eligible vendors/suppliers for the following packages:

**Rate contract for Supply of 11KV & 33KV Metering Cubicle**

Interested bidders to submit Tender Participation Fee and Authorization letter by e-mail on or before **17th September 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit tender section of TPWODL website: **www.tpwesternodisha.com**.

Sd./- Chief Contracts & Stores

**CUTTACK DEVELOPMENT AUTHORITY**
Arunodaya Bhawan, Link Road, Cuttack-12
Fax No.- 0671-2312299
email- cda.cuttack@ori.nic.in
C.D.A

EoI No.: Date — No.CAD-1121

**E-AUCTION**

**Of Residential and Residential-cum-Commercial Plots at different sectors in Bidanasi Project Area, Cuttack on as-is-where-is-basis**

**Cuttack Development Authority (CDA) invites application for E-auction of residential and residential cum Commercial plots at different sectors in Bidanasi Project Area, Cuttack on as-is-where-is-basis.**

**Brief Description of application process:** Applications are invited online from individuals for allotment of residential and residential cum commercial plots of different sizes available at different sectors in Bidanasi, Cuttack through e-auction.
The election shall be based on the eligibility and highest quoted amount (Rupees/Sq.ft.) over the reserve price specified in the brochure. The bidders are requested to make themselves aware of the site conditions before participating in the e-auction process. The brochure for the same can be downloaded from CDA website http://www.cdacuttack.nic.in from Dt.15.09.2021 and the bidders can participate in the e-auction process by Dt.22.10.2021 by 17.00 hrs. The online auction will start at 11.30 hrs. on Dt.15.11.2021. C.D.A., Cuttack reserves the right to accept or reject any application and to annual the selection process at any time, without incurring any liability and without assigning any reason thereof. For any assistance / clarification in this regard, the prospective applicants may contact Secretary, CDA (0671-2315594) during office hours.

Sd./- Secretary
OIPR-13037/11/0075/2122

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 22-KUR-TRD-OT-2021-22, ତା.31.08.2021ରିଖ

**କାର୍ଯ୍ୟର ନାମ :** 24 ଘଣ୍ଟିଆ ଉପଲବ୍ଧତା ସହିତ ଦୁଇ ବର୍ଷ ନିମନ୍ତେ ଇଚ୍ଛାପୁରମ(IPM) ସ୍ଥିତ OHE ଡିପୋ ପାଇଁ TATA LPT-1613/TATA LPT-1615/ TATA LPT-1618/BHARAT BENZ-914 ନିର୍ମିତ ଏବଂ ମଡେଲ କିମ୍ବା ଅନୁରୂପ 9T ଲୋଡିଙ୍ଗ କ୍ଷମତା ସମ୍ପନ୍ନ ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା।

**ଆନୁମାନିକ ମୂଲ୍ୟ :** ₹ 29,36,127.60

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.23.09.2021ରିଖ 1300 ଘଟିକା ପର୍ଯ୍ୟନ୍ତ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-352/M/21-22

**SUNDARAM HOME**

ପଞ୍ଜୀକୃତ କାର୍ଯ୍ୟାଳୟ: ନଂ. ୨୧, ପାଟୁଲସ୍ ରୋଡ୍, ଚେନ୍ନାଇ- ୬୦୦ ୦୦୨ । କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ - ୬୦୦ ୦୧୪

ଶାଖା କାର୍ଯ୍ୟାଳୟ: ଏ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର - ୭୫୧ ୦୦୭ । ଫୋନ୍: ୦୬୭୪ - ୨୫୪୪୬୭୭

**ଦଖଲ ନୋଟିସ**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୨)**

ଯେହେତୁ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍, ପୂର୍ବରୁ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩(୨) ସହିତ ପଠନପୂର୍ବକ ନିୟମ ୩ ଅଧୀନର ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କୁ ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶି ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ । ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ସମ୍ପୂର୍ଣ୍ଣ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ ପ୍ରାଧିକୃତ ଅଧିକାରୀ କଥିତ ଅଧ୍ୟାଦେଶର ଧାରା ୧୩ (୪) ସହିତ ପଠନପୂର୍ବକ କଥିତ ନିୟମାବଳୀର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ନିଜ ଦଖଲକୁ ନେଇଛନ୍ତି । ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ଅଧିନିୟମର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥାପନ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି । ବିଶେଷକରି ଋଣଗ୍ରହୀତା ଓ ସହ-ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ସମ୍ପୃକ୍ତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ଦ୍ୱାରା ପ୍ରଭାର ଲାଗୁ କରାଯିବ ।

| କ୍ର. ସଂ. | ଫାଇଲ୍ ନଂ. | ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ / ପ୍ରକାଶନ ତାରିଖ | ନୋଟିସ ପରିମାଣ | ଦଖଲ ତାରିଖ | ମୋଟ ବକେୟା |
|---|---|---|---|---|---|---|
| ୧ | ୬୬୨୦ ୦୨୦୨ | ଶ୍ରୀଯୁକ୍ତ ପ୍ରକାଶ କୁମାର ନାୟକ (ଋଣଗ୍ରହୀତା), ୧୪/୦ | ୦୧।୦୬।୨୦୨୧ | ଟ. ୨୨,୨୭,୮୪୬/- | ୦୬।୦୯।୨୦୨୧ | ଟ. ୨୩,୧୭,୬୫୩/- |
| ୨ | ବିବିଆର୨୦ ୧୯୦୦୧୨ | ରବୀନ୍ଦ୍ର ନାଥ ସିଂହ, ମହିଦାସ ବଜାର, ତ୍ରିନାଥ ମନ୍ଦିର ପାଖ, କଟକ-୭୫୩୦୦୧ । ଶ୍ରୀମତୀ ସସ୍ମିତା ସାହୁ (ସହ-ଋଣଗ୍ରହୀତା) | ୦୧।୦୬।୨୦୨୧ | ଟ. ୩୫,୭୨,୭୪୯/- | ୦୬।୦୯।୨୦୨୧ | ଟ. ୩୭,୪୬,୩୪୪/- |

**ସମ୍ପତ୍ତିର ଅନୁସୂଚୀ: ରେଜିଷ୍ଟ୍ରୀ:** ନିମ୍ନ ଅଧୀନରେ ସ୍ଥାବର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ ୧) ଖାତା ନଂ.୪୫୯/୪୧୧, ପ୍ଲଟ୍ ନଂ. ୨୫୭/୧୫୩୫, ଏ୦.୦୧୩ ଡେସିମିଲ ପର୍ଯ୍ୟନ୍ତ ପରିବ୍ୟାପ୍ତ କ୍ଷେତ୍ର ସାବକ ଖାତା ନଂ.୪୫୯/୨୯୪ ଅନୁରୂପ, ସାବକ ପ୍ଲଟ୍ ନଂ.୨୫୭ ଏବଂ ୨) ଖାତା ନଂ.୪୫୯/୨୯୩, ପ୍ଲଟ୍ ନଂ.୨୫୬ ମୋଟ ଏ୦.୦୪୭ ଡେସିମିଲ ମଧ୍ୟରୁ ଏ୦.୦୩୪ ଡେସିମିଲ କ୍ଷେତ୍ର ପରିମାପର, ଯାହା ଯଥାକ୍ରମେ ସାବକ ଖାତା ନଂ. ୫୯ ଓ ୬୦ ଅନୁଯାୟୀ ଅଟେ । କିସମ: ଘରବାରି (ହୋମ୍‌ଷ୍ଟିଡ୍) ଉପ ପ୍ଲଟ୍ ନଂ. ଏଚ୍, ଅବସ୍ଥିତି ସ୍ଥାନ: ମୌଜା/ରାଜସ୍ୱ ଗ୍ରାମ କୋରଡକଣ୍ଟା, ତହସିଲ: ଭୁବନେଶ୍ୱର, ଥାନା: ଶହୀଦନଗର ନଂ. ୭୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା ରାଜ୍ୟ। ଚଉହଦୀ: ଉତ୍ତର: ସଡ଼କ । ଦକ୍ଷିଣ: ପ୍ଲଟ୍ ନଂ.୨୫୬ର ଅଂଶ । ପୂର୍ବ: ଉପ ପ୍ଲଟ୍ ନଂ. ଜି । ପଶ୍ଚିମ: ପ୍ଲଟ୍ ନଂ. ୨୫୬ର ଅଂଶ ।

ତାରିଖ: ୦୬।୦୯।୨୦୨୧ — ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ
ପ୍ରାଧିକୃତ ଅଧିକାରୀ

**ନୀଳାଚଳ ରିଫ୍ରାକ୍ଟରୀଜ ଲିମିଟେଡ୍**
CIN : L26939OR1977PLC000735
30 - ଜବାହରଲାଲ ନେହେରୁ ରୋଡ୍, କୋଲକତା - ୭୦୦୦୧୬
ଫୋନ୍ - ୦୩୩-୨୨୪୯୯୫୧୧

**ଅଂଶୀଦାର ମାନଙ୍କ ନିମନ୍ତେ ବିଜ୍ଞପ୍ତି**
**୪୪ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଏବଂ ଇଭୋଟିଂ ପାଇଁ ସୂଚନା**

ଏତଦ୍ୱାରା ଏହି ବିଜ୍ଞପ୍ତି ମାଧ୍ୟମରେ ସମସ୍ତ ଅଂଶୀଦାର ମାନଙ୍କୁ କମ୍ପାନୀର ୪୪ତମ ବାର୍ଷିକ ସାଧାରଣ ବୈଠକ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ୨୯.୦୯.୨୦୨୧ ବୁଧବାର ଅପରାହ୍ନ ୧୨ଟା ୩୦ ସମୟରେ ହେବ । ବୈଠକ ବିଷୟରେ କମ୍ପାନୀର website at www.nilachal.in ଏବଂ ଷ୍ଟକ୍ ଏକ୍ସଚେଞ୍ଜର BSE Ltd. ଏବଂ CSE Ltd. ର www.bseindia.com ଏବଂ www.cseindia.com ଓ NSDL ଇ ଭୋଟିଂ ଦ୍ୱାରା ପରିଚାଳିତ ସଂସ୍ଥାର website www.evoting.nsdl.com ପରିଚାଳିତ ହେବ। ଇ ଭୋଟିଂ ମାଧ୍ୟମରେ ପରିଚାଳିତ ବିଷୟ ସମସ୍ତ ସଭ୍ୟ ମାନଙ୍କର ପଞ୍ଜିକୃତ ଇମେଲ ଦ୍ୱାରା ଜଣାଇଦିଆଯିବ। ଯେଉଁମାନଙ୍କର ଇମେଲ ପଞ୍ଜିକୃତ ନାହିଁ ସେହି ଅଂଶୀଦାର ମାନଙ୍କୁ ଅନୁରୋଧ ତୁରନ୍ତ ସେମାନଙ୍କର ଇମେଲ ଠିକଣା କମ୍ପାନୀ ରେଜିଷ୍ଟ୍ରାର ଓ ଏଜେଣ୍ଟ M/s S. K infosolution Pvt. Ltd. କୁ skcdilip@gmail.com ରେ ନିଜର ନାମ, ଠିକଣା, ଇମେଲ ଠିକଣା, ମୋବାଇଲ ନଂ. ସେୟାର ସାର୍ଟିଫିକେଟ, ନିଜ ଦ୍ୱାରା ଦସ୍ତଖତ ପାନ୍ ଏବଂ ଆଧାର ଓ ଅଂଶଧନ ପରିମାଣ ତୁରନ୍ତ ଜଣାନ୍ତୁ।

ନୀଳାଚଳ ରିଫ୍ରାକ୍ଟରୀଜ ଲିମିଟେଡ୍ ତରଫରୁ
**ଆଲୋକ ଶର୍ମା**
(କମ୍ପାନୀ ସେକ୍ରେଟାରୀ)
ତା. ୭.୦୯.୨୦୨୧ରିଖ

## ସଂକ୍ଷେପରେ

### ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରୁ ମୃତଦେହ ଜବତ

ପାରାଦୀପ,୮।୯(ସ୍ୱ.ପ୍ର.): ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରୁ ବୁଧବାର ସ୍ଥାନୀୟ ମେରାଇନ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିନାହିଁ। ପୋଲିସ ମୃତଦେହକୁ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିବା ସହ ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ବୟସ ୪୦ ପାଖାପାଖି ହେବ। ଶରୀରରେ ଏକାଧିକ କ୍ଷତ ଚିହ୍ନ ଅଛି।

### ୧୨ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ତିର୍ତ୍ତୋଲ,୮।୯(ଡି.ଏନ.ଏ.): ତିର୍ତ୍ତୋଲ ଥାନା ପୋଲିସ ବ୍ରାଉନ ସୁଗାର କାରବାର ଚାଲିଥିବା ମଙ୍ଗଳବାର ରାତିରେ ଖବର ପାଇ ସଅଁରା ଗାଁରେ ଚଢାଉ କରିଥିଲା। ବ୍ୟବସାୟ ଚଳାଇଥିବା ସଞ୍ଜୟ ବଳଙ୍କଠାରୁ ୧୨ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ପରେ ଗିରଫ କରିଥିଲା। ଏ ନେଇ ପୋଲିସ ନଂ. ୩୮୩/୨୧ରେ ମାମଲା ରୁଜୁ ହୋଇଛି। ବୁଧବାର ସଞ୍ଜୟଙ୍କ କୋଭିଡ୍ ଟେଷ୍ଟ କରିବା ପରେ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଫସଲହାନି କ୍ଷତିପୂରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ,୮।୯(ସ୍ୱ.ପ୍ର.): ୨୦୧୮ରେ ଅଦିନିଆ ବର୍ଷା ଯୋଗୁ ପୋଇପାଟ, ସାନପନ୍ତୁରୀ, ଗୋଗୁଆ ଆଦି ଅଞ୍ଚଳର ଶତାଧିକ ଏକର ଜମିର ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଫସଲ କ୍ଷୟକ୍ଷତି ଅର୍ଥ ଚାଷୀମାନଙ୍କୁ ପ୍ରଦାନ କରିବାକୁ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଚାଷୀମାନେ ଗୋଗୁଆ ଆରଆଇଙ୍କ ନିକଟରେ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କ୍ଷତିପୂରଣ ଅର୍ଥ ଚାଷୀମାନଙ୍କୁ ମିଳି ନ ଥିଲା। ନିରୁପାୟ ହୋଇ ଚାଷୀମାନେ ଆରଆଇଙ୍କୁ ପଚାରିବାରେ ଏହି ଅର୍ଥ ଧୀରେ ଧୀରେ ମିଳିବ ବୋଲି ସେ ଚାଷୀମାନଙ୍କୁ କହିଥିଲେ। କିନ୍ତୁ ଶତାଧିକ ଚାଷୀ ଏହି କ୍ଷୟକ୍ଷତି ଅର୍ଥ ଅନୁଦାନ ପାଇବାରେ ଏବେ ମଧ ବଞ୍ଚିତ ହୋଇ ରହିଛନ୍ତି। ବର୍ତ୍ତମାନ ଏହି ଅର୍ଥ ନ ମିଳିବା ଘଟଣାକୁ ନେଇ ଆରଆଇଙ୍କୁ ପଚାରିବାରେ ସର୍ଭେ ଦାୟିତ୍ୱରେ ଥିବା କର୍ମଚାରୀ ଏହାର ଉତ୍ତର ଦେଇପାରିବେ ବୋଲି କହି ସେ ଲୋକମାନଙ୍କ କଥାକୁ ଏଡାଇ ଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ସର୍ଭେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଚାଷୀମାନେ ଭେଟି ଏ ସମ୍ପର୍କରେ ପଚାରିବାରେ କ୍ଷତିପୂରଣ ପାଇ ନ ଥିବା ବିଷୟରେ କାହିଁକି ଆରଆଇଙ୍କୁ ପଚାରିଲ ବୋଲି ଉକ୍ତ କର୍ମଚାରୀ ଜଣକ ଚାଷୀମାନଙ୍କୁ ଓଲଟି କହିଛନ୍ତି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଜଣାଇଥିଲେ ମଧ କୌଣସି ଫଳ ନ ମିଳିବାରୁ କେନ୍ଦ୍ରାପଡା ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବାମଦେବ ପଣ୍ଡା, ସସ୍ମିତା ମଲିକ, ଖଗେଶ୍ୱର ପ୍ରଧାନ, ସଞ୍ଜୟ କୁମାର ପାତ୍ର, ଶାନ୍ତିଲତା ନାୟକ, ଦାଶରଥୀ ନାୟକ, ରବୀନ୍ଦ୍ର ମଲିକ, ମୀନକେତନ କାପ, ଶୁକଦେବ ମଲିକ, ଅକ୍ଷୟ ସେଠୀ, ଅଧର କାପ ପ୍ରମୁଖ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି।

# ଅବାଟରେ ଚାଲିଛି ବସୁନ୍ଧରା ଯୋଜନା

- ଅନୁପ୍ରବେଶକାରୀଙ୍କୁ ମିଳିଛି ସରକାରୀ ଜମି
- ଯୋଜନାରେ ସାମିଲ ହୋଇନାହାନ୍ତି ଭୂମିହୀନ
- ଦଲାଲଙ୍କ ମାର୍ଫତରେ ମିଳୁଛି ପଟ୍ଟା

କେନ୍ଦ୍ରାପଡ଼ା ଅଫିସ,୮।୯

୨୦୧୧ ଜନଗଣନା ଅନୁଯାୟୀ କେନ୍ଦ୍ରପଡ଼ା ଜିଲାରେ ମୋଟ ୨୫୧୨ ଭୂମିହୀନଙ୍କୁ ଚିହ୍ନଟ କରାଯାଇଥିଲା। ହେଲେ ଗତ ଜୁଲାଇ ସୁଦ୍ଧା ବସୁନ୍ଧରା ଯୋଜନାରେ ମୋଟ ୫୫୩୪ ଜଣ ୪୫୩.୦୦୮ ଏକର ଜମି ପାଇଛନ୍ତି। ତଥାପି ଜିଲାରେ ୧୩୦୦ରୁ ଊର୍ଦ୍ଧ୍ୱ ଭୂମିହୀନ ଏହି ଯୋଜନାରେ ସାମିଲ ପାଇଁ ଆବେଦନ ପତ୍ର ଦାଖଲ କରିଥିଲେ ମଧ୍ୟ ତାହା ପଡିରହିଛି। ବହୁ ସଂଖ୍ୟକ ଅନୁପ୍ରବେଶକାରୀ ଏହି ଯୋଜନାରେ ହିତାଧିକାରୀ ସାଜିଥିବା ବେଳେ କେତେଜଣ ମଧ୍ୟସ୍ଥି ଏଥିରେ ସହାୟକ ହୋଇଥିବା ଅଭିଯୋଗ ଆସୁଛି। ଅନୁପ୍ରବେଶ ସମସ୍ୟା ଜିଲାରେ ଅହେତୁକ ଭାବେ ବୃଦ୍ଧି ପାଇଥିବା ବେଳେ ବସୁନ୍ଧରା ଯୋଜନା ଅବାଟରେ ଚାଲିଥିବା ଅଭିଯୋଗ ହୋଇଛି।

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ତଥ୍ୟ ଅନୁଯାୟୀ ବସୁନ୍ଧରା ଯୋଜନାରେ ଆଳି ତହସିଲ ଅଞ୍ଚଳର ୪୭୮ ଜଣ ଭୂମିହୀନଙ୍କୁ ୧୭.୦୪୬ ଏକର ଜମି ପ୍ରଦାନ କରାଯାଇଛି। ସେହିପରି ଡେରାବିଶ ତହସିଲ ଅଞ୍ଚଳରେ ୧୫୧ ଜଣଙ୍କୁ ୫.୬୮୦ ଏକର, ଗରଦପୁରରେ ୧୯୬ ଜଣଙ୍କୁ ୭.୬୮୦ ଏକର, ରାଜକନିକାରେ ୫୯୨ ଜଣଙ୍କୁ ୧୯୯.୨୫୦ ଏକର, କେନ୍ଦ୍ରାପଡ଼ାରେ ୪୪୩ ଜଣଙ୍କୁ ୨୮.୫୦୧ ଏକର, ମାର୍ଶାଘାଇରେ ୭୬୮ ଜଣଙ୍କୁ ୨୬.୯୩୨ ଏକର, ମହାକାଳପଡ଼ାରେ ୧୪୫୨ ଜଣଙ୍କୁ ୧୧୦.୭୭୧ ଏକର, ପଟ୍ଟାମୁଣ୍ଡାଇରେ ୩୧.୭୮୮ ଏକର ଓ ରାଜନଗର ତହସିଲ ଅଞ୍ଚଳରେ ୬୩୦ ଜଣଙ୍କୁ ୨୫.୨୦୦ ଏକର ଜମି ପଟ୍ଟା ପ୍ରଦାନ କରାଯାଇଛି।

ଏସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କୁହନ୍ତି, ଜିଲାର ଉପାନ୍ତ ଅଞ୍ଚଳ ବାଂଲାଦେଶୀଙ୍କ ଘର ପାଲଟିଛି। ସମୁଦ୍ର ଓ କଳିକତା ପଥ ଦେଇ ବାଂଲାଦେଶୀ ଏହି ଜିଲାକୁ ଅନୁପ୍ରବେଶ କରି ଦୀର୍ଘବର୍ଷ ଧରି ବସବାସ କରୁଛନ୍ତି। ଗତ ୨ବର୍ଷ ମଧ୍ୟରେ ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ରୋହିଙ୍ଗ୍ୟା ଲୋକଙ୍କୁ ଜିଲାରେ ଦେଖିବାକୁ ମିଳୁଛି। ଜିଲାର ବିଭିନ୍ନ ସ୍ଥାନରେ ସେମାନେ ରହିବା ପରେ ଭୋଟର, ଆଧାର କାର୍ଡ ଓ ରାଶନ କାର୍ଡ ହାତେଇ ସରକାରୀ ଯୋଜନାରେ ସାମିଲ ହେଉଛନ୍ତି। ପରବର୍ତ୍ତୀ ସମୟରେ ବସୁନ୍ଧରା ଯୋଜନାରେ ସାମିଲ ହେଉଛନ୍ତି। ଏଥିପାଇଁ ତହସିଲ କର୍ମଚାରୀଙ୍କ ସମେତ କେତେଜଣ ମଧ୍ୟସ୍ଥି ସେମାନଙ୍କୁ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଜିଲାର ମୂଳ ଅଧିବାସୀ ଭୂମିହୀନ ହୋଇଥିଲେ ମଧ୍ୟ ବସୁନ୍ଧରା ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ଯୋଜନାରେ ସାମିଲ ହିତାଧିକାରୀମାନଙ୍କୁ ଆଉଥରେ ତଦନ୍ତ କରାଗଲେ ଜିଲା ପ୍ରଶାସନ ଏସମ୍ପର୍କରେ ବହୁ ତଥ୍ୟ ପାଇପାରିବ ବୋଲି ମତ ପ୍ରକାଶ ପାଇଛି। ମହାକାଳପଡ଼ା ଜମ୍ବୁ ଅଞ୍ଚଳର ଜଣେ ବ୍ୟକ୍ତି କହିଛନ୍ତି, ସେ ଜମି ପାଇବା ପାଇଁ ସ୍ଥାନୀୟ ଆରଆଇ କାର୍ଯ୍ୟାଳୟ ଓ ତହସିଲ ଅଫିସକୁ ଯାଇଥିଲେ। ଦାୟିତ୍ୱରେ ଥିବା ଆରଆଇ ତାଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରାଇ ଜମି ପଟ୍ଟା ଯୋଗାଇ ଦେବାକୁ କହି ୧ ଲକ୍ଷ ଟଙ୍କା ନେଇଛନ୍ତ। ପ୍ରଥମେ ୭୦ ହଜାର ଟଙ୍କା ନେଇ ଫର୍ମ-କେ ରସିଦରେ ୧୨୦୦ ଟଙ୍କାର ପାଉତି ଦେଇଥିଲେ। ପରେ ୩୦ ହଜାର ଟଙ୍କା ନେଇ ୮ ଡିସିମିଲ ଜମି ପଟ୍ଟା ବସୁନ୍ଧରା ଯୋଜନାରେ ଦେଇଥିଲେ। ହେଲେ ତନାଘନା ପରେ ସେ ପ୍ରଦାନ କରିଥିବା ପଟ୍ଟା ଓ ପାଉତି ନକଲି ବୋଲି ଜଣାପଡିଛି। ଏନେଇ ସମ୍ପୃକ୍ତ ଆରଆଇଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ବ୍ଲକ ଓ ଜିଲା ପ୍ରଶାସନକୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଏହାସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳି ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ସୁନିଲ କୁମାର ଗନ୍ତାୟତ କହିଛନ୍ତି, ରାଜ୍ୟ ସରକାର ୨୦୦୬ରେ ଭୂମିହୀନଙ୍କ ପାଇଁ ବସୁନ୍ଧରା ଯୋଜନା ଆରମ୍ଭ କରିଛନ୍ତି। ୨୦୧୧ରେ ଜିଲାରେ ୨୫୧୨ ଭୂମିହୀନ ଚିହ୍ନଟ ହୋଇଥିଲେ। ଏବେ ବହୁ ସଂଖ୍ୟାରେ ଅନୁପ୍ରବେଶକାରୀ ବସୁନ୍ଧରା ଯୋଜନାର ହିତାଧିକାରୀ ସାଜିଛନ୍ତି। ସେହିପରି ୨୦୧୭ରେ ତୃତୀୟଲିଙ୍ଗଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଅଦ୍ୟାବଧି ସେହି ବର୍ଗର ଜଣେ ବି ଜମି ପାଇନାହାନ୍ତି।

ଏ ସଂକ୍ରାନ୍ତରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ବସୁନ୍ଧରା ଯୋଜନାରେ ସାମିଲ ପାଇଁ ବହୁ ଆବେଦନପତ୍ର ଆସିଛି। ଏହାର ତଦନ୍ତ କରାଯାଇ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ଦୁର୍ନୀତି ସମ୍ପର୍କରେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବଳରାମ ଯୋଜନା ଋଣ ବଣ୍ଟନ



ଋଣ ବଣ୍ଟନ ମେଳାରେ ମଞ୍ଚାସୀନ ଅତିଥିମାନେ।

ଡେ଼ରାବିଶ,୮।୯(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଚାରଟାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ବଳରାମ ଯୋଜନାରେ ଚାଷୀ ଗୋଷ୍ଠୀଙ୍କୁ କୃଷି ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଋଣ ବଣ୍ଟନ ମେଳାରେ ଏହି ବ୍ଲକ ଅନ୍ତର୍ଗତ ୧୦ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ୪୧୩ କୃଷକ ଗୋଷ୍ଠୀଙ୍କୁ ୫କୋଟି ୭୦ ଲକ୍ଷ ଟଙ୍କା ମଞ୍ଜୁର ଅର୍ଥରାଶି ବଣ୍ଟନ କରାଯାଇଛି। ଏହି ମେଳାରେ ବ୍ଲକ ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ବେହେରା ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବ୍ଲକ ସହକାରୀ କୃଷି ଅଧିକାରଣୀ ଅନୁରାଧା ପଣ୍ଡା ବଳରାମ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗଦେଇ ଏହି ଯୋଜନାକୁ ଡେରାବିଶ ବ୍ଲକ ଅଞ୍ଚଳରେ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ତହସିଲଦାର ସସ୍ମିତ ଶତପଥୀ, ବିଡ଼ିଓ ଗୋପବନ୍ଧୁ ଭୋସାଗର, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖାର ପରିଚାଳକ ସୁଜିତ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ବିଧାନସଭାରେ ଉଠିଲା ନଳିତାପାଟିଆ-ତାଳଚୁଆ ରାସ୍ତା ପ୍ରସଙ୍ଗ

ରାଜନଗର,୮।୯(ଡି.ଏନ.ଏ.)

ରାଜନଗର-ତାଳଚୁଆ ମୁଖ୍ୟ ରାସ୍ତାର ନଳିତାପାଟିଆ ଠାରୁ ତାଳଚୁଆ ରାସ୍ତା ନଷ୍ଟ ହୋଇଯାଇଛି। ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହୋଇଥିଲା। ହେଲେ ନିମ୍ନମାନର କାମ ଓ ପରବର୍ତ୍ତୀ ସମୟରେ ବାତ୍ୟା ୟାସରେ ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ଯାତାୟତ ଅନୁପଯୋଗୀ ହୋଇପଡିଛି। ଫଳରେ ରାଜନଗର ବ୍ଲକର ଖମାରସାହି, କୃଷ୍ଣନଗର, ଡାଙ୍ଗମାଳ, ତାଳଚୁଆ, ବାଘମାରି, ରଙ୍ଗଣୀ, କେରୁଆଁପାଳ ଆଦି ୭ ପଞ୍ଚାୟତର ଲୋକେ ବ୍ଲକ ହେଡକ୍ୱାର୍ଟରଠାରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ରହିଛନ୍ତି। ଡାଙ୍ଗମାଳ-ଡାଲଖାଇ ରାସ୍ତା କାମ ନିମ୍ନମାନର ଯୋଗୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏବେ ସେହି ରାସ୍ତାରେ ନାଲି ଗୋଡ଼ି ପକାଯାଉଛି। ଏହି ଦୁଇ ରାସ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଉପରୋକ୍ତ ୨ ରାସ୍ତାକୁ ସବୁଦିନିଆ ପକ୍କା ସଡ଼କ କରିବା ପାଇଁ ବିଧାନସଭାରେ ଦାବି କରିଛନ୍ତି। ଏହାର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି, ରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନ ୧୨.୪୫ କିମି ଦୈର୍ଘ୍ୟ ବିଶିଷ୍ଟ ରାଜନଗର ଡାଙ୍ଗମାଳଠାରୁ ବାଘମାରି ୧୧୬ ପ୍ୟାକେଜ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ ହୋଇ ୨୩ ଡିସେମ୍ବର ୨୦୧୭ରେ ଶେଷ ହୋଇଛି। ଏହି ରାସ୍ତାର ଚୁକ୍ତିନାମା ଅନୁଯାୟୀ ୫ବର୍ଷର ରକ୍ଷଣାବେକ୍ଷଣ କାର୍ଯ୍ୟ ହାତକୁ ନିଆଯାଇଛି। ଗତ ୟାସ ବାତ୍ୟାରେ ଏଥିମଧ୍ୟରୁ ୮ କିମି ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇ ନଷ୍ଟ ହୋଇଯାଇଛି। ଯାହାକି ନିୟମିତ ମରାମତି ଚୁକ୍ତି ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ ସମ୍ଭବପର ନୁହେଁ, ନଳିତାପାଟିଆ-ତାଳଚୁଆ ୧୨.୫ କିମି ରାସ୍ତାକୁ ବାତ୍ୟା ପ୍ରତିରୋଧ କାଟାଗୋରୀରେ ସ୍ଥାୟୀ ସମାଧାନ ନିମନ୍ତେ ଅନ୍ତର୍ଭୁକ୍ତ କରାଯାଇଛି।

ସେହିପରି ଡାଲଖାଇ-ଡାଙ୍ଗମାଳ ରାସ୍ତା ନିମନ୍ତେ ଅର୍ଥ ମଞ୍ଜୁର ସରିଛି। ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଇ ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି ନିର୍ମାଣ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବିଧାନ ସଭାରେ ସୂଚନା ଦେଇଛନ୍ତି। ଏଥିସହ ପଟ୍ଟାମୁଣ୍ଡାଇ ଠାରୁ ରାଜନଗର ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ରାସ୍ତା ବିପଦ ସଙ୍କୁଳ ଅବସ୍ଥାରେ ନାହିଁ। ଏହି ରାସ୍ତା ନିୟମିତ ମରାମତି କରାଯାଉଛି। ଏହାର ମରାମତି ଓ ନିର୍ମାଣ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୬୨,୬୪,୪୧୮ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ରାସ୍ତାର ଉନ୍ନତିକରଣ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଧୀନରେ ୩୭୫ ଲକ୍ଷ ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ବିଧାନସଭାରେ କହିଛନ୍ତି।

# ଅଳଭା-ଗଣ୍ଡାକିଆ ରାସ୍ତାର ବଦଳୁନି ଅବସ୍ଥା

ପଟ୍ଟାମୁଣ୍ଡାଇ, ୮।୯(ସ୍ୱ.ପ୍ର.)

ଅଳଭା-ଗଣ୍ଡାକିଆ ସାଢ଼େ ୧୦ କି.ମି. ରାସ୍ତା ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଜଳ ସମ୍ପଦ ବିଭାଗ ୨୦୧୪ରେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଦେଇଛି। ରାସ୍ତାଟି ପଟ୍ଟାମୁଣ୍ଡାଇ ଉତିକଣ, ରାଜନଗର, ମହାକାଳପଡ଼ା, କେନ୍ଦ୍ରାପଡ଼ା ଜିଲା ସଦର ମହକୁମା ଓ ଭିତରକନିକାକୁ ସଂଯୋଗ କରୁଛି। ଏହା ଉପରେ ଦୈନିକ ଶତାଧିକ ଗାଡ଼ି ମୋଟର, ଭାରିଯାନ ଓ ବସ୍ ଜିଲା ତଥା ବାହାରକୁ ଚଳାଚଳ କରୁଛି। ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ ଏହି ରାସ୍ତାର ନିର୍ମାଣ ଓ ମରାମତି ବାରମ୍ବାର କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ବହୁବାର ଟେଣ୍ଡର କରାଯାଇ ଠିକାଦାର ନିଯୁକ୍ତ ହୋଇଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ନିର୍ମାଣ ଓ ମରାମତି ପରେ ବି ଅବସ୍ଥା ବଦଳୁନାହିଁ। ଫଳରେ ପିଚୁଉଠିଯିବା ସହ ଗର୍ତ୍ତସୃଷ୍ଟି ହୋଇ ଯାତାୟାତରେ ବାଧା ସହ ଦୁର୍ଘଟଣା ଘଟୁଛି।

୨୦୧୪ରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଆରମ୍ଭକରି ୨୦୧୬ରେ ଶେଷ କରିଥିଲା। ମାତ୍ର ୨୦୧୮ରେ ଅଳଭାଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ସାଢ଼େ ୧୦ କି.ମି. ରାସ୍ତାକୁ ପିଚୁ କରିବାକୁ ୩ କୋଟି ୯୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ପୁଣି ଟେଣ୍ଡର କରାଯାଇଥିଲା। କିନ୍ତୁ ତାହା ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରା ନ ଯାଇ ସିମୁଳିଆ ପର୍ଯ୍ୟନ୍ତ ମାତ୍ର ୬ କି.ମି. ରାସ୍ତା କାମ ହୋଇଥିଲା। ଏହି କାର୍ଯ୍ୟ ୨୦୧୯ ଜୁନ୍‌ରେ ସରିଥିଲା। ଅନ୍ୟପକ୍ଷରେ ସିମୁଳିଆଠାରୁ ମାଳିବସା ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ରାସ୍ତାକୁ ପିଚୁ କରିବାକୁ ପୁନର୍ବାର ୨୦୧୯ରେ ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ପିଚୁ କାମ ହୋଇଥିଲା। କିନ୍ତୁ ଏହାପରେ ମଧ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ବାଧା ଉପୁଜୁଛି। ତେବେ ମାଳିବସାଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ଅବଶିଷ୍ଟ ସାଢ଼େ ୩ କି.ମି. ରାସ୍ତା ନିର୍ମାଣ କରା ନ ଯାଇ ବିଭାଗ ପକ୍ଷରୁ ତାଳିପକା କାମ କରାଯାଇଛି। ଏହି ରାସ୍ତାରେ ଆଣ୍ଠୁଏ ଲେଖାଏ ଗର୍ତ୍ତ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଏହାର ପୁନଃ ନିର୍ମାଣ ନାଁରେ ପୂର୍ତ୍ତ ବିଭାଗ ପକ୍ଷରୁ ରଅଠଅ କାମ କରାଯାଇଛି ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ ଅଭିଯୋଗ କରୁଛନ୍ତି। ଏହା ପୂର୍ବରୁ ଏହି ରାସ୍ତାରେ ତାଳିପକା କାମ ବହୁବାର କରାଗଲାଣି। ବାରମ୍ବାର ତାଳିପକା କାମ କରାଯାଉଥିବା ବେଳେ ରାସ୍ତାର ରୂପରେଖ ବଦଳି ନାହିଁ ବରଂ ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ଏହି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଛି କୃତ୍ରିମ ଜଙ୍ଗଲ। ଅନାବନା ଗଛଲତାରେ ରାସ୍ତାର ଉଭୟପାର୍ଶ୍ୱ ପରିପୂର୍ଣ୍ଣ ହୋଇରହିଛି। ଅନାବନା ଗଛ ଜଙ୍ଗଲରେ ରାସ୍ତାର ଉଭୟପାର୍ଶ୍ୱରେ ଢାଙ୍କି ହୋଇ ରହିଥିବାରୁ ଗାଡ଼ିମୋଟର ଯାତାୟାତ ସମୟରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏ ସବୁ ଅନାବନା ଜଙ୍ଗଲକୁ ସଫା କରିବାକୁ ବିଭାଗୀୟ ତହବିଲରୁ ଅର୍ଥ ବ୍ୟୟ କରାଯାଉଥିବାବେଳେ ପ୍ରକୃତ ପକ୍ଷେ ଜଙ୍ଗଲ ସଫା କରା ନ ଯାଇ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ୪ଟି ବ୍ଲକର ଲୋକଙ୍କ ଯାତାୟାତ ଲାଗି ରାସ୍ତା ଠିକ୍ ଭାବେ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ତରାଇ, ସାମାଜିକ କର୍ମୀ ଗନ୍ଧର୍ବ ସାହୁ, ସୁକୁଟା ବେହେରା, ପଦ୍ମଲୋଚନ ସ୍ୱାଇଁ, ନରେନ୍ଦ୍ର ବେହେରା, ବିଜୟ ଦାସ, ସୁରେନ୍ଦ୍ର ପରିଡ଼ା, ସୟ ନାୟକ, ଅନିଲ ଦାସ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଅଳଭାରୁ ସିମୁଳିଆ ପର୍ଯ୍ୟନ୍ତ ୬ କି.ମି. ରାସ୍ତା ଭଲ ଅଛି। ସିମୁଳିଆରୁ ଗଣ୍ଡାକିଆ ୪କି.ମି. ରାସ୍ତା ଟେଣ୍ଡର କରାଯାଇ କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।


ଅଳଭା- ଗଣ୍ଡାକିଆ ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ ଓ ଖାଲ।

# ଚକ୍ଷୁ ଚିକିତ୍ସା ଶିବିର

## ୩୫ ଜଣଙ୍କ ଅସ୍ତ୍ରୋପଚାର

ଆଳି,୮।୯(ଡି.ଏନ୍.ଏ.)

ଆଳି ବ୍ଲକ ଅଧୀନ ଚଣ୍ଡିଆଗଡ଼ି ପଞ୍ଚାୟତ ମାଳପାଟଣା ଗ୍ରାମର ଶିଶୁ ମଙ୍ଗଳ ଯୁବକ ସଂଘ ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜେପିଏମ୍ ରୋଟାରୀ କ୍ଲବ ଚକ୍ଷୁ ହସ୍ପିଟାଲର ଡାକ୍ତରମାନେ ଏହି ଶିବିରରେ ଯୋଗଦେଇ ୧୨୫ ରୋଗୀଙ୍କ ଆଖି ପରୀକ୍ଷା କରିବା ସହ ୩୫ ଜଣଙ୍କ ଅସ୍ତ୍ରୋପ୍ରଚାର ପାଇଁ ଚୟନ କରିଥିଲେ। ଶିବିରରେ ପ୍ରଫେସର ଡାକ୍ତର ରଘୁବୀର ଦାସ, ସହକାରୀ ମନୋରଞ୍ଜନ ସାମଲ, ପରେଶ ସାହୁ, ପ୍ରଶାନ୍ତ ମହାନ୍ତି, ପ୍ରଜ୍ଞା ମହାନ୍ତି, ଶାନ୍ତିଲତା ଦାସ, ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ଚକ୍ଷୁ ପରୀକ୍ଷା କାର୍ଯ୍ୟ ତୁଲାଇ ଥିଲେ। ଯୁବକ ସଂଘ ସଭାପତି ସ୍ୱପ୍ନଜିତ ଲେଙ୍କା, ସମ୍ପାଦକ ଗୌତମ ଲେଙ୍କା, ଅଶ୍ୱିନୀ ସାହୁ, ମନୋଜ ବନ୍ଧ, ଗଣେଶ ଲେଙ୍କା, ଚିତ୍ତରଞ୍ଜନ ସାହୁ, ଚନ୍ଦନ ଲେଙ୍କା, ସିଦ୍ଧାର୍ଥ ମାଣିକ, ସତ୍ୟରଞ୍ଜନ ସାମଲ, ଦୀପକ ବେହେରା,ଶ୍ରୀକାନ୍ତ ସାହୁ, ବାସୁଦେବ ବେହେରା, ରଞ୍ଜିତ ସାମଲ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୧୭୫ ୟୁନିଟ୍ ରକ୍ତ ସଂଗ୍ରହ

ଜଗତ୍‌ସିଂହପୁର ଅଫିସ, ୮।୯

ବିଜେଡି ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ବୁଧବାର ସ୍ଥାନୀୟ ଶାରଦା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ପୂର୍ବତନ କାଉନସିଲର ସୁଶୀଲ ଦାସ, ସାମାଜିକ କର୍ମୀ ଦେବୀ ପ୍ରସାଦ ମହାନ୍ତି, ପୂର୍ବତନ କାଉନସିଲର ସୁଶାନ୍ତ ସ୍ୱାଇଁ, ସରପଞ୍ଚ ରଙ୍ଗାଧର ଭୋଇ, ସରପଞ୍ଚ ପ୍ରତିନିଧି ତୁଷାରକାନ୍ତ ମହାନ୍ତି, ସମିତି ସଭ୍ୟ ଅଜିତ ଲେଙ୍କା, ଯାଦୁକାର ଆର୍. କେ. ହିରାଲାଲ, କ୍ରୀଡାବିତ୍ ସୁନିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ତେବେ ଶିବିରରେ ନାଉଗାଁ ବ୍ଲକ ଅଞ୍ଚଳରୁ ୫୦ରୁ ଅଧିକ ଉତ୍ସାହୀ ଯୁବକ ରକ୍ତଦାନ କରିବାକୁ ନେଇ ଚର୍ଚ୍ଚା ହୋଇଥିଲା।

# ସଦାଚାର ମାନବ ସମାଜ ସମୃଦ୍ଧିର ମୂଳମନ୍ତ୍ର

କେନ୍ଦ୍ରାପଡ଼ା ଅଫିସ, ୮।୯



ଧର୍ମ, ସତ୍ୟ, ସତ୍‌କର୍ମ, ଶକ୍ତି ଓ ସମୃଦ୍ଧି ଆଦି ସଦାଚାରରୁ ହିଁ ଉତ୍ପନ୍ନ ହୋଇଥାଏ। ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୪ତମ ଜୟନ୍ତୀ ଉତ୍ସବରେ ଶ୍ରୀମା ଦିବ୍ୟସ୍ୱରୂପ ଚୈତନ୍ୟ ମଙ୍ଗଳବାର ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ସହର ନିକଟ ଗରାପୁରସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମ ପକ୍ଷରୁ ଏହି ଉତ୍ସବ ହୋଇଥିଲା। ଏହି ଅବସରରେ ଆଶ୍ରମର ଅତିଥି ଭବନ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପ ଚୈତନ୍ୟ ଯୋଗଦେଇ କହିଥିଲେ, ସଦାଚାର ହେଉଛି ମାନବ ସମାଜ ପାଇଁ ସମୃଦ୍ଧିର ମୂଳମନ୍ତ୍ର। ଏହା ମନୁଷ୍ୟର ସମ୍ମାନ ବୃଦ୍ଧି କରିବା ସହ ଆୟୁ ବୃଦ୍ଧି କରେ। ଏପରି ଅନେକ ତତ୍ତ୍ୱକୁ ବୁଝିବା ପାଇଁ ଗୁରୁ ଶିବାନନ୍ଦ ସରସ୍ୱତୀ ନିଜର କର୍ମମୟ ଜୀବନ ଛାଡି ମାଲେସିଆରୁ ଭାରତକୁ ଫେରି ଆସିଥିଲେ। ଉତ୍ସବ ଉପଲକ୍ଷେ ଆଶ୍ରମ ପରିସରରେ ଦିନସାରା ଭଜନକୀର୍ତ୍ତନ ହୋଇଥିଲା। ପୂର୍ବାହ୍ନରେ ଗୁରୁଜୀଙ୍କ ପାଦପୂଜା କରାଯାଇଥିଲା। ପରେ ତାଙ୍କ ସମ୍ପର୍କରେ ପ୍ରମୋଦ କୁମାର ନାୟକ, ହେମନ୍ତ କୁମାର ପରିଡା, ଶରତ ଚନ୍ଦ୍ର ପାତ୍ର, ଗୋପବନ୍ଧୁ ନାଥ, ଶ୍ରୀଧର ରାଉତ ପ୍ରମୁଖ ଆଲୋକପାତ କରିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଉତ୍ସବକୁ ବ୍ରହ୍ମଚାରୀ ନୃସିଂହ ଦାସ ଓ ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ।

# କରୋନା ନିୟମ ଭୁଲିଗଲେ ମତ୍ସ୍ୟଜୀବୀ

ପାରାଦୀପ,୮।୯(ସ୍ୱ.ପ୍ର.)



ପାରାଦୀପ ମାଛଧରା ବନ୍ଦରରେ ଅକ୍ସନ ହଲରେ ମତ୍ସ୍ୟଜୀବୀମାନଙ୍କ ଗହଳି।

## ପାରାଦୀପ ମାଛଧରା ବନ୍ଦର

- ୨୦୧୬/୧୭ରେ ବିଶ୍ୱସ୍ତରୀୟ ସଂଗଠନ ୟୁଏ ସାର୍ଟିଫିକେଟ ମିଳିଛି
- ୨ ବର୍ଷ ହେବ ସ୍ୱଚ୍ଛତା ସଚେତନତା କାମ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ

କରୋନା କଟକଣା ହଟିବା ପରେ ଏବେ ପାରାଦୀପ ମାଛଧରା ବନ୍ଦର ଚଳଚଞ୍ଚଳ ହୋଇଉଠିଛି। ମାଛଧରା ବନ୍ଦର ପରିସର ଅକ୍ସନ ହଲରେ ମାଛ ଖଲାସ, ବାଛିବା, ଅକ୍ସନ, ବରଫ ପ୍ୟାକିଂ, ଗାଡିରେ ବୋଝେଇ, ଶୁଖୁଆ କାରବାର ଆଦି ଦେଖିବାକୁମିଳିଛି। ଏସବୁ କାମରେ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିୟୋଜିତ ହୋଇଛନ୍ତି। ମାତ୍ର ଏହି ସମୟରେ କରୋନା ନିୟମକୁ କେହି ମାନୁନାହାନ୍ତି। କାହାରି ମୁହଁରେ ମାସ୍କ ନ ଥିବାବେଳେ ସାମାଜିକ ଦୂରତ୍ୱକୁ ଲୋକେ ଭୁଲିଯାଇଛନ୍ତି। କିନ୍ତୁ ଚାରିଆଡେ କରୋନା ସଚେତନତା ଫଳକ ଲାଗିଛି।

ମାଛଧରା ବନ୍ଦର ପରିସରରେ ସ୍ୱଚ୍ଛତା, ମାନ ଓ ଗୁଣବତ୍ତା ରକ୍ଷା କରିବାକୁ ସେଠାରେ ୩ ଟି ସରକାରୀ ସଂସ୍ଥା କାମ କରୁଛି। ସେଗୁଡିକ ହେଲା ପାରାଦୀପ ମାଛଧରା ବନ୍ଦର ପରିଚାଳନା ସମିତି, ଏମ୍‌ପିଇଡିଏ(ମେରାଇନ ପ୍ରଡକ୍ଟ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟି)ଓ ନେଟ୍ ଫିଶ୍(ନେଟୱର୍କ ଫର ଫିଶ୍ କ୍ୱାଲିଟି ମ୍ୟାନେଜମେଣ୍ଟ ଆଣ୍ଡ ସଷ୍ଟେନବଲ ଫିଶିଂ)। ଉକ୍ତ ସଂସ୍ଥା ପକ୍ଷରୁ ମତ୍ସ୍ୟଜୀବୀମାନଙ୍କ ପାଇଁ ବର୍ଷତମାମ କାମ କରାଯାଉଛି। ଯଥା ଉତ୍ପାଦିତ ମାଛକୁ କିପରି ବରଫ ଭଣ୍ଡାରରେ ସଂରକ୍ଷିତ କରାଯିବ, ମାଛ ବୋଟରୁ ବାହାର କରିବା ବେଳେ ଫାଇବର ଟ୍ରେ ବ୍ୟବହାର, ବାଉଁଶ ଝୁଡି ଆଦୌ ବ୍ୟବହାର କରାଯିବ ନାହିଁ, ମାଛକୁ ବାହାର କରିବା ପରେ ହାତରେ ଗ୍ଲୋଭ ପିନ୍ଧି କାରବାର, ବରଫ ପେଟିରୁ ଉଦ୍‌ବୃତ୍ତ ପାଣି, ଚିଙ୍ଗୁଡ଼ି ଚୋପା ଓ ମଳା ମାଛକୁ ଅଲଗା କରି ବ୍ୟବସ୍ଥିତ ଉପାୟରେ ଡ୍ରେନରେ ଛାଡିବା ଆଦି କାମ ରହିଛି। ଏସବୁ କାର୍ଯ୍ୟ ପାଇଁ ପାରାଦୀପ ମାଛଧରା ବନ୍ଦରକୁ ୨୦୧୬/୧୭ରେ ବିଶ୍ୱସ୍ତରୀୟ ସଙ୍ଗଠନ ୟୁଏ ପକ୍ଷରୁ ସାର୍ଟିଫିକେଟ ମିଳିଛି। ମାତ୍ର ଗତ ୨ ବର୍ଷ ହେଲା ସ୍ୱଚ୍ଛତା ସଚେତନତା କାମ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଯାଇଛି ବୋଲି ସେଠାକାର ମତ୍ସ୍ୟ ବ୍ୟବସାୟୀ ଦୀପକ ମଣ୍ଡଳ କୁହନ୍ତି। ଏସବୁ କାମ ଠିକ୍ ଭାବେ ନ ହେଲେ ପୂର୍ବରୁ ମତ୍ସ୍ୟଜୀବୀ ସଙ୍ଗଠନ ଓଙ୍କା ପକ୍ଷରୁ ପ୍ରତିବାଦ କରାଯାଉଥିଲା। ତାହା ମଧ ଏବେ ହେଉନାହିଁ।

ଏହି ପ୍ରସଙ୍ଗରେ ଏମ୍‌ପିଇଡିଏ ଓ ନେଟ୍‌ଫିଶ୍‌ର ଦ୍ୱୈତ୍ୟ ଚାର୍ଜରେ ଥିବା ନୋଡାଲ ଅଫିସର ଶୁଭ୍ରକାନ୍ତ ମହାପାତ୍ର କୁହନ୍ତି, ବନ୍ଦରରେ କୋଭିଡ୍ ନିୟମରେ ଅଣଦେଖା ହେଉଛି। ଆମ ପକ୍ଷରୁ ଯେଉଁ କାମ ଚାଲିଥିଲା ଜଣେ ମୁଖ୍ୟ କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ତାହା ଠିକ୍ ଭାବେ କରାଯାଇନାହିଁ। ଆଉ ଏକ ବ୍ୟତିକ୍ରମ ହେଲା ଏମ୍‌ପିଇଡିଏ ଓ ନେଟଫିଶ୍ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ବିଭାଗ ଅଧୀନରେ ଥିଲା। ଏବେ ଏହା ମତ୍ସ୍ୟ ବିଭାଗକୁ ଯିବା ପାଇଁ ସର୍କୁଲାର ଜାରି କରାଯାଇଛି। ସେଥିପାଇଁ ଟିକେ ଅଡୁଆ ରହିଛି। କିନ୍ତୁ ନିୟମକୁ ଶତ ପ୍ରତିଶତ ରାଜ୍ୟ ମତ୍ସ୍ୟ ବିଭାଗ କରିବା କଥା ବୋଲି ସେ କହିଥିଲେ। ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର କୁହନ୍ତି, ବ୍ୟାନର ଓ ଫଳକ ଜରିଆରେ କରୋନା ସମ୍ପର୍କିତ ସଚେତନତା କରାଯିବା ସହ କର୍ମଚାରୀମାନେ ମଧ ଯାଇ ମତ୍ସ୍ୟଜୀବୀଙ୍କୁ ବୁଝାଉଛନ୍ତି ତଥାପି ସେମାନେ ସୁଧୁରୁ ନାହାନ୍ତି।

## ସଂକ୍ଷେପରେ

### ଅବସରପ୍ରାପ୍ତ ଉପସଚିବଙ୍କ ପରଲୋକ

**ଧର୍ମଶାଳା,୮।୯(ଡି.ଏନ.ଏ.):** ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ଉପସଚିବ, ପୂର୍ବତନ କୋଟପୁର ସମିତିସଭ୍ୟ, ଭୁବନେଶ୍ୱରସ୍ଥିତ ଅଭିମନ୍ୟୁ ସ୍ମୃତି ସଂସଦ ସମ୍ପାଦକ, ବିଶିଷ୍ଟ ସାହିତ୍ୟ ସଂଗଠକ ଓ ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ମାହୁନ୍ତ(୭୨)ଙ୍କ ବୁଧବାର ପରଲୋକ ଘଟିଛି। ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ଭଗବାନପୁର ଗ୍ରାମରେ ଜନ୍ମିତ ଗୋବିନ୍ଦ ଚନ୍ଦ୍ର କିଛି ଦିନ ହେବ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଅରାବଳ ଡାକ୍ତରଖାନା, ଅରାବଳ ହାଇସ୍କୁଲ, ଡାକଘର, ମା' ମଙ୍ଗଳା ମନ୍ଦିର ଓ ପଞ୍ଚାୟତ ଅଫିସ ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ଏତଦ୍‌ବ୍ୟତୀତ ଧର୍ମଶାଳା ଅଞ୍ଚଳରେ ବହୁ ଶିକ୍ଷାନୁଷ୍ଠାନ ଗଢ଼ି ଉଠିବାରେ ତାଙ୍କର ପରୋକ୍ଷ ଭୂମିକା ରହିଥିଲା। ସେ ଜଣେ ସ୍ନେହୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଧର୍ମଶାଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଏମ୍‌ପି ଶର୍ମିଷ୍ଠା ସେଠୀ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ରୀତା ତରାଇ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ମିଡିଆ ସେଲ ଅଧକ୍ଷ ସଂଗ୍ରାମ କେଶରୀ ଜେନା, ଧର୍ମଶାଳା ପ୍ରେସ୍ କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ସଭାପତି ଇନ୍ଦ୍ରମଣି ନାୟକ, ଖବରଦାତା ଅଖିଳ କୁମାର ସ୍ୱାଇଁ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର ଓ ଶିକ୍ଷକ ସଂଘ ନେତା ବିଭୂତି ପାଳ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

### 'ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ'

**ଧର୍ମଶାଳା,୮।୯(ଡି.ଏନ.ଏ.):** ଧର୍ମଶାଳା ଥାନାର ନୂତନ ଥାନା ଅଧିକାରୀ ଭାବେ ରାକେଶ କୁମାର ତ୍ରିପାଠୀ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଥାନାରେ କାର୍ଯ୍ୟରତ ଥିଲେ। ଏହି ଥାନାରେ ଆଇଆଇସି ଥିବା ସରୋଜ କୁମାର ସାହୁଙ୍କ ବଦଳି ପରେ ବଡ଼ଚଣା ଥାନା ଅଧିକାରୀ ପ୍ରିୟବ୍ରତ ରାଉତଙ୍କୁ ଧର୍ମଶାଳା ଥାନାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ନୂତନ ଥାନା ଅଧିକାରୀ ଯୋଗଦେବା ପରେ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଆଇନ ଶୃଙ୍ଖଳା ସହ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦେବେ ବୋଲି ନୂତନ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

### ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ

**ସିଂହପୁର,୮।୯(ଡି.ଏନ.ଏ.):** ବିଞ୍ଝାରପୁର ଭାଜପା ପକ୍ଷରୁ ଏକ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ମହିଳାମୋର୍ଚ୍ଚା ଜିଲା ସଭାନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ଫତେପୁରସ୍ଥିତ ସୋନି ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ୨୭ ନଂ ମଣ୍ଡଳ ସଭାପତି ସୁଶାନ୍ତ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସଭାପତି ଗୌତମ ରାୟ, ସମ୍ମାନିତ ଅତିଥି ଜିଲା ପ୍ରଭାରୀ ସାରଦା ପ୍ରସାଦ ଶତପଥୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବୈଠକରେ ଜିଲା ସମ୍ପାଦକ ଭାଗ୍ୟବତୀ ଧଳ, ଜିଲା ଉପସଭାପତି ପୁରୁଷୋତ୍ତମ ବେହେରା, ପ୍ରଫୁଲ୍ଲ ଦାସ, ନିରଞ୍ଜନ ବେଉରିଆ, ଦୀନବନ୍ଧୁ ଦାସ ଓ ମଦନମୋହନ ଯେନା ପ୍ରମୁଖ ଯୋଗଦେଇ ଶାସକ ଦଳର ଦୁର୍ନୀତି ଉପରେ ଆଲୋଚନା କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ଟିମ୍ ବିଞ୍ଝାରପୁର ଆସୁଥିବା ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ କହିଥିଲେ।

### ଶତାୟୁଙ୍କ ପରଲୋକ

**ବାଲିଚନ୍ଦ୍ରପୁର,୮।୯(ସ୍ୱ.ପ୍ର):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଝିପଡ଼ା ପଞ୍ଚାୟତର ସାମାଜିକ କର୍ମୀ ମଦନ ମୋହନ ବଳଙ୍କ ବାପା ଭୀମସେନ୍ ବଳଙ୍କ ୧୦୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ପରେ ମଝିପଡ଼ା, ବନମାଳୀପୁର, ଚଣ୍ଡିଆ ଓ ବାଲିକୁଦା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଭାକର ଶତପଥୀ, ରତିକାନ୍ତ ପ୍ରଧାନ, ଶିକ୍ଷାବିତ୍ ଡ.ଭାଗ୍ୟଧର ସାହୁ, ପ୍ରାଧ୍ୟପକ ଯତିନ୍ଦ୍ର ରାଉତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଅସହ୍ୟ ହେଉଛି ପୋଲିସ ନିର୍ଯାତନା

- ୨ଥର ଏତଲା ପରେ ବି ଥାନା ବାବୁଙ୍କ ନାଲିଆଖି
- ଏସ୍‌ପିଙ୍କୁ ସାକ୍ଷତ୍ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

**ଦଶରଥପୁର,୮।୯(ଡି.ଏନ.ଏ.)**



ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉର୍ମିଳା ନାୟକ।

ଶାଶୁ ଘର ଲୋକେ ଝିଅକୁ ନିର୍ଯାତନା ଦେଇ ମାରି ଦେଲେ। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ ପୋଲିସ। ଥାନା ଅଧିକାରୀ ଚୁପ୍ ବସିଲେ। ତାଙ୍କୁ ଅନୁରୋଧ କରିବାକୁ ଝିଅର ମାଆ ଥାନାକୁ ଯିବାରୁ ଥାନା ଅଧିକାରୀ ତାଙ୍କୁ ନାଲିଆଖି ଦେଖାଇ ତଡ଼ିଦେଲେ। ଶେଷରେ କୌଣସି ଉପାୟ ନ ପାଇ ସେ ଏସ୍‌ପିଙ୍କୁ ସାକ୍ଷତ କଲେ। ଇତିମଧ୍ୟରେ ୬୦ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ପୋଲିସର ଏପରି ନିର୍ଯାତନା ଅସହ୍ୟ ହୋଇଛି ବୋଲି ସମ୍ପୃକ୍ତା ବୃଦ୍ଧା କହିଛନ୍ତି।

ଅଭିଯୋଗ ଅନୁଯାୟୀ, ମଙ୍ଗଳପୁର ଥାନା ଅଧୀନ ଥାଲକୁଡି ପଞ୍ଚାୟତ ଧନୀପୁର ଗ୍ରାମର ଉର୍ମିଳା ନାୟକ(୫୫) ୨୦୧୯ ଜୁନ୍‌ରେ ନିଜ ସାନଝିଅ ସସ୍ମିତାଙ୍କୁ ଏହି ଥାନା ଅଧୀନ ନାରିଗାଁର ଗୋପୀ ପ୍ରଧାନଙ୍କୁ ବିବାହ ଦେଇଥିଲେ। ବିବାହର କିଛିଦିନ ପରେ ସସ୍ମିତାଙ୍କୁ ଶାଶୁ ଘରଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଇତିମଧ୍ୟରେ ସସ୍ମିତା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ତଥାପି ତାଙ୍କ ପ୍ରତି ନିର୍ଯାତନା ବନ୍ଦ ହୋଇ ନ ଥିଲା। ଏପରି ପରିସ୍ଥିତିରେ ସସ୍ମିତା ଅସୁସ୍ଥ ହୋଇପଡ଼ିଥିଲେ। ହେଲେ ଶାଶୁଘର ପକ୍ଷରୁ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇ ନ ଥିଲା। ଉର୍ମିଳା ଏ ସଂକ୍ରାନ୍ତରେ ଝିଅର ଶାଶୁଘର ଲୋକଙ୍କୁ ଅନୁରୋଧ କରିବା ପରେ ସସ୍ମିତାଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। ଚିକିତ୍ସା ଆରମ୍ଭ ହେବାର କିଛି ଦିନ ମଧ୍ୟରେ ସସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ଝିଅର ମୃତ୍ୟୁ ପାଇଁ ଉର୍ମିଳା ଶାଶୁଘର ଲୋକଙ୍କୁ ଦାୟୀ କରି ମଙ୍ଗଳପୁର ଥାନାରେ ଅଗଷ୍ଟ ୮ ରେ ଅଭିଯୋଗ କରିଥିଲେ। ହେଲେ ଥାନା ବାବୁ ଆଜି ଆସ,କାଲି ଆସ କହି ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ଅଗଷ୍ଟ ୨୧ରେ ଉର୍ମିଳା ଯାଜପୁର ଏସ୍‌ପି ରାହୁଲ ପିଆର୍‌ଙ୍କୁ ତାଙ୍କ ସରକାରୀ କାର୍ଯ୍ୟାଳୟରେ ଭେଟି ଲିଖିତ ଭାବେ ଜଣାଇଥିଲେ। ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ତୁମେ ଥାନାକୁ ଯାଇ ଥାନାବାବୁଙ୍କୁ ଦେଖାକର ବୋଲି କହିଥିଲେ। ଥାନା ବାବୁ ଉର୍ମିଳାଙ୍କୁ ଆଉ ଥରେ ତୁମ ଅଭିଯୋଗ ଲେଖିକି ଦିଅ ବୋଲି କହିଲେ। ଉର୍ମିଳା ପୁଣି ଥରେ ଏତଲା ଦେଇଥିଲେ। ହେଲେ ଥାନା ବାବୁ ତାଙ୍କୁ ଆପୋସ ସମାଧାନ କର ବୋଲି ନାଲିଆଖି ଦେଖାଇ ଚାପ ପକାଇଥିଲେ। ଉର୍ମିଳା ଚଳିତମାସ ୬ ତାରିଖ ଦିନ ପୁଣି ଥରେ ଏସ୍‌ପିଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଏନେଇ ଉର୍ମିଳା ବୁଧବାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ,ମାନବାଧିକାର କମିଶନ,ମହିଳା କମିଶନ,ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଏନାମାମୁଲ୍ ହକ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି, ଯିଏ ଯାହା ଲେଖିକି ଦେଇ ଦେଲେ କ'ଣ କେଶ କରିଦେବା। ସେ ମହିଳା ଭଦ୍ରଲୋକଙ୍କ ଜରିଆରେ ଏହି ବିବାଦର ସମାଧାନ କରି ତାଙ୍କ ଯୌତୁକ ଜିନିଷ ଫେରାଇ ଆଣିବାକୁ ମୁଁ ପରାମର୍ଶ ଦେଇଥିଲି।

# ଖାଲଖମାରେ ୨ ଗ୍ରାମ୍ୟ ରାସ୍ତା

**ରଘୁନାଥପୁର,୮।୯(ଡି.ଏନ୍.ଏ.)**


ଗାଁକୁ ଯାଇଥିବା ୨ ମାଟି ରାସ୍ତା।

ରଘୁନାଥପୁର ବ୍ଲକ ତଅାଁରା ପଞ୍ଚାୟତ ୧୪ ନଂ. ଏବଂ ୮ ନଂ.ୱାର୍ଡରେ ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ୨୦ ବର୍ଷ ହେବ ଏହି ରାସ୍ତା ମରାମତି ହୋଇନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୧୪ ନଂ. ୱାର୍ଡରେ ଶୁକ ନାୟକଙ୍କ ଘରଠାରୁ ରବୀନ ଦାସଙ୍କ ଘର ପର୍ଯ୍ୟନ୍ତ ଅଧ କିମି ପର୍ଯ୍ୟନ୍ତ ରାସ୍ତା ଖାଲଖମା ହୋଇଛି। ଫଳରେ ସାମାନ୍ୟ ବର୍ଷାରେ ଏହି ରାସ୍ତାରେ ଯାତାୟାତ କଷ୍ଟକର ହୋଇପଡୁଛି। ରାସ୍ତା ଉପରେ ସ୍ଥାନୀୟ ଅଞ୍ଚଳର ୬୦ ପରିବାର ନିର୍ଭରଶୀଳ। ଏହାସତ୍ତ୍ୱେ ରାସ୍ତା ମରାମତି ପାଇଁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ୮ନଂ. ୱାର୍ଡରେ ମାନସ ଗୋଛାୟାତଙ୍କ ଘରଠାରୁ ପାତିଆ ବାରିକଙ୍କ ଘର ପର୍ଯ୍ୟନ୍ତ ୪୦୦ ମିଟର ରାସ୍ତା ମରାମତି ଅଭାବରୁ ଖରାପ ହୋଇଯାଇଛି। ଫଳରେ ରାସ୍ତା ଉପରେ ନିର୍ଭର ୧୦ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଭୟ ରାସ୍ତାରେ ଦୀର୍ଘବର୍ଷ ହେବ ମାଟି ମୋରମ ମଧ ପଡ଼ିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ପଲ୍ଲିସଭାଠାରୁ ଗ୍ରାମସଭା ପର୍ଯ୍ୟନ୍ତ କରାଯାଇ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ଏହାସତ୍ତ୍ୱେ ସୁଫଳ ମିଳୁ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଉଭୟ ରାସ୍ତାକୁ କଂକ୍ରିଟରେ ପରିଣତ କରିବାକୁ ସାମାଜିକ କର୍ମୀ ବଟକୃଷ୍ଣ ନାୟକ, ଚନ୍ଦ୍ରମଣି ନାୟକ, କୁନ୍ତିଲତା ନାୟକ, ମାନସ ଗୋଛାୟାତ, ରମେଶ ଗୋଛାୟାତ ଓ ନୁପା ଦାସ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରେ ରାସ୍ତା ଅବସ୍ଥା ଦେଖିବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲିସ ସେ କହିଛନ୍ତି।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

**ଚଣ୍ଡିଖୋଲ,୮।୯(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଶ୍ରୀଠାରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଏହିଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମର ଅମିତାଭ ଜେନା। ଅମିତାଭ ବାଇକ୍ ଯୋଗେ ବନ୍ଦରେଶ୍ୱର ଅଭିମୁଖେ ଯାଉଥିଲେ। କଳାଶ୍ରୀଠାରେ କେତେଜଣ ଯୁବକ ହଠାତ୍ ତାଙ୍କ ବାଇକ୍‌କୁ ଅଟକାଇଥିଲେ। ଏହା ସହ ଚୋରା ପଥର ବେପାର କରୁଥିବା ନେଇ ଅଭିଯୋଗ କରି ଚାନ୍ଦା ମାଗିଥିଲେ। ଚାନ୍ଦା ନ ଦେବାରୁ ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ବୁଧବାର ଆସି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୭୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିଜୟିନୀ ମଲ୍ଲ ସୂଚନା ଦେଇଛନ୍ତି।

# ୨ ମୂର୍ତ୍ତିପଥର ବୋଝେଇ ଟ୍ରାକ୍ଟର ଜବତ

**ଚଣ୍ଡିଖୋଲ,୮।୯(ଡି.ଏନ.ଏ.)**

ବୈରୀ ଡାଳିଯୋଡ଼ା ରେଞ୍ଜ ଅନ୍ତର୍ଗତ କଳାଶ୍ରୀଠାରେ ମଙ୍ଗଳବାର ରାତିରେ ଦୁଇଟି ମୂର୍ତ୍ତି ପଥର ବୋଝେଇ ଟ୍ରାକ୍ଟରକୁ ରେଞ୍ଜର ଅଭିରାମ ଜେନାଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ଜବତ କରିଛନ୍ତି। ଏହି ଟ୍ରାକ୍ଟର ଦୁଇଟିରେ ମୂର୍ତ୍ତି ପଥର ବୋଝେଇ ହୋଇ ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ରେଞ୍ଜର ଜେନାଙ୍କ ସମେତ ଚଣ୍ଡିଖୋଲ ଫରେଷ୍ଟର ଶଶିଭୂଷଣ ବେହେରା, ଲକ୍ଷ୍ମୀଧର ନାୟକ, ଅଶ୍ୱିନୀ କୁମାର ସାହୁ, ଚନ୍ଦ୍ରଶେଖର ଦାସ, ଅମିତାଭ ପୃଷ୍ଟି ପ୍ରମୁଖ ପହଞ୍ଚି ଟ୍ରାକ୍ଟର ଦୁଇଟିକୁ ଜବତ କରିଥିଲେ। ଚଢ଼ାଉ ସମୟରେ ଟ୍ରାକ୍ଟରର ଡ୍ରାଇଭର ନ ଥିଲେ। ଏହା ସହ ସେଠାରେ ଏକ ବାଇକ୍ ରହିଥିଲା। ଦୀର୍ଘ ସମୟ ଅପେକ୍ଷା ପରେ ୨ ଟ୍ରାକ୍ଟର ଓ ବାଇକ୍‌କୁ ଚଣ୍ଡିଖୋଲ ଫରେଷ୍ଟ ଅଫିସକୁ ଅଣାଯାଇଥିଲା।

ମିଳିଥିବା ଖବର ଅନୁଯାୟୀ, ଏଇ ଦୁଇ ଟ୍ରାକ୍ଟର ମୂର୍ତ୍ତିପଥର ବୋଝେଇ କରି ଲଳିତ ଗିରିକୁ ନେଉଥିଲେ। କଳାଶ୍ରୀ ଗ୍ରାମର କେତେଜଣ ଯୁବକ ଏହାକୁ ଦେଖି ଅଟକାଇ ଥିଲେ। ଏହି ସମୟରେ ଟ୍ରାକ୍ଟର ପଛେପଛେ ଆସୁଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମର ଅମିତାଭ ଜେନାଙ୍କୁ ଯୁବକମାନେ ଅଟକାଇ ମାଡ଼ ମାରିଥିଲେ। ମାଡ଼ ଦେଖି ଟ୍ରାକ୍ଟର ଡ୍ରାଇଭରମାନେ ଘଟଣା ସ୍ଥଳରୁ ଟ୍ରାକ୍ଟର ଛାଡ଼ି ଫେରାର ହୋଇଯାଇଥିଲେ, ଯାହାକୁ ନେଇ ବୁଧବାର ବାଲିଚନ୍ଦ୍ରପୁର ଥାନାରେ ଅମିତାଭ ଏକ ଅଭିଯୋଗ କରିଛନ୍ତି।


ଜବତ ହୋଇଥିବା ୨ ଟ୍ରାକ୍ଟର।

# ଏସ୍‌ପି ନନ୍ଦ ପାଠାଗାରର ବାର୍ଷିକୋତ୍ସବ

**ଯାଜପୁର ରୋଡ,୮।୯(ଡି.ଏନ୍.ଏ.)**

ବ୍ୟାସନଗର ପୌର ପରିଷଦର ଏସ୍.ପି. ନନ୍ଦ ପାଠାଗାରର ୨୨ତମ ବାର୍ଷିକୋତ୍ସବ ଦୁର୍ଲଭ କଳା ପରିଷଦ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ସଭା ସଦସ୍ୟ ଚନ୍ଦନ ମିତ୍ରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପାଠାଗାରର ମୁଖ୍ୟ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନରସିଂହ ଚୌଧୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନୀ କୁମାର ଦାଶ, କ୍ରୋମନଗର ବିଦ୍ୟାପୀଠର ଖେଳ ଶିକ୍ଷକ ସଞ୍ଜୟ କୁମାର ଦାସ ଓ ସଙ୍ଗୀତ ଗୁରୁ ଦେବେନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୋମନଗର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦେଓ ମୁଖ୍ୟବକ୍ତା, ସାପଗଡ଼ିଆ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ୍ କୁମାର ମହାପାତ୍ର, ଡୋଲିପୁର ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବ୍ରଜେଶ୍ୱରୀ ସିଂହ, ଖବରଦାତା ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ୨ ଖବରଦାତାଙ୍କ ପରିବାରକୁ ସହାୟତା

**ଯାଜପୁର ଟାଉନ,୮।୯(ଡି.ଏନ.ଏ.)**

ଯାଜପୁର ଜିଲାର ୨ ମୃତ ଖବରଦାତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଯାଜପୁର ପୌରାଞ୍ଚଳ କୁଆଁସରପୁରର ଖବରଦାତା ସ୍ୱର୍ଗତ ଉତ୍କଳ ଜେନାଙ୍କ ସ୍ତ୍ରୀ ହରିପ୍ରିୟା ମିତ୍ରଙ୍କୁ ରାଜ୍ୟ ସରକାରଙ୍କ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ଲକ୍ଷ ଟଙ୍କା ଦିଆଯାଇଛି। ସଞ୍ଚାର ଖବରକାଗଜରେ କାର୍ଯ୍ୟ କରୁଥିବା ଉତ୍କଳ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବାବେଳେ ଗୋପବନ୍ଧୁ କାର୍ଯ୍ୟରତ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାରେ ତାଙ୍କୁ ୨ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଏମ୍‌ବିସି ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ବଡ଼ଚଣା ବ୍ଲକ ସୁଙ୍ଗୁଡ଼ା ଗ୍ରାମର ଅନିରୁଦ୍ଧ ସାମନ୍ତରାୟଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଅନିରୁଦ୍ଧଙ୍କ ସ୍ତ୍ରୀ ଭାରତୀ ତ୍ରିପାଠୀଙ୍କ ନାମରେ ମଧ ୪ ଲକ୍ଷ ଟଙ୍କାର ଅର୍ଥ ରାଶି ମଞ୍ଜୁର କରାଯାଇଛି।

ରାଜ୍ୟ ସରକାରଙ୍କ କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ପାଣ୍ଠି ଯୋଜନାରୁ ଉଭୟଙ୍କ ପରିବାରକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ଟ୍ରାନ୍ସଫର ମାଧ୍ୟମରେ ଉକ୍ତ ଟଙ୍କା ପ୍ରଦାନ କରାଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ହରିପ୍ରିୟା ମିତ୍ରଙ୍କ ଘରକୁ ଯାଇ ଏହି ଅର୍ଥ ପ୍ରଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଖବରଦାତା ବାଲିଚନ୍ଦ୍ରପୁରର ସ୍ୱର୍ଗତ ରତିକାନ୍ତ ବଳଙ୍କ କୋଭିଡ ମୃତ୍ୟୁ ପାଇଁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଅନୁମୋଦିତ ହୋଇଛି। ଏହା ଖୁବ୍ ଶୀଘ୍ର ତାଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

# ସ୍କୁଟିଚାଳକ-ପୋଲିସ ହାତାହାତି

## ମାସ୍କ ପିନ୍ଧି ନ ଥିବାରୁ ଫାଇନ୍ କାଟିଥିଲା ପୋଲିସ

**କେନ୍ଦ୍ରାପଡ଼ା ଅଫିସ, ୮।୯**

କେନ୍ଦ୍ରାପଡ଼ା ସହର ତିନିମୁହାଣୀଠାରେ ବୁଧବାର ସନ୍ଧ୍ୟାରେ ମାସ୍କ ଚେକିଂ ହେଉଥିଲା। ଏହି ସମୟରେ ଜଣେ ସ୍କୁଟି ଚାଳକ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ ହାତାହାତି ହୋଇଛି। ଉପସ୍ଥିତ ଲୋକଙ୍କ ସୂଚନା ଅନୁଯାୟୀ, ସମ୍ପୃକ୍ତ ସ୍କୁଟି ଚାଳକ ମାସ୍କ ମୁହଁରେ ନ ଲଗାଇ ତିନିମୁହାଣୀ ଛକରେ ଯାଉଥିଲେ। ପୋଲିସ ଅଟକାଇ ଏ ବାବଦ ୫୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ତେବେ ଏ ନେଇ ସ୍କୁଟି ଚାଳକ କୌଣସି କଥା କହିବାରୁ ଉପସ୍ଥିତ ପୋଲିସ କର୍ମଚାରୀ ସ୍କୁଟି ଚାବି ନେଇ ଯାଇଥିଲେ। ଫଳରେ ଦୁଇ ପକ୍ଷ ହାତାହାତି ହୋଇଥିଲେ। ପରେ ପୋଲିସ ଜିପ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟାଉନ ଥାନାକୁ ନିଆଯାଇ ଅଟକ ରଖାଯାଇଛି। ଏ ସମ୍ପର୍କରେ ଟାଉନ ଥାନା ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ତେବେ ଏହାକୁ ନେଇ ହୋଇଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

# କଂଗ୍ରେସ ରାଜ୍ୟ ସମ୍ପାଦକ ହେଲେ ଉମେଶ

**ବରୀ,୮।୯(ଡି.ଏନ.ଏ.)**


ଉମେଶ ଜେନା।

ବରୀ ନିର୍ବାଚନମଣ୍ଡଳୀର କଂଗ୍ରେସ ଯୁବନେତା ଉମେଶ ଜେନା ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବରୀ ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସ, ପ୍ରାକ୍ତନ ସରପଞ୍ଚ ପ୍ରଭାତ ରାୟ, ଯୁବ କଂଗ୍ରେସ ସମ୍ପାଦକ ଇଂ. ଅମରେଶ ପରିଡ଼ା, ପ୍ରବୀଣ ଦାସ ଓ ନୃସିଂହ ଶାନ୍ତିଙ୍କ ସମେତ ଅଞ୍ଚଳର କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଜେନା ରାଜ୍ୟସ୍ତରରେ ଏଭଳି ପଦବୀରେ ଅଧିଷ୍ଠିତ ହୋଇଥିବାରୁ ଆଗାମୀ ଦିନରେ ବରୀ କଂଗ୍ରେସ ନିଶ୍ଚିତ ଭାବେ ଅଧିକ ମଜଭୁତ ହେବ ବୋଲି କର୍ମୀମାନେ ମତ ରଖିଛନ୍ତି। ଅନ୍ୟପକ୍ଷରେ ଜେନା ସମ୍ପାଦକ ଭାବେ ମନୋନୀତ ହୋଇଥିବାରୁ ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଚେଲା କୁମାର ଓ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

**କଳିଙ୍ଗନଗର,୮।୯(ଡି.ଏନ.ଏ.)**

କଳିଙ୍ଗନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବଣିଆଡିହ ଗ୍ରାମର ବିଶ୍ୱନାଥ ସାମାଡ଼(୩୨)। ବିଶ୍ୱନାଥ ତାଙ୍କ ମାମୁଘର କଳିଙ୍ଗନଗର ଥାନା ଶଗଡ଼ଗୁଳାକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ସେ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ନାବାଳିକାଙ୍କ ଘରେ କେହି ନ ଥିବା ସୁଯୋଗରେ ସେ ଏହି କାଣ୍ଡ ଘଟାଇଥିବା ନେଇ ନାବାଳିକାଙ୍କ ବାପା ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦୧/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

# ମୋ ସ୍କୁଲ ଅଭିଯାନ ସମୀକ୍ଷା ବୈଠକ

**କଳିଙ୍ଗନଗର,୮।୯(ଡି.ଏନ.ଏ.)**

କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଡୁବୁରିଠାରେ ବୁଧବାର ସୁକିନ୍ଦା ଓ ଦାନଗଦି ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ, ଏବିଇଓ, ସିଆର୍‌ସିସି ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ବୈଠକରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କୃତ୍ତିବାସ ବାରିକ, ବିଇଓ ବଳରାମ ବାରିକ ଓ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ମିଶ୍ର ଯୋଗଦେଇ ମୋ ସ୍କୁଲ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ସୁଧୀର କୁମାର ସାମଲ ବୈଠକରେ ସଭାପତିତ୍ୱ କରିଥିବାବେଳେ ଦାନଗଦି ବିଇଓ ବଳରାମ ନାୟକ ସଭାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ରାଜେନ୍ଦ୍ର କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅମରେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କୁ ଦୁଇ ବ୍ଲକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସମୀକ୍ଷା ବୈଠକରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ରୋଗୀଦେଖାକୁ ନେଇ ଗଣ୍ଡଗୋଳ

## ଥାନାରେ ଡାକ୍ତରଙ୍କ ଅଭିଯୋଗ, ପୋଲିସ ତଦନ୍ତ ଜାରି

**ଚଣ୍ଡିଖୋଲ,୮।୯(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ରୋଗୀ ଦେଖିବାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ଡାକ୍ତରଙ୍କ ସମେତ କର୍ମଚାରୀଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଡାକ୍ତର ସୁବାସ ଚନ୍ଦ୍ର ପଣ୍ଡା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୨୭୭/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ମଙ୍ଗଳବାର ରାତିରେ କଳାଶ୍ରୀ ଗ୍ରାମର ଜଣେ ଶିଶୁଙ୍କୁ ଫିଡ୍‌ସ ମାରିଥିଲା। ଫଳରେ ଶିଶୁଟିକୁ ଧରି କେତେଜଣ ଯୁବକ ଉକ୍ତ ଚିକିତ୍ସାଳୟକୁ ଯାଇଥିଲେ। ତେବେ ସେଠାରେ ଶିଶୁଙ୍କୁ ଡାକ୍ତର ଦେଖିବାରେ ବିଳମ୍ବ ହେବା ଅଭିଯୋଗ କରି ଯୁବକମାନେ ଡାକ୍ତରଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ଡାକ୍ତରଖାନା କର୍ମଚାରୀମାନେ ବିରୋଧ କରିଥିଲେ। ଫଳରେ ଡାକ୍ତରଖାନା କର୍ମଚାରୀ ଓ କଳାଶ୍ରୀ ଗ୍ରାମର ଯୁବକମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସମ୍ପୃକ୍ତ ଯୁବକମାନେ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହିତ ସେଠାରେ ଥିବା ଷ୍ଟାଫ୍ ନର୍ସ ଓ ସିକ୍ୟୁରିଟି ଗାର୍ଡଙ୍କୁ ମାରଧର କରିଥିବା ନେଇ ବୁଧବାର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ସ୍ଥାନୀୟ ଯୁବକଙ୍କ ପକ୍ଷରୁ ଅନ୍ୟ ଏକ ଅଭିଯୋଗ ଆସିଥିଲେ ମଧ ତାହା ପଞ୍ଜୀକୃତ ହୋଇନାହିଁ। ଏସମ୍ପର୍କରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ବିଜୟିନୀ ମଲ୍ଲ କହିଛନ୍ତି, ଡାକ୍ତରଙ୍କ ଅଭିଯୋଗକୁ ଆଧାର କରି ଆମେ ମାମଲା ରୁଜୁ କରିଛୁ। ଡାକ୍ତରଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ମାମଲା ରୁଜୁ ହୋଇନାହିଁ। ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ।

## ଚୋରି କରି ଯୁବକ ଗିରଫ

**ପଦ୍ମପୁର, (ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ଇଚ୍ଛାପୁର ଗ୍ରାମର ପଦ୍ମାବତୀ ବେହେରାଙ୍କ ଘରୁ ମଙ୍ଗଳବାର ରାତିରେ ୪ ହଜାର ଟଙ୍କା ଓ ମୋବାଇଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଅରବିନ୍ଦ ବେହେରା। ଏନେଇ ସାବରଙ୍ଗ ଥାନାରେ ମାମଲା(ନଂ. ୨୦୩/୨୧) ରୁଜୁ କରାଯାଇ ବୁଧବାର ଅପରାହ୍ନରେ ଅରବିନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଛି।



## ସଂକ୍ଷେପରେ

### ନିଆଁରେ ପୋଡ଼ି ମା’, ପୁଅ ଗୁରୁତର

**ଭଦ୍ରକ ଅଫିସ, ୮।୯:** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର ପୁରସ୍ତମ ସାହୁଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ମନୋରମା ଓ ପୁଅ ହୃଦାନନ୍ଦ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ପୁରସ୍ତମଙ୍କ ପରିବାର ଲୋକ ଶୋଇଥିବା ବେଳେ ଗୁହାଳେ ନିଆଁ ଲାଗିଯାଇଥିଲା। ଗୋରୁମାନଙ୍କୁ ଉଦ୍ଧାର କରିବାକୁ ଯାଇ ମା’ ପୁଅ ନିଆଁରେ ପୋଡ଼ି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଗୁହାଳେ ଦିଆଯାଇଥିବା ଧୂଆଁରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

### କୁଶଭଦ୍ରାରେ ଭାସିଗଲେ ମହିଳା

**କପ୍ତିପଦା,୮।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ କୋଳିଅଳମ୍ ଗ୍ରାମର ଗିରିଶ ପାତ୍ରଙ୍କ ସ୍ତ୍ରୀ ସାବିତ୍ରୀ କୁଶଭଦ୍ରା ନଦୀରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନଦୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ରାତିରେ ନଦୀରୁ ତାଙ୍କର ମୃତଦେହ ଉଦ୍ଧାର କରିଥିଲେ। କପ୍ତିପଦା ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୧) ରୁଜୁ ହୋଇଛି।

### ଚନ୍ଦ୍ରମୋହନଙ୍କୁ ସ୍ୱର୍ଣ୍ଣ, ନରେଶଙ୍କୁ ରୌପ୍ୟ

#### ରାଜ୍ୟସ୍ତରୀୟ ଆଥଲେଟିକ ମିଟ୍

**ବାରିପଦା ଅଫିସ, ୮।୯:** କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ୬୮ତମ ବାର୍ଷିକ ଆଥଲେଟିକ ମିଟ୍‌ରେ ମୟୂରଭଞ୍ଜ ଜିଲାକୁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ମିଳିଛି। ଚନ୍ଦ୍ରମୋହନ ହେମ୍ବ୍ରମ ୧୦ହଜାର ମିଟର ଦୌଡ଼ରେ ସ୍ୱର୍ଣ୍ଣ ଏବଂ ନରେଶ ଚନ୍ଦ୍ର ହେମ୍ବ୍ରମ ରୌପ୍ୟ ପଦକ ହାସଲ କରି ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଏହି ପ୍ରତିଯୋଗିତାରେ କେବଳ ୧୮ବର୍ଷରୁ ଉର୍ଦ୍ଧ୍ୱ ସିନିୟର ଉଭୟ ପୁରୁଷ ଓ ମହିଳା ବର୍ଗର ଆଥଲେଟମାନେ ଯୋଗଦେଇଥିଲେ। ଜିଲାର ୬ଜଣିଆ ଦଳରେ ଏକମାତ୍ର ମହିଳା ଖେଳାଳି ଭାବେ ଲକ୍ଷ୍ମୀ ନାଏକଙ୍କ ସମେତ ଲକ୍ଷ୍ମଣ ହାଁସଦା, ରାଉତ ସିଂ ଓ ସାମଲ କୁମାର ପ୍ରଧାନ ସାମିଲ ହୋଇଥିଲେ। ମ୍ୟାନେଜର ଭାବେ ଦୋଳନ ଚନ୍ଦ୍ର କୁଅଁରଦେଓଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗସ୍ତ କରିଥିଲା। ସଫଳତା ପାଇଁ ଜିଲା ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସୁରେଶ ହେଲେ ଭାଜପା ଅନୁସୂଚିତ ମୋର୍ଚ୍ଚା ଜିଲା ସମ୍ପାଦକ

**ଭଣ୍ଡାରିପୋଖରୀ, ୮।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଅନୁସୂଚିତ ଜାତିର ନେତା ସୁରେଶ ଦାସଙ୍କୁ ଭାଜପା ଅନୁସୂଚିତ ମୋର୍ଚ୍ଚାର ଜିଲା ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସୋମବାର ନିଯୁକ୍ତି ଦିଆଯିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସିଆରସିସି, ଶିକ୍ଷକ ସମ୍ମାନିତ

**ଠାକୁରମୁଣ୍ଡା,୮।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ଜଣେ ଶିକ୍ଷକ ଓ ଜଣେ ସିଆରସିସିଙ୍କୁ ବ୍ଲକର ଶ୍ରେଷ୍ଠ ସିଆରସିସି ଓ ଶ୍ରେଷ୍ଠ ଶିକ୍ଷକ ଭାବରେ ସମ୍ମାନୀତ କରାଯାଇଛି। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଚୟନ ପ୍ରକ୍ରିୟା ଦ୍ୱାରା ଶ୍ରେଷ୍ଠ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆରସିସି) ଭାବରେ ପ୍ରକାଶ ଚନ୍ଦ୍ର ମହାରଣା ଏବଂ ମଣ୍ଡଳଝୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରଙ୍କିଆ ଦାସଙ୍କୁ ମନୋନୀତ କରାଯାଇଥିଲା। ବୁଧବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକର ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମନ୍ୱୟ ସମିତି ତରଫରୁ ଶିକ୍ଷକ ରତ୍ନ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ଭଗ୍ୟରଥୀ ମହାନ୍ତି,ସମ୍ମାନୀତ ଅତିଥି ଜଗଦୀଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଏବିଇଓ କାୟା ମୁର୍ମୁ ଯୋଗ ଦେଇଥିଲେ। ଶିକ୍ଷକ ସଂଘର ସଭାପତି ନାଳରାଜ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶିକ୍ଷକ ରବୀନ୍ଦ୍ର କୁମାର ବାରିକ, ନୟନ କୁମାର ପଣ୍ଡା, କର୍ଣ୍ଣ କୁମାର ରାଜ, ତରଣୀସେନ ନାୟକ, ପ୍ରଦ୍ୟୁମ୍ନ କୁମାର ବାରିକ, ମାଲ୍ୟନନ୍ଦ ପଳେଇ, ଚିତ୍ରେଶ୍ୱର ମହାନ୍ତ ସହଯୋଗ କରିଥିଲେ।

# ସ୍ଥିତି ଅନୁଧ୍ୟାନ କଲା ଜିଲା ପ୍ରଶାସନ

**ଭୋଗରାଇ, ୮।୯(ଡି.ଏନ.ଏ.)**

ଦୀର୍ଘ ୧୦ମାସ ନୀରବତା ପରେ ପୁଣି ସୀମା ଦଖଲ ଲାଗି ଉଦ୍ୟମ କରିଛି

### ଉଦୟପୁର ଦଖଲକୁ ନେବାକୁ ପଶ୍ଚିମବଙ୍ଗର ଉଦ୍ୟମ

ପଶ୍ଚିମବଙ୍ଗ ସରକାର। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିକୁ କୌଶଳକ୍ରମେ ପୁଣି ଦଖଲକୁ ନେବାକୁ ଖେଳ ଖେଳିଛି। ଗତ ୨୦୨୦ ନଭେମ୍ବର ୭ରେ ସାହାବାଜିପୁର ଗାଁକୁ ପଶ୍ଚିମବଙ୍ଗ ପ୍ରଶାସନ ଜେସିବି ମେଶିନ ଲଗାଇ ଜାଗା ଦଖଲ କରିବାକୁ ଧସେଇ ପଶିଥିବା ବେଳେ ସ୍ଥାନୀୟ ଲୋକଙ୍କ ପ୍ରତିରୋଧ ଏବଂ ଜିଲା ପ୍ରଶାସନର ହସ୍ତକ୍ଷେପ ଯୋଗୁ କାର୍ଯ୍ୟ ବନ୍ଦ ହୋଇଥିଲା। ଏବେ ପୁଣି ଉଦୟପୁର ବେଳାଭୂମିକୁ ଦଖଲକୁ ନେବାକୁ ଉଦ୍ୟମ କରିଛି। ଏହା ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ



ଉଦୟପୁର ସୀମା ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜିଲା ପ୍ରଶାସନ ଓ ଜନପ୍ରତିନିଧି।

ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ପହଞ୍ଚି ବେଆଇନ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ପରେ ସେଠାରେ କାର୍ଯ୍ୟ ବନ୍ଦ ହୋଇଛି। ବୁଧବାର ଅତିରିକ୍ତ ଜିଲାପାଳ ଭବେଶ ନାୟକ, ଭୋଗରାଇ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସ୍ଥିତି ଅନୁଧ୍ୟାନ କରିଥିଲେ। ଜନପ୍ରତିନିଧି ତପନ କୁମାର ପଣ୍ଡା, ଅରୁଣ କୁମାର ଗିରି, ତାଳସାରୀ ମେରାଇନ ଥାନା ଅଧିକାରୀଙ୍କ ସହିତ ଆଲୋଚନା କରି ଜିଲା ପ୍ରଶାସନକୁ ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

ଗତ ବାତ୍ୟା ‘ୟାସ’ ଯୋଗୁ ସମୁଦ୍ରକୂଳ ପଥରବନ୍ଧ ବ୍ୟାପକ କ୍ଷତି ହୋଇଥିବାରୁ ପଶ୍ଚିମବଙ୍ଗ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଉପକୂଳ ସୁରକ୍ଷାବନ୍ଧ ନିର୍ମାଣ କରୁଛି। ଉଦୟପୁର ସୀମାରୁ ୧୫୦ମିଟର ପଶ୍ଚିମବଙ୍ଗ ଦୀଘା ଉପକୂଳକୁ ସଂଯୋଗ କରୁଥିବା ତଟ ସୁରକ୍ଷା ପଥର ବନ୍ଧରେ ବଙ୍ଗ ସରକାରଙ୍କ ଏକ ୱାଚ ସେଣ୍ଟର ରହିଛି। ଏହି ୱାଚ୍ ସେଣ୍ଟର ପଶ୍ଚିମବଙ୍ଗ ସୀମାନ୍ତ ହୋଇଥିବା ବେଳେ ପଶ୍ଚିମଦିଗକୁ ଓଡ଼ିଶା ସୀମା ଲମ୍ବିଛି। ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଓ ତାଙ୍କ ସରକାରଙ୍କ ସେଚ ବିଭାଗ ପକ୍ଷରୁ ଓଡ଼ିଶା ମଧ୍ୟକୁ ୧୫ରୁ ୨୦ ଫୁଟ ତଟ ସୁରକ୍ଷା ପାଚେରି କରୁଥିବା ବେଳେ ବନ୍ଦ କରାଯାଇଛି।

# ଭାଙ୍ଗିଦେଲେ ଗଣେଶ, ବିଶ୍ୱକର୍ମାଙ୍କ ମୂର୍ତ୍ତି

**ବାସୁଦେବପୁର, ୮।୯(ଡି.ଏନ.ଏ.)**

### ଥାନାର ଦ୍ୱାରସ୍ଥ ହେଲେ ଶିଳ୍ପୀ

ଭଦ୍ରକ ଜିଲା ବାସୁଦେବପୁର ସହର ମଧ୍ୟରେ ଧାମରା ରୋଡ୍‌ରେ ପୂର୍ବ ଶତ୍ରୁତା ଓ ଆକ୍ରୋଶକୁ କେନ୍ଦ୍ରକରି କେତେକ ଅସାମାଜିକ ବ୍ୟକ୍ତି ଅଜୟ କୁମାର ଦାଶ ନାମକ ଜଣେ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ୮୦ରୁ ଉର୍ଦ୍ଧ୍ୱ ଗଣେଶ ଓ ବିଶ୍ୱକର୍ମାଙ୍କ ମୂର୍ତ୍ତିକୁ ଭାଙ୍ଗି ଦେଇଛନ୍ତି। ଶିଳ୍ପୀ ଅଜୟ ଏ ନେଇ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି।

କମାରଗାଁ ଅଞ୍ଚଳର ଅଜୟ ଏତଲାରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଅସାମାଜିକ ବ୍ୟକ୍ତିମାନେ ତାଙ୍କ ଅସ୍ଥାୟୀ ଭଡ଼ାଘରେ ପଶି କେହି ନ ଥିବାର ସୁଯୋଗ ନେଇ ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ଦେଇଛନ୍ତି। ବୁଧବାର ସକାଳେ ଆସି ସେ ଏସବୁ ଦେଖିବାକୁ ପାଇଥିଲେ। ତାଙ୍କର ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ସେ ଦର୍ଶାଇଛନ୍ତି। ଏପରି କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ



ଭାଙ୍ଗି ଦିଆଯାଇଥିବା ମୂର୍ତ୍ତି।

ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ତେବେ ଦିନକ ପରେ ଗଣେଶ ପୂଜା ଥିବାବେଳେ ମୂର୍ତ୍ତିଗୁଡ଼ିକୁ ଏପରି ଭଙ୍ଗାଯିବା ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

# ଆଜି ଖଇରା ବନ୍ଦ

**ଖଇରା, ୮।୯(ଡି.ଏନ.ଏ.)**

### ଯୋଗ ଦେବେ ଖଇରାର ସମସ୍ତ ସଙ୍ଗଠନ

ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସ୍ଥାନୀୟ ଜନସାଧାରଣ ତଥା ବ୍ଲକର ସମସ୍ତ ସଙ୍ଗଠନ ଗୁରୁବାର ରାଜରାସ୍ତାକୁ ଓହ୍ଲାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ୬ଟାରୁ ୧୨ଟା ପର୍ଯ୍ୟନ୍ତ ଦୋକାନୀମାନେ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିଭଳି ଖଇରା ବ୍ଲକରେ କାର୍ଯ୍ୟରତ ସମସ୍ତ ସ୍ୱେଚ୍ଛାସେବୀ, ସାଂସ୍କୃତିକ ସଙ୍ଗଠନଗୁଡ଼ିକ ଏଥିରେ ସାମିଲ ହେବାକୁ କର୍ମକର୍ତ୍ତାମାନେ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ସମସ୍ତ ଯାନବାହନ ଚଳାଚଳ ତଥା ସରକାରୀ ବେସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିବ। ଶେଷରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ସେହିଭଳି ଗଣ୍ଡିବେଡଠାରେ ସୌମ୍ୟଙ୍କ ହତ୍ୟାରେ ସାମିଲ ଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗୁରୁବାର ସନ୍ଧ୍ୟାରେ ମଧ୍ୟ ସ୍ଥାନୀୟ ଯୁବ ସ୍ୱାଭିମାନ ମଞ୍ଚ, ଆଞ୍ଚଳିକ ଉନ୍ନୟନ ପରିଷଦ ଓ ବଣିକ ସଂଘ ପକ୍ଷରୁ ନ୍ୟାୟ ପ୍ରଦାନ ଦାବିରେ ବିଶାଳ ଶୋଭାଯାତ୍ରା ଆୟୋଜିତ କରାଯାଇଥିବା ନେଇ ବୁଧବାର ଖଇରା ଥାନାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

# ‘ଜେଡିଏରେ ସାମିଲ ହେଉ ଚାରିଗଡ଼ ପୀଢ଼’



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାରିଗଡ଼ ପୀଢ଼ ବାସିନ୍ଦା।

**କେନ୍ଦୁଝର, ୮।୯(ଡି.ଏନ୍.ଏ./ସ୍ୱ.ପ୍ର.)**

ଜୁଆଙ୍ଗ ଉନ୍ନୟନ ସଂସ୍ଥା ବା ଜେଡିଏରେ ତେଲକୋଇ ବ୍ଲକର ଚାରିଗଡ଼ ପୀଢ଼କୁ ସାମିଲ ପାଇଁ ସୋମବାର ପ୍ରବଳ ବର୍ଷାରେ ଆଦିମ ଜନଜାତି ଜୁଆଙ୍ଗଙ୍କ ତରଫରୁ ଏକ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ କରାଯାଇଛି। ବାଂଶପାଳ ବ୍ଲକର ଗୋନାସିକାଠାରେ ଥିବା ଜୁଆଙ୍ଗ ଉନ୍ନୟନ ସଂସ୍ଥାରେ ଏହି ତେଲକୋଇ ବ୍ଲକର ଚାରିଗଡ଼ ପୀଢ଼ ଅଞ୍ଚଳ ବାସିନ୍ଦାଙ୍କୁ ସାମିଲ କରିବା ପାଇଁ ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପତ୍ରସଂଖ୍ୟା ୭୭୪୩ ତା ୪।୬।୨୦୨୦ରେ ଦର୍ଶାଯାଇଥିଲା। ଏହି ଅଞ୍ଚଳରେ ରହୁଥିବା ଜୁଆଙ୍ଗମାନଙ୍କୁ ସମସ୍ତ ପ୍ରକାରର ସରକାରୀ ସୁବିଧାସୁଯୋଗ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର ଏହି ସୁବିଧା ମିଳି ନ ଥିବାରୁ ଦୁଃଖ ଓ କ୍ଷୋଭ ପ୍ରକାଶ ପାଇଛି । କୋଭିଡ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ଜୁଆଙ୍ଗ ପରିବାରକୁ ୫ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ ମଧ୍ୟ ଉକ୍ତ ଅଞ୍ଚଳବାସୀଙ୍କ ନିକଟକୁ ଏହା ପହଞ୍ଚିପାରି ନାହିଁ। ଏହି ଅଞ୍ଚଳରେ ସ୍ୱତନ୍ତ୍ର କୋଭିଡ ଟିକା ପ୍ରଦାନ ପାଇଁ ସେମାନେ ଦାବି କରିବା ସହ ଆବାସିକ ବିଦ୍ୟାଳୟ ମଧ୍ୟ ଖୋଲିବାକୁ ଦାବି ଜଣାଇଛନ୍ତି। ତେଲକୋଇ ବ୍ଲକର ଦୁବନାଳି, କରମଙ୍ଗି, ନମକାନି, ଟାଙ୍ଗିରି, ପଡାଙ୍ଗ, ରାଙ୍କି ଭଳି ୪୨ଟି ଗ୍ରାମକୁ ସାମିଲ କରିବାକୁ ଦାବି ଜଣାଇଛନ୍ତି।

### କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଚିତ୍ରଡ଼ା,୮।୯(ଡି.ଏନ.ଏ.)**

ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ନିଜ ଗାଁ ମାଟିରେ ପାଦ ଦେଇଛନ୍ତି। ଅପରାହ୍ନରେ ସେ ମୋରଡ଼ା ବ୍ଲକ ସାନ ମୁଣ୍ଡାବଣି ଗାଁରେ ପହଞ୍ଚିଥିଲେ। ଗାଁକୁ ଆସିବା ବାଟରେ ଶଙ୍ଖାଭଙ୍ଗା, ନିଚୁଆପଦା,ବାରମାଇଲ ଏବଂ ଚିତ୍ରଡ଼ାର ଶୀର୍ଷାପାଳ ଛକରେ ତାଙ୍କୁ ଅଞ୍ଚଳବାସୀ ସ୍ୱାଗତ ଜଣାଇଥିଲେ। ପରେ ଚିତ୍ରଡା ଛଉ ପେଣ୍ଡାଲରେ ଡ.କୋମଳେନ୍ଦୁଲାଲ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ। ତାଙ୍କ ସହିତ ଜୀବନ ସାହୁ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସନ୍ତୋଷ କୁମାର ବେହେରା, ତ୍ରିଲୋଚନ ସିଂ ବାବୁ, ନରେନ୍ଦ୍ର ମହାନ୍ତ, ଅଜୟ ପାଲ, ଜେମାମଣି ମହାନ୍ତ, ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାରେ ୨ ପରିବାରର ଘର ଭୁଶୁଡ଼ିଲା

**ଜଳେଶ୍ୱର, ୮।୯(ଡି.ଏନ.ଏ.)**

ଗତ ୨ଦିନ ଧରି ବାଲେଶ୍ୱର ଜିଲାର ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଲଘୁଚାପଜନିତ ବର୍ଷା ଲାଗି ରହିବାରୁ ୪ଟି ଘର ଭୁଶୁଡିପଡିଛି।

ଜଳେଶ୍ୱର ବ୍ଲକ କୋଟସାହି ଗାଁର ମହାଦେବ ପାତ୍ରଙ୍କ ଘର ଭୁଶୁଡି ପଡିବାରୁ ୪ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବହୁ



ଭାଙ୍ଗି ଯାଇଥିବା ଘର

ଆସବାବପତ୍ର ମାଟିତଳେ ପୋତି ହୋଇଯାଇଛି। ସେହିପରି ବର୍ତ୍ତନା ପଞ୍ଚାୟତର ଖରିଦା ଗାଁର ରବୀନ୍ଦ୍ର ମହାଲିକଙ୍କର ମାଟିଘର ଭୁଶୁଡି ପଡିଛି। ଏପରିକି ଘରୁ ଚାଉଳ, ଧାନ, ଲୁଗାପଟା ଉଦ୍ଧାର କରାଯାଇପାରିନାହିଁ। ସେହିପରି ନଛିମପୁର ଗାଁର କୃପାସିନ୍ଧୁ ପାତ୍ର ଓ ଲାଙ୍ଗୁଡସାହି ଗାଁର ଗୋପାଳ ଜେନାଙ୍କ ଘର ମଧ୍ୟ ଭୁଶୁଡି ଯାଇଛି।

# ଦାଦନ ଖଟିବାକୁ ଗଲେ ଅନାଥ ନାବାଳକ

**ସାରସକଣା,୮।୯(ଡି.ଏନ.ଏ.)**

### ମିଳିଲାନି ସରକାରୀ ସହାୟତା

ମା’ ବାପାଙ୍କୁ ହରାଇ ଅନାଥ ପାଲଟି ଯାଇଥିବା ଜଣେ ୧୪ ବର୍ଷର ନାବାଳକ ପେଟ ପାଇଁ ଦାଦନ ଖଟିବାକୁ ଯିବା ଭଳି ସମ୍ବେଦନଶୀଳ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ସହାୟତା ନ ମିଳିବାରୁ ନିଜ ସାନ ଭାଇକୁ ମଣିଷ କରିବା ସକାଶେ ଗାଁର କେତେକ ଯୁବକଙ୍କ ସହ ସେ ସୁଦୂର ଗୁଜୁରାଟ ଯାଇଛନ୍ତି। ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଜାଲଦା ପଞ୍ଚାୟତର ଜାଲଦା ଗାଁରେ ଏହି ଘଟଣା ଦେଖିବାକୁ ମିଳିଛି।

୮ ବର୍ଷ ତଳେ ମା’ ବାପାଙ୍କ ମୃତ୍ୟୁ ପରେ ୧୪ ଓ ୧୧ ବର୍ଷର ଦୁଇଭାଇ ବେସାହାରା ହୋଇ ପଡ଼ିଥିଲେ। ସେମାନଙ୍କ ଦେଖାଶୁଣା କରିବା ପାଇଁ କେହି ନ ଥିଲା ବେଳେ ସମ୍ପର୍କୀୟ ପୀଉସୀ ଏବଂ ବଡ଼ମା ସାହାରା ଦେଇ ସେମାନଙ୍କୁ ଆପଣାଇ ନେଇଥିଲେ। ବିଭିନ୍ନ ସମୟରେ କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସାହାଯ୍ୟର ହାତ ବଢ଼ାଇଥିଲେ ମଧ୍ୟ ତାହା ଗୁଜୁରାଣ ପାଇଁ ଯଥେଷ୍ଟ ନ ଥିଲା। ସମ୍ପର୍କୀୟ ପୀଉସି ଏବଂ ବଡ଼ମାଙ୍କ ପାରିବାରିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପେଟ ଚିନ୍ତା ଓ ସାନଭାଇର ଭବିଷ୍ୟତ କଥା ଚିନ୍ତା କରି ନାବାଳକ ବଡ଼ଭାଇ ଗୁଜୁରାଟ ଯିବାକୁ ସ୍ଥିର କରିଥିଲେ। ତେବେ ତାଙ୍କ ସାନ ଭାଇ ବର୍ତ୍ତମାନ ଗ୍ରାମର ବିଭିନ୍ନ ଲୋକଙ୍କ ଘରକୁ ଯାଇ ଖାଦ୍ୟ ମାଗି ଖାଉଥିଲା ବେଳେ ବିଭିନ୍ନ ସମୟରେ ବନସୀ ଧରି ମାଛ ଧରିବାକୁ ଘରପାଖ ପୋଖରୀକୁ ଯାଉଥିବା ଦେଖିବାକୁ ମିଳୁଛି। ପାଠ ପଢ଼ିବା କଥା ପଚାରିଲେ ସେ କୁହନ୍ତି, ପଢ଼ିବାକୁ ଇଚ୍ଛା ଅଛି ମାତ୍ର ଏବେ ପଢ଼ିବା ବାବଦକୁ ଖର୍ଚ୍ଚ ଦେବ କିଏ। ଦୁଇଭାଇଙ୍କ ଦୁଃଖ କଥା ସ୍ଥାନୀୟ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଯାଏ ସମସ୍ତେ ଅବଗତ ଥିଲେ ମଧ୍ୟ ସେମାନଙ୍କୁ ସହାୟତା ମିଳି ପାରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ମୋ ଉପକାରୀ ବଗିଚା ବୁଲିଲେ ପ୍ରକଳ୍ପ ନିର୍ଦ୍ଦେଶକ

**ପଦ୍ମପୁର, ୮।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ସର୍ତ୍ତରପୁର ଗ୍ରାମରେ ବିଭିନ୍ନ ହିତାଧିକାରୀଙ୍କ ମୋ ଉପକାରୀ ବଗିଚା ମଙ୍ଗଳବାର ବୁଲି ଦେଖିଛନ୍ତି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ। ସେ ପୂର୍ବାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ସିଧାସଳଖ ହିତାଧିକାରୀଙ୍କୁ ଭେଟିବାକୁ ଚାହିଁଥିଲେ। ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ସମିତିସଭ୍ୟ ବନଜ କୁମାର ମହାପାତ୍ର, ଜିଆର୍‌ଏସ୍ ବିଜୟ ବେହେରା ଓ ପଦ୍ମପୁର ମହିଳା ମହାସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପ୍ରତି ହିତାଧିକାରୀଙ୍କୁ ୧୦,୭୨୯ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

# କଂଗ୍ରେସ ପକ୍ଷରୁ ଶ୍ରମିକ ସମ୍ମାନ ଉତ୍ସବ

**ରସାଲପୁର, ୮।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ବୁଆଁଳ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ୍) ସମ୍ମାନ ଉତ୍ସବ ଅଖିଳ ଭାରତ ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍ ଶ୍ରମିକଙ୍କ ସଂଖ୍ୟା ୧ହଜାର ୧୦୦ ପଞ୍ଜିକୃତ ହୋଇଥିବା ବେଳେ ୩ଟି ପରିବାରର ମୁଖ୍ୟ ଜବକାର୍ଡ଼ଧାରୀ ୧୦୦ଦିନର କାମ ପାଇଛନ୍ତି। ଉକ୍ତ ପରିବାରର ୧୨ଜଣ ସଦସ୍ୟଙ୍କ ନାମ ରହିଛି। ଆଇନ ଅନୁଯାୟୀ ଏହି ପଞ୍ଚାୟତରେ ୧୦୦ଦିନର କାମ ପାଇଥିବା ୩ଟି ପରିବାରର ୧୨ଜଣଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବୁଆଁଳ ପଞ୍ଚାୟତ କଂଗ୍ରେସ ସଭାପତି ଭାବେ ସୁଶାନ୍ତ ପରିଡ଼ା, ଯୁବ ସଭାପତି ଭାବେ ରଜନୀକାନ୍ତ ମହାଲିକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଅଣସଙ୍ଗଠିତ ଶ୍ରମିକ କଂଗ୍ରେସର ସଦର ବ୍ଲକ ସଭାପତି ମାନରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆବାସ ହିତାଧିକାରୀ ଠକେଇର ଶିକାର

**ବାହାନଗା, ୮।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡ଼ଶାଳ ପଞ୍ଚାୟତର ଦୁଇଜଣ ଆବାସ ହିତାଧିକାରୀ ଠିକାଦାରଙ୍କ ଦ୍ୱାରା ଠକେଇର ଶୀକାର ହୋଇଥିବା ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଗ୍ରାମର ଭାସ୍କର ମହାଲିକଙ୍କ ପୁଅ ଅଜିତ ଓ ରଞ୍ଜିତ ମହାଲିକଙ୍କ ସ୍ତ୍ରୀ କାଦମ୍ବିନୀଙ୍କ ନାମରେ ୨୦୧୭ ମସିହାରେ ପୃଥକ ଭାବେ ଦୁଇଟି ଆବାସ ଯୋଜନାରେ ଘର ଆସିଥିଲା। ଦୁଇ ହିତାଧିକାରୀ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ଘର ଖଣ୍ଡେ କରିବା ପାଇଁ ଅର୍ଥ ନ ଥିଲା। ଏହି ସମୟରେ ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ଠିକାଦାର ଉକ୍ତ ଦୁଇ ପରିବାରକୁ ଘର ସମ୍ପୂର୍ଣ୍ଣ କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଠିକାଦାରଙ୍କ ଚକ୍ରବ୍ୟୁହରେ ପଡ଼ି ହିତାଧିକାରୀମାନେ ଆବାସ ଯୋଜନା ବାବଦକୁ ଆସିଥିବା ଏଟିଏମ କାର୍ଡ, ବ୍ୟାଙ୍କ ପାସବୁକ୍ ପରବର୍ତ୍ତୀ ସମୟରେ ନିଜସ୍ୱ ହାତଉଧାରୀ ୪୦ହଜାରରୁ ଅଧିକ ଟଙ୍କା ଦେଇଥିଲେ। ତେବେ ଠିକାଦାର ଜଣକ ସମସ୍ତ ଟଙ୍କା ଓ ଆବାସ ଯୋଜନାର ଆସିଥିବା ଟଙ୍କା ଉଠାଇ ନେଇ ଘରକୁ ଅଧା ନିର୍ମାଣ କରି ଛାଡ଼ି ଦେଇଥିଲେ। ଯାହାକୁ ନେଇ ଉକ୍ତ ହିତାଧିକାରୀ ଦୁଇଜଣ ମଙ୍ଗଳବାର ଗୋପାଳପୁର ଫାଣ୍ଡିରେ ପହଞ୍ଚି ଠିକାଦାରଙ୍କ ଦ୍ୱାରା ଠକାମିର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ବାହାନଗା ବ୍ଲକରେ ବହୁ ହିତାଧିକାରୀ ଆବାସ ଯୋଜନାରେ ଘର ପାଇଥିଲେ ମଧ୍ୟ ନିଜେ କରି ନ ପାରିବାରୁ ଠିକାଦାରମାନଙ୍କ ଚକ୍ରବ୍ୟୁହରେ ପଡି ନୟାନ୍ତ ହେବାକୁ ବସିଛନ୍ତି। ପାଇଥିବା ଘର ସବୁ ନିମ୍ନମାନର ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ସେଥିପ୍ରତି ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଠିକାଦାର ମାନେ ଯେଉଁ ଆବାସ ଯୋଜନାରେ ଘର ନିର୍ମାଣ କରୁଛନ୍ତି ତାହା ଫାଇଲିନ୍ କିମ୍ବା ହୁଡୁ ହୁଡୁ ଭଳି ବାତ୍ୟା ଆସିଲେ ଘର ଭୁଶୁଡିପଡିବ ବୋଲି ଅଭିଯୋଗ ହେଉଛି।

# ସାର ପାଇଁ ଚାଷୀଙ୍କ ଲମ୍ବାଧାଡ଼ି

**ବନ୍ତ,୮।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ସେବା ସମବାୟ ସମିତି ଆଗରେ ସାର ନେବା ପାଇଁ ଚାଷୀଙ୍କ ଲମ୍ବାଧାଡ଼ି ଲାଗିଥିଲା। ପ୍ରତ୍ୟେକ ଚାଷୀଙ୍କଠାରୁ ଆଧାର କାର୍ଡ ନିଆଯାଇ ମୁଣ୍ଡ ପିଛା ଗୋଟିଏ ଲେଖାଏ ସାର ଦିଆଯାଇଥିଲା। ଚାଷୀମାନେ ଦୀର୍ଘ ସମୟ ଧରି ଧାଡ଼ିରେ ଠିଆ ହୋଇ ସାର ନେଇଥିଲେ। ଉକ୍ତ ସମିତି ଅଧୀନରେ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ଚାଷୀ ଥିବାବେଳେ ଆସିଥିବା ସାର ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ କହିଛନ୍ତି। ଜିଲା କୃଷି ବିଭାଗ ବ୍ଲକର ସମସ୍ତ ସମିତିକୁ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ କିଛିଦିନ ହେବ ବଜାରରେ ଡିଏପି, ୟୁରିଆ, ପଟାସ ଆଦି ସାର ମିଳୁ ନ ଥିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୧୫ଦିନରୁ ଉର୍ଦ୍ଧ୍ୱ ହେବ ଧାନ ରୁଆ ସରିଥିଲେ ମଧ୍ୟ ଚାଷୀମାନେ ଜମିରେ



ସମିତି ଆଗରେ ଚାଷୀମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ସାର ପ୍ରୟୋଗ କରିପାରୁ ନାହାନ୍ତି। ଦୁଇ ସପ୍ତାହ ତଳେ କେତେକ ସମବାୟ ସମିତିରେ କେବଳ ୟୁରିଆ ସାର ଅଣାଯାଇ ମୁଣ୍ଡ ପିଛା ଗୋଟିଏ ଲେଖାଏ ବସ୍ତା ଚାଷୀମାନଙ୍କୁ ଦିଆଯାଇଥିଲା। ଏବେ ସାର ଅଭାବ ଲାଗି ରହିଥିବା ବେଳେ ସୋମବାର କେତେକ ସମିତିକୁ ଡିଏପି ସାର ଆସିଥିବାର ଦେଖାଯାଇଥିଲା। ପଧାନପଡ଼ା ସମିତିକୁ ୨ ଶହ ବସ୍ତା ଡିଏପି ସାର ଆସିଥିବା ବେଳେ ମଙ୍ଗଳବାର ସକାଳ ୮ଟାଠାରୁ ଚାଷୀମାନେ ସମିତି ଆଗରେ ଧାଡ଼ି ହୋଇ ଠିଆ ହୋଇଥିଲେ। ଅପରପକ୍ଷେ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲରମାନଙ୍କଠାରେ ଚାଷୀମାନେ ସାର ପାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କୁ ପଚାରିବାରୁ କହିଛନ୍ତି, ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଛି। ୪ରୁ ୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ।

## ସଂକ୍ଷେପରେ

### ପୂର୍ବତନ ଆଇଆଇସିଙ୍କୁ ଜାମିନ

■ ବୀରମିତ୍ରପୁର ନାବାଳିକା ବଳାତ୍କାର ମାମଲା

କଟକ ଅଫିସ,୮।୯: ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଅଞ୍ଚଳର ନାବାଳିକା ବଳାତ୍କାର ଓ ଗର୍ଭପାତ ମାମଲାରେ ଗିରଫ ହୋଇଥିବା ପୂର୍ବତନ ଆଇଆଇସି ଆନନ୍ଦ ମାଝିଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ତେବେ ହାଇକୋର୍ଟ ଜାମିନ ପ୍ରଦାନବେଳେ କେତେକ ସର୍ତ୍ତ ରଖିଛନ୍ତି। ଭବିଷ୍ୟତରେ ସେ ଏପରି କାର୍ଯ୍ୟରେ ଜଡିତ ହେବେନାହିଁ, କୋର୍ଟର ପ୍ରତ୍ୟେକ ଶୁଣାଣିବେଳେ ହାଜର ହେବେ, ପ୍ରମାଣ ନଷ୍ଟ କରିବେ ନାହିଁ କି ସାକ୍ଷୀଙ୍କୁ ଧମକ ଦେବେନାହିଁ ବୋଲି ଜଷ୍ଟିସ ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବୀରମିତ୍ରପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ମାଝି ବଳାତ୍କାର ପରେ ଗର୍ଭପାତ କରାଇଥିବା ଜଣା ପଡିଥିଲା। ଏନେଇ ରାଏବୋଗା ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ମାଝିଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ମାଝୀଙ୍କୁ ଡିଜିପି ବହିଷ୍କାର କରିବା ପରେ ଜେଲ୍‌କୁ ପଠାଇ ଦେଇଥିଲେ। ନିମ୍ନ ଅଦାଲତରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

### ୨୪୪ କନଷ୍ଟେବଲ ପଦବୀ ପାଇଁ ୧୩ରୁ ଆବେଦନ

କଟକ ଅଫିସ, ୮।୯: ଓଡ଼ିଶା ପୋଲିସ ପକ୍ଷରୁ ସିଗ୍‌ନାଲ ସର୍ଭିସ ସେକ୍ସନରେ ୨୪୪ କନଷ୍ଟେବଲ(କମ୍ୟୁନିକେଶନ) ପଦବୀ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବୁଧବାର ବିଜ୍ଞାପନ ପ୍ରକାଶ ପାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ପଦବୀ ଚୁକ୍ତିଭିତ୍ତିକ ରହିବ। ଏଥିପାଇଁ ଆଶାୟୀମାନେ ଅନ୍‌ଲାଇନ୍‌ରେ ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୪ ତାରିଖ ମଧ୍ୟରେ ଆବେଦନ କରିପାରିବେ। ସାଧାରଣ ବର୍ଗ ପାଇଁ ୧୧୨, ଅନୁସୂଚିତ ଜାତି ପାଇଁ ୪୨, ଅନୁସୂଚିତ ଜନଜାତି ପାଇଁ ୬୭ ଓ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ ପାଇଁ ୨୩ଟି ପଦବୀ ରହିଥିବା ନେଇ ଓଡ଼ିଶା ପୋଲିସ ସିଲେକ୍ସନ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଋଣ ଟଙ୍କାର ବିନିଯୋଗକୁ ନେଇ ଶ୍ୱେତପତ୍ର ଦାବିକଲା କଂଗ୍ରେସ

ଭୁବନେଶ୍ୱର,୮।୯(ବ୍ୟୁରୋ): ସରକାରଙ୍କ ଭୁଲ୍ ନୀତି ଯୋଗୁ ରାଜ୍ୟର ଅର୍ଥନୀତି ନିମ୍ନଗାମୀ ହେବାସହ ମୁଣ୍ଡପିଛା ଋଣଭାର ୨ ଗୁଣାରୁ ଅଧିକ ହୋଇଛି। ସରକାର ଋଣ କରି ତାକୁ ପୁଞ୍ଜି ଭାବରେ ବିନିଯୋଗ ଦ୍ୱାରା ଆୟବୃଦ୍ଧି କରାଇବା ଏବଂ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ପରିବର୍ତ୍ତେ ଋଣ ଟଙ୍କାର ବିନିଯୋଗ ରାଜ୍ୟର ମୁଣ୍ଡ ପିଛା ଋଣଭାର ବଢ଼ାଇ ଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସରକାର ଋଣକୁ ପୁଞ୍ଜିଭାବରେ ବ୍ୟବହାର କରି କେତେ ଆୟ ବୃଦ୍ଧି କରିଛନ୍ତି ତାହାର ସ୍ୱଷ୍ଟ ଚିତ୍ର ରାଜ୍ୟବାସୀଙ୍କୁ ପ୍ରଦାନ ତଥା ଚଳିତ ବିଧାନସଭାରେ ବିଭିନ୍ନ ସୂତ୍ରରୁ କରିଥିବା ଋଣ ଓ ଏହାର ବିନିଯୋଗକୁ ନେଇ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ରାଜ୍ୟ କଂଗ୍ରେସ ଦାବି କରିଛି। କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୁଖପାତ୍ର ପ୍ରଶାନ୍ତ ଶତପଥୀ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତିକୁ କଡ଼ା ସମାଲୋଚନା କରି କହିଛନ୍ତି, ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର ବୃଦ୍ଧି ପାଇବା ରାଜ୍ୟ ଅର୍ଥନୀତୀର ବିକଳ ଚିତ୍ରକୁ ସାମ୍ନାକୁ ଆଣିଛି।

# ସୂଚନା ଓ ଲୋକ ସମ୍ପର୍କ ବିଭାଗର ବର୍ଷବ୍ୟାପୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୯(ବ୍ୟୁରୋ)



ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।

'ଆଜାଦି କା ଅମ୍ରିତ ମହୋତ୍ସବ' ପାଳନ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ନୂଆ ଆଭିମୁଖ୍ୟ ଓ ସଂକଳ୍ପ ନେଇ ଏହି ମହୋତ୍ସବ ପାଳନରେ ବିଭାଗୀୟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବୁଧବାର ବିଭାଗର ସମ୍ମିଳନୀ କକ୍ଷରେ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ସେଠୀ ଅଧ୍ୟକ୍ଷତା କରି କହିଲେ, ମହୋତ୍ସବର ବାର୍ତ୍ତା ସମାଜର ସବୁ ସ୍ତରରେ ବିଶେଷ କରି ଛାତ୍ରୀଛାତ୍ର ଏବଂ ଯୁବବର୍ଗଙ୍କ ନିକଟରେ ପହଞ୍ଚିବା ଏକାନ୍ତ ଆବଶ୍ୟକ। ଏଥିପାଇଁ ବର୍ଷବ୍ୟାପୀ ବ୍ୟାପକ ନଥିକରଣ, ଆଲୋଚନାଚକ୍ର, ପ୍ରଦର୍ଶନୀ ଆୟୋଜନ, ପୁସ୍ତକ ପ୍ରକାଶନ, କ୍ଷୁଦ୍ରଚିତ୍ର ନିର୍ମାଣ ସହ ବିଭିନ୍ନ କାର୍ଯ୍ୟକ୍ରମର ଡିଜିଟାଲ ସଂରକ୍ଷଣ ନିମନ୍ତେ ସେ ପରାମର୍ଶ ଦେଇଥିଲେ।

ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ୭୫ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଅଜ୍ଞାତ ମୁକ୍ତିଯୋଦ୍ଧାଙ୍କ ଜୀବନୀ ସମ୍ବଳିତ ସ୍ୱତନ୍ତ୍ର ସଂକଳନର ପ୍ରକାଶନ ସହ ତା'ର ଡିଜିଟାଲ ସଂସ୍କରଣ ପ୍ରସ୍ତୁତି, ବିଭାଗ ଦ୍ୱାରା ୧୯୭୦ରେ ପ୍ରକାଶିତ 'ଗାନ୍ଧୀଜୀ ଏବଂ ଓଡ଼ିଶା' ପୁସ୍ତକର ପୁନଃପ୍ରକାଶନ ସହ ଡିଜିଟାଲ୍ ସଂସ୍କରଣ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ବିଶେଷାଙ୍କ ମଧ୍ୟ ପ୍ରକାଶ ପାଇବ। ଓଡ଼ିଶାର ୭୫ଜଣ କୃତି ସନ୍ତାନଙ୍କ ସାମଗ୍ରିକ ଜୀବନ ଓ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ନେଇ ୱେବିନାରମାନ ଆୟୋଜନ କରାଯିବ। ଇରମ୍, ପାପଡ଼ାହାଣ୍ଡି, କପ୍ତିପଦା, ସାଲିହା, ଇଞ୍ଚୁଡ଼ି, ଘେଁସ ଆଦି ସ୍ୱାଧୀନତା ସଂଗ୍ରାମର ସ୍ମୃତିଜଡ଼ିତ ଐତିହାସିକ ପୀଠଗୁଡ଼ିକରେ ମହୋତ୍ସବ ପାଳନ କରାଯିବ। ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମଧ୍ୟ ହେବ। ମୁକ୍ତି ସଂଗ୍ରାମରେ ଝାସ ଦେଇଥିବା ଅଜ୍ଞାତ ଯୋଦ୍ଧାଙ୍କ ସମ୍ପର୍କରେ କ୍ଷୁଦ୍ର ଚିତ୍ର ନିର୍ମାଣ କରି ଏହାକୁ ଦୂରଦର୍ଶନ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ କବିତା ଆବୃତ୍ତି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ କରାଯିବ। ବରପୁତ୍ରଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ନାଟକ/ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମମାନ ନିୟମିତ ଭାବେ ଆୟୋଜନ କରାଯିବ। ଏହିସବୁ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ବିଭାଗର ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଲେନିନ୍ ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡ଼ା, ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ସୂର୍ଯ୍ୟ ରଞ୍ଜନ ମହାନ୍ତି, ସ୍ମିତା କର ଏବଂ ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**'ଆଜାଦି କା ଅମ୍ରିତ ମହୋତ୍ସବ'**

■ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀର ଡିଜିଟାଲ ସଂସ୍କରଣ ପ୍ରସ୍ତୁତ ହେବ
■ ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ହେବ ସ୍ୱତନ୍ତ୍ର ପ୍ରଦର୍ଶନୀ
■ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କମିଟି ଗଠନ କରାଯିବ

# ବିପିଏଫ୍‌ଟିଆଇରେ ୪ ବର୍ଷିଆ ଡିଗ୍ରୀ କୋର୍ସ

କଟକ ଅଫିସ, ୮।୯

**ଏଆଇସିଟିଇର ଅନୁମୋଦନ**

ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର୍ ଟେକ୍ନିକାଲ ଏଜୁକେଶନ (ଏଆଇସିଟିଇ) ପକ୍ଷରୁ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ (ବିପିଏଫ୍‌ଟିଆଇ)ରେ ଥିବା ୩ଟି ଡିପ୍ଲୋମା କୋର୍ସକୁ ଡିଗ୍ରୀ ଅନୁମୋଦନ ମିଳିଛି। ଏଆଇସିଟିଇ ପକ୍ଷରୁ ଏ ସମ୍ପର୍କିତ ଏକ ଚିଠି ବିପିଏଫ୍‌ଟିଆଇକୁ ପ୍ରଦାନ କରାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ବିପିଏଫ୍‌ଟିଆଇରେ ୩ ଡିପ୍ଲୋମା କୋର୍ସ (ସିନେମାଟୋଗ୍ରାଫି, ସାଉଣ୍ଡ ଆଣ୍ଡ ଟିଭି ଇଞ୍ଜିନିୟରିଂ (ଅଡିଓଗ୍ରାଫି) ଏବଂ ଫିଲ୍ମ ଓ ଭିଡିଓ ଏଡିଟିଂ)କୁ ଡିଗ୍ରୀ କରାଯାଇଛି। ୨୦୨୧-୨୨ ଶିକ୍ଷାବର୍ଷରୁ ଛାତ୍ରୀଛାତ୍ରମାନେ ୩ ବର୍ଷ ବଦଳରେ ୪ ବର୍ଷ ପାଠ ପଢିବେ। ଏଥିସହ ୩ଟି କୋର୍ସର ପୂର୍ବରୁ ଥିବା ସିଟ୍ ସଂଖ୍ୟା ୨୦ରୁ ୩୦କୁ ବୃଦ୍ଧି କରାଯାଇଛି। ଏ ସମ୍ପର୍କରେ ବିପିଏଫ୍‌ଟିଆଇ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ରାୟ କହିଛନ୍ତି, ଅନୁଷ୍ଠାନର ଡିଗ୍ରୀ କୋର୍ସ ନିମନ୍ତେ ପ୍ରଥମେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଆପତ୍ତିବିହୀନ ପ୍ରମାଣପତ୍ର ଦେଇଥିଲା। ଏହାପରେ ରାଜ୍ୟ ସରକାରଙ୍କଠାରୁ ଉକ୍ତ ପ୍ରମାଣପତ୍ର ମିଳିବା ପରେ ଏଆଇସିଟିଇ ନିକଟରେ ଆବେଦନ କରାଯାଇଥିଲା। ଏବେ ଏହାକୁ ଏଆଇସିଟିଇ ଅନୁମୋଦନ ଦେଇଛି। ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଚଳିତବର୍ଷ ସିଟ୍‌ଗୁଡ଼ିକରେ ନାମଲେଖା ହେବ ବୋଲି ରାୟ କହିଛନ୍ତି।

# ଏଆଇସିସି ଘୋଷଣା କଲା ପିସିସିର ନୂଆ କମିଟି

ଭୁବନେଶ୍ୱର, ୮।୯(ବ୍ୟୁରୋ)

■ ପିସିସି ସଭାପତି, କାର୍ଯ୍ୟକାରୀ ସଭାପତି ଅପରିବର୍ତ୍ତିତ
■ ନିରଞ୍ଜନଙ୍କ ନେତୃତ୍ୱରେ ଲଢ଼ାଯିବ ପଞ୍ଚାୟତ, ପୌର ନିର୍ବାଚନ

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ବୁଧବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ନୂଆ କମିଟିରେ ପିସିସି ସଭାପତି ଏବଂ କାର୍ଯ୍ୟକାରୀ ସଭାପତି ପଦବୀ ଅପରିବର୍ତ୍ତିତ ରହିଛି। ଅର୍ଥାତ୍ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ଚଳିତ ପଞ୍ଚାୟତ ଏବଂ ପୌର ନିର୍ବାଚନ ଲଢ଼ିବ ବୋଲି ଏଥିରୁ ଏକପ୍ରକାର ସ୍ୱଷ୍ଟ ହୋଇଛି। ପିସିସି ପକ୍ଷରୁ ଦିଆଯାଇଥିବା ତାଲିକାକୁ ଏଆଇସିସି ଅନୁମୋଦନ କରିଛି। ଉକ୍ତ କମିଟିରେ ୧୨ ଉପସଭାପତି, ଜଣେ କୋଷାଧ୍ୟକ୍ଷ, ୨୦ ସାଧାରଣ ସମ୍ପାଦକ ଏବଂ ୪୬ ସମ୍ପାଦକ ସ୍ଥାନ ପାଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ୩୨ଜଣ ରହିଥିବାବେଳେ ଦଳର ସମସ୍ତ ବିଧାୟକ, ଏମ୍‌ପି, ପୂର୍ବତନ ପିସିସି ସଭାପତି, ଏଆଇସିସିର ଅଫିସ ବିଏରର୍ସ ଏବଂ ସବୁ ସଙ୍ଗଠନର ମୁଖ୍ୟଙ୍କୁ ମଧ୍ୟ ଏଥିରେ ସ୍ଥାନ ଦିଆଯାଇଛି।

୧୨ ଜଣିଆ ଉପସଭାପତି ତାଲିକାରେ ବରିଷ୍ଠ ନେତା ଗଣେଶ୍ୱର ବେହେରା, ବିଧାୟକ ସନ୍ତୋଷ ସିଂ ସାଲୁଜା, ସରସ୍ୱତୀ ହେମ୍ବ୍ରମ, ଶିବାନନ୍ଦ ରାୟ, ସୁରେଶ ମହାପାତ୍ର, ଭୁଜବଳ ମାଝି, ଜଙ୍ଗେଶ୍ୱର ବାବୁ, ନକୁଳ ନାଏକ, ଦେବାଶିଷ ପଟ୍ଟନାୟକ, ସଦନ ନାଏକ, ରତ୍ନମଣି ଉଲ୍ଲାକା, ସସ୍ମିତା ବେହେରା ରହିଛନ୍ତି। ସାଧାରଣ ସମ୍ପାଦକ ଭାବେ ସତ୍ୟପ୍ରକାଶ ନାୟକ, କିଶୋର ଜେନା, ଜାନକୀ ବଲ୍ଲଭ ପଟ୍ଟନାୟକ, ରବୀନ୍ଦ୍ର ମଲ୍ଲିକ, ସଂଗ୍ରାମ ମିଶ୍ର, ରାଜକିଶୋର ଷଡ଼ଙ୍ଗୀ, ଅରିନ୍ଦମ ସର୍କେଲ, ରଜତ ଚୌଧୁରୀ, ଲଲାଟେନ୍ଦୁ ମହାପାତ୍ର, ବିଶ୍ୱଭୂଷଣ ଦାସ, ବିସ୍ମୟ ମହାପାତ୍ର, ସମରେନ୍ଦ୍ର ମିଶ୍ର, ନାରାୟଣ ଜେନା, ମମତା ମାଢ଼ି, ଚିନ୍ମୟ ସୁନ୍ଦର ଦାସ, ରବି ରାଏ, ଆଲୋକ ମିଶ୍ର, ଅଶ୍ରଫ୍ ଅଲ୍ଲି, ସତ୍ୟ ଶିବ ଦାସ, ଅଶୋକ କୁମାର ଦାସ ଚୟନ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ବି. କିଶୋର ଚନ୍ଦ୍ର ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି। ବିପ୍ଳବ ଚୌଧୁରୀ, ସୁବ୍ରତ ମହାପାତ୍ର, ପଦ୍ମାକର ଗୁରୁ, ମହମ୍ମଦ ଶବିର, ନସିର ଅହମ୍ମଦ, ଶମ୍ଭୁ ପାଣିଗ୍ରାହୀ, ଚନ୍ଦ୍ରଶେଖର ପରିଡ଼ା, ଗୌର ନାଏକ, ତରୁଣ ମାଝି, ଶଶିଭୂଷଣ ପାତ୍ର, ମନୋଜ ସାହୁ, ମନୋଜ ବିଶ୍ୱାଳ, ପ୍ରଭାସ୍କର ମହାପାତ୍ର, ହୁସେନ ଖାନ୍, ଦୁଲାଲ ପ୍ରଧାନ, ଶ୍ରୀୟା ମହାନ୍ତି, ସୁକାନ୍ତି ଦାସ, ଉମେଶ ଜେନା ପ୍ରମୁଖ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର, ଅମରନାଥ ପ୍ରଧାନ, ପ୍ରଦୀପ ମାଝି, ଜଗନ୍ନାଥ ପଟ୍ଟନାୟକ, ଡମ୍ବୁରୁଧର ଉଲ୍ଲାକା, ରମାକାନ୍ତ ମିଶ୍ର, ସୁରେନ୍ଦ୍ର ସିଂ ଭୋଇ, ପୂର୍ବତନ ଏମ୍‌ପି ସୁଶୀଲା ତିରିଆ, ପ୍ରକାଶ ଚନ୍ଦ୍ର ଦତ୍ତ, ପ୍ରଫୁଲ୍ଲ ମାଝି ପ୍ରମୁଖ ସ୍ଥାନ ପାଇଛନ୍ତି।





ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର ନେତା ବଟକୃଷ୍ଣ ସ୍ୱାଇଁଙ୍କୁ ଗିରଫର ପ୍ରତିବାଦ କରିବା ସହ ତୁରନ୍ତ ଖଲାସ ଦାବିରେ ଗଣ ସଙ୍ଗଠନ ଓ ମାନବିକ ଅଧିକାର ସଙ୍ଗଠନ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଆଇପିଏସ୍ ଅଧିକାରିଣୀ ଭାରଥୀଙ୍କ ଅନୁପସ୍ଥିତିକୁ ନେଇ ପ୍ରଶ୍ନବାଚୀ

କଟକ ଅଫିସ,୮।୯

**ମାନସିକ ଅଶାନ୍ତି ନା ବିଭାଗୀୟ ଅଣଦେଖା**

୧୯୯୮ ବ୍ୟାଚ୍ ଆଇପିଏସ୍ ଅଧିକାରିଣୀ ତଥା ରାଜ୍ୟ ମାନବାଧିକାର ସୁରକ୍ଷା ଶାଖା(ଏଚ୍‌ଆର୍‌ପିସି)ର ଆଇଜି ନାରାୟଣ ବାଳା ଭାରଥୀ ଦୀର୍ଘ ମାସ ହେଲା କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଭାରଥୀଙ୍କ ଅନୁପସ୍ଥିତି ନେଇ ତଦନ୍ତ ଚାଲିଥିବାବେଳେ ଆସନ୍ତା ଅକ୍ଟୋବର ୨୯ରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅପରାଧ ନଥି ସଂସ୍ଥା(ଏସ୍‌ସିଆର୍‌ବି) ନିକଟରେ ତାଙ୍କୁ ହାଜର ହେବାକୁ ନୋଟିସ୍ ହୋଇଛି। ଏପରି କି ଉକ୍ତ ଦିନ ହାଜର ନ ହେଲେ ତାଙ୍କର କୌଣସି ପ୍ରତିବାଦ କରିବାର ନାହିଁ ବୋଲି ବୁଝାପଡ଼ିବ ବୋଲି ବିଜ୍ଞାପନ ପ୍ରକାଶ ପାଇଛି। ଏଭଳିସ୍ଥିତିରେ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରିଣୀ କାହିଁକି ଏତେ ଦିନ ଧରି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ମାନସିକ ଅଶାନ୍ତି ନା ବିଭାଗୀୟ ଅଣଦେଖା ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ବିଶ୍ୱସ୍ତ ସୂତ୍ର ଅନୁସାରେ, ଭାରଥୀ ଜଣେ ଆଇଏଏସ୍ ଅଧିକାରୀଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ଅଛନ୍ତି। ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ତେଣୁ ୨୦୧୨ ମାର୍ଚ୍ଚ ୫ରେ ଉକ୍ତ ଆଇଏଏସ୍ ଅଧିକାରୀ ସ୍ୱାମୀ ନୂଆଦିଲ୍ଲୀ ସାକେତ୍ ପରିବାର ଅଦାଲତରେ ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିଲେ। ଯାହାକୁ ନେଇ ଭାରଥୀ ମାନସିକ ଚାପରେ ରହିଆସୁଥିଲେ। ଏପରି କି ୨୦୧୭ରୁ ବିଭିନ୍ନ ସମୟରେ ନିଜ ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇ ବିଭିନ୍ନ ସମୟରେ କାର୍ଯ୍ୟରେ ଅନୁପସ୍ଥିତ ରହୁଥିଲେ। ସେ ପୋଲିସ ବିଭାଗର ଡିଆଇଜି (ଆଧୁନିକୀକରଣ)ଥିବାବେଳେ ତାଙ୍କର ପଦୋନ୍ନତି ହୋଇଥିଲା। ତାଙ୍କୁ ୨୦୧୯ ଅଗଷ୍ଟ ମାସରେ ଏଚ୍‌ଆର୍‌ପିସିର ଆଇଜି ଦାୟିତ୍ୱ ମିଳିଥିଲା। ପଦୋନ୍ନତି ହେବାପରେ ସେ ଛୁଟିରୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ କିଛି ଦିନ କାର୍ଯ୍ୟ କରିବା ପରେ ଆଉ କାର୍ଯ୍ୟାଳୟକୁ ଆସି ନ ଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ଅନ୍ୟ ଏକ ସୂତ୍ର ଅନୁଯାୟୀ, ଭାରଥୀ ଡିଆଇଜି (ଆଧୁନିକୀକରଣ) ଥିବାବେଳେ ଉକ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସହ କୌଣସି କାରଣକୁ ନେଇ ତାଙ୍କର ମନୋମାଳିନ୍ୟ ହୋଇଥିଲା। ଫଳରେ ସେ ଉକ୍ତ ଅଧିକାରୀଙ୍କ ସହ କାମ କରିବାକୁ ଅସହଜ ମନେକରି ତାଙ୍କୁ ଅଣଦେଖା କରିବାକୁ ଲାଗିଥିଲେ। ଯେଉଁଥିପାଇଁ ସେ କାର୍ଯ୍ୟାଳୟ ନ ଆସିବା ସହ କାହାକୁ କିଛି ନ ଜଣାଇ ଛୁଟିରେ ରହୁଥିଲେ। ଏହି ଘଟଣାକୁ ଉକ୍ତ ବରିଷ୍ଠ ଆଇପିଏସ ଅଧିକାରୀ ଗୁରୁତ୍ୱର ସହ ବିଚାର କରି ବିଭାଗକୁ ଜଣାଇଥିଲେ। ପରେ ୨୦୧୭ ନଭେମ୍ବର ୨୩ରେ ତାଙ୍କ ବିରୋଧରେ ଗୃହ ବିଭାଗ ତରଫରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆ ନ ଯିବ ବୋଲି ସ୍ମାରକପତ୍ର ପ୍ରକାଶ ପାଇଥିଲା। ଏପରି କି ୨୦୨୦ ଜାନୁୟାରୀ ୩ରେ ଏହାର ତଦନ୍ତ ରାଜ୍ୟ ଅପରାଧ ନଥି ସଂସ୍ଥା(ଏସ୍‌ସିଆର୍‌ବି) ର ଏଡିଜିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିଦିନଠାରୁ ଏଯାବତ୍ ତାଙ୍କୁ ୧୦ଥର ନୋଟିସ ଜାରି କରାଯାଇଥିଲେ ସୁଦ୍ଧା ସେ ଏହାର କୌଣସି ଉତ୍ତର ଦେଇନାହାନ୍ତି। ତେବେ ଏହି ଘଟଣାରେ ଦିଆଯାଇଥିବା ତଦନ୍ତ ଅଧିକାରୀଙ୍କୁ ସେ ଭେଟିବାକୁ ଚାହୁଁନାହାନ୍ତି ବୋଲି ମଧ୍ୟ କୁହାଯାଉଛି। ଆସନ୍ତା ଅକ୍ଟୋବର ୨୯ରେ ବିଭାଗୀୟ କାର୍ଯ୍ୟ ବିଧିର ତଦନ୍ତ ପାଇଁ ଦିନଧାର୍ଯ୍ୟ କରାଯିବା ସହ ଛାପା ଗଣମାଧ୍ୟମରେ ମଧ୍ୟ ବିଜ୍ଞାପନ ଆକାରରେ ନୋଟିସ ପ୍ରକାଶ ପାଇଛି।

# ଗରମ ଡାଲି ପଡ଼ି ସେବାୟତ ଆହତ

ପୁରୀ ଅଫିସ, ୮।୯

ଶ୍ରୀମନ୍ଦିରରେ ବୁଧବାର ରୋଷଘରୁ ଛେକ ବୋହିବାବେଳେ ଗରମ ଡାଲି ପଡ଼ି ଜଣେ ସେବାୟତ ଆହତ ହୋଇଛନ୍ତି। ସେ ହେଲେ ଗୌଡ଼ବାଡ଼ ସାହିର ବିଶ୍ୱଜିତ ମହାସୁଆର। ତାଙ୍କୁ ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଥିଲା। ଗରମ ଡାଲି ପଡ଼ିବା କାରଣରୁ ବିଶ୍ୱଜିତଙ୍କ ହାତ, ଗୋଡ଼ ଓ ପିଠିରେ କିଛି ସ୍ଥାନ ପୋଡ଼ି ଯାଇଛି। ତେବେ ଏନେଇ ଶ୍ରୀମନ୍ଦିର ନୀତିକାନ୍ତି ପ୍ରଭାବିତ ହୋଇ ନାହିଁ। ସୂଚନାଯୋଗ୍ୟ, ମହାପ୍ରଭୁଙ୍କୁ ଭୋଗ ଲାଗିହେବା ପାଇଁ ରୋଷଘରୁ ଛେକ ବୁହା ହେଉଥିଲା। ବିଶ୍ୱଜିତ ଛେକ ବୋହୁଥିବାବେଳେ କୌଣସି କାରଣରୁ ତାଙ୍କ ଉପରେ ଗରମ ଡାଲି ପଡ଼ିଯାଇଥିଲା। ତେବେ ସେଠାରେ ଥିବା ସେବାୟତମାନେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ତେବେ ମୁଖ୍ୟ ଚିକିତ୍ସାଳୟର ସମ୍ପୃକ୍ତ ବିଭାଗରେ ଏସି କିମ୍ବା ଫ୍ୟାନ ଅଚଳ ହୋଇପଡ଼ିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାକୁ ନେଇ ଚିକିତ୍ସାଳୟରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

# ଭୋଳାବାବାଙ୍କ ଗୀତରେ ନାଗର ନୃତ୍ୟ

କୁଆମରା,୮।୯(ଡି.ଏନ.ଏ.)

ଭୋଳାବାବାଙ୍କ ଗୀତ ବାଜୁଥିଲା। ଏହି ସମୟରେ ଏକ ନାଗ ସାପ ବାହାରି ଗୀତର ତାଳେତାଳେ ନୃତ୍ୟ କରିବା ଢ଼ଙ୍ଗରେ ଢ଼ଳିବାକୁ ଲାଗିଥିଲା। ଯାହାକି ସମସ୍ତଙ୍କୁ ଚକିତ କରିଦେଇଥିଲା। ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତ ଅଛଡ଼ା ନିକଟରେ ପ୍ରତିଷ୍ଠିତ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମରେ ଏହି ଘଟଣା ଦେଖିବାକୁ ମିଳିଛି। ପ୍ରତିଦିନ ଭଳି ବୁଧବାର ସନ୍ଧ୍ୟାରେ ଆଶ୍ରମରେ ଭୋଳାବାବାଙ୍କ ଗୀତ ଓ ମ୍ୟୁଜିକ୍ ବାଜୁଥିଲା। ଏହି ସମୟରେ ଯୋଗ ଚାଲୁଥିଲା। ହଠାତ୍ ୫ ଫୁଟର ଏକ ନାଗ ସାପ ଘର ମଧ୍ୟକୁ ପଶି ଆସିଥିଲା। ଗୀତର ତାଳେ ତାଳେ ନୃତ୍ୟ ଆରମ୍ଭ କରିଥିଲା। ସାପ ଦେଖି ସେଠାରେ ଯୋଗ କରୁଥିବା ଲୋକେ ଭୟରେ ଯୋଗ ବନ୍ଦ କରିବା ସହ ବାଜୁ ଥିବା ମ୍ୟୁଜିକ ଓ ଗୀତ ବନ୍ଦ କରି ଦେଇଥିଲେ। ଲୋକଙ୍କ ପାଟି ଶୁଣି ସାପଟି ଝରକା ଉପରକୁ ଉଠି ଯାଇଥିଲା। ତେବେ ସାପକୁ ଧରି ନେବା ପାଇଁ ଉଦଳା ସ୍ନେକ ହେଲ୍ପ ଲାଇନକୁ ଫୋନ କରାଯାଇଥିଲେ ମଧ୍ୟ କେହି ଆସି ନ ଥିଲେ। ସାପଟି କିଛି ସମୟ ପରେ ସେଠାରୁ ପଳାଇ ଯାଇଥିବା ସେଠାରେ ଉପସ୍ଥିତ ଥିବା ପୂର୍ବତନ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଜେନା କହିଛନ୍ତି ।

# ଗୁଣିଆ ସମେତ ୧୧ ଜଣଙ୍କୁ ଗ୍ରାମବାସୀଙ୍କ ଅଟକ

ବିଷମକଟକ,୮।୯(ଡି.ଏନ୍.ଏ.)

■ ଅମାବାସ୍ୟା ରାତିରେ ଖୋଳୁଥିଲେ ଗୁପ୍ତଧନ
■ ଉଦ୍ଧାର କରିବାକୁ ଯାଇ ଖାଲି ହାତରେ ଫେରିଲା ପୋଲିସ



ଅଟକ ବ୍ୟକ୍ତିମାନେ।

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅମାବାସ୍ୟା ରାତିରେ ଗୁପ୍ତଧନ ଖୋଳିବାକୁ ଯାଇଥିଲେ। ଗ୍ରାମବାସୀ ୧୧ ଜଣଙ୍କୁ କାବୁକରି ୨୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖିଥିବା ଜଣାପଡ଼ିଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଡୁକୁମ ପଞ୍ଚାୟତର ଡେଡିପଡ଼ା ଗ୍ରାମରୁ ଆସିଛି ଏଭଳି ଖବର।

ସୂଚନା ଅନୁଯାୟୀ, ଡେଡ଼ିପଡ଼ା ଗ୍ରାମର କାଣିମାଣି ଠାକୁରାଣୀ ଝାଙ୍କିରି ମାଁଙ୍କ ପୀଠରେ ମଙ୍ଗଳବାର ରାତିରେ ଗୁଣିଆ ସମେତ ୧୧ ଜଣ ବ୍ୟକ୍ତି ଏକାଠି ହୋଇ ପୂଜାପାଠ କରିବା ସହ ସେଠାରେ ଥିବା ଏକ ଶିମିଳି ଗଛ ତଳେ ଗୁପ୍ତଧନ ଥିବା ଆଶାରେ ଖୋଳୁଥିଲେ। ଏହା ଜାଣିପାରି ଗ୍ରାମବାସୀ ସେମାନଙ୍କୁ କାବୁକରି ଗାଁ ଗୋଷ୍ଠୀ କେନ୍ଦ୍ରରେ ଅଟକ ରଖିଥିବା ଜଣାପଡ଼ିଛି। ସେହିପରି ସମ୍ପୃକ୍ତ ବ୍ୟକ୍ତିମାନେ ଆସିଥିବା ଏକ କାର୍(ଓଆର୍ ୦୨ ଏଡବ୍ଲ୍ୟୁ ୧୫୫୫) ଏବଂ ୩ ବାଇକ୍ ମଧ୍ୟ ଅଟକ ରଖାଯାଇଛି। ଅଟକ ରଖାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ କଳାହାଣ୍ଡି ଜିଲା ଭବାନିପାଟଣାର ୩ ଜଣ, ବିଶ୍ୱନାଥପୁରର ୩, ରାୟଗଡ଼ା ଜିଲା ବିଷମକଟକ ଥାନା ଅଞ୍ଚଳର ୪ ଏବଂ ପଦ୍ମପୁର ବ୍ଲକ ଅଞ୍ଚଳର ଜଣେ ରହିଥିବା ଜଣାପଡ଼ିଛି। ମଙ୍ଗଳବାର ରାତିରୁ ସେମାନଙ୍କୁ ଅଟକ ରଖି ମାଡ ମାରିବା ସହ କଙ୍ଗାରୁ କୋର୍ଟରେ ହାଜର କରାଯାଇଥିବା ଜଣାପଡ଼ିଛି। ଏମିତିକି ସେମାନଙ୍କ ଠାରୁ ଗ୍ରାମବାସୀ ଟଙ୍କା ମଧ୍ୟ ମାଗିଥିବା ଜଣାପଡ଼ିଛି। ଗ୍ରାମରେ ଏକ ବୈଠକରେ ନିଷ୍ପତ୍ତି ପରେ ସମସ୍ତଙ୍କୁ ଛଡ଼ାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ରାତିରୁ ସେମାନଙ୍କୁ ଅଟକ ରଖାଯାଇଥିଲେ ମଧ୍ୟ ବିଷମକଟକ ପୋଲିସ ବୁଧବାର ରାତିରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ ମଧ୍ୟ ସଫଳ ନ ହୋଇ ଫେରିଯାଇଥିବା ଜଣାପଡ଼ିଛି। ଏ ନେଇ ପୋଲିସଠାରୁ କୌଣସି ସୂଚନା ମିଳୁନାହିଁ।



କିଆରା

## ଅଡୁଆ କରିଛି କଷ୍ଟ୍ୟୁମ

କିଆରା ଆଡୱାନୀଙ୍କୁ ନେଇ ଏବେ ଚର୍ଚ୍ଚା। ଶୁଣିବାକୁ ମିଳୁଛି ଯେ ଗୋଟିଏ ଗୀତ ପାଇଁ ସେ ନିଜର କୁଆଡେ ଅଧିକ ପାରିଶ୍ରମିକ ଦାବି କରିଛନ୍ତି। କଥା କ'ଣ କି ନିକଟରେ ସେ ଏକ ନୂଆ ଫିଲ୍ମ ସାଇନ୍ କରିଛନ୍ତି। ଏଥିରେ ଏକ ଆଇଟମ୍ ଗୀତ ସଂଯୋଜିତ ହୋଇଛି। ଯଦିଓ ଏଥିରେ ସେ ନାଚିବାକୁ ରାଜି ଅଛନ୍ତି, ହେଲେ ଗୋଟିଏ ଜିନିଷ ଅଡୁଆ କରିଛି। ତାହା ହେଲା କଷ୍ଟ୍ୟୁମ। କାରଣ ଏହି ଗୀତରେ ତାଙ୍କୁ ସୁଇମିଙ୍ଗ କଷ୍ଟ୍ୟୁମରେ ଶଟ୍ ଦେବାକୁ ପଡ଼ିବ। ଯେତେବେଳେ ସେ ଏକଥା ଜାଣିଲେ ସେତେବେଳେ ସେ ଏଥିପାଇଁ ଅଧିକ ପାରିଶ୍ରମିକ ଦାବି କରିଛନ୍ତି ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ କିଆରା କହନ୍ତି, 'ଏଥିରେ ଏକ ଆଇଟମ ଗୀତ ରହିଛି ଏବଂ ସେଥିରେ ମୁଁ ନାଚିବି-ଏକଥା ସତ। ହେଲେ ଏହି ଗୀତ ପାଇଁ ମୋତେ ସୁଇମିଙ୍ଗ ଡ୍ରେସ ପିନ୍ଧିବାକୁ ପଡ଼ିବ। ଏପରି କଷ୍ଟ୍ୟୁମ ଚେଞ୍ଜ୍ କରିବାକୁ ମୁଁ ପ୍ରଯୋଜକଙ୍କୁ କହିଛି। ହେଲେ ଏଥିପାଇଁ ମୁଁ ଅଧିକ ପାରିଶ୍ରମିକ ଡିମାଣ୍ଡ କରିଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହାକୁ ମୁଁ ଆଦୌ ଗୁରୁତ୍ୱ ଦେଉନି।' ତେବେ ଏକଥା ପଛରେ କେତେ ସତ୍ୟତା ରହିଛି ତାହା କେବଳ କିଆରାଙ୍କୁ ହିଁ ଜଣା।



## ସୁସ୍ମିତାଙ୍କ ମହ୍ଲାର

ୟୁଟ୍ୟୁବ ପ୍ଲାଟଫର୍ମରେ ଗୋଟିଏ ପରେ ଗୋଟିଏ ସୁପର ହିଟ୍ ଦେଇଚାଲିଥିବା ମ୍ୟୁଜିକାଲ୍ ଯୋଡି ସଙ୍ଗୀତ ନିର୍ଦ୍ଦେଶକ ଦେବ ମେହେର ଏବଂ କଣ୍ଠଶିଳ୍ପୀ ସୁସ୍ମିତା ଦାସ ଆଉଏକ ସୁନ୍ଦର ମ୍ୟୁଜିକ୍ ଭିଡ଼ିଓ ଦର୍ଶକମାନଙ୍କୁ ଭେଟି ଦେଇଛନ୍ତି। ଏହି ଆଲବମ୍‌ର ଟାଇଟଲ ହେଉଛି 'ମହ୍ଲାର'। ଚଳିତ ମାସ ୩ ତାରିଖରେ ଏହା ୟୁଟ୍ୟୁବ ପ୍ଲାଟଫର୍ମରେ ରିଲିଜ ହୋଇଛି। ଓଡ଼ିଶାର ପରମ୍ପରା ଏବଂ ସଂସ୍କୃତିକୁ ନେଇ ଏକ ନିଆରା ଢଙ୍ଗରେ ଏହି ଗୀତଟିକୁ ହିନ୍ଦୀ ଭାଷାରେ ଗାଇଛନ୍ତି ସୁସ୍ମିତା। ''ସମସ୍ତ ବର୍ଗର ଦର୍ଶକଙ୍କୁ ଆଖି ଆଗରେ ରଖି ଉକ୍ତ ଆଲବମ୍‌ଟିକୁ ପ୍ରସ୍ତୁତ କରାଯାଇଛି। ଗୀତଟି ୟୁଟ୍ୟୁବରେ ଲଞ୍ଚ୍ ହେବା ପରେ ତାହାକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। କାରଣ ଗୀତଟିଏ ଗାଇବା ପୂର୍ବରୁ ମୁଁ ତାହାର ସ୍ୱର, ଶବ୍ଦ ସଂଯୋଜନା ଏବଂ ନିଜର ଗାଇବା ଶୈଳୀ ଉପରେ ଗୁରୁତ୍ୱ ଦିଏ ବୋଲି କହନ୍ତି ସୁସ୍ମିତା। ଏହି ଗୀତଟିକୁ ସୋମେଶ ଶତପଥୀ ରଚନା କରିଥିବାବେଳେ ମ୍ୟୁଜିକ ଭିଡ଼ିଓର ନିର୍ଦ୍ଦେଶନା ଦେଇଛନ୍ତି ଦେବ ମେହେର। ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ରିଶାନ୍ ସାମନ୍ତ ଏହି ଆଲବମ୍‌ରେ ଅଭିନୟ କରିଛନ୍ତି।

## ବଲିଉଡ୍ ହାଲ୍‌ଚାଲ୍

➤ସଲମାନ୍ ଖାଁ ଫିଲ୍ମସ ବ୍ୟାନରରେ ନିର୍ମିତ 'ଅନ୍ତିମ'ର ପ୍ରଥମ ପୋଷ୍ଟର ନିକଟରେ ରିଲିଜ ହୋଇଛି। ଜଣେ ଗ୍ୟାଙ୍ଗଷ୍ଟର ଏବଂ ପୋଲିସ ଅଫିସର କାହାଣୀକୁ ନେଇ ଏହା ପ୍ରସ୍ତୁତ ହୋଇଛି, ଯେଉଁଥିରେ ସଲମାନ ଜଣେ ପୋଲିସ ଭୂମିକାରେ ଅଭିନୟ କରିଛନ୍ତି। ଆୟୁଷ ଶର୍ମାଙ୍କୁ ଏଥିରେ ଜଣେ ଗ୍ୟାଙ୍ଗଷ୍ଟର ଭାବରେ ଦେଖିବାକୁ ମିଳିବ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମହେଶ ମଞ୍ଜୋରକର।

➤ଅର୍ଜୁନ କପୁରଙ୍କ ଖୁସି କହିଲେ ନ ସରେ। କାରଣ ସେ ଅଭିନୟ କରିଥିବା ନୂଆ ସିନେମା 'ଭୂତ ପୋଲିସ୍' ଚଳିତ ମାସ ୧୭ରେ ପରଦା ଉପରକୁ ଆସୁଛି। ଏଥିରେ ଅର୍ଜୁନଙ୍କ ବ୍ୟତୀତ ସୈଫ ଅଲ୍ଲୀ ଖାଁ ଏବଂ ଜ୍ୟାକ୍‌ଲିନ୍ ଫର୍ନାଡିସ ମଧ୍ୟ ଅଭିନୟ କରିଛନ୍ତି।

➤ଜାହ୍ନବୀ କପୁର ନିକଟରେ ଏକାଥରେ ତିନୋଟି ଫିଲ୍ମ ସାଇନ୍ କରିଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମଗୁଡ଼ିକର ବ୍ୟାକ୍-ଟୁ-ବ୍ୟାକ୍ ଶୁଟିଂ ହେବାର ଯୋଜନା ରହିଛି। ଏଥିପାଇଁ ନିଜ ଫିଟନେସ ଟ୍ରେନର ନମ୍ରତା ପୁରୋହିତଙ୍କ ତତ୍ତ୍ୱାବଧାନରେ ଜାହ୍ନବୀ ଏବେ ନିଜର ଫିଜିକାଲ ଫିଟେନସ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି।

➤ନୂଆ ହିନ୍ଦୀ ସିନେମା 'ଡାର୍ଲିଂସ୍'ର ଶୁଟିଂ ଶେଷ ହୋଇଛି। ଏହି ଫିଲକୁ ପ୍ରଯୋଜନା କରିଛନ୍ତି ଆଲିୟା ଭଟ୍ଟ। ସେ ଏହାର ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି।



ଜ୍ୟାକ୍‌ଲିନ୍

# ପ୍ରଥମେ ନା ତା'ପରେ...

ବେଳେବେଳେ ଗୋଟିଏ କଥାକୁ ନେଇ ଜଣେ ସହଜରେ ନିଷ୍ପତ୍ତି ନେଇପାରି ନ ଥାନ୍ତି। ଠିକ୍ ସେମିତି ଏପରି ଏକ ଅଫର ପାଇବା ପରେ ତାପସୀ ପାନ୍ନୁ ଅଡୁଆରେ ପଡ଼ିଯାଇଥିଲେ। କିନ୍ତୁ କିଛି ଦିନ ଚିନ୍ତା କରିବା ପରେ ସେ ହଁ ଭରିଥିଲେ। ଅବଶ୍ୟ ଏହାପୂର୍ବରୁ ଡେଟ୍ ସମସ୍ୟାକୁ ନେଇ ସେ ବର୍ତ୍ତମାନ ନୂଆ ସିନେମା ସାଇନ୍ କରିବେ ନାହିଁ ବୋଲି କହିଥିଲେ। ହେଲେ ଏହି ଫିଲ୍ମଟିକୁ ନେଇ ସେ ଭଲ ଭାବରେ ତର୍ଜମା କରିବା ପରେ ସେଥିରେ ଅଭିନୟ କରିବାକୁ ରାଜି ହୋଇଛନ୍ତି। ଅନ୍ୟତମ ନାମୀ ପ୍ରଯୋଜକ କେତନ ମେହେଟ୍ଟା ଏବେ ଏକ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଉଷା ମେହେଟ୍ଟାଙ୍କ ଜୀବନୀକୁ ନେଇ ସେ ଏକ ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ଏହାର ଟାଇଟଲ ଭୂମିକାରେ ତାପସୀ ଅଭିନୟ କରିବେ ବୋଲି ଆରମ୍ଭରୁ ମାଇଣ୍ଡ ମେକ୍‌ଅପ କରିନେଇଥିଲେ କେତନ। ଯେତେବେଳେ ସେ ଏ ନେଇ ତାଙ୍କୁ ଯୋଗାଯୋଗ କଲେ ପ୍ରଥମେ ଡେଟ୍ ସମସ୍ୟା ପାଇଁ ମନା କରିଥିଲେ। ହେଲେ କେତନ ଏ ନେଇ ଭଲ ଭାବରେ ଚିନ୍ତା କରିବାକୁ ତାପସୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ତାପସୀ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ରାଜି ହୋଇଛନ୍ତି। ତାଙ୍କ ବ୍ୟତୀତ ଏଥିରେ ଭୂମି ପେଦନେକରଙ୍କୁ ମଧ୍ୟ ଦେଖିବାକୁ ମିଳିବ।



ତାପସୀ

## ଫୁଲ୍



ପ୍ରତ୍ୟାଶା ପ୍ରିୟମ୍ବଦା

ଆମ ଜୀବନରେ ମାଟି ବା ମୃତ୍ତିକାର ମହତ୍ତ୍ୱ କେତେ ରହିଛି ତାହା କହିବା ଅନାବଶ୍ୟକ। ଏପରି ବିଷୟବସ୍ତୁକୁ ନେଇ 'ଫୁଲ୍' ନାମକ ଏକ କ୍ଷୁଦ୍ର ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ରୁଦ୍ର ରଞ୍ଜନ ଶେଜପଡା। ଖାସ୍ କଥା ହେଲା ଏହି ସର୍ଟ ଫିଲ୍ମଟି 'ଦ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ'ର ପ୍ରତିଯୋଗିତା ପର୍ଯ୍ୟାୟକୁ ମନୋନୀତ ହୋଇଛି। ମୟୂରଭଞ୍ଜର ଅନ୍ଧାରୀ ଗ୍ରାମରେ ଜନ୍ମିତ ରୁଦ୍ରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ବାଲେଶ୍ୱରର ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି ମୁଖ୍ୟ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛନ୍ତି। ଏହାପୂର୍ବରୁ ରୁଦ୍ରଙ୍କ ନିର୍ଦ୍ଦେଶିତ ହିନ୍ଦୀ କ୍ଷୁଦ୍ର ଚଳଚ୍ଚିତ୍ର 'ଏକ ଇଡିୟଟ' ଦିଲ୍ଲୀ ଅନ୍ତର୍ଜାତୀୟ ଏଡୁଡକ୍ ଫିଲ୍ମ ଫେଷ୍ଟିଭାଲ (୨୦୧୮)ରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଭାବରେ ପୁରସ୍କୃତ ହୋଇସାରିଛି।

ରିଲିଜ ଅପେକ୍ଷାରେ

## ବାୟ ବାୟ ଦିଲ୍

ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଏହି ଫିଲ୍ମକୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା। କାରଣ ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ମଡେଲିଂ ସହ ଜଡ଼ିତ ଏହି ନବାଗତା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିଛନ୍ତି। ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ନିର୍ଦ୍ଦେଶନା ଦାୟିତ୍ୱ କୁନାଲ ପଟ୍ଟନାୟକ ତୁଲାଇଥିବା ବେଳେ ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ଚିତ୍ରୋତ୍ତୋଳନ କରିଛନ୍ତି ରଞ୍ଜନ ମିଶ୍ର। ନିକଟରେ ଶୁଟିଂ ଶେଷ ହୋଇଥିବା ଏହି ଫିଲ୍ମରେ ସାସାଙ୍କ ଭୂମିକାଟି ହେଲା ଗ୍ଲୋରି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଟୁଲୁ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ବିଦେଶୀ ଲଳନା ଓଡ଼ିଆ ସିନେମାରେ ଅଭିନୟ କରିବା ନୂଆ କଥା ନୁହେଁ। ଏହାପୂର୍ବରୁ ପରଦେଶୀ ଚଢ଼େଇରେ ଉତ୍ତମ ମହାନ୍ତିଙ୍କ ସହ ଅରମିଣ୍ଟାଙ୍କୁ ନାୟିକା ଭାବେ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ମୁଖ୍ୟମନ୍ତ୍ରୀ'ରେ ବିଦେଶୀ ନାୟିକା ସବ୍ରିନା ଜେନିଫର ଅଭିନୟ କରିଥିଲେ। ତେବେ 'ବାୟ ବାୟ ଦିଲ୍'ରେ ସାସା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।




ରାଜ୍

## ପରଦାରେ 'ଚକ୍ଷୁବନ୍ଧନ'

ରହସ୍ୟ, ରୋମାଞ୍ଚକର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ଚକ୍ଷୁବନ୍ଧନ'। ଅନିଶ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ତପନ କୁମାର ଦାଶ ଏବଂ କାର୍ଯ୍ୟକାରୀ ପ୍ରଯୋଜକ ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ ବଳବନ୍ତରାୟ। ଏହି ଫିଲ୍ମଟି କେବଳ ଓଡ଼ିଆ ନୁହେଁ ବଙ୍ଗଳା ଭାଷାରେ ମଧ୍ୟ ନିର୍ମିତ ହୋଇଛି। ନିଜର ସ୍ୱାର୍ଥ ପାଖରେ ମଣିଷ କିପରି ଅନ୍ଧ ହୋଇଯାଏ ଏବଂ ଭ୍ରମରେ ପଡ଼ି ସେ କିପରି ଭୁଲ ରାସ୍ତାରେ ପରିଚାଳିତ ହୁଏ ଏବଂ ତାହାର ପରିଣାମ କ'ଣ ହୁଏ ତାହାକୁ ନେଇ ଏହି ସିନେମା କାହାଣୀ ରଚିତ। କେବଳ କାହାଣୀ ନୁହେଁ, ଏଥିରେ ସଂଳାପ ଏବଂ ସଙ୍ଗୀତକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହି ଲଭ୍ ଥ୍ରୀଲର ଫିଲ୍ମର ନାୟକ ସାଜିଛନ୍ତି ରାଜ ରାଜେଶ ଏବଂ ନାୟିକା ଭୂମିକାରେ ଅଭିନୟ କରିଛନ୍ତି ଭୂମିକା ଦାଶ। ଏହାବ୍ୟତୀତ ଋଷି ଏବଂ ବଙ୍ଗୀୟ ଅଭିନେତ୍ରୀ ଈଶାନୀ ସେନଗୁପ୍ତାଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ରାଜେନ୍ଦ୍ର ମହାନ୍ତ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର ଏବଂ ବନି ଗୌରବ। ଫିଲ୍ମଟି ଗଣେଶ ପୂଜାରେ ମୁକ୍ତିଲାଭ କରିବ ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।



ରାଜ୍‌ରାଜେଶ-ଭୂମିକା

## ସଂକ୍ଷେପରେ

### ପିସିଏରୁ ବାହାରିଲା ୟୁକୋ ବ୍ୟାଙ୍କ

ନୂଆଦିଲ୍ଲୀ, ୮।୯: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ବୁଧବାର ୟୁକୋ ବ୍ୟାଙ୍କକୁ ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) କାର୍ଯ୍ୟାନୁଷ୍ଠାନ ପରିସରରୁ ବାହାରକୁ ବାହାର କରିଛି। ବ୍ୟାଙ୍କର ଆର୍ଥିକ ଏବଂ ଋଣ ଯୋଗାଣ ସ୍ଥିତିରେ ଉନ୍ନତି ଆସିବାରୁ କେନ୍ଦ୍ରୀୟ ବ୍ୟାଙ୍କ ଉକ୍ତ ବ୍ୟାଙ୍କ ଉପରେ ଲାଗିଥିବା କଟକଣାକୁ କୋହଳ କରିଥିବା ଜଣାପଡିଛି। ବର୍ତ୍ତମାନର ନିଷ୍ପତ୍ତି ଆସିବା ପରେ ୟୁକୋ ବ୍ୟାଙ୍କକୁ ଋଣ ଯୋଗାଣରେ ଅଧିକ ସ୍ୱାଧୀନତା ଏବଂ ନେଟୱର୍କ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି। ନୂଆ ନିୟମ ଅନୁସାରେ ଏହି ବ୍ୟାଙ୍କ ଏବେ ବଡ ବଡ କର୍ପୋରେଶନଗୁଡିକୁ ଋଣ ଯୋଗାଣ କରିପାରିବ। କୋଲ୍‌କାତା ଭିତ୍ତିକ ଏହି ବ୍ୟାଙ୍କ ୨୦୧୭ରେ ପିସିଏ କଟକଣାର ସମ୍ମୁଖୀନ ହୋଇଥିଲା। ଏହାର ନେଟ୍ ଏନ୍‌ପିଏ ଏବଂ ଆସେଟ ଉପରେ ନକାରାତ୍ମକ ରିଟର୍ନ ଯୋଗୁ ଆର୍‌ବିଆଇ ବାଧ ହୋଇ ଏହା ଉପରେ ପିସିଏ କଟକଣା ଲଗାଇଥିଲା।

# ପିଏଲ୍‌ଆଇ ସ୍କିମ୍‌ରେ ବୟନ କ୍ଷେତ୍ର ସାମିଲ

## ମିଳିବ ୧୦ ହଜାର କୋଟିର ପ୍ରୋତ୍ସାହନ



ନୂଆଦିଲ୍ଲୀ, ୮।୯

ଦେଶର ବୟନ ଶିଳ୍ପ କ୍ଷେତ୍ରକୁ ସରକାର ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ଯୋଜନା(ପିଏଲ୍‌ଆଇ) ସ୍କିମ୍‌ରେ ସାମିଲ କରିଛନ୍ତି। ଏହି କ୍ଷେତ୍ରରେ ମାନୁଫାକ୍ଚରିଂ ଏବଂ ରପ୍ତାନି ବୃଦ୍ଧି ଲାଗି ବିଭିନ୍ନ ପ୍ରୋତ୍ସାହନ କେନ୍ଦ୍ର ସରକାର ଯୋଗାଇ ଦେବେ। ଏଥିଲାଗି କେନ୍ଦ୍ର କ୍ୟାବିନେଟ ୧୦,୬୮୩ କୋଟି ଟଙ୍କା ଯୋଗାଣ ପ୍ରସ୍ତାବକୁ ବୁଧବାର ମଞ୍ଜୁରୀ ଦେଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଏହି ଯୋଜନା ଲାଗି ସରକାର ବଜେଟରେ ୧୦,୬୮୩ କୋଟି ଟଙ୍କା ପାଣ୍ଠି ବ୍ୟବସ୍ଥା କରିବେ। ମ୍ୟାନ୍‌ମେଡ୍ ଫାଇବର ଆପାରେଲ, ମ୍ୟାନ୍‌ମେଡ୍ ଫାଇବର ଫ୍ୟାବ୍ରିକ,ଟେକ୍ନିକାଲ ଟେକ୍ସଟାଇଲର ୧୦ ବର୍ଗ ଏବଂ ପ୍ରଡକ୍ଟକୁ ଏହି ଯୋଜନା ଦ୍ୱାରା ପ୍ରୋତ୍ସାହିତ କରାଯିବାର ଯୋଜନା ରଖାଯାଇଛି। ବୟନ ଶିଳ୍ପ ସମେତ ୧୩ କ୍ଷେତ୍ରକୁ ପିଏଲ୍‌ଆଇ ସ୍କିମ୍‌ରେ ସାମିଲ କରିବା ଲାଗି ଚଳିତ ବର୍ଷ ବଜେଟରେ ସରକାର ଘୋଷଣା କରିଥିଲେ। ଏଥିରେ ୧.୯୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା ରଖାଯାଇଥିଲା। ବୟନ ଶିଳ୍ପ ଲାଗି ଘୋଷଣା କରାଯାଇଥିବା ପ୍ରୋତ୍ସାହନ ରାଶି ଆଗାମୀ ୫ ବର୍ଷରେ ପ୍ରଦାନ କରାଯିବ ବୋଲି ଠାକୁର ସ୍ପଷ୍ଟ କରିଛନ୍ତି।

ଆଗାମୀ ୫ ବର୍ଷରେ ଏହି କ୍ଷେତ୍ରରେ ୧୯ ହଜାର କୋଟି ଟଙ୍କା ନିବେଶ ହେବା ନେଇ ସରକାର ଆକଳନ କରିଛନ୍ତି। ଏହି ଅବଧିରେ ଉକ୍ତ କ୍ଷେତ୍ରର କାରବାର ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଛୁଇଁପାରେ। ସେହିଭଳି ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଉକ୍ତ କ୍ଷେତ୍ରଗୁଡିକରେ ୭୫ ହଜାର ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି। ଆକାଂକ୍ଷୀ ଜିଲା ଏବଂ ଟାୟାର ୩ ସହରଗୁଡ଼ିକୁ ସରକାର ବର୍ତ୍ତମାନ ପ୍ରାଥମିକତା ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ଏଭଳି ବିଭିନ୍ନ ପଦକ୍ଷେପ ଦ୍ୱାରା ଦେଶ ମଧ୍ୟରେ ବିଶ୍ୱସ୍ତରୀୟ ଫାସିଲିଟି ସ୍ଥାପନ କରିବାକୁ ସରକାର ଫୋକସ ରଖିଛନ୍ତି। ରପ୍ତାନି ବୃଦ୍ଧିକୁ ଧ୍ୟାନରେ ରଖି ବିଭିନ୍ନ ଦେଶ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରାଯାଉଛି। ବର୍ତ୍ତମାନର ଯୋଜନା ଦ୍ୱାରା ଗୁଜରାଟ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ତାମିଲନାଡ୍ର, ପଞ୍ଜାବ, ଆନ୍ଧ୍ର ପ୍ରଦେଶ ଏବଂ ତେଲଙ୍ଗାନା ଭଳି ରାଜ୍ୟର ଶିଳ୍ପ ଲାଭବାନ୍ ହୋଇପାରିବେ। ସରକାରଙ୍କ ପଦକ୍ଷେପକୁ ଶିଳ୍ପ ପକ୍ଷରୁ ସ୍ୱାଗତ କରାଯାଇଛି। ଭାରତୀୟ ବୟନ ଶିଳ୍ପର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ଯୋଗଦାନ ରଖିବ ବୋଲି ଆପାରେଲ ଏକ୍ସପୋର୍ଟ ପ୍ରମୋଶନ କାଉନସିଲର ଅଧ୍ୟକ୍ଷ ଏ.ଶକ୍ତିଭେଲ କହିଛନ୍ତି।

# ସନ୍‌ସାଇନ ହସ୍ପିଟାଲରେ ନୂଆ ଫିଜିଓଥେରାପି ବିଭାଗ



ଭୁବନେଶ୍ୱର, ୮।୯: ସନ୍‌ସାଇନ ହସ୍ପିଟାଲ ଭୁବନେଶ୍ୱରଠାରେ ନୂଆ ଫିଜିଓଥେରାପି ବିଭାଗ ଶୁଭାରମ୍ଭ ହୋଇଛି। ଅଭିନବ ବିନ୍ଦ୍ରା ସ୍ପୋର୍ଟସ ମେଡିଶିନ ଆଣ୍ଡ ରିସର୍ଚ୍ଚ ଅନୁଷ୍ଠାନ(ଏବିଏସ୍ଏମ୍ଆର୍‌ଆଇ)ର ମିଳିତ ଉଦ୍ୟମରେ ଏହା ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଏହାର ଲୋକାର୍ପଣ କରିଥିଲେ। କରୋନା ମହାମାରୀ ସମୟରେ ଫିଜିଓଥେରାପି ଚିକିତ୍ସାର ଭୂମିକା ଏବଂ ଗୁରୁତ୍ୱ ଉପରେ ସେ ସୂଚନା ଦେଇଛନ୍ତି। ନୂଆ ସେଣ୍ଟର ଲୋକଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫିଜିଓଥେରାପି ଚିକିତ୍ସା ଉପଲବ୍ଧ କରାଇବାରେ ଯୋଗଦାନ କରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଏଠାରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଲୋକଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ସବୁ ବର୍ଗର ଫିଜିଓଥେରାପି ଚିକିତ୍ସା ଉପରେ ଅନୁଷ୍ଠାନ ପକ୍ଷରୁ ୨୦% ରିହାତି ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଅତିଥିଙ୍କ ଦେୟମୁକ୍ତ ବୋନ୍‌ମାସ ଡେନ୍‌ସିଟି ଟେଷ୍ଟ କରାଯାଇଥିଲା। ହସ୍ପିଟାଲର ଡିନ୍ ଡା. ଜୋସେଫ ଓଲିଭର ବିଶ୍ୱ ଫିଜିଓଥେରାପି ଦିବସର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡା. ଚିନ୍ମୟ କୁମାର ପାତ୍ର ଏବିଏସ୍ଏମ୍ଆର୍‌ଆଇର ଫିଜିଓଥେରାପି ଚିକିତ୍ସା ସମ୍ପର୍କରେ ମତ ରଖିଥିଲେ।

### ୟୁସିସିଆଇର ସବୁଜ ଅଭିଯାନ

ଭୁବନେଶ୍ୱର,୮।୯: ଉତ୍କଳ ଚାମ୍ବର ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇ) ଏବଂ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମି ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମିଳିତ ସହଯୋଗରେ 'ସଂସ୍ଥା ଭିତ୍ତିକ ସବୁଜ ଅଭିଯାନ ଏବଂ ଫଳ ଚାରାରୋପଣ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଆଇଗଣିଆସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମି ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଟ୍ରେନିଂ) ଏ.କେ.ଷଡ଼ଙ୍ଗୀ, ପୋଲିସ ଆଇଜି (ଟ୍ରେନିଂ) ସାଇନି ଏସ୍, ଡେପୁଟି କମାଣ୍ଡାଣ୍ଟ ଜ୍ଞାନ ଏବଂ ବିଏମ୍‌ସିର ବରିଷ୍ଠ ଅଧିକାରୀ ଜି.ବି.ଶତପଥୀ ପ୍ରମୁଖ ଉପସ୍ଥିତ ରହି ଏହାକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁସିସିଆଇର ସଭାପତି ବ୍ରହ୍ମା ମିଶ୍ର, ସଂସ୍ଥାର ସମ୍ପାଦକ ଦୀପକ ରୋଠର,ଭିପି, ଯୁଗ୍ମ ସମ୍ପାଦକ ଅକ୍ଷୟ ଖଣ୍ଡେଲୱାଲ ଏବଂ ପୂର୍ବତନ ଇସି ସଦସ୍ୟ ୟୁସିସିଆଇଲିର ଜେ.ପି. ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଥିଲେ।

# ବାରିପଦାରେ ଭି୨ର ନୂଆ ଷ୍ଟୋର



ବାରିପଦା,୮।୯

ପ୍ରମୁଖ ରିଟେଲ ଚେନ୍ ଷ୍ଟୋର ଭି୨ର ନୂଆ ଷ୍ଟୋର ବାରିପଦା ସହରରେ ଖୋଲିଛି। ନୂଆ ଷ୍ଟୋର ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର (ମୁର୍ଗାବାଡ଼ି ଛକ)ଠାରେ ଅବସ୍ଥିତ। ଏହା କମ୍ପାନୀର ୯୬ତମ ଷ୍ଟୋର ହୋଇଥିବା ବେଳେ ଏହାକୁ ଡ. ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଭି୨ ପକ୍ଷରୁ ରିଟେଲ ମୁଖ୍ୟ ଶକ୍ତି ମହାନ୍ତି, ଓଡ଼ିଶାର ରିଜିଓନାଲ ମ୍ୟାନେଜର ଦୀପକ ଜେନା ଏବଂ ଲକ୍ଷ୍ମୀକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ସୁବିଧା କରାଯାଇଛି। ପୁରୁଷଙ୍କ ଜିନ୍ସ ଉପରେ ୨୫% ରିହାତି ଗ୍ରାହକ ପାଇପାରିବେ। ସେହିଭଳି ୧୦୦୦ ଟଙ୍କାର କିଣାକିଣି ଉପରେ ୨୫୦ ଟଙ୍କାର ୪ ଗିଫ୍ଟ ଭାଉଚର ମାଗଣା ମିଳୁଛି। ଏହାବାଦ ଆହୁରି ଅନେକ ଅଫର ଗ୍ରାହକଙ୍କ ଲାଗି ରହିଥିବା ଶୋ'ରୁମ୍ ପକ୍ଷରୁ ସୂଚନା ମିଳିଛି। ୯୯୯ ଟଙ୍କାର କିଣାକିଣି ଉପରେ ଲକି ଡ୍ର କୁପନ ମିଳିବ। ଲକି ଡ୍ରରେ ଭାଗନେଇ ଗ୍ରାହକ ଏଲ୍‌ଇଡି ଟିଭି, ରେଫ୍ରିଜରେଟର, ୱାଶିଂ ମେଶିନ ଭଳି ଅନ୍ୟ ଆକର୍ଷଣୀୟ ପୁରସ୍କାର ଜିତିପାରିବେ। ଷ୍ଟୋରରେ ମେନ୍ସ ୱେର, ଲେଡିଜ ୱେର, କିଡ୍ସ ୱେର ଏବଂ ଲାଇଫ ଷ୍ଟାଇଲ ବର୍ଗରେ ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ ହେଉଛି। ଭି୨ ବର୍ତ୍ତମାନ ଓଡ଼ିଶାରେ ୧୫ଟି ଷ୍ଟୋର ଦ୍ୱାରା ସେବା ଯୋଗାଇ ଦେଉଛି। ଦେଶର ୧୭ ରାଜ୍ୟରେ ଏହାର ମୋଟ ୯୬ଟି ଷ୍ଟୋର ରହିଛି। ଓଡ଼ିଶାରେ ୧୪ତମ ଷ୍ଟୋରର ସଫଳତା ପରେ ବାରିପଦା ଷ୍ଟୋର ଶୁଭାରମ୍ଭ କରାଯାଇଛି। ନୂଆ ଷ୍ଟୋରଟି ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି କମ୍ପାନୀ ଆଶାବାଦୀ ରହିଛି। ଗ୍ରାହକଙ୍କ ଲାଗି ଶୁଭାରମ୍ଭ ଅଫର ରହିଥିବାରୁ ଏହାର ଲାଭ ଉଠାଇବାକୁ ଶୋ'ରୁମ୍ ପକ୍ଷରୁ ନିବେଦନ କରାଯାଇଛି।

## ଉତ୍ପାଦନ ବୃଦ୍ଧି ଲାଗି କ୍ୟାପ୍ଟିଭ କୋଇଲା ଖଣି ଓନରଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୮।୯: ନିଜସ୍ୱ ବ୍ୟବହାର ଲାଗି କୋଇଲା ଖଣି ପାଇଥିବା କମ୍ପାନୀଙ୍କୁ କେନ୍ଦ୍ର ସରକାର କଡା ନିର୍ଦ୍ଦେଶ ଦେଇଛନ୍ତି। ଏହି କମ୍ପାନୀଗୁଡିକ ଅଦ୍ୟାବଧି ଉତ୍ପାଦନ ବୃଦ୍ଧି କରିବାକୁ ସକ୍ଷମ ହୋଇନାହାନ୍ତି। ଯଦି କମ୍ପାନୀଗୁଡିକ ଉତ୍ପାଦନ ନ ବଢାନ୍ତି ତେବେ କୋଲ୍ ଇଣ୍ଡିଆରୁ ମିଳୁଥିବା କୋଇଲା ପ୍ରଦାନକୁ ବନ୍ଦ କରାଯିବ ବୋଲି ସରକାର ନିର୍ଦ୍ଦେଶରେ କହିଛନ୍ତି। କୋଇଲା ଖଣି ପାଇଥିବା କମ୍ପାନୀଗୁଡିକ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ନ ଥିବା କେନ୍ଦ୍ର ସରକାର ସମୀକ୍ଷାରୁ ଜାଣି ପାରିଛନ୍ତି। ଦେଶରେ ତାପଜ ବିଦ୍ୟୁତ ପ୍ଲାଣ୍ଟଗୁଡିକରେ ବର୍ତ୍ତମାନ କୋଇଲାର ଘୋର ସଙ୍କଟ ଦେଖାଯାଇଛି। ବର୍ତ୍ତମାନ ୪୩ କ୍ୟାପ୍ଟିଭ କୋଇଲା ଖଣି କାର୍ଯ୍ୟକ୍ଷମ ରହିଥିଲେ ମଧ୍ୟ କୌଣସି ଗୋଟିଏ କମ୍ପାନୀ ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇନାହାନ୍ତି। ଗତ ୫ ବର୍ଷ ମଧ୍ୟରେ ଏହି ଖଣି ଗୁଡିକ ପ୍ରଦାନ କରାଯାଇଛି। ଖଣି ଗୁଡିକର ପିକ୍ ରେଟ୍ କାପାସିଟି ୧୪୫ ନିୟୁତ ଟନ୍ ରହିଛି। ଚଳିତ ଆର୍ଥିକ ବର୍ଷରେ ଏମାନେ ମିଳିତ ଭାବେ ୫୪ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବେ ବୋଲି ଆକଳନ କରାଯାଇଛି।

# କାନାରା ବ୍ୟାଙ୍କର ଛତୁଚାଷ ତାଲିମ ଶିବିର

ଭୁବନେଶ୍ୱର,୮।୯: କାନାରା ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ, ଭୁବନେଶ୍ୱର ରୁଡ୍‌ସେଟ୍ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ବାଲିଅନ୍ତା ବ୍ଲକର ସରକଣା ଗ୍ରାମପଞ୍ଚାୟତରେ ଦଶଦିନବ୍ୟାପୀ ଛତୁଚାଷ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଓଡ଼ିଶା ଗ୍ରାମୀଣ ଜୀବିକା ମିଶନର ସହ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଛତୁଚାଷ ସମ୍ବନ୍ଧୀୟ ବୈଷୟିକ ଶିକ୍ଷା ସହ ଉଦ୍ୟୋଗର ବିକାଶ ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ରୁଡ୍‌ସେଟ୍‌ର ନିର୍ଦ୍ଦେଶକ ଅରକ୍ଷିତ ଦାସ, ବରିଷ୍ଠ ପ୍ରଶିକ୍ଷକ ଦୀପକ ବ୍ରହ୍ମା, ଏମ୍‌ବିକେ ପ୍ରମୋଦିନୀ ରଥ, ସରପଞ୍ଚ ସୂର୍ଯ୍ୟନାରାୟଣ ଦାସ, ବିଏଲ୍‌ସି ଲିଲିମା ସେଠୀ, ବରିଷ୍ଠ କାର୍ଯ୍ୟକାରୀ ସହାୟିକା ପ୍ରଣିତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଏସ୍‌ଡିଆର୍ ଭାସ୍କର ଚନ୍ଦ୍ର ଖଣ୍ଡା ଓ ନିର୍ଦ୍ଦେଶକ ଅରକ୍ଷିତ ଦାସ ତାଲିମାର୍ଥୀଙ୍କୁ ସାର୍ଟିଫିକେଟ ଓ ଛତୁଚାଷ ଉପକରଣ ବଣ୍ଟନ କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ଦୀପକ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ସ କୋଜି ବିଜ୍ଞାପନରେ ବରୁନ ଧାୱନ

ନୂଆଦିଲ୍ଲୀ, ୮।୯: ଲକ୍ସ ଇଣ୍ଡଷ୍ଟ୍ରିଜର ନୂଆ ଟିଭି ବିଜ୍ଞାପନରେ ବଲିଉଡ ଅଭିନେତା ବରୁଣ ଧାୱନ ନଜର ଆସିଛନ୍ତି। କମ୍ପାନୀ ଏହାର କୋଜି ବ୍ରାଣ୍ଡ ଲାଗି ତାଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଥିବା ଜଣାପଡିଛି। ଯୁବ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଥିବା କହିଛି। ଗ୍ରାହକଙ୍କୁ ଆରାମଦାୟକ ପ୍ରଡକ୍ଟ ଏବଂ ଲାଇଫ ଷ୍ଟାଇଲକୁ ନଜରରେ ରଖି ଲକ୍ସ ଏହାର ବିଭିନ୍ନ ପ୍ରଡକ୍ଟକୁ ପ୍ରସ୍ତୁତ କରୁଥିବା କହିଛି। ଲକ୍ସ କୋଜିର ଏହି ଟିଭି ବିଜ୍ଞାପନରେ 'ଏକଦମ କୋଜି' ମେସେଜ ଦିଆଯାଇଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କମ୍ପାନୀ ଅଭିନବ ପ୍ରଡକ୍ଟ ପ୍ରସ୍ତୁତ କରୁଛି। ବର୍ତ୍ତମାନ ୪୭ ଦେଶରେ ବ୍ରାଣ୍ଡ ନିଜର ଉପସ୍ଥିତି ବଜାୟ ରଖିଥିବା ବେଳେ ସବୁ ବେଳେ ଗ୍ରାହକଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛି। ଲକ୍ସ ଏହାର ପୋର୍ଟଫୋଲିଓରେ ୧୫ ବ୍ରାଣ୍ଡକୁ ଯୋଡି ପାରିଛି। ପୁରୁଷ, ମହିଳା ଏବଂ ଶିଶୁଙ୍କ ଲାଗି ଇନର ଏବଂ ଆଉଟରୱେର ବର୍ଗରେ ଏହା ୧୦୦ରୁ ଉର୍ଦ୍ଧ୍ୱ ପ୍ରଡକ୍ଟ ଯୋଗାଣ ଦିଗରେ ଏହା ଚେଷ୍ଟା ଜାରି ରଖିଛି। ଯୁବବର୍ଗଙ୍କ ନିକଟତର ହେବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଲକ୍ସ ଇଣ୍ଡଷ୍ଟ୍ରିଜର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ସାକେତ୍ ତୋଡି କହିଛନ୍ତି।

# ଟେଟ୍ରାସଫ୍ଟର ଟେକ୍ନୋଲୋଜି ଇନୋଭେଶନ ହବ୍

ଭୁବନେଶ୍ୱର,୮।୯

ସୂଚନା ପ୍ରଯୁକ୍ତି ଓ କନ୍‌ସଲ୍‌ଟିଂ ସେବା ପ୍ରଦାନକାରୀ ସଂସ୍ଥା ଟେଟ୍ରାସଫ୍ଟ ପକ୍ଷରୁ ଭୁବନେଶ୍ୱରରେ ଏକ ଷ୍ଟେଟ୍ ଅଫ୍ ଆର୍ଟ ଭିତ୍ତିକ ଟେକ୍ନୋଲୋଜି ଇନୋଭେଶନ ହବ୍ (ଏଟିଆଇ) ଶୁଭାରମ୍ଭ ହୋଇଛି। ଏହା ସଂସ୍ଥାଗତ କ୍ଲାଏଣ୍ଟମାନଙ୍କ ପାଇଁ ଡେଲିଭରି ଉତ୍କର୍ଷ ବଢ଼ାଇବା ଓ ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଲାଗି ଡିଜିଟାଲ ପ୍ରଯୁକ୍ତିର ବିଭିନ୍ନ ବର୍ଗରେ ଏହାର ଡିଜିଟାଲ ପରିବର୍ତ୍ତନ ଦକ୍ଷତାକୁ ସମ୍ପ୍ରସାରିତ କରାଯାଇଛି। ଏଥିରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦ରୁ ଉର୍ଦ୍ଧ୍ୱ ଡିଜିଟାଲ୍ ବିଶେଷଜ୍ଞଙ୍କୁ ନିଯୁକ୍ତି ମିଳିବ। ଏହି ହବ୍‌ରେ ଏକ ବୀମା ନବସୃଜନ ଲାବ୍ (ଆଇଆଇଏଲ୍) ରହିବ। ବୀମା ଶିଳ୍ପର ବିଭିନ୍ନ ବର୍ଗରେ ସହବନ୍ଧିତ ହେବା ଏବଂ ମିଳିତ ନବସୃଜନ ପାଇଁ କୋର୍ ପ୍ଲାଟ୍‌ଫର୍ମର ଉନ୍ନତୀକରଣ, ଇଣ୍ଟେଲିଜେଣ୍ଟ ପ୍ରୋସେସ୍ ଅଟୋମେସନ, ବିଗ୍ ଡାଟା ଆନାଲିଟିକ୍ସ ଏବଂ କ୍ଲାଉଡ୍ ଭଳି କ୍ଷେତ୍ରରେ ଏହା ସହାୟତା କରିବ।

# ଏସ୍‌ବିଆଇର ଏସ୍‌ଏଚ୍‌ଜି ସମନ୍ୱୟ ମେଳା

ଭୁବନେଶ୍ୱର,୮।୯: ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ରାଉରକେଲା ପକ୍ଷରୁ ସୋମବାର ସ୍ଥାନୀୟ ସିଭିକ ସେଣ୍ଟରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଚେତନତା ଓ ସମନ୍ୱୟ ମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟାକୃଷ୍ଣାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମହାପ୍ରବନ୍ଧକ ଏନ୍‌ଡବ୍ଲ୍ୟୁ-୨ର ବିଜୟ କୁଜୁର ଓ ସମ୍ବଲପୁର ଜୋନ୍‌ର ଉପମହାପ୍ରବନ୍ଧକ ମଦନମୋହନ ବାରିହାର ଏବଂ ପିଡି ଡିଆର୍‌ଡିଏ ଭାଇରୋ ସିଂହ ପଟେଲ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଏସ୍‌ଏଚ୍‌ଜିଙ୍କୁ ମୋଟ ୬.୪୮ କୋଟି ଟଙ୍କାର ଋଣ ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳରୁ ୨୩୭ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ଏହି ଋଣ ପ୍ରଦାନ କରାଯାଇଥିଲା। ଏସ୍‌ବିଆଇର ଏହି କାର୍ଯ୍ୟକ୍ରମକୁ ଏସ୍‌ଏଚଜି ଗ୍ରୁପ୍‌ର ସଦସ୍ୟାମାନେ ଭୂୟସୀ ପ୍ରଶଂସା କରିଥିଲେ। ପିଡି ଡିଆର୍‌ଡିଏର ଅଧିକାରୀ ଭାଇରୋ ସିଂ ପଟେଲ ଏସ୍‌ବିଆଇର ଯୋଗଦାନ ଏବଂ ତା'ର ଅଧିକାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ୧୧ରୁ ଜୋୟାର ଗହଣା ପ୍ରଦର୍ଶନୀ



ଭୁବନେଶ୍ୱର,୮।୯: ଟାଟାର ଡାଏମଣ୍ଡ ବୁଟିକ୍‌ତଥା ଫାଇନ୍ ଗହଣାର ଲକ୍ସୁରି ବ୍ରାଣ୍ଡ 'ଜୋୟା' ପକ୍ଷରୁ ଚଳିତ ମାସ ୧୧ରୁ ୧୫ ତାରିଖ ଯାଏ ଏହା ପ୍ରଥମ ଟ୍ରଙ୍କ୍ ଶୋ' ଆୟୋଜନ କରାଯାଉଛି। ସ୍ଥାନୀୟ ତାଜ୍ ଭିଭାନ୍ତ ପ୍ଲୁମେରିଆଣ ରେ ଏହା ଅନୁଷ୍ଠିତ ହେବ। ଏଠାରେ ବ୍ରାଣ୍ଡର ମନଲୋଭା କଲେକ୍ସନଗୁଡ଼ିକୁ ପ୍ରଦର୍ଶନ କରାଯିବ। ଜୋୟା ଦେଶର ଗହଣା ଡିଜାଇନ ଏବଂ ଅନୁଭୂତିକୁ ନୂତନ ପରିଭାଷା ଦେଇଛି। ସ୍ୱତନ୍ତ୍ର ଡିଜାଇନ ଏବଂ କୁଶଳ କାରିଗରି ଲାଗି ଏହାର ପ୍ରଡକ୍ଟଗୁଡିକ ବେଶ୍ ସ୍ୱତନ୍ତ୍ର ହୋଇପାରିଛି। କଳା, ସ୍ଥାପତ୍ୟ, ଇତିହାସ ଏବଂ ସଂସ୍କୃତିରୁ ଜୋୟା ବ୍ରାଣ୍ଡର ଗହଣାଗୁଡିକ ଅନୁପ୍ରାଣିତ। ପ୍ରତ୍ୟେକ ଜୋୟା କଲେକ୍ସନ ଜଣେ ମହିଳାଙ୍କ ଯାତ୍ରାର ଏକ କଳାତ୍ମକ ଗାନକୁ ପ୍ରତିପାଦିତ କରିଥାଏ। ୧୨ ବର୍ଷ ପୂର୍ବେ ଏହି ବ୍ରାଣ୍ଡ ଉନ୍ମୋଚନ କରାଯାଇଥିଲା। ଗତ ମାସ ଏହି ଲକ୍ସୁରି ବ୍ରାଣ୍ଡ ନୂଆ ଅଟୋଗ୍ରାଫ ଡିଜାଇନ ସମାଭେର ବଜାର ପ୍ରବେଶ ହୋଇଛି।


Annexure - II

**OFFICE OF DISTRICT MANAGER**
**Odisha State Civil Supplies Corporation Ltd. (OSCSC)**
**Mayurbhanj District.**
**Phone: 9438200052**
**District Website: www.mayurbhanj.nic.in**

**Tender No. 2596** **Dt. 04.09.21**

No. CAD-1130:- District Manager, Odisha State Civil Supplies Corporation Ltd., Mayurbhanj invite tender in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Level-II Transport Contractor for transportation of Custom Milled Rice (CMR) from Rice Receiving Center (RRC) to Retail Center (FPS). |
| 2 | Availability of bid document in the portal | From 07.09.2021 |
| 3 | Last Date/Time for receipt of bids in the portal | Date-27.09.2021 upto 5.00 PM |
| 4 | Date/Time of Opening of Technical Bid | Date-28.09.2021 at 11.00 AM |
| 5 | Name and address of the office inviting e-Tender | District Manager, OSCSC Ltd., Mayurbhanj, Baripada |

Tender documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tenderodisha.gov.in** alongwith district website. Amendments / Corrigendum / cancellation / retenders etc. if any shall be published only in above websites.

**Sd./- District Manager**
**OSCSC Ltd., Mayurbhanj**
OIPR-07046/11/0002/2122



No. B-376:- **GOVERNMENT OF ODISHA**
**OFFICE OF THE EXECUTIVE ENGINEER, PHULBANI (R&B) DIVISION, PHULBANI**
e-mail- eeplbrb@gmail.com
**INVITATIONS FOR BIDS (IFB)**
**'e' procurement Notice**
**Bid Identification No. EE-R&B-PLB-08-2021-22**

1) (a) Name of the work : Building work- 2 (Two) Nos.
Estimated Cost : Rs.24.956 lakhs- Rs. 43.216 lakhs
2) Period of Completion : As notified in Tender Call Notice
3) Date & Time of availability of Bid documents in the portal : From 14.09.2021, 10.00 A.M. to 22.09.2021 5.00 P.M.
4) Last date/time for receipt of bids in the portal : Up to 5.00 P.M. of dated 22.09.2021.
5) Name and address of the O.I.T. : Executive Engineer, Phulbani (R&B) Division.

Further details can be seen from the website www.tendersodisha.gov.in
Corrigendum if any shall be published only in the above website.
**Sd./- P. Samantara, Executive Engineer, Phulbani (R&B) Division**
OIPR-34066/11/0005/2122



**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION.**
Near Jail Chowk, E-mail id – dfosouthsbp@yahoo.com Phone/FAX- 0663-2410139
**CORRIGENDUM**

No. MM-183:- Due to unavoidable circumstances, the last date of receiving the tender documents for construction of Forester and Forest Guard quarters of this Division as published in daily newspaper of Statesman, Dharitri & Pragativadi on dtd.19.08.2021 is hereby extended up to 21.09.2021 till 5.00 P.M. & will be opened by the Divisional Committee on dtd.22.09.2021 at 11.00 A.M. in the Division Office with some relaxation in application forms in Annexure- I to VII ,which will be available in the website www.sambalpur.nic.in and www.odishaforest.in. All other terms and condition will remain unchanged.

**Divisional Forest Officer**
**Sambalpur Forest Division**
OIPR-08059/11/0002/2122



**ATTENTION GST TAXPAYERS**
NATION TAX MARKET GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)
No. S-19

**Last date for filling the Application for Revocation of Cancellation is now extended up to**
**30th SEPTEMBER 2021**

Government have extended the due date for filling application for Revocation of cancellation of GST Registration to **30th September 2021**, for the Taxpayers whose registration have been cancelled for "non-filing of Returns" and where the due date of filing of application for revocation of cancellation of registration falls between **1st March, 2020 to 31st August, 2021**, vide notification No. 34/2021 dated 29th August 2021 read with Circular No. 158/4/2021-GST dated 6th September 2021.

This facility is applicable to cases where :
*(i) Application for vevodation has not been filed by the Taxpayer;*
*(ii) Appeal was filed against the order of cancellation and the appeal had been rejected;*
*(iii) Application for revocation of cancellation has been rejected by the Proper Officer';*
*(iv) Appeal against the cancellation order is filed by the Taxpayer and the appeal has been decided against the Taxpayer.*

Facility is now available for the Taxpayers to file fresh application online for revocation of the Cancellation in all the above cases, till **30th SEPTEMBER 2021.**

Help Desk : 1800-345-6753 (Toll Free)
email : ctdho@odishatax.gov.in
Commissioner of CT & GST
Government of Odisha, Cuttack
OIPR-05006/11/0004/2122



**OFFICE OF THE SUPERINTENDING ENGINEER ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010 @ gmail.com
**Bid Identification No.S.E.E.C (R&B) 05/2021-22**
**No. 1832/Date: 03.09.2021**

No. B-374:- The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for Lift works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from 5.00 P.M. of 07.09.2021 to 5:00 P.M. of 22.09.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11:30 A.M. of 23.09.2021 in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

**Sd./- Superintending Engineer**
**Electrical Circle (R&B) Odisha, BBSR**
OIPR-34006/11/0005/2122



**ODISHA LIFT IRRIGATION CORPORATION LIMITED**
**(A GOVERNMENT OF ODISHA UNDERTAKING)**
**OFFICE OF THE EXECUTIVE ENGINEER LIFT IRRIGATION DIVISION, BALASORE.**
E-mail – eelidvnbls@yahoo.com
No.CAD-1125 **e - Procurement Notice**
**Bid Identification No: 01 /2021-22 /DT.27.08.2021**

1. Name of the Tender inviting Officer:- Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work:- Revival of defunct CLIP in different Block of Balasore District.
3. No.of Package:- 71 nos (State Plan 71 nos)
4. Cost of Tender Amount:- Varies from Rs.13,60,850/- to Rs.16,09,833/-
5. Date and time of availability of bid document in portal for on-line biding from 11.00 hrs dated 13.09.2021 to 17hrs dated 24.09.2021.
6. Last date and time of receipt of bid in the portal upto 17 hrs dated 24.09.2021.
7. Last date & time to seek clarification upto 17 hrs dated 23.09.2021.
8. Date of opening of Technical bid (Cover-1) at 11.00 hrs dated 27.09.2021.
9. Date of opening of Financial bid will be informed after evaluation of Technical bid.
10. Further details can be seen from the e-procurement portal of Govt.of Odisha i.e.www.tenderodisha.gov.in.
11. Subsequent Corrigendum/addendum if required shall be available in above portal.

Sd./- Er.S.K.CHOUDHARY
Executive Engineer, L.I.Division,Balasore.
OIPR-32150/11/0002/2122



**ଅକ୍ଷୟ କୁମାରଙ୍କ ମା'ଙ୍କ ପରଲୋକ**

ବଲିଉଡ୍ ଖିଲାଡ଼ି ବୟ ଅକ୍ଷୟ କୁମାରଙ୍କ ମା' ଅରୁଣା ଭାଟିଆ(୭୮)ଙ୍କ ବୁଧବାର ପରଲୋକ ଘଟିଛି। କିଛି ଦିନ ହେଲା ଅସୁସ୍ଥ ଥିବାରୁ ତାଙ୍କୁ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅକ୍ଷୟ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ତାଙ୍କ ପରଲୋକରେ ବଲିଉଡ୍‌ରେ ଶୋକ ପ୍ରକାଶ ପାଇଛି। ନିର୍ଦ୍ଦେଶକ ରୋହିତ ସେଟ୍ଟୀ, ରିତେଶ ଦେଶମୁଖ, ସାଜିଦ୍ ଖାନ୍, ଭୂଷଣ କୁମାର, ରମେଶ ତୌରାନୀ, ଅଜୟ ଦେବଗନ୍, ସଲମାନ୍ ଖାନ, ଦିଆ ମିର୍ଜାଙ୍କ ସମେତ ଅନେକେ ଶୋକ ବ୍ୟକ୍ତ କରିଛନ୍ତି।



# ୨ ଭାଗରେ ବିଭକ୍ତ ହେବ ଭୂଭାଗ

**ଆଜି ଦେଖାଯାଉଥିବା ପୃଥିବୀ ପୂର୍ବରୁ ଏଭଳି ନ ଥିଲା କି ଆଗକୁ ମଧ୍ୟ ଏହାର ଭୂରୂପ ବର୍ତ୍ତମାନ ଭଳି ରହିବ ନାହିଁ। ଭୂ ଆଭ୍ୟନ୍ତରରେ ଚାଲିଥିବା ପରିବର୍ତ୍ତନ ପ୍ରକ୍ରିୟା ୨୦ କୋଟି ବର୍ଷ ପରେ ଏହି ସବୁଜ ଗ୍ରହକୁ ଏକ ବିଶାଳକାୟ ମହାଦ୍ୱୀପରେ ପରିଣତ କରିଦେବ ବୋଲି ଭୂତତ୍ତ୍ୱବିତ୍‌ମାନେ ପୂର୍ବାନୁମାନ କରିଛନ୍ତି।**



**ୱାଶିଂଟନ୍:** ପୃଥିବୀ ପୃଷ୍ଠରେ ହେଉଥିବା ପରିବର୍ତ୍ତନ ଅତି ଦ୍ରୁତ। ଅଦୃଶ୍ୟ ହେଲେ ବି ଏହାର ଆଭ୍ୟନ୍ତରରେ ଅହରହ ଚାଲିଥାଏ ପ୍ରକ୍ରିୟା। ପୃଥିବୀର ଢାଞ୍ଚାଗତ ରୂପାନ୍ତରଣ ମଧ୍ୟ ଏଥିରେ ସାମିଲ। ଦୀର୍ଘଦଶନ୍ଧି ଧରି ସୌରମଣ୍ଡଳର ଏକମାତ୍ର ସଜୀବ ଗ୍ରହର କ୍ରମବିକାଶ ଉପରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ପୃଥିବୀର ଭବିଷ୍ୟତ ବିଷୟରେ ରୋଚକ ତଥ୍ୟ ଦେଇଛନ୍ତି। ତଦନୁଯାୟୀ, ଆଗାମୀ ୨୦-୩୦ କୋଟି ବର୍ଷ ପରେ ପୃଥିବୀର ସମସ୍ତ ଭୂଭାଗ ପରସ୍ପର ସହିତ ଯୋଡ଼ି ହୋଇଯିବ। ଏହାଦ୍ୱାରା ଦୁଇଟି ପୃଥକ୍ ବିଶାଳକାୟ ମହାଦ୍ୱୀପ ସୃଷ୍ଟି ହେବ। ଏହି ପରିବର୍ତ୍ତନର ପ୍ରଭାବ ସମଗ୍ର ଜୀବଜଗତ ଉପରେ ପଡ଼ିବ ବୋଲି ଭୂତତ୍ତ୍ୱବିତ୍‌ମାନେ ଅନୁମାନ କରିଛନ୍ତି।

ପୃଥିବୀର ବିକାଶ ୪.୫୬ ବିଲିୟନ ବର୍ଷ ତଳେ ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ଟେକ୍ଟୋନିକ୍ ପ୍ଲେଟର ବଡ଼ ଅବଦାନ ରହିଛି। ଏହାର ସଞ୍ଚାଳନରେ ବଡ଼ ବଡ଼ ଭୂଖଣ୍ଡ, ପାହାଡ଼, ପର୍ବତ ସୃଷ୍ଟି ହୋଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ବଡ଼ ପରିବର୍ତ୍ତନକୁ ସ୍ୱୀକାର କରିବାକୁ ପଡ଼ିବ। ଟେକ୍ଟୋନିକ୍ ପ୍ଲେଟ୍ ଯୋଗୁ ହେଉଥିବା ଜଳବାୟୁ ପ୍ରଭାବ, ପୃଥିବୀର ଘୂର୍ଣ୍ଣନ ଗତି ଅଧ୍ୟୟନ ଆଧାରରେ ବୈଜ୍ଞାନିକମାନେ ସମ୍ଭାବ୍ୟ ସ୍ଥିତିର ଆକଳନ କରିଛନ୍ତି। ତଦନୁଯାୟୀ ପୃଥିବୀର ନିମ୍ନ ଅକ୍ଷାଂଶରେ ଏକ ବିଶାଳକାୟ ଦ୍ୱୀପ ସୃଷ୍ଟି ହେବ। ବିଷୁବରେଖା ନିକଟରେ ଭୂଭାଗଗୁଡ଼ିକ ଏକାଠି ହୋଇ ଏକ ମହାଦ୍ୱୀପ ସୃଷ୍ଟି ହେବ, ଯାହାର ନାମ ହେବ 'ଆରିକା'। ସେହିପରି ଉତ୍ତର ଗୋଲାର୍ଦ୍ଧରେ ଅନ୍ୟ ଏକ ମହାଦ୍ୱୀପ ସୃଷ୍ଟି ହେବ, ଯାହା 'ଆମେଶିଆ' ନାମରେ ପରିଚିତ ହେବ। ତେବେ ଆଣ୍ଟାର୍କଟିକା ସ୍ଥିତିରେ କୌଣସି ପରିବର୍ତ୍ତନ ହେବନାହିଁ। କାରଣ ଏହାର ତାପମାତ୍ରା ଅନ୍ୟ ସ୍ଥାନଠାରୁ ଭିନ୍ନ। 'ଆରିକା' ନିର୍ମାଣ ପରେ ପୃଥିବୀ ଭୂଆକୃତି ବଦଳିଯିବ। ଦୁଇ ଭୂଭାଗ ମଧ୍ୟରେ ତାପମାତ୍ରାରେ ବଡ଼ ଧରଣର ତାରତମ୍ୟ ଦେଖିବାକୁ ମିଳିବ। ବରଫର ମୋଟା ଚାଦର ତିଆରି ହେବ। ସୂର୍ଯ୍ୟଙ୍କଠାରୁ ଆସୁଥିବା କିରଣ ଅଧିକମାତ୍ରାରେ ପ୍ରତିବିମ୍ବିତ ହେବ ବୋଲି ବୈଜ୍ଞାନିକମାନେ ଅନୁମାନ କରିଛନ୍ତି।

ସୂଚନାଯୋଗ୍ୟ, ପୃଥିବୀର ମୂଳ ଭୂଖଣ୍ଡ କୁହାଯାଉଥିବା 'ପାଞ୍ଜିଆ'ର ନିର୍ମାଣ ହାରାହାରି ୩୧ କୋଟି ବର୍ଷ ପୂର୍ବେ ହୋଇଥିଲା। ୧୮ କୋଟି ବର୍ଷ ତଳେ ଏଥିରେ ବିଭାଜନ ଆରମ୍ଭ ହେଲା। ଆଜିକାର ସମୟରେ ସୃଷ୍ଟି ହୋଇଥିବା ଭୂଭାଗ ଏକଦା ପାଞ୍ଜିଆର ଅଂଶବିଶେଷ ଥିଲା। ବିକାଶ ସିଦ୍ଧାନ୍ତ ଅନୁଯାୟୀ, ସମ୍ଭାବ୍ୟ ବିଶାଳକାୟ ମହାଦ୍ୱୀପ ସୃଷ୍ଟି ହେବାର ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି ବୋଲି ଭୂତତ୍ତ୍ୱବିତ୍‌ମାନେ କହିଛନ୍ତି।

# ସାଉଥ୍‌ରେ କମାଲ କରିବେ କିଙ୍ଗ୍ ଖାନ୍



**ମୁମ୍ବାଇ:** ବଲିଉଡ୍ କିଙ୍ଗ ଖାନ ଶାହାରୁଖଙ୍କ ହାତରେ ଏବେ କେତେ ଗୁଡ଼ିଏ ଅଫର ରହିଛି। ସେଥିମଧ୍ୟରୁ ସାଉଥ ମୁଭିରେ ତାଙ୍କର ଅଭିନୟକୁ ନେଇ ଏବେ ସେ ଖୁବ ଚର୍ଚ୍ଚାରେ। ଟଲିଉଡ ନିର୍ଦ୍ଦେଶକ ଏଟଲି କୁମାରଙ୍କ ସହ ଶାହାରୁଖ ଏକ ଆକ୍ସନ ଡ୍ରାମା ମୁଭି କରିବାକୁ ଯାଉଛନ୍ତି। ଏହି ମୁଭିକୁ ନେଇ ଭିନ୍ନ ଭିନ୍ନ ରିପୋର୍ଟ ସାମ୍ନାକୁ ଆସୁଛି। ଏଥିରେ ଶାହାରୁଖଙ୍କ ସହ ନୟନତାରା ତଥା ପ୍ରିୟାମଣିଙ୍କ ଭଳି ଅଭିନେତ୍ରୀଙ୍କୁ ଦେଖିବାକୁ ମିଳିବ। ଫିଲ୍ମର ଟାଇଟଲ ସ୍ଥିର ନ ହୋଇ ଥିଲେ ବି ଏହାର ଶୁଟିଂ ଆରମ୍ଭ ହୋଇଯାଇଛି। ଏହାର କାହାଣୀ ଏକ ବ୍ୟାଙ୍କ ଡକାୟତି ଉପରେ ଆଧାରିତ। ଏଥିରେ ଶାହାରୁଖ ଡବଲ ରୋଲରେ ନଜର ଆସିବେ। ଗୋଟିଏ ପଟେ ପୋଲିସ ଓ ଅନ୍ୟପଟେ ଜଣେ କ୍ରିମିନାଲ ଭାବେ ନଜର ଆସିବେ ଶାହାରୁଖ। ଏଥିରେ ଗୁଲଶନ ଗ୍ରୋଭର, ସାନ୍ୟା ମାଲହୋତ୍ରାଙ୍କ ଭଳି କଳାକାରଙ୍କୁ ବି ଦେଖିବାକୁ ମିଳିବ।

# ଘରୁ ସୁନା ନେଇ ବାଣ୍ଟିଦେଲେ ଛାତ୍ରୀ

ଥିରୁଭାନନ୍ତପୁରମ୍

କେରଳର ଥିରୁଭାନନ୍ତପୁରମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୦ମ ଶ୍ରେଣୀ ଛାତ୍ରୀ ନିଜ ଘରୁ ୩୭ ଲକ୍ଷ ଟଙ୍କାର ସୁନା ଚୋରି କରି ସାଙ୍ଗମାନଙ୍କୁ ବାଣ୍ଟି ଦେଇଛନ୍ତି। ସୁନା ଗାଏବ ହେବା ପରେ ଛାତ୍ରୀଙ୍କ ମା' ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଛାତ୍ରୀଙ୍କର ଜଣେ ସାଙ୍ଗ ଶିବିନ ଏବଂ ଶିବିନଙ୍କ ମା'ଙ୍କୁ ଗିରଫ କରିଛି।

ଛାତ୍ରୀ ଜଣକ ପୋଲିସକୁ ଦେଇଥିବା ସୂଚନା ଅନୁସାରେ, ସେ ୧ ବର୍ଷ ପୂର୍ବରୁ ଘରୁ ସୁନା ଚୋରି କରି ଶିବିନଙ୍କୁ ଦେଇଥିଲେ। ପରେ ପୋଲିସ ଶିବିନଙ୍କ ଘରେ ଛାନ୍‌ଭିନ୍ କରିଥିଲା। ସେଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ମାତ୍ର ଏହି ମାମଲା ଏବେ ନୂଆ ମୋଡ଼ ନେଇଛି। ଯେତେବେଳେ ଶିବିନ ପୋଲିସକୁ କହିଲେ ଯେ ଛାତ୍ରୀଜଣକ ତାଙ୍କୁ କେବଳ ୨୭ ଭରି ସୁନା ଦେଇଛନ୍ତି, ୭୫ ଭରି ନୁହେଁ, ସେତେବେଳେ ପୋଲିସର ମୁଣ୍ଡ ବି କାମ କରି ନ ଥିଲା। ଛାତ୍ରୀ ଜଣକ ୭୫ ଭରି ସୁନାରୁ ୪୦ ଭରି ସୁନା ଅନ୍ୟ ଜଣେ ପୁଅ ସାଙ୍ଗକୁ ଦେଇଥିବା ଜଣାପଡ଼ିଛି। ଏବେ ସମ୍ପୃକ୍ତ ଯୁବକ ଛାତ୍ରୀଙ୍କୁ ଇନଷ୍ଟାଗ୍ରାମରୁ ବ୍ଲକ କରିଦେଇଛନ୍ତି। ଫଳରେ ତାଙ୍କ ସହ ଛାତ୍ରୀ ଆଉ କଥାବାର୍ତ୍ତା ହୋଇପାରୁନାହାନ୍ତି। ତେବେ ସତରେ ୭୫ ଭରି ସୁନା ଚୋରି ହୋଇଛି କି ନା ଏବଂ ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ତାହା ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

## ଅନ୍ୟାନ୍ୟ ଖବର

# ରାସ୍ତାରେ ପରିବା ଗଦାକରି ବାଣ୍ଟିଲେ

## ଅଭାବୀ ବିକ୍ରିର ପ୍ରତିବାଦ

ବରଗଡ଼ ଅଫିସ୍,୮।୯

ବରଗଡ଼ ଏକ କୃଷିପ୍ରଧାନ ଜିଲା। ଧାନ ପରି ପରିବା ଉତ୍ପାଦନରେ ମଧ୍ୟ ଏହି ଜିଲା ପଛରେ ପଡ଼ିନାହିଁ। କିନ୍ତୁ ଧାନବିକ୍ରି ଭଳି ପରିବା ବିକ୍ରିରେ ମଧ୍ୟ ଚାଷୀଙ୍କୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁପଡୁଛି। ବୁଧବାର ଜିଲାର ଚାଷୀମାନେ ପରିବା ଅଭାବୀ ବିକ୍ରିର ଅଭିନବ ପ୍ରତିବାଦ କରିଥିଲେ। ବରଗଡ଼-ସୋହେଲା ମଝିରେ ଥିବା ଦଶମାଇଲ ଛକ ୬ନମ୍ବର ଜାତୀୟ ରାଜପଥ ଉପରେ ବିଭିନ୍ନ ପ୍ରକାର ପରିବା ଗଦା କରି ଚାଷୀମାନେ ପଥଚାରୀଙ୍କୁ ବାଣ୍ଟିଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରୁ ଜୟ କିଷାନ ଆନ୍ଦୋଳନର ନେତୃତ୍ୱରେ ଶ୍ରୀଗିଡ଼ା, ସରକଣ୍ଡା, ସାମର୍କଟା, କରୋଣ୍ଡଲା, ବାଇପାଲି, ଗର୍ଭନା, ଲେବିଡ଼ି, ନଅଗାଁ, ଚକରକେନ୍ଦ, କେନପାଲି, ଭାତବିଡ଼ା ଆଦି ଅଞ୍ଚଳର ଚାଷୀମାନେ ଦଶମାଇଲ ଛକରେ ସମବେତ ହୋଇଥିଲେ। ସେମାନେ ସାଙ୍ଗରେ ଆଣିଥିବା ବାଇଗଣ, ଭେଣ୍ଡି, ପୋଟଳ, କଖାରୁ, ଲଙ୍କା ଆଦି ପ୍ରାୟ ୫ କୁଇଣ୍ଟାଲର ପରିବା ରାଜପଥ ମଝିରେ ଗଦା କରିଥିଲେ। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସେମାନେ ତାହା ଦୀର୍ଘ ୨ଘଣ୍ଟା ଧରି ବାଣ୍ଟିଥିଲେ। ଧାନ ଭଳି ପରିବାରେ ଅଭାବୀ ବିକ୍ରି ସ୍ଥିତି ଉପୁଜିବାରୁ ଏହା କରୋନା ତଥା ମରୁଡ଼ି କାଳରେ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ଜିଲାରେ ଶୀତଳ ଭଣ୍ଡାର ସ୍ଥାପନ, ଧାନ ଭଳି ବିଭିନ୍ନ ପନିପରିବାର ସହାୟକ ମୂଲ୍ୟ ନିର୍ଦ୍ଧାରଣ ଏବଂ ପରିବା ଅଭାବୀ ବିକ୍ରିର ସ୍ଥାୟୀ ସମାଧାନ ଦାବିରେ ଏଭଳି ପ୍ରତିବାଦ କରିଥିବା ଜୟ କିଷାନ ଆନ୍ଦୋଳନର ଚାଷୀନେତାମାନେ କହିଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ଯୋଗଦେଇ କହିଥିଲେ, ଉତ୍ପାଦିତ ପରିବାକୁ ସୁରକ୍ଷିତ ରଖିବା ପାଇଁ ଜିଲାରେ ଶୀତଳ ଭଣ୍ଡାର ସ୍ଥାପନ କରାଯାଇଥିଲେ ବର୍ତ୍ତମାନର ଅଭାବୀ ବିକ୍ରି ସମସ୍ୟା ଉପୁଜି ନ ଥାନ୍ତା। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଗ୍ରାମାଞ୍ଚଳରେ ଚାଷୀମାନେ ବାଇଗଣ କିଗ୍ରା ପ୍ରତି ୧ରୁ ୫ଟଙ୍କା, ପୋଟଳ କିଗ୍ରା ପ୍ରତି ୧୫ରୁ ୧୮, ଟମାଟୋ କିଗ୍ରା ପ୍ରତି ୧୫, ଜହ୍ନି କିଗ୍ରା ପ୍ରତି ୨ରୁ ୧୦, ଭେଣ୍ଡି କିଗ୍ରା ପ୍ରତି ୫ରୁ ୧୦, ଶିମ୍ବ କିଗ୍ରା ପ୍ରତି ୨୦ଟଙ୍କାରେ ବିକ୍ରି କରୁଛନ୍ତି। ତେବେ ଏହି ଦରରେ ଚାଷୀଙ୍କୁ ସେହି ଫସଲରେ କରିଥିବା ଖର୍ଚ୍ଚ ମଧ୍ୟ ଭରଣା ହେଉ ନ ଥିବା ମହାପାତ୍ର କହିଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜୟ କିଷାନ ଆନ୍ଦୋଳନର ସୁଶୀଲ ସାହୁ, ହର ବଣିଆ, ସୁରେନ୍ଦ୍ର ମେହେର, ସରୋଜ ପ୍ରଧାନ, କିଶୋର ସାହୁ, ଅରୁଣ ପ୍ରଧାନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବିନା ଅନୁମତିରେ ସଭା କରି ୫ ଏସ୍‌ପି ନେତା ଗିରଫ

ବାଲିଆ, ୮।୯

ବିନା ଅନୁମତିରେ ଉତ୍ତରପ୍ରଦେଶ ବାଲିଆ ଜିଲାର ଏକ ପୋଲିସ ଆଉଟ୍‌ପୋଷ୍ଟରେ ସଭା କରିବା ସହ ଶୋଭାଯାତ୍ରା ବାହାର କରିବା ଅଭିଯୋଗରେ ସମାଜବାଦୀ ପାର୍ଟି (ଏସ୍‌ପି)ର ୫ ଜଣ ନେତାଙ୍କୁ ଗିରଫ କରାଯାଇଛି। ଏହା ବ୍ୟତୀତ ବାଲିଆ ଜିଲାର ସମାଜବାଦୀ ପାର୍ଟି ସଭାପତି ରାଜମଙ୍ଗଳ ଯାଦବଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୋଲିସ ଆଉଟ୍‌ପୋଷ୍ଟର ଭାରପ୍ରାପ୍ତ ଅଧିକାରୀଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି।


## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ: ୰ ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର, ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୦୭୭୫

**ଶ୍ରଦ୍ଧାଞ୍ଜଳି**



ପ୍ରସିଦ୍ଧ କର୍ମକାଣ୍ଡବିତ୍, ଜ୍ୟୋତିର୍ବିଦ୍, ଚଣ୍ଡୀସାଧକ ଏବଂ ଯୋଗାସନବିତ୍ ପଣ୍ଡିତ
**ଶ୍ରୀ କାଳୀ ଚରଣ ଦାଶ (କାଳୁ ପଣ୍ଡିତ)ଙ୍କର**
ହନୁମାନ ଚାଳିଶା ପାରାୟଣ କରି ଆସିଲା ପରେ ଅଚାନକ ହୃଦ୍‌ଘାତରେ ପ୍ରାତଃ ତା୫।୯।୨୧ରିଖ ପବିତ୍ର ଗୁରୁଦିବସରେ ଦେହାନ୍ତ ଘଟିଯାଇଛି।
ଧ-୭୧୪୮୯

**ଶ୍ରଦ୍ଧାଞ୍ଜଳି**



୰ ଦୁର୍ଗା ପ୍ରସାଦ ବହିଦାର
(ଅବସରପ୍ରାପ୍ତ ପୋଲିସ୍ ଅଫିସର୍)
ଝାଡୁଆପଡ଼ା, ସମ୍ବଲପୁର
୧୯୧୦ - ୧୯୯୭
ବାଲିତୃତୀୟା
ଚର୍ତୁବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
D-71414


# ପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**
- ୧ କୋଟି ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ
- ୩ ସ୍ଥାନରେ ଏକକାଳୀନ ଚଢ଼ାଉ

ବଲାଙ୍ଗୀର ଅଫିସ/ମୁରିବାହାଲ, ୮।୯(ଡି.ଏନ୍.ଏ.)

ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଳକି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ବିଶ୍ୱମ୍ଭର ଭୋଇଙ୍କ ଘର ଓ ଅଫିସ ସମେତ ୩ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢାଉ କରାଯାଇଛି। ପାଟଣାଗଡଠାରେ ତାଙ୍କର ଏକ ତିନି ମହଲା କୋଠା ଏବଂ ଦୁଇ ମହଲା କୋଠା, ଦୁଇଟି ବାଇକ୍, ୬.୪୬ ଟଙ୍କାର ବ୍ୟାଙ୍କ ଡିପୋଜିଟ୍, ୨.୮୮ ଲକ୍ଷ ଟଙ୍କାର ଜୀବନ ବୀମା, ନଗଦ ୫୨ ହଜାର ୬୨୦ ଟଙ୍କା ସହ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଶି ସମୁଦାୟ ୧ କୋଟି ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଅଧିକ ପଚରାଉଚରା ପାଇଁ ପିଇଓ ଭୋଇଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।

# ୩ ମାଓବାଦୀ ଗିରଫ

**ମାଓବାଦୀ ସ୍ମାରକୀ ସ୍ତୂପ ଧ୍ୱଂସ**

ମାଲକାନଗିରି,୮।୯(ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ଯବାନଙ୍କୁ ବଡ଼ ସଫଳତା ମିଳିଛି। ସର୍ଚ୍ଚ ଅପରେଶନବେଳେ ମାଓବାଦୀଙ୍କ ଏକ ସ୍ମାରକୀ ସ୍ତୂପକୁ ଭଙ୍ଗାଯିବା ସହ ବିଜାପୁର ଜିଲା ବାସାଗୁଡ଼ା ଥାନା ମୁରୁଦଣ୍ଡାପଟେଲପାରା ଜଙ୍ଗଲରୁ ୩ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜାଗରଗୁଣ୍ଡାର କୁଞ୍ଜାମ ସନ୍ନା, ବାସାଗୁଡ଼ା ଗ୍ରାମର କାଡ଼ତି ଭୀମା ଏବଂ କାଡ଼ତି ସୁଲା।



ଗିରଫ ମାଓବାଦୀମାନେ।

ସୂଚନା ଅନୁଯାୟୀ, ଗିରଫ ୩ ମାଓବାଦୀ ତ୍ରିପୁରାରେ ଆଇଇଡି ବିସ୍ଫୋରଣ ସମେତ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ଏଥିସହ ସଙ୍ଗଠନକୁ ସୁଦୃଢ଼ କରିବାକୁ କାର୍ଯ୍ୟ କରୁଥିଲେ। ଯବାନମାନେ ନେଣ୍ଡା ଜଙ୍ଗଲରେ ରହିଥିବା ମାଓବାଦୀ ସ୍ତୂପକୁ ମଧ୍ୟ ବିସ୍ଫୋରକ ଦ୍ୱାରା ଭାଙ୍ଗିଦେଇଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ଅପରେଶନକୁ ଜୋର୍‌ଦାର କରାଯାଇଥିବା ସୂଚନା ମିଳିଛି।

# ତହସିଲଦାରଙ୍କ ଗାଡ଼ି ଧକ୍କାରେ ବାପପୁଅ ଗୁରୁତର

ଦେବଗଡ଼, ୮।୯(ଡି.ଏନ୍.ଏ.)

ଦେବଗଡ଼ ଥାନା ଅନ୍ତର୍ଗତ ବଣିଆକିଲିଣ୍ଡା ଗ୍ରାମ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ବୁଧବାର ଦୁର୍ଘଟଣା ଘଟିଛି। ବାରକୋଟ ତହସିଲଦାରଙ୍କ ଗାଡ଼ି ଧକ୍କାରେ ଜଣେ ଯୁବ ବ୍ୟବସାୟୀ ରାଜେଶ ଗୋଏଲ (୩୮) ଓ ତାଙ୍କର ୧୧ବର୍ଷର ପୁଅ ରିସବ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ କଟକର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ତହସିଲଦାର ରୁବି ବେହେରା ସରକାରୀ କାର୍ଯ୍ୟରେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିଲେ। ବାରକୋଟ ପଟୁ ଦେବଗଡ଼ ଅଭିମୁଖେ ବାଇକ ଯୋଗେ ଯୁବବ୍ୟବସାୟୀ ରାଜେଶ ପୁଅ ସହିତ ଆସୁଥିଲେ। ବଣିଆକିଲିଣ୍ଡା ଗ୍ରାମ ନିକଟରେ ଜାତୀୟ ରାଜପଥ ଉପରେ ତହସିଲଦାରଙ୍କ ବୋଲେରୋ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରୁ ଉଭୟେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଦେବଗଡ଼ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ବାଇକ୍‌କୁ ପୋଲିସ ଜବତ କରିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

**KUBER FINANCE**
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

**BIJAY FINANCE**
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

**SALE**
Immediate Land Sale at Tankapani Road (Near to Sai Temple), Nandankanan Road N.H side Commercial and residential Land at Bhubaneswar and Cuttack. Ready Industrial Land at Cuttack. Immediate possession and Registration.
Contact :
9658805048

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସେମିରେ ମେଡଭେଡେଭ, ସାବାଲେଙ୍କା

ନ୍ୟୁୟର୍କ,୮।୯

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ଟେନିସ ବୁଧବାର ନବମ ଦିବସରେ ପହଞ୍ଚିଛି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ରୁଷିଆର ଡାନିଲି ମେଡଭେଡେଭ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ବିଶ୍ୱର ୧୫ ନମ୍ବର ଖେଳାଳି କାନାଡାର ଫେଲିକ୍ସ ଅଗେର ଆଲିଆଜିମ୍‌ଙ୍କୁ ଭେଟିବେ। ସେହିପରି ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା

## ୟୁଏସ୍ ଓପନ୍ ଟେନିସ

ବେଲାରୁଷର ଆରିନା ସାବାଲେଙ୍କା ଓ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୭୩ତମ ସ୍ଥାନରେ ଥିବା ଖେଳାଳି କାନାଡାର ଲୈଲା ଫର୍ନାଣ୍ଡିଜ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି।

ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ମେଡଭେଡେଭ ୬-୩, ୬-୦,୪-୬, ୭-୫ ସେଟ୍‌ରେ ନେଦରଲାଣ୍ଡର ୧୧୭ ନମ୍ବର ଖେଳାଳି ବୋଟିକ ଭାନ ଡେ ଜାଣ୍ଡସୁଲ୍‌ପଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ଏଥିସହିତ ସେ କ୍ରମାଗତ ତୃତୀୟ ୟୁଏସ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମାତ୍ର ୨ ଘଣ୍ଟା ୨୨ ମିନିଟ୍‌ରେ ମେଡଭେଡେଭ ବିଜୟ ହାସଲ କରିଥିଲେ। ଏହାପୂର୍ବରୁ ପ୍ରଥମ ରାଉଣ୍ଡରେ ମେଡ୍‌ଭେଡେଭ ରିଚାର୍ଡ ଗାସ୍‌କ୍ୱେଟଙ୍କୁ ହରାଇ କ୍ୟାରିୟରର ୨୦୦ତମ ବିଜୟ ହାସଲ କରିଥିଲେ। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ କାନାଡାର ୨୧ ବର୍ଷୀୟ ଖେଳାଳି ଆଲିଆଜିମ୍ ମଧ୍ୟ ସେମିରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ସ୍ପେନର କାର୍ଲୋସ ଅଲକାରାଜ ଇଞ୍ଜୁରି କାରଣରୁ ରିଟାୟର୍ଡ ହର୍ଟ ହୋଇ ଓହରିଯିବା ପରେ ଆଲିଆଜିମ୍ ସେମିକୁ ଉଠିଥିଲେ। ଅଲକାରାଜ ମାତ୍ର ୧୮ ବର୍ଷରେ ଗତ ୫୮ ବର୍ଷ ମଧ୍ୟରେ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ୟୁଏସ୍ ଓପନ କ୍ୱାର୍ଟରରେ ପ୍ରବେଶ କରିଥିଲେ। ମେଡଭେଡେଭ ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ନୋଭାକ ଜୋକୋଭିଚ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ସେହିପରି ସେ ୨୦୧୯ ୟୁଏସ୍ ଓପନ ଫାଇନାଲରେ ରାଫାଲ ନାଡାଲଙ୍କଠାରୁ ପରାସ୍ତ ହୋଇଥିଲେ।

ଅନ୍ୟପଟେ ମହିଳା ସିଙ୍ଗଲ୍ସରେ ସାବାଲେଙ୍କା ଓ ଫର୍ନାଣ୍ଡିଜ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ସାବାଲେଙ୍କା କ୍ୱାର୍ଟର ଫାଇନାଲରେ ଚେକ୍ ଗଣରାଜ୍ୟର ଅଷ୍ଟମ ସିଡ୍ ଖେଳାଳି ତଥା ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ବାରବୋରା କ୍ରେଜିକୋଭଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ସେମିକୁ ଉଠିଛନ୍ତି। ଏଥିସହ ସାବାଲେଙ୍କା କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ସେମିରେ ପ୍ରବେଶ କରିଛନ୍ତି। ଏହାପୂର୍ବରୁ ସେ ଗତ ୱିମ୍ବଲଡନ ଟୁର୍ନାମେଣ୍ଟରେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଥିଲେ। ୨ ଘଣ୍ଟାରୁ ସାମାନ୍ୟ ଅଧିକ ସମୟରେ ସାବାଲେଙ୍କା ବିଜୟୀ ହୋଇଥିଲେ। ସେହିପରି ୧୯ ବର୍ଷୀୟା ଫର୍ନାଣ୍ଡିଜ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ବିଶ୍ୱର ୫ ନମ୍ବର ମହିଳା ଖେଳାଳି ୟୁକ୍ରେନର ଏଲିନା ଭିଟୋଲିନାଙ୍କୁ ୬-୩, ୩-୬, ୭-୬ ସେଟ୍‌ରେ ହରାଇ ବିପର୍ଯ୍ୟୟ ଘଟାଇବା ସହ ସେମିରେ ପ୍ରବେଶ କରିଛନ୍ତି। ଏହାପୂର୍ବରୁ ସେ ଏକାଧିକ ତାରକା ଖେଳାଳିଙ୍କୁ ପରାସ୍ତ କରିଥିଲେ। ସେ ଜାପାନର ନାଓମି ଓସାକା, ଆଞ୍ଜେଲିକ କର୍ବରଙ୍କୁ ହରାଇଥିଲେ।


ରିଟର୍ନ ଶଟ୍ ଖେଳିବା ଅବସରରେ ଡାନିଲି ମେଡଭେଡେଭ।

# ସାହିଲ, ସସ୍ମିତାଙ୍କ ନୂଆ ମିଟ୍ ରେକର୍ଡ




ରାଜ୍ୟ ଆଥଲେଟିକ୍ ମିଟ୍‌ର କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ସିନିୟର ଆଥ୍‌ଲେଟିକ ଚାମ୍ପିୟନଶିପ୍‌ର ୬୮ତମ ସଂସ୍କରଣ ବୁଧବାର ଉଦ୍‌ଯାପିତ ହୋଇଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉପସ୍ଥିତ ରହି ଆଥ୍‌ଲେଟ, କୋଚ୍ ଓ ଅଫିସିଆଲଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଭୁବନେଶ୍ୱରର ସାହିଲ କିରୋ ୪୦୦ ମିଟର ହର୍ଡଲ୍ସର ହିଟ୍-୧ରେ ୫୩.୯୫ ସେକେଣ୍ଡ ସମୟ ନେଇ ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ଏହା ୫୪.୧ ସେକେଣ୍ଡ ଥିଲା। ଭୁବନେଶ୍ୱରର ସସ୍ମିତା ଟିଗା ମଧ୍ୟ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ୧୨ ମିନିଟ ୧.୭୬ ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡ କରିଛନ୍ତି। ପୂର୍ବରୁ ଏହା ୧୨ ମିନିଟ ୧୧.୮ ସେକେଣ୍ଡ ଥିଲା।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ହାମର ଥ୍ରୋରେ ଓଡ଼ିଶା ପୋଲିସର ଯୋଗେଶ କୁମାର ଦାସ ସ୍ୱର୍ଣ୍ଣ, ପୁରୀର ବିକ୍ରମ ପ୍ରସାଦ ବେହେରା ରୌପ୍ୟ ଓ ଅଭିଷେକ ପଣ୍ଡା ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ୫୦୦୦ ମିଟର ରେସ୍‌ରେ ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା ସ୍ୱର୍ଣ୍ଣ, ଭୁବନେଶ୍ୱରର ରଶ୍ମିରଞ୍ଜନ ନାୟକ ରୌପ୍ୟ ଓ କୋରାପୁଟର ସୂର୍ଯ୍ୟକାନ୍ତ ରାୟ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ଟ୍ରିପଲ ଜମ୍ପରେ କଳାହାଣ୍ଡିର ଯଶବୀର ନାୟକ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ପୁରୁଷ ୪୦୦ ମିଟର ହର୍ଡଲ୍ସରେ ଭୁବନେଶ୍ୱରର ସାହିଲ କିରୋ, ପ୍ରସନ୍ନଜିତ ଖାଖା, ଓଡ଼ିଶା ପୋଲିସର

## ରାଜ୍ୟ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

କୌଶଲ୍ୟା କୁମାର ନାୟକ ଏବଂ ପୁରୁଷ ୨୦୦ ମିଟରରେ ଭୁବନେଶ୍ୱରର ଦେବୀ ପ୍ରସାଦ କର, ମନୋଜ କୁମାର ଓରାମ, ଝାରସୁଗୁଡ଼ାର ଅଭିନାଂଶୁ ସାହୁ, ପୁରୁଷ ୮୦୦ ମିଟର ରେସ୍‌ରେ କଟକର ଦେବାଶିଷ ପଟ୍ଟନାୟକ, ନୟାଗଡ଼ର ଦିଲୀପ ନାୟକ ଓ ଓଡ଼ିଶା ପୋଲିସର ସୁରେଶ ଲାକ୍ରା ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ଡିସ୍‌କସ୍‌ରେ କଟକର ରଞ୍ଜନ କୁମାର ସାହୁ, ହରି ବେହେରା, ରଜତ କୁମାର ମହାନ୍ତି ପଦକ ସୁଇପ୍ କରିଛନ୍ତି। ପୁରୁଷ ୩୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ଭୁବନେଶ୍ୱରର ରଶ୍ମିରଞ୍ଜନ ନାୟକ, କିଟ୍ସର ଗିନୁ ରାଉତା, ରାଉରକେଲାର ଜଗନ୍ନାଥ ଦାସ, ମହିଳା ହାମର ଥ୍ରୋରେ ପାରାଦୀପ ପୋର୍ଟର ଦିବ୍ୟା ସାଣ୍ଡିଲ୍ୟ, କଟକର ଉତ୍କଳିକା ପ୍ରିୟଦର୍ଶନୀ, ଭୁବନେଶ୍ୱରର ପ୍ରତିଚି ରଶ୍ମି ରାଉତରାୟ, ମହିଳା ୫୦୦୦ ମିଟରରେ ଖୋର୍ଦ୍ଧାର ସମସାଦ ଆରା ବେଗମ, ଯାଜପୁରର ସନ୍ଧ୍ୟା ମୁର୍ମୁ ଏବଂ ବଲାଙ୍ଗୀରର ଦମୟନ୍ତୀ ମାଝି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ପାଇଛନ୍ତି।

ସେହିପରି ମହିଳା ୪୦୦ ମିଟର ହର୍ଡଲ୍ସରେ କଟକର ବିନତି ବେହେରା ସ୍ୱର୍ଣ୍ଣ, ଜଗତ୍‌ସିଂହପୁରର ସୁଜାତା ପରିଡ଼ା ରୌପ୍ୟ ପାଇଥିବାବେଳେ ମହିଳା ୨୦୦ ମିଟରରେ କେନ୍ଦୁଝରର ବିପ୍ଳବିନୀ ଶ’, ପୁରୀର ମାନସୀ ମହାରଣା ଓ ସୋନପୁରର ରାଖିରାଣୀ ମୁଣ୍ଡା ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ମହିଳା ୮୦୦ ମିଟରରେ ବରଗଡ଼ର ନମିତା ପ୍ରଧାନ, ବାଲେଶ୍ୱରର ପୂଜା ବେହେରା, ଯାଜପୁରର ମିଲି ସେଠୀ, ମହିଳା ଡିସ୍‌କସ୍‌ରେ ଇଷ୍ଟକୋଷ୍ଟ ରେଲୱେର ପାର୍ବତୀ ସେଠୀ, ପାରାଦୀପ ପୋର୍ଟର ଦିବ୍ୟା ସାଣ୍ଡିଲ୍ୟ, କେନ୍ଦ୍ରାପଡ଼ାର ମମତା ପ୍ରିୟଦର୍ଶନୀ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

# ଇଂଲଣ୍ଡରେ ଭାରତ ଟି୨୦, ଦିନିକିଆ ସିରିଜ ଖେଳିବ

**ଲଣ୍ଡନ, ୮।୯ (ପି.ଟି.):** ଆସନ୍ତାବର୍ଷ ଜୁଲାଇରେ ଭାରତ ଇଂଲଣ୍ଡ ଗସ୍ତ କରିବ ଓ ସେଠାରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ଓ ଦିନିକିଆ ସିରିଜ ଖେଳିବ। ଏ ନେଇ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ବୁଧବାର ଘୋଷଣା କରିଛି। ୨୦୨୨ ପାଇଁ ଇସିବି ତା’ର ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଘୋଷଣା କରିଛି। ଭାରତୀୟ କ୍ରିକେଟ ଦଳ ଏବେ ଇଂଲଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି। ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ସେପ୍ଟେମ୍ବର ୧୦ ତାରିଖରୁ ଆରମ୍ଭ ହେବ। ପୂର୍ବ ବର୍ଷଗୁଡିକ ତୁଳନାରେ ଏଥର ଟେଷ୍ଟ ସିରିଜଠାରୁ ଟି୨୦ ଓ ଦିନିକିଆ ସିରିଜକୁ ଅଲଗା କରାଯାଇଛି। ଇଂଲଣ୍ଡ ପୁରୁଷ ଦଳ ଘରୋଇ ପରିବେଶରେ ଜୁଲାଇରେ ଭାରତ ବିପକ୍ଷରେ ସୀମିତ ଓଭର ସିରିଜ ଖେଳିବ ଓ ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଖେଳିବ। ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ଭାରତ ଜୁଲାଇ ୧ ଓଲ୍ଡ ଟ୍ରାଫର୍ଡରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳିବ। ଏହାପରେ ଜୁଲାଇ ୩ରେ ଟ୍ରେଣ୍ଟ ବ୍ରିଜ୍‌ରେ ଦ୍ୱିତୀୟ ଓ ଜୁଲାଇ ୬ରେ ଏଜେସ ବାଉଲ୍‌ରେ ତୃତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଟି୨୦ ପରେ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ମଧ୍ୟ ଖେଳାଯିବ। ଜୁଲାଇ ୯ରେ ଏଜ୍‌ବାଷ୍ଟନରେ, ଜୁଲାଇ ୧୨ରେ ଓଭାଲରେ ଓ ଜୁଲାଇ ୧୪ରେ ଲର୍ଡ୍ସରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିନିକିଆ ମ୍ୟାଚ୍ ଆୟୋଜନ ହେବ। ୨୦୨୨ରେ ଇଂଲଣ୍ଡ ବିଶ୍ୱ ଚାମ୍ପିୟନ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ହୋମ ସମର ଆରମ୍ଭ କରିବ।

# ଜାତୀୟ କ୍ରୀଡ଼ା ପୁରସ୍କାର ଚୟନ କମିଟିରେ ଝାଝାରିଆ, ପ୍ରସାଦ


ଦେବେନ୍ଦ୍ର ଝାଝାରିଆ, ଭେଙ୍କଟେଶ ପ୍ରସାଦ ଓ ଏଲ.ସରିତା ଦେବୀ।

**ନୂଆଦିଲ୍ଲୀ, ୮।୯ (ପି.ଟି.):** ଜାତୀୟ କ୍ରୀଡ଼ା ପୁରସ୍କାର ଚୟନ କମିଟିରେ ସାମିଲ ହୋଇଛନ୍ତି ୩ ଜଣ ମହାନ୍ କ୍ରୀଡ଼ାବିତ୍। ୩ଥର ପାରାଲିମ୍ପିକ୍ସ ପଦକ ହାସଲ କରିଥିବା ଜାଭେଲିନ ଥ୍ରୋୟର ଦେବେନ୍ଦ୍ର ଝାଝାରିଆ, ପୂର୍ବତନ କ୍ରିକେଟର ଭେଙ୍କଟେଶ ପ୍ରସାଦ ଓ ପୂର୍ବତନ ମହିଳା ବକ୍ସିଂ ଚାମ୍ପିୟନ ଏଲ. ସରିତା ଦେବୀ ଚଳିତ ବର୍ଷ ପାଇଁ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଚୟନ କମିଟିରେ ସାମିଲ ହୋଇଛନ୍ତି।

ସେହିପରି ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ମୁକୁନ୍ଦକାମ ଶର୍ମା ଏହି କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଏହି କମିଟିରେ ପୂର୍ବତନ ଶୁଟର ଅଞ୍ଜଳି ଭଗତ ଓ ପୂର୍ବତନ ମହିଳା କ୍ରିକେଟ ଅଧିନାୟକ ଅଞ୍ଜୁମ ଚୋପ୍ରା ସାମିଲ ହୋଇଛନ୍ତି ବୋଲି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ହକି କୋଚ୍ ବଲଦେବ ସିଂ, ସାଇ ଡାଇରେକ୍ଟର ଜେନେରାଲ ସନ୍ଦୀପ ପ୍ରଧାନ ଓ ବରିଷ୍ଠ ଖବରଦାତା ବିଜୟ ଲୋକପାଲି ଓ ବିକ୍ରାନ୍ତ ଗୁପ୍ତା ମଧ୍ୟ ଏହି କମିଟିରେ ସାମିଲ ହୋଇଛନ୍ତି।

ଝାଝାରିଆ ସଦ୍ୟ ସମାପ୍ତ ଟୋକିଓ ପାରାଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିଲେ। ତେବେ ଏହାପୂର୍ବରୁ ସେ ୨୦୦୪ ଓ ୨୦୧୬ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଆଗାମୀ କିଛିଦିନ ମଧ୍ୟରେ ଏହି କମିଟି ବୈଠକରେ ମିଳିତ ହେବେ ଓ ପୁରସ୍କାର ବିଜେତାଙ୍କ ସମ୍ପର୍କରେ ନିଷ୍ପତ୍ତି ନେବେ। ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସରେ ସାଧାରଣତଃ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥାଏ। ତେବେ ଚଳିତ ବର୍ଷ ଏଥିରେ ବଳମ୍ବ କରାଯାଇଛି। ଉଭୟ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପୁରସ୍କାର ପ୍ରଦାନ କରାଯିବ। ତେଣୁ ପୁରସ୍କାର ପ୍ରଦାନ ବିଳମ୍ବିତ କରାଯାଇଛି ବୋଲି କୁହାଯାଇଛି। ଉଭୟ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଏଥର ଭାରତର ପ୍ରଦର୍ଶନ ଐତିହାସିକ ସାବ୍ୟସ୍ତ ହୋଇଛି। ଅଲିମ୍ପିକ୍ସରେ ଭାରତ ଗୋଟିଏ ସ୍ୱର୍ଣ୍ଣ ସହ ୭ଟି ପଦକ ହାସଲ କରିଥିଲା। ସେହିପରି ପାରାଲିମ୍ପିକ୍ସରେ ଭାରତ ୫ଟି ସ୍ୱର୍ଣ୍ଣ ସହ ୧୯ଟି ପଦକ ହାସଲ କରି ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା।

ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ହାସଲ କରି ଅଲିମ୍ପିକ୍ସରେ ଭାରତର ସର୍ବଶ୍ରେଷ୍ଠ ତାରକା ବିବେଚିତ ହୋଇଛନ୍ତି। ଆଥ୍‌ଲେଟିକ୍ସରେ ଏହା ଭାରତ ପାଇଁ ସର୍ବପ୍ରଥମ ପଦକ ସାବ୍ୟସ୍ତ ହୋଇଥିଲା। ଦୀର୍ଘ ୧୩ ବର୍ଷ ପରେ ଭାରତ ଅଲିମ୍ପିକ୍ସରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଦେଶର ସର୍ବବୃହତ୍ କ୍ରୀଡ଼ା ପୁରସ୍କାର ହେଉଛି ଖେଳରତ୍ନ ପୁରସ୍କାର। ଏହା ପ୍ରଥମେ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଭାବେ ଜଣାଥିଲା। ତେବେ ଏହାର ନାମରେ ପରିବର୍ତ୍ତନ କରାଯାଇଛି। ଏହା ଏବେ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଭାବେ ବିବେଚିତ ହୋଇଛି। ଅର୍ଜୁନ ପୁରସ୍କାର ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ପୁରସ୍କାର ଭାବେ ବିବେଚିତ ହେଉଛି। ଖେଳରତ୍ନ ପୁରସ୍କାର ବାବଦରେ ନଗଦ ୨୫ ଲକ୍ଷ ଟଙ୍କା ଓ ଅର୍ଜୁନ ପୁରସ୍କାର ବାବଦରେ ନଗଦ ୧୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥାଏ।

# ବସନ୍ତଙ୍କୁ ୫, ଦେବାଶିଷଙ୍କ ଶତକ

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ ଦିନିଆ ସୁପରଲିଗ୍ ବୁଧବାର ଆରମ୍ଭ ହୋଇଛି। ଓଡ଼ିଶା ବ୍ଲୁର ବସନ୍ତ ମହାନ୍ତି ୫ ଉଇକେଟ ନେଇଥିବାବେଳେ ଓଡ଼ିଶା ୟେଲୋ ଅଧିନାୟକ ଦେବାଶିଷ ସାମନ୍ତରାୟ ଶତକ ହାସଲ କରିଛନ୍ତି।

## କଳାହାଣ୍ଡି କପ୍ ୨ ଦିନିଆ ସୁପରଲିଗ୍ ଆରମ୍ଭ


ଦେବାଶିଷ ସାମନ୍ତରାୟ


ବସନ୍ତ ମହାନ୍ତି

ଏସ୍‌ସିବି ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୪ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଛି। ରେଭେନ୍‌ଶା ପଡ଼ିଆରେ ଖୋର୍ଦ୍ଧା ୧୨୯ ରନରେ ଅଲ୍‌ଆଉଟ ହୋଇଛି। ଓଡ଼ିଶା ବ୍ଲୁର ବସନ୍ତ ମହାନ୍ତି ୧୩ ଓଭର ବୋଲିଂ କରି ୬ ମେଡେନ ନେବାସହ ୧୧ ରନ ଦେଇ ୫ ଉଇକେଟ ସଫଳତା ପାଇଛନ୍ତି। ପ୍ରଥମ ଦିବସ ଶେଷ ବେଳକୁ ଓଡ଼ିଶା ବ୍ଲୁ ୧ ଉଇକେଟ ହରାଇ ୧୦ ରନ କରିଛି। ନିମପୁର ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୟେଲୋ ୮ ଉଇକେଟ ହରାଇ ୨୮୬ ରନ କରିଛି। ଶତକ ହାସଲକାରୀ ଅଧିନାୟକ ଦେବାଶିଷ ସାମନ୍ତରାୟ ସର୍ବାଧିକ ୧୭୪ ରନ ସଂଗ୍ରହ କରିଛନ୍ତି। ସନ୍‌ସାଇନ୍ ପଡ଼ିଆରେ ଆୟୋଜିତ ମ୍ୟାଚରେ ଝାରସୁଗୁଡ଼ା ୧୭୧ ରନରେ ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ରୋଶନ ପ୍ରସାଦ ସର୍ବାଧିକ ୫୧ ଓ ରାଜକିଷନ ପଟେଲ ୫୦ରନ କରିଥିଲେ। ପ୍ରଥମ ଦିବସ ଶେଷ ବେଳକୁ କଟକ-ଏ ୪୮ ରନ ମଧ୍ୟରେ ୪ ଉଇକେଟ ହରାଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ରେଡ୍ ୬ ଉଇକେଟ ହରାଇ ୧୬୪ ରନ କରିଛି। ବିଡ଼ାନାସୀ ପଡ଼ିଆରେ ଓଡ଼ିଶା ଭାଓଲେଟ ୨୭୯ ରନରେ ଅଲ୍‌ଆଉଟ ହୋଇଛି। ପଙ୍କଜ ସେନାପତି ସର୍ବାଧିକ ୭୯ ରନ କରିଛନ୍ତି। ପ୍ରଥମ ଦିନ ଶେଷ ବେଳକୁ ଓଡ଼ିଶା ପିଙ୍କ୍ ୬୩ ରନ ମଧ୍ୟରେ ୫ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଛି।

# ମାଉଣ୍ଟ ୟୁନାମ ଅଭିଯାନରେ ‘ଆସା’ର ୫ ଅଭିଯାତ୍ରୀ

ଭୁବନେଶ୍ୱର, ୮।୯(କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆସା)ର ୫ ସଦସ୍ୟ ମାଉଣ୍ଟ ୟୁନାମ (୬୧୧୧ ମିଟର) ଅଭିଯାନରେ ଅଂଶଗ୍ରହଣ କରିବେ। ଏଥିପାଇଁ ବୁଧବାର ଭୁବନେଶ୍ୱର ଛାଡ଼ିଥିବା ୫ ସଦସ୍ୟ ହେଲେ ଅନିତା ସ୍ୱାଇଁ, ଚିନ୍ମୟ ମହାରଣା, ସସ୍ମିତା ପ୍ରଧାନ, ଦେବଦତ୍ତ ସାମନ୍ତରାୟ ଓ ଅଜିତ କୁମାର ପାଢ଼ୀ। ଚଣ୍ଡିଗଡ଼ ଜାତୀୟ ଆଡ୍‌ଭେଞ୍ଚର କ୍ଲବ(ଏନସିଏ) ଏହାକୁ ଆୟୋଜନ କରୁଛି। ଅନିତା ଓ ଚିନ୍ମୟ ଅଭିଯାତ୍ରୀ ଦଳର ନେତୃତ୍ୱ ନେବା ପାଇଁ ଏନସିଏ ପକ୍ଷରୁ ମନୋନୀତ ହୋଇଛନ୍ତି ବୋଲି ଏଭରେଷ୍ଟ ଆରୋହୀ ତଥା ‘ଆସା’ର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ‘ଆସା’ର ପରାମର୍ଶଦାତା ଅଶୋକ ମହାନ୍ତି ଓ ଗଣେଶ ଅଭିଯାତ୍ରୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ମାଉଣ୍ଟ ୟୁନାମ ଅଭିଯାନରେ ବାହାରିଥିବା ଅଭିଯାତ୍ରୀଙ୍କ ସହ ଗଣେଶ ଜେନା (ଡାହାଣ)।

# ଧାୱନ-ଆୟେଶା ଛାଡ଼ପତ୍ର

ନୂଆଦିଲ୍ଲୀ,୮।୯

ଭାରତୀୟ ଅଭିଜ୍ଞ ଓପନର ଶିଖର ଧାୱନ ଓ ସ୍ତ୍ରୀ ଆୟେଶା ମୁଖାର୍ଜୀ ଅଲଗା ହୋଇଛନ୍ତି। ଦୁହେଁ ପରସ୍ପରକୁ ଛାଡପତ୍ର ଦେଇଛନ୍ତି। ଫଳରେ ଦୁହିଁଙ୍କ ମଧ୍ୟରେ ଦୀର୍ଘ ୯ ବର୍ଷର ବୈବାହିକ ସମ୍ପର୍କ ତୁଟିଯାଇଛି। ଇନ୍‌ଷ୍ଟାଗ୍ରାମ୍‌ରେ ଆୟେଶା ମଙ୍ଗଳବାର ଏ ନେଇ ବେଶ୍ ଭାବପ୍ରବଣ ହୋଇ ଏହି ଖବର ଶେୟାର କରିଛନ୍ତି। ସେ ଦୁଇଥର ବିବାହ ବିଚ୍ଛେଦର ଶିକାର ହୋଇଛନ୍ତି ଓ ତାଙ୍କର ଦୁଇଥର ଡିଭୋର୍ସ ହୋଇଛି ବୋଲି ଆୟେଶା ଇନ୍‌ଷ୍ଟାଗ୍ରାମରେ ଉଲ୍ଲେଖ କରିଛନ୍ତି। ‘ତଲାକକୁ ସବୁଠାରୁ ଖରାପ ଶବ୍ଦ ବୋଲି ଭାବୁଥିଲି ଯେପର୍ଯ୍ୟନ୍ତ ଦ୍ୱିତୀୟଥର ମୋର ତଲାକ ହୋଇ ନ ଥିଲା’ ବୋଲି ସେ ଉଲ୍ଲେଖ କରିଛନ୍ତି। ଦୁହିଁଙ୍କ ମଧ୍ୟରେ ଭଲ ସମ୍ପର୍କ ନ ଥିବା ଖବର ପ୍ରକାଶିତ ହେଉଥିଲା। ସୋସିଆଲ ମିଡିଆରେ ଉଭୟ ଉଭୟଙ୍କୁ ଅନଫଲୋ ମଧ୍ୟ କରିସାରିଥିଲେ। ଅବଶ୍ୟ ଏ ପର୍ଯ୍ୟନ୍ତ ଧାୱନ ଏ ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଫେସ୍‌ବୁକ୍‌ରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଧାୱନ ଫେସ୍‌ବୁକ୍‌ରେ ପ୍ରଥମେ ଆୟେଶାଙ୍କୁ ଦେଖିଥିଲେ ଓ ଏହା ପରଠାରୁ ଦୁହିଁଙ୍କ ମଧ୍ୟରେ ପ୍ରେମ ଆରମ୍ଭ ହୋଇଥିଲା। ହରଭଜନ ସିଂ ଏହି ପ୍ରେମରେ ମଧ୍ୟସ୍ଥତା କରିଥିଲେ। ଏହି ବିବାହକୁ ଧାୱନଙ୍କ ପରିବାର ପ୍ରଥମେ ବିରୋଧ କରିଥିଲେ ମଧ୍ୟ ପରେ ରାଜି ହୋଇଥିଲେ। ବିରାଟ କୋହଲିଙ୍କ ସମେତ ଏକାଧିକ କ୍ରିକେଟର ବରଯାତ୍ରୀ ଯାଇଥିଲେ।


ଆୟେଶା ମୁଖାର୍ଜୀ ଓ ଶିଖର ଧାୱନ।

ଅଷ୍ଟ୍ରେଲିଆ ନାଗରିକ ହୋଇଥିଲେ ମଧ୍ୟ ଆୟେଶା ଭାରତରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଭାରତୀୟ ହୋଇଥିବା ବେଳେ ମାତା ବ୍ରିଟିଶ ନାଗରିକ ଥିଲେ। ଧାୱନଙ୍କଠାରୁ ସେ ୧୦ ବର୍ଷ ବଡ଼ ଥିଲେ। ସେ ପ୍ରଥମେ ଜଣେ ଅଷ୍ଟ୍ରେଲୀୟ ବ୍ୟବସାୟୀଙ୍କୁ ବାହା ହୋଇଥିଲେ। ପ୍ରଥମ ବିବାହରୁ ଆୟେଶାଙ୍କ ଦୁଇ ଝିଅ ଅଲିଆ ଓ ରିୟା ଜନ୍ମ ନେଇଥିଲେ। ବିବାହ ପରେ ଧାୱନ ଦୁଇ ଝିଅଙ୍କୁ ଆପଣାଇ ନେଇଥିଲେ।

୨୦୧୨ରେ ଧାୱନ ଓ ଆୟେଶା ବିବାହ କରିଥିଲେ। ସେମାନଙ୍କର ଜୋରାଭର ନାମରେ ଜଣେ ପୁଅ ଅଛି। ବିବାହ ପୂର୍ବରୁ ଆୟେଶା ମେଲବୋର୍ନରେ ରହୁଥିଲେ ଓ ସେ ଜଣେ ଆମେଚର ବକ୍ସର ଥିଲେ। ଧାୱନ ଏବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ପାଇଁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅଛନ୍ତି। ସେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ସୀମିତ ଓଭର କ୍ରିକେଟରେ ଧାୱନ ଭାରତୀୟ ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି।

ଧାୱନ ୨୦୧୦ରେ ଦିନିକିଆ ଓ ୨୦୧୩ରେ ଟେଷ୍ଟ ଫର୍ମାଟରେ ପଦାର୍ପଣ କରିଥିଲେ। ପଦାର୍ପଣ ଟେଷ୍ଟରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଦ୍ରୁତ ତଥା ବୃହତ୍ ଶତକ ହାସଲକରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ୨୦୧୧ରେ ସେ ଟି୨୦ରେ ପଦାର୍ପଣ କରିଥିଲେ। ଧାୱନ ଏ ପର୍ଯ୍ୟନ୍ତ ୧୪୫ ଦିନିକିଆ, ୬୮ ଟି୨୦ ଓ ୩୪ଟି ଟେଷ୍ଟ ଖେଳିଛନ୍ତି। ୩୫ ବର୍ଷୀୟ ଧାୱନ ନିକଟରେ ଶ୍ରୀଲଙ୍କା ଗସ୍ତରେ ଭାରତୀୟ ସୀମିତଓଭରଦଳରନେତୃତ୍ୱନେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୯/୨୦୨୧ Bhubaneswar, Thursday, September 9/ 2021

# ଅଶ୍ୱିନଙ୍କ ପ୍ରତ୍ୟାବର୍ତ୍ତନ, ଚହଲ ବାଦ୍


ବରୁଣ ଚକ୍ରବର୍ତ୍ତୀ


ଇଶାନ କିଶନ


ମହେନ୍ଦ୍ର ସିଂ ଧୋନୀ

**ନୂଆଦିଲ୍ଲୀ,୮।୯**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନରେ ଆସନ୍ତା ଅକ୍ଟୋବର ୧୭ରୁ ନଭେମ୍ବର ୧୪ ମଧ୍ୟରେ ହେବାକୁ ଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯାଉଛି। ବୁଧବାର ଘୋଷିତ ୧୫ ଜଣିଆ ଦଳକୁ ଅଭିଜ୍ଞ ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ଓ ଭେଟେରାନ ଓପନର ଶିଖର ଧାୱନଙ୍କୁ ବାଦ ଦିଆଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଦଳରେ ମେଣ୍ଟର ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଟୁର୍ନାମେଣ୍ଟରେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କୁ ସହଯୋଗ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଖବରଦାତା ସମ୍ମିଳନୀରେ କହିଛନ୍ତି। ଷ୍ଟାଣ୍ଡ ବାଇ ଖେଳାଳି ଭାବେ ଓଭାଲ ଟେଷ୍ଟ ହିରୋ ଶାର୍ଦ୍ଦୁଳ ଠାକୁର, ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଓ ଦୀପକ ଚହରଙ୍କୁ ନିଆଯାଇଛି।

**ଟି୨୦ ବିଶ୍ୱକପ୍**
- ଭାରତୀୟ ଦଳ ଘୋଷିତ
- ଇଶାନ ଓ ବରୁଣଙ୍କୁ ଆଇପିଏଲରେ ଭଲ ପ୍ରଦର୍ଶନର ପୁରସ୍କାର
- ଧୋନୀଙ୍କୁ ମେଣ୍ଟର ଦାୟିତ୍ୱ

୩୪ ବର୍ଷୀୟ ଅଶ୍ୱିନ ୨୦୧୭ରେ ଶେଷଥର ପାଇଁ ସୀମିତ ଓଭର କ୍ରିକେଟ ଖେଳିଥିଲେ। ଦୀର୍ଘ ୪ ବର୍ଷ ପରେ ସେ ଦଳକୁ ଫେରିଛନ୍ତି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ, ସ୍ପିନର ଅକ୍ଷର ପଟେଲ ଓ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଉପରେ ଚୟନକର୍ତ୍ତା ଭରସା କରିନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସ୍ଥିର ପ୍ରଦର୍ଶନ କରିଥିବାରୁ ବରୁଣ ଓ ଇଶାନ ଦଳରେ ସ୍ଥାନ ହାସଲ କରିଛନ୍ତି।

ଧୋନୀଙ୍କ ସହ ଦୁବାଇରେ ଏ ନେଇ କଥା ହୋଇଥିଲି। ଧୋନୀ ମେଣ୍ଟର ଦାୟିତ୍ୱ ନେବାକୁ ରାଜି ହୋଇଥିଲେ। ଏଥିରେ ଅଧିନାୟକ ବିରାଟ କୋହଲି ଓ ଉପ-ଅଧିନାୟକ ରୋହିତ ଶର୍ମା ମଧ୍ୟ ସମ୍ମତି ପ୍ରକାଶ କରିଥିଲେ ବୋଲି ଶାହା କହିଛନ୍ତି। ୪୦ ବର୍ଷୀୟ ଧୋନୀ ୨୦୧୯ ବିଶ୍ୱକପ୍ ସେମିଫାଇନାଲ ଖେଳିବା ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଧୋନୀଙ୍କ ନେତୃତ୍ୱରେ ଭାରତ ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଦିନିକିଆ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ସେ ଭାରତର ସଫଳ ଅଧିନାୟକ ବିବେଚିତ ହେଉଛନ୍ତି। ବିଶ୍ୱକପ୍‌ର ସୁପର-୧୨ ପର୍ଯ୍ୟାୟରେ ଭାରତ ଗ୍ରୁପ୍ ୨ରେ ସାମିଲ ହୋଇଛି। ଭାରତ ସମେତ ଆଫଗାନିସ୍ତାନ, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଦୁଇଟି କ୍ୱାଲିଫାୟର ଏହି ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ଅକ୍ଟୋବର ୨୪ରେ ପାକିସ୍ତାନ ବିପକ୍ଷରୁ ଭାରତ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଲୋକେଶ ରାହୁଲ, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟ କିପର), ଇଶାନ କିଷନ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ରାହୁଲ ଚହର, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର ଓ ମହମ୍ମଦ ସାମି।

**ଷ୍ଟାଣ୍ଡ ବାଇ ଖେଳାଳି**

ଶ୍ରେୟାସ ଆୟାର, ଶାର୍ଦ୍ଦୁଳ ଠାକୁର ଓ ଦୀପକ ଚହର।

## ପାରାଲିମ୍ପିକ୍ସ ପଦକ ବିଜେତା ସମ୍ବର୍ଦ୍ଧିତ

**ନୂଆଦିଲ୍ଲୀ, ୮।୯ (ପି.ଟି.):** ଟୋକିଓ ପାରାଲିମ୍ପିକ୍ସରେ ପଦକ ବିଜେତା ୧୭ ଖେଳାଳିଙ୍କୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଏଠାରେ ସମ୍ବର୍ଦ୍ଧିତ କରିଛନ୍ତି। ୨୦୨୪ ପ୍ୟାରିସ ପାରାଲିମ୍ପିକ୍ସରେ ଭାରତ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଏହି ଅବସରରେ ଅନୁରାଗ ଆଶାପ୍ରକାଶ କରିଛନ୍ତି। ଭାରତୀୟ ପାରା ଆଥ୍‌ଲେଟମାନେ ଟୋକିଓ ଗେମ୍ସରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରି ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ୧୯ଟି ପଦକ ଜିତିଛନ୍ତି। ଶୁଟର ଅଭାନି ଲେଖାରା (ସ୍ୱର୍ଣ୍ଣ ଓ ବ୍ରୋଞ୍ଜ) ଏବଂ ସିଂହରାଜ ଅଡାନା (ରୌପ୍ୟ ଓ ବ୍ରୋଞ୍ଜ) ୨ ଥର ପୋଡିୟମ ଫିନିଶ୍ କରିବାର ସୌଭାଗ୍ୟ ପାଇଛନ୍ତି। ''ଦେଶ ପାଇଁ ଏକ ପଦକ ଜିତିବା ମୋର ସ୍ୱପ୍ନ ଥିଲା। ସେଥିପାଇଁ କଠିନ ପରିଶ୍ରମ କରିଥିଲି। ଏହା ସାକାର ହୋଇଥିବାରୁ ମୁଁ ବହୁତ ଖୁସି ଏବଂ କୃତଜ୍ଞ'' ବୋଲି ୧୯ ବର୍ଷୀୟା ଲେଖାରା ପ୍ରକାଶ କରିଛନ୍ତି। ପ୍ରଥମ ଭାରତୀୟ ମହିଳା ଭାବେ ସେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଅନୁରାଗ ସମସ୍ତ ପଦକ ବିଜେତାଙ୍କୁ ପ୍ରଶଂସା କରିବା ସହ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ୨୦୧୬ ପାରାଲିମ୍ପିକ୍ସରେ ଭାରତୀୟ ପ୍ରତିନିଧି ଦଳର ସଂଖ୍ୟା ୧୯ରେ ସୀମିତ ଥିଲା। ଏଥର ଆମ ଆଥ୍‌ଲେଟମାନେ ୧୯ଟି ପଦକ ଜିତିଛନ୍ତି। ତେଣୁ ଇଚ୍ଛାଶକ୍ତି ଅନ୍ୟ ସବୁଠାରୁ ଶକ୍ତିଶାଳୀ ବୋଲି ଅନୁରାଗ କହିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଖଜୁରିପଡ଼ା/ବଲସକୁମ୍ପା, ୮।୯ (ଡି.ଏନ.ଏ.):** ଖଜୁରିପଡ଼ା ଥାନା ଅନ୍ତର୍ଗତ ଆଡାସିପଡ଼ା ଗ୍ରାମରେ ମଙ୍ଗଳବାର ଜଗଦୀଶ ପ୍ରସାଦ ନନ୍ଦଙ୍କ ପୁଅ କିରଣ କୁମାର ନନ୍ଦ (୨୧) ବେକରେ ରଶି ଲଗେଇ ଆତ୍ମହତ୍ୟା କରିଥିଲେ। ବୁଧବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡି ନ ଥିବା ବେଳେ ପୋଲିସ ନଂ.୧୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବସ୍ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ




**ଖଜୁରିପଡ଼ା,୮।୯(ଡି.ଏନ.ଏ.):** ଖଜୁରିପଡ଼ାଠାରୁ ଫୁଲବାଣୀ ଦେଇ ବାଲିଗୁଡା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୩୦ ଯାତ୍ରୀ। ବସ ଖଜୁରିପଡ଼ାରୁ ଭାୟା ଫୁଲବାଣୀ ଦେଇ ବାଲିଗୁଡା ଯାଉଥିଲା। ଗୁଦାରୀଗ୍ରାମରେ ପାନୀୟଜଳ ସମସ୍ୟା ନେଇ ଅଞ୍ଚଳବାସୀ ଫୁଲବାଣୀଠାରୁ ଭୁବନେଶ୍ୱର ୫୯ନଂ ଜାତୀୟ ରାଜପଥକୁ ମୂଳ ଗୁଦାରୀ ପାକାଲାଙ୍ଗାଠାରେ ରାସ୍ତା ଅପରୋଧ କରିଥିଲେ। ଫଳରେ ବସଟି ଗୁଦାରୀ ଜାହାଜପଡ଼ିଆ ଭାୟା ଦାତପାଜୁ ଦେଇ ଯାଉଥିବା ବେଳେ ଦାତପାଜୁ ବିଦ୍ୟାଳୟଠାରେ ଏକ ଖାଲରେ ଚକା ପଡ଼ିଯିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ହେଲେ ଏକ ଗଛ ଥିବାରୁ ବସଟି ଓଲଟି ନଯାଇ ଗଛରେ ଅଟକି ରହିଗଲା। ବହୁ ଅଟୋ ଚାଳକ ସମସ୍ତଙ୍କୁ ଉଦ୍ଧାର କରି ଫୁଲବାଣୀ ଆଣି ଛାଡିଥିଲେ। ଘଟଣାସ୍ଥଳରେ ଖଜୁରିପଡ଼ା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ପଦୋନ୍ନତି ନେଇ ଶିକ୍ଷକଙ୍କ ବୈଠକ

**ଶେରଗଡ଼,୮।୯(ଡି.ଏନ.ଏ.):** ଶେରଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକମାନଙ୍କ ପଦୋନ୍ନତି ନେଇ ଏକ ବୈଠକ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଇଓ ଭାସ୍କର ଲେଙ୍କା ଅଧ୍ୟକ୍ଷତା କରିଥିବା ବେଳେ ଏବିଇଓ ଶୈଳେନ୍ଦ୍ର ଦଳେଇ ଓ ସୌରୀଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ଶିକ୍ଷକମାନେ ଲେବଲ -୫ ଏ.ବି ଓ ଲେବଲ ୪ କୁ ପଦୋନ୍ନତି ହେବା ନେଇ ଆଲୋଚନା ହୋଇଥିଲା। ଜିଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୧୩୭୨୮ ତା୧।୯।୨୧ ପ୍ରକାରେ ବ୍ଲକର ପଦୋନ୍ନତି ପାଇଥିବା ତାଲିକା ପ୍ରକାଶନ ହୋଇଛି । ଏଥିରେ କିଛି ଭୁଲ ଥିଲେ ତାହା ସଂଶୋଧନ କରାଯିବ ବୋଲି ବିଇଓ ଲେଙ୍କା କହିଥିଲେ। ଏଣୁ ଏ ନେଇ ସମସ୍ତ ପଦୋନ୍ନତି ପାଇବା ଶିକ୍ଷକମାନଙ୍କ କୁହାଯାଇଥିଲା।

## ଧର୍ମପରାୟଣ ମହିଳାଙ୍କ ବିୟୋଗ

**ଶେରଗଡ,୮।୯(ଡି.ଏନ.ଏ.):** ଶେରଗଡ଼ ବ୍ଲକ ତାକରଡ଼ା ଗ୍ରାମର ଧର୍ମପରାୟଣା ମହିଳା ବିନୋଦିନୀ ଦାଶ (୭୨)ଙ୍କ ବିୟୋଗ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କର ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସେ ସ୍ୱର୍ଗତ ଉପେନ୍ଦ୍ର ଦାଶଙ୍କ ସ୍ତ୍ରୀ ଥିଲେ। ତାକରଡ଼ାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ତିନି ପୁଅ ଅଶୋକ, ଅବନୀ, ବାପି ମୃତଦେହ ସତ୍କାର ସମୟରେ ଉପସ୍ଥିତ ଥିବା ବେଳେ ବହୁ ବଦାନ୍ୟ ବ୍ୟକ୍ତି ଉକ୍ତ କାର୍ଯ୍ୟରେ ଯୋଗ ଦେଇଥିଲେ।

# ରାସ୍ତାରେ ଧାନ ରୋଇଲେ ଲୋକେ

**ଫୁଲବାଣୀ ଅଫିସ, ୮।୯**

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ବିଲାବାଡି ରାଜସ୍ୱ ଗ୍ରାମର ଚଞ୍ଚଳାସାହିରୁ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ଦୀର୍ଘ ୩ କି.ମି. ରାସ୍ତା କାମ କାମ ହେଉନି । ବର୍ଷା ହେବାରୁ ଏହି କଚ୍ଚା ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇଛି । ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା କାମ କରାଯାଉନାହିଁ। ଏହା ପ୍ରତିବାଦରେ ଲୋକେ ଉକ୍ତ ପାଣି କାଦୁଅ ଭର୍ତ୍ତି ରାସ୍ତାରେ ଧାନ ରୋଇଛନ୍ତି । ବଣ୍ଡଗୁଡ଼ା ରାଜସ୍ୱ ଗ୍ରାମରେ ବିଲାବାଡି(୧), ବିଲାବାଡି(୨) ୱାର୍ଡର ପଦାସାହି, ରେକାପଡି, ବାଡିଆନାଜୁ, ମହାନାଜୁ, ସୀତାପଡି ଗ୍ରାମରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ବଣ୍ଡଗୁଡା ଚଞ୍ଚଳାସାହିଠାରୁ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ୩ କିମି ରାସ୍ତା ଖରାପ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଚାରିଚକିଆ ଯାନ ଯାଇପାରୁନାହିଁ ଫଳରେ ଆସନ୍ନ ପ୍ରସବାଙ୍କୁ ଆମ୍ବୁଲାନ୍ସରେ ମେଡିକାଲକୁ ନେଉ ହେଉନାହିଁ। ସେହିପରି ସ୍କୁଲ କଲେଜ ଯିବାକୁ ଛାତ୍ରୀଛାତ୍ର ମଧ୍ୟ ହଇରାଣ ହେଉଛନ୍ତି। ଗ୍ରାମରେ ପାନୀୟ ଜଳ ଅଭାବ ରହିଛି । ଲୋକେ ପାଣି ପାଇଁ ବୁଆ ଏବଂ ନାଳ ଉପରେ ନିର୍ଭର କରୁଛନ୍ତି । ଗ୍ରାମରେ ନେଟୱର୍କ ନ ଥିବାରୁ ପିଲାଙ୍କ ଅନ୍‌ଲାଇନ ପାଠପଢ଼ାରେ ବାଧା ଉପୁଜୁଛି । ଗାଁରେ ଗୋଟିଏ ଆୟୁର୍ବେଦିକ ମେଡିକାଲ ଥିଲେ ବି ଡାକ୍ତର, କର୍ମଚାରୀ କେହି ଆସୁନାହାନ୍ତି । ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଏସବୁ ସମସ୍ୟାର ଅନ୍ତ ଘଟୁନି ।ତେଣୁ ଗାଁର ମହିଳା, ପୁରୁଷ, ଯୁବକ ସଂଘ, ମହିଳା ସଂଘର ସଦସ୍ୟାମାନେ କାଦୁଅ ରାସ୍ତାରେ ଧାନତଳି ରୋଇ ପ୍ରତିବାଦ ଜଣାଇଛନ୍ତି । ପ୍ରଶାସନ ଖୁବଶୀଘ୍ର ରାସ୍ତା ନିର୍ମାଣ ସହ ଅନ୍ୟ ସମସ୍ୟାର ସମାଧାନ ନ କଲେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରାଯିବ ବୋଲି ସାମାଜିକ କର୍ମୀ ବାଳକୃଷ୍ଣ ପ୍ରଧାନ, ଚୌଧୁରୀ ପ୍ରଧାନ, ଅରୁଣ ପ୍ରଧାନ, ୱାର୍ଡମେମ୍ବର ଦିଲୀପ ପ୍ରଧାନ, ରୀନା ପ୍ରଧାନ, ରଞ୍ଜୁଲତା ପ୍ରଧାନ, ମାଳତୀ ପ୍ରଧାନ, କୁନ୍ତଳା ପ୍ରଧାନ, ଅନିତା ପ୍ରଧାନ, ଟିଙ୍କିମା ପ୍ରଧାନ ଓ ଆଶ୍ରୟ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ।



ରାସ୍ତାରେ ଲୋକେ ଧାନ ତଳି ରୋଉଛନ୍ତି ।

# ଭଞ୍ଜନଗରରେ ସନ୍ଦିଗ୍ଧ ଡେଙ୍ଗୁ ରୋଗୀ

### ଶିକ୍ଷାନୁଷ୍ଠାନରେ ପାଳନ ହେଉନି କୋଭିଡ୍ ନିୟମ

**ଭଞ୍ଜନଗର,୮।୯(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲକୁ ବୁଧବାର ୨ଜଣ ସନ୍ଦିଗ୍ଧ ଡେଙ୍ଗୁ ରୋଗୀ ଚିକିତ୍ସା ପାଇଁ ଆସିଥିଲେ। ସେଥିମଧ୍ୟରୁ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ଉହର ଜଣେ ଯୁବକ ଭୁବନେଶ୍ୱରରେ କାମ କରୁଥିବା ବେଳେ କିଛିଦିନ ପୂର୍ବେ ବ୍ରହ୍ମପୁର ଯାଇଥିଲେ। ସେଠାରୁ ଫେରିବା ପରେ ଜ୍ୱର ହୋଇଥିଲା ।ଏ ନେଇ ମେଡିକାଲ ଅଧୀକ୍ଷକ ସିତାଂଶୁ ଶେଖର ଶତପଥୀଙ୍କୁ ପଚାରିବାରେ କୌଣସି ରୋଗୀ ଡେଙ୍ଗୁରେ ଆକ୍ରାନ୍ତ ହୋଇନାହାନ୍ତି। ରକ୍ତ ପରୀକ୍ଷା ପାଇଁ ଜଣଙ୍କୁ ବ୍ରହ୍ମପୁର ପଠାଯାଇଥିବା କହିଛନ୍ତି।

ଅନ୍ୟପକ୍ଷରେ ଭଞ୍ଜନଗର ଅଞ୍ଚଳର ଅଧିକାଂଶ ଶିକ୍ଷାନୁଷ୍ଠାନରେ କୋଭିଡ୍ ନିୟମ ପାଳନ କରାଯାଉନାହିଁ। ଛାତ୍ରୀଛାତ୍ରମାନେ ଠିକ୍ ଭାବେ ମାସ୍କ ପିନ୍ଧୁ ନ ଥିବା ବେଳେ ସାମାଜିକ ଦୂରତ୍ୱ ମଧ୍ୟ ରକ୍ଷା କରୁନାହାନ୍ତି। ଇତିମଧ୍ୟରେ ରାଜ୍ୟର କେତକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର କରୋନା ଆକ୍ରାନ୍ତ ହେଉଥିବା ବେଳେ ଭଞ୍ଜନଗର ଅଞ୍ଚଳରେ ଏହି ଆଶଙ୍କା ରହୁଛି। ଅନ୍ୟପଟେ ଲୋକଙ୍କୁ କରୋନା ଟିକା ମଧ୍ୟ ଠିକ୍ ଭାବେ ମିଳି ପାରୁନାହିଁ । ଭଞ୍ଜନଗର ସହରର କେତେକ ୱାର୍ଡ଼ରେ ଠିକ୍ ଭାବେ ସଫେଇ ହେଉନାହିଁ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମାଣ୍ଡିଆ ଖାଦ୍ୟମେଳା



ପୃଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ।

**ପୋଲସରା,୮।୯(ଡି.ଏନ.ଏ.)**

ପୋଲସରା ବ୍ଲକ ପଞ୍ଚାୟତ ସମିତି ବୈଠକ ଗୃହରେ ଜାତୀୟ ପୋଷଣ ସପ୍ତାହ ପାଳନ ଅବସରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ପ୍ରୋତ୍ସାହିତ କରାଯାଇଛି। ଷଷ୍ଠ ଓ ସପ୍ତମ ଦିବସ ଅବସରରେ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂସ୍ଥା ଓ ସମନ୍ୱିତ ଶିଶୁ ବିକାଶ ବିଭାଗର ମିଳିତ ଉଦ୍ୟମରେ ସମ୍ମିଳନୀ କକ୍ଷରେ ପୁଷ୍ଟିକର ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଡିଓ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଓ ଆୟୋଜକ ଇଣ୍ଡିଆ ସ୍ୱେଚ୍ଛାସେବୀ ସଂସ୍ଥାର ନିର୍ଦ୍ଦେଶକ ଡକ୍ଟର କୁମୁଦଚନ୍ଦ୍ର ବେହେରା ଯୋଗଦେଇ ପୁଷ୍ଟିକର ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ପୋଲସରା ବ୍ଲକରେ ଓଡ଼ିଶା ମିଲେଟ୍ସ ମିଶନ ଏବଂ ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ପରିଚାଳିତ ମାଣ୍ଡିଆ ଓ କ୍ଷୁଦ୍ର ଦାନା ଶସ୍ୟ ଚାଷ କାର୍ଯ୍ୟକ୍ରମ ୧୪ ଗ୍ରାମପଞ୍ଚାୟତର ୫୩ ଗ୍ରାମରେ ବହୁଳ ମାତ୍ରାରେ ଚାଷ କରାଯାଉଛି। ଏହାକୁ ବ୍ଲକର ସମସ୍ତ ଗ୍ରାମରେ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ଖାଦ୍ୟ ମେଳାକୁ ପୋଲସରା ବିଡିଓ ଉଦ୍‌ଘାଟନ କରିଥିଲେ। ମେଳାରେ ଏକଶହରୁ ଅଧିକ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ସହ ପରିବେଷଣ କରାଯାଇଥିଲା। ସିଡିପିଓ କୁନ୍ତଳା କୁମାରୀ ନାୟକ, ଅଞ୍ଚଳ ପରିଦର୍ଶିକା ସୁରଭି କୁସୁମ ଦାସଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ନଭେମ୍ବର ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

### ତାରାତାରିଣୀ ମନ୍ଦିର ଟ୍ରଷ୍ଟ ବୋର୍ଡ ବୈଠକ

**ଛତ୍ରପୁର,୮।୯(ଡି.ଏନ.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ମା' ତାରାତାରିଣୀ ମନ୍ଦିରର ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ନିର୍ମାଣ ଓ ମରାମତି, ମନ୍ଦିର ପରିଚାଳନା, ମାସିକ ଖର୍ଚ୍ଚ ଏବଂ ପର୍ବପର୍ବାଣୀ ନିମନ୍ତେ ଆବଶ୍ୟକ ଅର୍ଥ, ନୀତିକାନ୍ତି ଓ ପାରମ୍ପରିକ ଉତ୍ସବ ପାଳନ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ପ୍ରଥମେ ଜିଲାପାଳ ମା'ଙ୍କ ମନ୍ଦିରର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମନ୍ଦିରର ରୋଷଘରଠାରୁ ମଝି ମନ୍ଦିରର ଗୁମୁଟ ପର୍ଯ୍ୟନ୍ତ ଛାତ କରିବା, ବେଢାରେ ଦଶ ମହାବିଦ୍ୟା ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସେବାୟତମାନେ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ତଥା ଜିଲାପାଳଙ୍କୁ ଜଣାଇଥିଲେ । ନଭେମ୍ବର ସୁଦ୍ଧା ମନ୍ଦିରର ସମସ୍ତ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପାହାଡ଼ ପାଦ ଦେଶରୁ ମନ୍ଦିର ପର୍ଯ୍ୟନ୍ତ ସୋଲାର ଲାଇଟ ଲଗାଇବା, ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଭୂତଳଲାଇନ ତାର ବିଛାଇ ଆଲୋକ ବ୍ୟବସ୍ଥା କରିବାକୁ ସାଉଥକୋକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମନ୍ଦିରରେ ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ ଓ ପରିମଳ ବ୍ୟବସ୍ଥା ତୁରନ୍ତ ସାରିବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ତହସିଲଦାର ନିତେଶ କୁମାର ତ୍ରିପାଠୀ, ବିଡିଓ ବିଜୟ କୁମାର ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ବିକ୍ରମ କୁମାର ଦୋରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶଚନ୍ଦ୍ର ସେଠୀ, ତାରାତାରିଣୀ ମନ୍ଦିର ସେବାୟତମାନଙ୍କ ସଭାପତି ତପନ କୁମାର ରଣା, ସେବାୟତ ଧ୍ରୁବ ଚରଣ ରଣା, ବିଷ୍ଣୁ ପ୍ରସାଦ ରଣା, ସନତ କୁମାର ରଣା ପ୍ରମୁଖ ଯୋଗ ଦେଇଥିଲେ ।



ବୈଠକରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ ।

## ସୋରଡ଼ାରେ ବିଏସ୍‌ଏନ୍‌ଏଲ୍ ସେବା ବାଧାପ୍ରାପ୍ତ

**ସୋରଡ଼ା,୮।୯(ଡି.ଏନ୍.ଏ.)**

ସୋରଡ଼ାରେ ବିଏସ୍‌ଏନ୍‌ଏଲ୍ ଇଣ୍ଟରନେଟ ସେବା ଓ ମୋବାଇଲ ସେବାରେ ବାଧାପ୍ରାପ୍ତ ହେବାରୁ ଗ୍ରାହକ ଅସ୍ତବ୍ୟସ୍ତ ହେଲେଣି। ସରକାରୀ, ବେସରକାରୀ ସ୍ତରରେ ଅଞ୍ଚଳର ବିଏସ୍‌ଏନ୍‌ଏଲ୍ ସେବା ନେଇଥିବା ଅନୁଷ୍ଠାନ, ବ୍ୟକ୍ତିମାନେ ସମସ୍ୟା ଭୋଗୁଛନ୍ତି। ସୋରଡ଼ା ବ୍ଲକରେ ୨୬ ପଞ୍ଚାୟତରେ ସେବା ଯୋଗାଉଥିବା ଏହି ବିଭାଗର ଏଠାକାର ମୁଖ୍ୟ ଯାନ୍ତ୍ରିକ ପରିଚାଳନା ପରିସରରେ ବିଦ୍ୟୁତ୍ କାଟ୍ ସମୟରେ ସବୁ ବନ୍ଦ ହୋଇଯାଉଛି। ବ୍ୟାଟେରି ସୁବିଧା ନ ଥିବା ବେଳେ ପୁରୁଣା ବ୍ୟାଟେରିକୁ କାମଚଳା ଭାବେ ବ୍ୟବହାର କରାଯାଉଛି। ଏହି ବ୍ୟାଟେରି ମାତ୍ର ୫ ମିନିଟରୁ ଅଧିକ ବ୍ୟାକ ଅପ ନେଇପାରୁନାହିଁ। ଫଳରେ ବିଦ୍ୟୁତ୍ କାଟ ହେଲାକ୍ଷଣି ସମସ୍ତ ମୋବାଇଲ ସେବା, ଇଣ୍ଟରନେଟ ସେବା ଠପ ହୋଇଯାଉଛି। ସମସ୍ତ ବିଭାଗର କାମ ଅନଲାଇନରେ ହେଉଥିବାରୁ ଇଣ୍ଟରନେଟ୍ ନ ରହିଲେ ବହୁ ସମସ୍ୟା ହେଉଛି।

# ବିଶ୍ୱ ଫିଜିଓଥେରାପି ଦିବସ




ମଞ୍ଚାସୀନ ଅତିଥି।

**ପାରଳାଖେମୁଣ୍ଡି,୮।୯(ଡି.ଏନ୍.ଏ.)**

ଗଜପତି ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡି ଦ୍ୱାରା ବୁଧବାର ବିଶ୍ୱ ଫିଜିଓଥେରାପି ଦିବସ ପାଳନ କରାଯାଇଛି। ଏହି ଅବସରରେ ଫିଜିଓଥେରାପି ଦ୍ୱାରା ୩୦ ଜଣଙ୍କୁ ଆବଶ୍ୟକ ସଚେତନ କରାଯାଇ କେବଳ ଥେରାପି ମାଧ୍ୟମରେ ସେବା ପ୍ରଦାନ କରାଯାଇଛି। ପାରଳାଖେମୁଣ୍ଡି 'ସମର୍ଥ' ତାଲିମ କେନ୍ଦ୍ରରେ ଏହି ଦିବସ ପାଳନ ହୋଇଛି । ସମର୍ଥ ତାଲିମ କେନ୍ଦ୍ରର ସଭାପତି ନିରଞ୍ଜନ ବେହେରା ଓ ସମ୍ପାଦକ ସନ୍ତୋଷ କୁମାର ମହାରଣା ଏହାକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସିସିଡିର ମୁଖ୍ୟ ଏ.ଜଗନ୍ନାଥ ରାଜୁ ଯୋଗ ଦେଇଥିଲେ। ଫିଜିଓଥେରାପିଷ୍ଟ ଅରୁଣ କୁମାର ନାୟକ ଓ ସରୋଜିନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାଶୀନଗର, ଗୋଷାଣୀ, ରାୟଗଡା ଆଦି ବ୍ଲକ ସମେତ ପାରଳାଖେମୁଣ୍ଡି ସହର ଅଞ୍ଚଳର ୩୦ଜଣ ମାନସିକ ବିକାରଗ୍ରସ୍ତ ପୁଅ ଝିଅଙ୍କୁ ଥେରାପି ମାଧ୍ୟମରେ ସେବା ଯୋଗାଇ ଦିଆଯାଇଥିଲା। ଏଥିସହିତ ସେମାନଙ୍କ ଅଭିଭାବକମାନଙ୍କୁ ଫିଜିଓଥେରାପି ନେଇ ସଚେତନ କରିଥିଲେ।

## ନ୍ୟାୟ ଦାବିରେ ଥାନା ଆଗରେ ଧାରଣା

**ଭଞ୍ଜନଗର,୮।୯(ଡି.ଏନ.ଏ)**

ନ୍ୟାୟ ଦାବିରେ ଭଞ୍ଜନଗର ଥାନା ଅନ୍ତର୍ଗତ ଗାମୁଣ୍ଡିର ଜଣେ ମହିଳା ଦୁଇଦିନ ହେଲା ଭଞ୍ଜନଗର ଥାନା ସମ୍ମୁଖରେ ପରିବାର ସହ ଧାରଣା ଦେଇଛନ୍ତି। ମହିଳା ଜଣକ ହେଲେ ଶୁଭମ୍ ସୁଭଦ୍ରା ପ୍ରଧାନ। ତାଙ୍କୁ ଶାଶୁ, ଦିଅର, ନଣନ୍ଦମାନେ ମାରି ଦେବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ସୁଭଦ୍ରା ଏତଲାରେ ଦର୍ଶାଇଛନ୍ତି। ସେମାନେ ଘର ଭିତରକୁ ପଶିବାକୁ ଦେଉ ନ ଥିବାରୁ କିଛିଦିନ ହେଲା ସ୍ୱାମୀ ସଚ୍ଚିଦାନନ୍ଦ ପ୍ରଧାନ ଓ ପିଲାମାନଙ୍କୁ ଧରି ହୋଟେଲରେ ରହୁଛୁ ବୋଲି ସୁଭଦ୍ରା ଜଣାଇଛନ୍ତି। ଦୋଷୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏଥିରେ ପୋଲିସର ନିଷ୍କ୍ରିୟତାକୁ ନେଇ କଂଗ୍ରେସ ନେତା ପ୍ରଶାନ୍ତ ବିଷୋୟୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଶାଶୁ, ନଣଦ ଓ ଦିଅର ସୁଭଦ୍ରାଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଚଳାଇଛି ।

# ବିଧାନସଭାରେ ପ୍ରଶ୍ନ ରଖିଲେ ଛତ୍ରପୁର ବିଧାୟକ

### ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା, ପାନୀୟ ଜଳ ସମସ୍ୟା

**ଗଞ୍ଜାମ,୮।୯(ଡି.ଏନ.ଏ.)**

ଗଞ୍ଜାମ ସହରରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ଓ ସହରାଞ୍ଚଳରେ ପାନୀୟ ଜଳ ସମସ୍ୟା ନେଇ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ ରଖିଲେ। ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅଧୀନ ଗଞ୍ଜାମ ସହରରେ ୨୦୧୯ରେ ଅନୁଷ୍ଠିତ ହୋଇଥିବା ଏକ ଉଚ୍ଚସ୍ତରୀୟ କମିଟି ବୈଠକରେ ଏକ ସିଭିଲ ଜଜ୍ ଜୁନିୟର ଡିଭିଜନ ଅଦାଲତ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ କୋର୍ଟ ପାଇଁ ଆବଶ୍ୟକ ପଦଗୁଡିକ ସୃଷ୍ଟି କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଆବଶ୍ୟକ ପଦ ପଦବୀ ଏବଂ ଭିତ୍ତିଭୂମିର ବ୍ୟବସ୍ଥା କରାଯିବା ପରେ ଉଚ୍ଚ ନ୍ୟାୟାଳୟ ଏହାକୁ କାର୍ଯ୍ୟକାରୀ କରାଇବେ ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା ଉତ୍ତର ରଖିଥିଲେ। ସେହିପରି ଗଞ୍ଜାମ ସହରାଞ୍ଚଳରେ ପାନୀୟ ଜଳ ସମସ୍ୟାକୁ ନେଇ ଜନ ସ୍ୱାସ୍ଥ୍ୟ ଖଣ୍ଡ ଭଞ୍ଜନଗର ଅଧୀନ ଗଞ୍ଜାମ ସହରରେ ଦୁଇଟି ପ୍ରକଳ୍ପ ଚାଲୁ ରହିଛି। ବସୁଧା ଯୋଜନାରେ ଦାମୋଦରପୁର ଗ୍ରାମରେ ୨୬.୮୪ ଲକ୍ଷ ଏବଂ ପୋତାଗଡ଼ ଜୟଶ୍ରୀ କେମିକାଲ ଏରିଆରେ ୪୧.୪୨ ଲକ୍ଷ ବ୍ୟୟ ଅଟକଳରେ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଧାୟକ ବେହେରାଙ୍କ ପ୍ରଶ୍ନର ଉତ୍ତର ରଖିବାକୁ ଯାଇ ଏହି ଦୁଇଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସହରରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ଏ ନେଇ ବିଜେଡି ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ ଏବଂ କାର୍ଯ୍ୟକାରୀ ସଦସ୍ୟ ଗୌରୀ ଶଙ୍କର ବାରିକ ପ୍ରମୁଖ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

### ଉନ୍ନୟନମୂଳକ କାର୍ଯ୍ୟରେ ବାଧକ

**ଗୋପାଳପୁର,୮।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ପଞ୍ଚାୟତ ସମିତି ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଦୀର୍ଘମାସ ହେଲା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲି ପଡ଼ିଛି। ଫଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟରେ ଅସୁବିଧା ହେଉଛି। ଗତ ୮ ବର୍ଷରୁ ଊର୍ଦ୍ଧ୍ୱ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଛି। ସେଠାରେ ନିୟୋଜିତ ଥିବା ଅଧିକାରୀ ପଦୋନ୍ନତି ପାଇ ବଦଳି ହେବା ପରେ ଉକ୍ତ ପଦବୀ ଖାଲି ପଡ଼ିଛି। ସେହିପରି ସେବା ସମବାୟ ଅଧିକାରୀ ପଦବୀ ୪ ବର୍ଷରୁ ଊର୍ଦ୍ଧ୍ୱ ହେଲା ଖାଲି ପଡ଼ିଛି। ସମାଜ ମଙ୍ଗଳ ଅଧିକାରୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦବୀ ଖାଲି ପଡ଼ିଛି। ଜଣେ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ଦାୟିତ୍ୱ ତୁଲାଉଛନ୍ତି। ବ୍ଲକର ୩୨ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୧୧ ଜଣ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ଗ୍ରାମ୍ୟ ପାନୀୟ, ଜଳଯୋଗାଣ ଓ ପରିମଳ ବିଭାଗରେ ଦୁଇ କନିଷ୍ଠ ଯନ୍ତ୍ରୀ ପଦବୀ ମଧ୍ୟରୁ ଗୋଟିଏ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି। ଅନ୍ୟପଟେ ୨୦୧୭ ପଞ୍ଚାୟତ ନିର୍ବାଚନରେ ୨୪ରୁ ୩୨ ପଞ୍ଚାୟତକୁ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ ୩୨ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳରେ ୨୦ ଜଣ ରହିଛନ୍ତି। ଦୁଇରୁ ତିନୋଟି ପଞ୍ଚାୟତ ଦାୟିତ୍ୱରେ ଜଣେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରହିଛନ୍ତି। ଅପରପକ୍ଷରେ ୪ ଜିଆରଏସ ପଦବୀ ଓ ୮ ଯୋଗାଣ ସହାୟକ ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ତୁରନ୍ତ ଜିଲା ପ୍ରଶାସନ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।



ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ।

# ପାଣି ସମସ୍ୟା ନେଇ ରାସ୍ତା ଅବରୋଧ

**ଖଜୁରିପଡ଼ା/ବଲସକୁମ୍ପା (ଡି.ଏନ.ଏ.)/ ଫୁଲବାଣୀ ଅଫିସ, ୮।୯**

ଖଜୁରିପଡ଼ା ବ୍ଲକ ମୂଳଗୁଦାରୀ ଗ୍ରାମବାସୀମାନେ ବୁଧବାର ପାନୀୟ ଜଳ ସମସ୍ୟା ନେଇ ଫୁଲବାଣୀଠାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୫୭ ନମ୍ବର ଜାତୀୟ ରାଜପଥରେ ହାଣ୍ଡି ମାଠିଆ ରଖି ରାସ୍ତା ଅବରୋଧ କରିଥିଲେ। ଏହି ଗ୍ରାମଟି ଫୁଲବାଣୀ ସହରଠାରୁ ମାତ୍ର ୫ କିମି ଦୂରରେ ଅବସ୍ଥିତ ଥିଲେ ମଧ୍ୟ ବହୁ ବର୍ଷ ହେବ ଗାଁରେ ପାଣିର ସମସ୍ୟା ଲାଗି ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ବିଗତ ବର୍ଷ ପାଣି ସମସ୍ୟାକୁ ନେଇ ରାସ୍ତା ଅବରୋଧ କରିଥିଲେ କିନ୍ତୁ ଜିଲା ପ୍ରଶାସନ ସମସ୍ୟାର ସମାଧାନ କରାଯିବ ବୋଲି ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ଏବଂ ଦୁଇ ମାସ ଘରେ ଘରେ ପିଇବା ପାଣି ଯୋଗାଇ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ସଠିକ୍ ଭାବେ ପରିଚାଳିତ ହେଲା ନାହିଁ। ସେହିପରି ଗାଁରେ ଘରେ ଘରେ ପାଣି ଯୋଗାଇ ଦେବା ପାଇଁ ବୋରିଙ୍ଗ ନଳକୂପ ଖନନ ହୋଇଛି। ମାତ୍ର ପାଇପ ସଂଯୋଗ ହୋଇ ନାହିଁ କିମ୍ବା ଆଜି ଯାଏ ତାହା କାର୍ଯ୍ୟକାରୀ ହେଲା ନାହିଁ। ଏହି ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ରାସ୍ତାରୋକୋ କରିଥିବା କହିଛନ୍ତି। ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଖଜୁରିପଡା ବିଡିଓ ରବୀନ୍ଦ୍ରନାଥ କହଁର, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା ।




ଗ୍ରାମବାସୀ ରାସ୍ତା ରୋକୋ କରିଛନ୍ତି।

## ସଂକ୍ଷେପରେ

### କରୋନାରେ ମହିଳା ଡାକ୍ତରଙ୍କ ପରଲୋକ

ଖଣ୍ଡପଡ଼ା,୮।୯(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ଯଦୁନାଥପୁର ଗ୍ରାମର ଡା. ତପସ୍ୱିନୀ ତ୍ରିପାଠୀ (୩୬)ଙ୍କ କରୋନାରେ ଗତ ୬ ତାରିଖ ଦିନ ପରଲୋକ ହୋଇଯାଇଛି । ସେ ସଂକ୍ରମିତ ହୋଇଥିବା ଜଣାପଡ଼ିବା ପରେ ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ହାଇଦ୍ରାବାଦସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି । ଡା.ତପସ୍ୱିନୀ ଚର୍ମରୋଗ ବିଶେଷଜ୍ଞ ଭାବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ କାମ କରୁଥିଲେ ।


ଡା.ତପସ୍ୱିନୀ ତ୍ରିପାଠୀ (ଫାଇଲ ଫଟୋ) ।

### ପ୍ରଦେଶ କଂଗ୍ରେସ ସମ୍ପାଦକ ହେଲେ ହୁସେନ୍

ନୟାଗଡ଼ ଅଫିସ,୮।୯: ନୟାଗଡ଼ର ବରିଷ୍ଠ କଂଗ୍ରେସ ନେତା ହୁସେନ ଖାଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ହୁସେନଙ୍କୁ ଅଖିଳ ଭାରତ କଂଗ୍ରେସ କମିଟି ଅଧକ୍ଷା ସୋନିଆ ଗାନ୍ଧୀ ନିଯୁକ୍ତି ଦେଇଛନ୍ତି । ଏକଥା ଜଣାପଡିବା ପରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ଜିଲା ସଭାପତି ରଣଜିତ୍ ଦାଶ କହିଛନ୍ତି, ହୁସେନଙ୍କ ନିଯୁକ୍ତି ଜିଲାରେ କଂଗ୍ରେସ ସଙ୍ଗଠନକୁ ବଢ଼ାଇବ ।



### ବିଜୁଳି ବିଭ୍ରାଟ ନେଇ ଜନ ଅସନ୍ତୋଷ

ଶେରଗଡ଼,୮।୯(ଡି.ଏନ.ଏ.): ଶେରଗଡ ବ୍ଲକରେ ପ୍ରତିଦିନ ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ୭୦ରୁ ୮୦ ଖଣ୍ଡ ଗ୍ରାମକୁ ନେଇ ଶେରଗଡ଼ ବିଜୁଳି ସେକ୍ସନ। ଏଇ ସେକେଶନକୁ କେହି ଦୃଷ୍ଟି ଦେଉ ନଥିବାରୁ ବିଜୁଳି ବିଭ୍ରାଟ ଲାଗି ରହୁଛି। ବର୍ଷା ହୋଇଗଲେ ଦିନ ଓ ରାତି ତମାମ ବିଦ୍ୟୁତ୍ କାଟ୍ ହୋଇଯାଉଛି। ଫଳରେ ଜନସାଧାରଣ , ବ୍ୟାଙ୍କ ପ୍ରତିଷ୍ଠାନ,ବ୍ୟବସାୟୀକ ଅନୁଷ୍ଠାନ କ୍ଷତି ସହୁଛନ୍ତି। ଏଥିପ୍ରତି ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ବଚନୀ ମଣ୍ଡଳୀ ହୋଇଥିଲେ ମଧ ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଏଥିପ୍ରତି ବିଜୁଳି ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ସାପ କାମୁଡ଼ାରେ ମହିଳା ମୃତ

ଆସିକା,୮।୯(ଡି.ଏନ.ଏ): ଆସିକା ଥାନାର କୋଟିନଡ଼ା ଫାଣ୍ଡି ଅନ୍ତର୍ଗତ ଘଟକୁରୀ ଗ୍ରାମରେ ବୁଧବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ଷ୍ମୀ ନାହାକ (୪୨)। ଲକ୍ଷ୍ମୀ ଗ୍ରାମ ସଂଲଗ୍ନ ଶ୍ମଶାନ ନିକଟସ୍ଥ ଚାଷ ଜମିରେ ଘାସ ବାଛୁଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କ ପୁଅ ସରୋଜ ଏତଲା କ୍ରମେ ଆସିକା ଥାନାରେ ନଂ. ୧୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଯାଞ୍ଚର ସ୍ୱଚ୍ଛତା ଉପରେ ପ୍ରଶ୍ନ

- ଧରା ପଡୁନାହାନ୍ତି ନକଲି ଶିକ୍ଷକ
- ୩୦୦ରୁ ଊର୍ଦ୍ଧ୍ୱ ଅଯୋଗ୍ୟ ଶିକ୍ଷକ ପଢ଼ାଉଛନ୍ତି ପାଠ

ନୟାଗଡ଼ ଅଫିସ,୮।୯

ନକଲି ଶିକ୍ଷକଙ୍କୁ ଧରିବା ପାଇଁ ବିଭିନ୍ନ ସମୟରେ ଶିକ୍ଷା ବିଭାଗ ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ କରାଯାଉଛି । ଏବେ ବି ସାର୍ଟିଫିକେଟ ଯାଞ୍ଚ ଚାଲିଛି। ତେବେ ନକଲି ପ୍ରମାଣ ପତ୍ର ଦେଇ ନୟାଗଡ଼ ଜିଲାରେ ନିଯୁକ୍ତି ପାଇଥିବା ୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ,ଶିକ୍ଷକ ଧରାପଡି ନାହାନ୍ତି। ସେହି ଅଯୋଗ୍ୟ ଶିକ୍ଷୟିତ୍ରୀ,ଶିକ୍ଷକ ଧରାପଡୁ ନାହାନ୍ତି ନାଁ ସେମାନଙ୍କୁ ଜାଣିଶୁଣି ସୁରକ୍ଷା ଦିଆଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ନକଲି ଶିକ୍ଷୟିତ୍ରୀ,ଶିକ୍ଷକମାନେ ଧରା ନ ପଡିବା କାରଣରୁ ଯାଞ୍ଚ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକ ଭାବେ ସେମାନଙ୍କ ସାର୍ଟିଫିକେଟ୍ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଯାଞ୍ଚ ହେଉ ନ ଥିବାରୁ ନକଲି ଶିକ୍ଷକମାନେ ବହୁ ବର୍ଷ ହେଲା ନିର୍ଭୟରେ ସରକାରୀ ଦରମା ଉଠାଇ ଚାଲିଛନ୍ତି । ପୁଣି ସେପରି ଶିକ୍ଷାକର୍ମୀଙ୍କ ପାଖରେ ପାଠପଢ଼ି ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଉନ୍ନତି ହେଉ ନ ଥିବା କେତେଜଣ ଅଭିଭାବକ ଓ ଶିକ୍ଷାବିତ ମତବ୍ୟକ୍ତ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ନକଲି ପ୍ରମାଣପତ୍ର ଦେଇ ଜିଲାର ୮ ବ୍ଲକ ଓ ୫ ସହରାଞ୍ଚଳରେ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ସେମାନଙ୍କ ସଂଖ୍ୟା ନୟାଗଡ଼, ଓଡ଼ଗାଁ, ନୂଆଗାଁ, ଦଶପଲ୍ଲା ଓ ରଣପୁର ବ୍ଲକରେ ଅଧିକ। ଜାଲ୍ ସାର୍ଟିଫିକେଟ ଦେଇ ଚାକରି କରିଥିବା ଜଣେ ଶିକ୍ଷୟିତ୍ରୀଙ୍କ ନାଁରେ ଭାପୁର ବ୍ଲକ ଫତେଗଡ଼ ଥାନାରେ ଏକ ମାମଲା(ନଂ.୧୫୮/୨୧)ରୁଜୁ ହୋଇଛି । ଭାପୁର ବ୍ଲକ୍ ଶିକ୍ଷା ଅଧିକାରୀ ଜୟନ୍ତୀ ସାହୁଙ୍କ ଅଭିଯୋଗକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଫତେଗଡ଼ର ମାଣିକିଆ ସରକାରୀ ୟୁପି ସ୍କୁଲରେ ଜଣେ ଶିକ୍ଷୟିତ୍ରୀ ଶିକ୍ଷା ସହାୟକ ଭାବେ କାମ କରୁଛନ୍ତି । ସେ ଜାଲ ସିଟି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ବ୍ଲକ ଶିକ୍ଷା ଅଧିକାରୀ ତଦନ୍ତ କରି ତାଙ୍କ ପ୍ରମାଣପତ୍ର ଜାଲ ବୋଲି ଜାଣି ପାରିଥିଲେ । କେବଳ ଏହି ଶିକ୍ଷା ସହାୟକ ନୁହଁନ୍ତି, ଜିଲାରେ ଅନେକ ଶିକ୍ଷୟିତ୍ରୀ, ଶିକ୍ଷକ ନକଲି ପ୍ରମାଣପତ୍ର ଦେଇ ଚାକିରିରେ ଅଛନ୍ତି । ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି।

### ଗୋଟିଏ ଶିକ୍ଷା ବର୍ଷରେ ୨ ସାର୍ଟିଫିକେଟ

ଗୋଟିଏ ଶିକ୍ଷାବର୍ଷରେ ଦୁଇଟି ସାର୍ଟିଫିକେଟ ହାତେଇ ପଦୋନ୍ନତି ପାଇଛନ୍ତି ଏକାଧିକ ଶିକ୍ଷକ । ସେମାନଙ୍କ ବିରୋଧରେ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତଦନ୍ତର ସ୍ୱଚ୍ଛତା ଅଭାବରୁ ସେମାନେ ଖସି ଯାଉଥିବା ଖବର ମିଳିଛି। ଯାହାର ନଜୀର ଓଡ଼ଗାଁ ବ୍ଲକରେ ଦେଖିବାକୁ ମିଳିଛି। ବାପାଙ୍କ ସ୍ୱେଚ୍ଛାକୃତ ଅବସର ପରେ ଜଣେ ଯୁବକ ଯୁକ୍ତ ଦୁଇ ପାସ କରି ୧୧।୭।୧୯୮୯ରେ ଅଣତାଲିମ ପ୍ରାପ୍ତ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସେ ୧୯୯୦ ଓ ୧୯୯୧ ମସିହାରେ ପାଠପଢ଼ି ସିଟି ସାର୍ଟିଫିକେଟ ହାସଲ କରିଛନ୍ତି । ସେପଟେ ୧୯୯୦ରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପାଇଁ ୩ ବର୍ଷ ପାଠପଢ଼ି ୧୯୯୨ରେ ଡିଗ୍ରୀ ସାର୍ଟିଫିକେଟ ପାଇଛନ୍ତି । ଜଣେ ଶିକ୍ଷକ ଗୋଟିଏ ବର୍ଷରେ କିପରି ସିଟି ତାଲିମ ନେବା ସହ ଯୁକ୍ତ ୩ ପାଠ ପଢ଼ିଲେ ତାହା ତଦନ୍ତସାପେକ୍ଷ । ପୁଣି ସେ ଉଚ୍ଚତର ଶିକ୍ଷା ପାଇଁ ଦୁଇଟି ପ୍ରମାଣପତ୍ର ଆଣିଲେ କେଉଁଠୁ । ଏଣୁ ପ୍ରମାଣପତ୍ରରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି । ଏଭଳି ଏକାଧିକ ଶିକ୍ଷକ ଓଡ଼ଗାଁ ବ୍ଲକ ସମେତ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରେ ଅଛନ୍ତି ବୋଲି ସୂଚନା ମିଳିଛି ।

### ୨ ବିଇଓଙ୍କ ଦରମା ବନ୍ଦ

ନକଲି ଶିକ୍ଷକଙ୍କ ସମ୍ପର୍କିତ ଯାଞ୍ଚ ରିପୋର୍ଟ ଧାର୍ଯ୍ୟ ସମୟସୀମା ମଧ୍ୟରେ ନ ଦେବାରୁ ରାଜ୍ୟର ୩୭ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ ରହିଛି । ଏହି ୩୬ ଜଣଙ୍କ ମଧ୍ୟରେ ନୟାଗଡ଼ ଜିଲା ଓଡ଼ଗାଁ ଓ ଭାପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ ନାଁ ରହିଛି। ପ୍ରଶ୍ନ ଉଠୁଛି ବିଇଓଙ୍କ ଦରମା ବନ୍ଦ ହେଉଥିବାବେଳେ ନକଲି ଶିକ୍ଷକମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ନକଲି ଶିକ୍ଷକମାନେ ନିଜ ଚାକିରିକୁ ବଞ୍ଚେଇବାକୁ ହାତଗୁଞ୍ଜା ଦେଉଥିବା ଅଭିଯୋଗ ହୋଇଆସୁଛି। ଏକାଧିକ ଶିକ୍ଷକନେତାଙ୍କ ସୂଚନା ଅନୁସାରେ ନକଲି ଶିକ୍ଷକମାନେ ଯାଞ୍ଚ ସମୟରେ ଦୂରେଇ ରହୁଛନ୍ତି । କ୍ଲଷ୍ଟର ପଏଣ୍ଟରେ ଯାଞ୍ଚ ହେବାବେଳେ ସେମାନେ ଆସୁ ନାହାନ୍ତି। ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ହାତଗୁଞ୍ଜା ଦେଇ ସୁରକ୍ଷା ଖୋଜୁଛନ୍ତି। ଏହି କାରବାର ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ର୍ୟାକେଟ କାମ କରୁଛି । ଏଣୁ ଯାଞ୍ଚରେ ସ୍ୱଚ୍ଛତା ରହୁନାହିଁ। ପୁଣି ତାଙ୍କ ସୂଚନା ଅନୁଯାୟୀ, ଯାଞ୍ଚ ସମୟରେ ଅସଲି ସହ ଜେରକ୍ସ ପ୍ରମାଣପତ୍ରକୁ ତନଖି କରାଯାଉଛି । ଏପରି ଯାଞ୍ଚରେ ନକଲି ଶିକ୍ଷକ କେମିତି ଧରାପଡିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। କାରଣ ଜାଲିଆତି ହୋଇଥିବା ପ୍ରମାଣପତ୍ର ଅସଲି ପରି ଜଣାପଡୁଛି । ଏନେଇ ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କୁହନ୍ତି, ନକଲି ଶିକ୍ଷକ ଧରପଗଡ଼କୁ ତ୍ୱରାନ୍ୱିତ କରାଯାଉଛି। ଏବେ ସାର୍ଟିଫିକେଟ ଯାଞ୍ଚ ଆରମ୍ଭ ହୋଇଛି। ଯାଞ୍ଚ ପରେ ନକଲି ଶିକ୍ଷକଙ୍କୁ ଚିହ୍ନଟ କରାଯିବ । ଯାଞ୍ଚ ପାଇଁ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ବାଇକ୍ ଡିକି ଭାଙ୍ଗି ୪୨ ହଜାର ଟଙ୍କା ଲୁଟ୍

### ଗୁପ୍‌ଚୁପ୍ କିଣିବା ମହଙ୍ଗା ପଡ଼ିଲା

ଖଣ୍ଡପଡ଼ା,୮।୯ (ସ୍ୱ.ପ୍ର.)

ଜଣେ ଶିକ୍ଷକଙ୍କ ବାଇକ୍ ଡିକିରୁ ୪୨ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ବ୍ୟାଙ୍କରୁ ଟଙ୍କା ଉଠାଇ ସେ ବାଇକ୍ ଡିକିରେ ରଖି ଗୁପୁଚୁପ କିଣୁଥିବା ବେଳେ ଏହି ଘଟଣା ଘଟିଛି । ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ କୁଆହରା ଗ୍ରାମ କପିଳେଶ୍ୱର ଦେବ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୀତାକାନ୍ତ ଦଳେଇ ଖଣ୍ଡପଡା ଷ୍ଟେଟ ବ୍ୟାଙ୍କ ଶାଖାରୁ ବୁଧବାର ତାଙ୍କ ଜମା ଟଙ୍କରୁ ୪୨ହଜାର ୫ଶହ ଟଙ୍କା ଉଠାଇଥିଲେ। ସେହି ଟଙ୍କାରୁ ବାଇକ୍ ଡିକିରେ ୪୨ ହଜାର ଟଙ୍କା ରଖିଥିଲେ। ସେ ରାସ୍ତା ପାର୍ଶ୍ୱରେ ବାଇକ୍ ରଖି ଗୁପ୍‌ଚୁପ୍ କିଣିବାକୁ ଯାଇଥିବା ବେଳେ କେହି ତାଙ୍କ ଡିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଥିଲେ । ଖଣ୍ଡପଡ଼ା ଥାନାରେ ପ୍ରଧାନ ଶିକ୍ଷକ ଦଳାଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

# ଲୁଟେରାଙ୍କ ଆକ୍ରମଣରେ ୨ ଯୁବକ ଆହତ

### ଲୁଟ୍ ମୋବାଇଲ ଜବତ, ଲୁଟେରା ଗିରଫ

ନୟାଗଡ଼ ଅଫିସ, ୮।୯

ନୟାଗଡ଼ ଟାଉନ ଥାନା ଯଜାଙ୍ଗୀସାହିରେ ମଙ୍ଗଳବାର ରାତି ୧୧ଟାରେ ଲୁଟେରାଙ୍କ ଆକ୍ରମଣରେ ୨ ଯୁବକ ଆହତ ହୋଇଛନ୍ତି । ପୋଲିସ ମୁଖ୍ୟ ଲୁଟେରାଙ୍କୁ ଗିରଫ କରି ତାଙ୍କଠାରୁ ଲୁଟ୍ ମୋବାଇଲ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୮୯/୨୧) ରୁଜୁ ହୋଇଛି । ଯଜାଙ୍ଗୀସାହିର କୃଷ୍ଣଚନ୍ଦ୍ର ସାହୁ(୨୮)ଙ୍କୁ ପୋଲିସ ଗରିଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ କୃଷ୍ଣଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । କୃଷ୍ଣଙ୍କ ସହ ଯଜାଙ୍ଗିସାହିର କୈଳାଶ ପ୍ରଧାନ (୨୫)ଏହି ଲୁଟ୍ ଘଟଣାରେ ସାମିଲ ଥିଲେ। ଅନ୍ୟ ଜଣଙ୍କ ପରିଚୟ ଜଣାପଡିନାହିଁ ବୋଲି ପୋଲିସ କହିଛି ।

ସୂଚନା ଅନୁଯାୟୀ, ବୋଲଗଡ଼ ଥାନା ଡାବରଧୁଁଆ ପାଟଣାର ରାଜେଶ କୁମାର ରଥ, ବିଶ୍ୱଜିତ୍ ସାହାଙ୍କ ସମେତ ୩ଜଣ ସାଙ୍ଗ ନୟାଗଡ଼ ଟାଉନ ଥାନା ଅଧୀନ ଶିବାଜୀ ନଗରରେ ରହୁଛନ୍ତି । ଏହି ୩ ସାଙ୍ଗ ମଙ୍ଗଳବାର ରାତିରେ ଯଜାଙ୍ଗୀସାହି ଦେଇ ତ୍ରିନାଥ ଛକକୁ ମେଡିସିନ କିଣିବାକୁ ଆସୁଥିଲେ । ଯଜାଙ୍ଗିସାହିଠାରେ ୩ ଲୁଟେରା ସେମାନଙ୍କୁ ଅଟକାଇ ମାଡ ମାରି ମୋବାଇଲ ଓ ଟଙ୍କା ଛଡାଇ ନେବାକୁ ଉଦ୍ୟମ କରିଥିଲେ । ଯୁବକମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଯିବାରୁ ଲୁଟେରାମାନେ ଗୋଟିଏ ମୋବାଇଲ ଛଡାଇ ନେଇ ପଳାଇ ଯାଇଥିଲେ । ଲୁଟ୍ ପୂର୍ବରୁ ଏହି ୩ ଲୁଟେରା ସ୍ଥାନୀୟ ଅଞ୍ଚଳରେ ଗଣ୍ଡଗୋଳ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି ।


ଆହତ ୨ ଯୁବକ ।


ଗିରଫ ଲୁଟେରା କୃଷ୍ଣଚନ୍ଦ୍ର ସାହୁ ।

## ଚାଷୀ ପଞ୍ଜୀକରଣ ଆରମ୍ଭ କରିବାକୁ ଦାବି

### ମଣ୍ଡି ଜରିଆରେ ଧାନ ବିକ୍ରି

ଶେରଗଡ଼,୮।୯(ଡି.ଏନ.ଏ.)

ମଣ୍ଡି ଜରିଆରେ ଧାନ ବିକ୍ରି ପାଇଁ ଚାଷି ପଞ୍ଜିକରଣ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ରହିଥିଲା। ୧୫ ସମବାୟ ସମିତି ଜରିଆରେ ୧୩ ହଜାରରୁ ଅଧିକ ଚାଷି ପଞ୍ଜିକରଣ କରିଥିଲେ। ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜିକରଣ କରି ନଥିବାରୁ ସେମାନେ ପଞ୍ଜିକରଣ କେନ୍ଦ୍ର ଓ କୃଷି ବିଭାଗକୁ ଦୌଡୁଛନ୍ତି। ପଞ୍ଜିକରଣ କେବଳ ନେଟ ଜୋନ ବା ସମବାୟ ସମିତିମାନଙ୍କ ଦ୍ୱାରା ହେଉଥିଲା। ବର୍ତ୍ତମାନ ତାର ଶେଷ ତାରିଖ ସରିଯାଇଥିବାରୁ ସରକାର ପୁଣି ପଞ୍ଜିକରଣ ପାଇଁ ତାରିଖ ଘୋଷଣା କଲେ ଚାଷୀମାନେ ପଞ୍ଜିକରଣ କରିପାରିବେ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ପଞ୍ଜିକରଣ ନ ହେଲେ ଚାଷୀ ଧାନ ବିକ୍ରି କରିପାରିବେ ନାହଁ ବୋଲି ସୂଚନା ମିଳିବା ପରେ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ତେଣୁ ପୁଣି ପଞ୍ଜିକରଣ ପ୍ରକିଆ ଆରମ୍ଭ କରାଯାଉ ବୋଲି ଚାଷି ବଳରାମ ରାଉତ କହିଛନ୍ତି। ଏହା କଲେ ବ୍ଲକର ୫୦୦୦ରୁ ଅଧିକ ଚାଷି ଉପକୃତ ହେବେ ବୋଲି ଚାଷୀମାନେ କହିଛନ୍ତି।

# ପ୍ଲାଟିନମ୍ ଜୁବିଲି ପାଇଁ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥିମାନେ ।

ଖଣ୍ଡପଡ଼ା,୮।୯ (ସ୍ୱ.ପ୍ର.)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପ୍ଲାଟିନମ ଜୁବିଲି ପାଳନ ପାଇଁ ସର୍ବ ସମ୍ମତି ପ୍ରସ୍ତାବ କ୍ରମେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆୟୋଜିତ ବୈଠକରେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଆସନ୍ତା ୨୦୨୨ ଜାନୁୟାରୀରେ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବ ମହାସମାରୋହରେ ପାଳନ ପାଇଁ ପୁରାତନ ଛାତ୍ର ସଂସଦ ଅଣ୍ଟା ଭିଡ଼ି ଥିବା ବେଳେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀବାସୀ ଓ ରାଜନୈତିକ ବ୍ୟକ୍ତି ପ୍ରମୁଖ ଏହି ମହୋତ୍ସବରେ ସହଯୋଗ କରିବାକୁ ନିବେଦନ କରାଯାଇଛି ।

# ବୃଦ୍ଧାଶ୍ରମରେ ପେଟପୂରା ଖାଇବାକୁ ମିଳୁନାହିଁ

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧଙ୍କ ଧାରଣା

ନୟାଗଡ଼ ଅଫିସ,୮।୯

ନୟାଗଡ଼ ବୃଦ୍ଧାଶ୍ରମରେ ପେଟପୁରା ଖାଇବାକୁ ଦିଆଯାଉ ନ ଥିବା ପ୍ରତିବାଦରେ ବୁଧବାର ସୁଦାମ ପ୍ରଧାନ ନାମକ ବୃଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦେଇଛନ୍ତି । ଏପରିକି ବୃଦ୍ଧାଶ୍ରମରେ ଚାଲିଥିବା ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି । ବୃଦ୍ଧାବୃଦ୍ଧଙ୍କ ଦାବିକୁ ଅଣଦେଖା କଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ଆତ୍ମାହୁତି ଦେବେ ବୋଲି ଧମକ ଦେଇଛନ୍ତି । ଧାରଣାରତ ସୁଦାମ ପ୍ରଧାନ ଜଣେ ଖବରଦାତା । ସେ ବିବାହ କରି ନ ଥିବାରୁ ଜୀବନର ଶେଷ ସମୟରେ ବୃଦ୍ଧାଶ୍ରମରେ ରହୁଛନ୍ତି । ବୃଦ୍ଧାଶ୍ରମ ନିର୍ମାଣ ହେବା ଦିନଠାରୁ ଅଢ଼େଇ ବର୍ଷ ହେଲା ସୁଦାମ ବୃଦ୍ଧାଶ୍ରମରେ ରହି ଆସୁଛନ୍ତି।

ସୁଦାମଙ୍କ ଅଭିଯୋଗ ଅନୁସାରେ ବୃଦ୍ଧାଶ୍ରମରେ ପେଟ ପୁରା ଖାଇବାକୁ ଦିଆଯାଉନାହିଁ । ପ୍ରତିବାଦ, ଅଭିଯୋଗ କଲେ ଉପବାସ ରହିବାକୁ ପଡୁଛି । ଯଦି କୌଣସି ଖାଉଟି ଉପକରଣ ଶେଷ ହେଲା ଆଉ ଆସୁନାହିଁ। ଅନ୍ତେବାସୀଙ୍କ କୌଣସି ଅଭିଯୋଗ ପରିଚାଳନା କମିଟିକୁ ଅବଗତ କରାଯାଉନାହିଁ। ପରିଚାଳନା କମିଟିକୁ ଅବ୍ୟବସ୍ଥା ସମ୍ପର୍କରେ କହିଲେ ସମାଧାନ ହେଉ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି ।


ଧାରଣାରେ ବସିଥିବା ସୁଦାମ ପ୍ରଧାନ ।

## ଏତଲା ଦେବାକୁ ଆସି ଥାନା ଆଗରେ ଟଳି ପଡ଼ିଲେ ବୃଦ୍ଧା

କବିସୂର୍ଯ୍ୟନଗର,୮।୯ (ଡି.ଏନ.ଏ.)

ଥାନାକୁ ଏତଲା ଦେବାକୁ ଆସି ଜଣେ ବୃଦ୍ଧା ଟଳି ପଡିଛନ୍ତି। ସେ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବୁଢ଼ାଆମ୍ବ ଚମ୍ପେଇତପୁର ଗ୍ରାମର ସୁଶୀଳା ରାଉତ। ପାରିବାରିକ କଳହକୁ ନେଇ ମଙ୍ଗଳବାର ରାତିରେ କବିସୂର୍ଯ୍ୟନଗର ଥାନାକୁ ଏତଲା ଦେବାକୁ ଆସି ଅଚେତ ହୋଇ ପଡିଥିଲେ। ତାଙ୍କୁ ଥାନା ଗାଡ଼ିରେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ନଂ.୧୧/୨୧ ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ୪ ବେଆଇନ ବାଲି ବୋଝେଇ ହାଇୱା ଜବତ

### ୧ଲକ୍ଷ ୧୦ହଜାର ଟଙ୍କା ଜୋରିମାନା ଆଦାୟ

ଓଡ଼ଗାଁ, ୮।୯ (ସ୍ୱ.ପ୍ର.)

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ହାଇୱା ମାଲିକମାନେ ଟିକସ ଫାଙ୍କି କରି ବାଲି ଚାଲାଣ କରୁଥିବା ଅଭିଯୋଗ ହୋଇଆସୁଥିଲା । ବୁଧବାର ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଓ କୋମଣ୍ଡ ତହସିଲଦାର ମିଳିତ ଭାବେ ଚଢ଼ାଉ କରି ୪ ବେଆଇନ ବାଲି ବୋଝେଇ ହାଇୱା (ଗାଡ଼ି ନଂ.ଓଡି ୨୫ଏଲ ୯୧୮୧, ଓଡି ୨୫ ଜେ ୭୭୯୩, ଓଡି ୨୫ ଏଲ ୩୯୪୩ ଏବଂ ଓଡି ୨୫ ଏଫ ୦୬୬୬) ଜବତ କରିଛନ୍ତି । ସେଥିମଧ୍ୟରୁ ୨ ଗାଡ଼ି ଦରପଦା ଓ ଅନ୍ୟ ଦୁଇଟି ଓଡ଼ଗାଁ ଅଞ୍ଚଳର ବୋଲି ସୂଚନା ମିଳିଛି। ଯାଞ୍ଚ ବେଳେ ୩ ଚାଳକଙ୍କ ପାଖରେ ଆବଶ୍ୟକ ଚାଲାଣ ନ ଥିଲା । ଫଳରେ ଗାଡ଼ି ମାଲିକଙ୍କଠାରୁ ୩୦ ହଜାର ଲେଖାଏ ୯୦ ହଜାର ଟଙ୍କା ଓ ଚାଲାଣ ଥାଇ ସମୟ ନ ଥିବା ଚାଲାଣଧାରୀ ଗାଡ଼ି ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

# ବୁଦୁବୁଦିଆ ଜଙ୍ଗଲ ପଥଚାରୀଙ୍କ ପାଇଁ କାଳ

ଖଣ୍ଡପଡ଼ା,୮।୯ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଜଳସମ୍ପଦ ବିଭାଗ ଡିଭିଜନ କଣ୍ଟିଲୋ ସେକ୍ସନ ଦାୟିତ୍ୱରେ ରହିଛି ପ୍ରାୟ ୪୦ କିଲୋମିଟର ଲମ୍ବ ମାଳବନ୍ଧ । ଏହି ସେକ୍ସନ ଅଧୀନରେ ଥିବା ୩.୩ କିମି କମେଇ ଦକ୍ଷିଣ ପାର୍ଶ୍ୱ ଧାନଚେଙ୍ଗଡା ମାଳବନ୍ଧ ସଂପ୍ରତି ପଥଚାରୀଙ୍କ ପାଇଁ କାଳ ସାଜିଛି । ମାଳବନ୍ଧ ଉପର ଦେଇ ଭାପୁର ବ୍ଲକ ଅଧୀନ ଧାନଚେଙ୍ଗଡା, କଳପଙ୍ଗି,କଳଟାଙ୍ଗୀ, କାଳିଆପଲ୍ଲୀ, ରାଣିଛେଲ୍ଲୀ, ବନମାଳୀପୁର, ବାହାଡା, ରାଣୀପଡା, ନୂଆଗାଁ ଆଦି ଅଞ୍ଚଳର ଜନସାଧାରଣ, ବ୍ୟବସାୟୀ ଯାତାୟତ କରନ୍ତି। ପ୍ରତିଦିନ ଛାତ୍ରୀଛାତ୍ର ଏହି ମାଳବନ୍ଧ ଦେଇ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯିବା ଆସିବା କରିଥାନ୍ତି । ମାଳବନ୍ଧର ଦୁଇପାର୍ଶ୍ୱ ଏବେ ବୁଦୁବୁଦିଆ ଜଙ୍ଗଲରେ ପୂର୍ଣ୍ଣ ହୋଇଛି । ଏହି ଜଙ୍ଗଲ ମାଳବନ୍ଧକୁ ସଙ୍କୁଚିତ କରିବା ସହିତ ବିଭିନ୍ନ ପ୍ରଜାତିର ସରୀସୃପଙ୍କ ଆଡ୍ଡାସ୍ଥଳ ପାଲଟିଛି । ମାଳବନ୍ଧ ଦୁଇ ପାର୍ଶ୍ୱରେ ଥିବା ବୁଦୁବୁଦୁଆ ଜଙ୍ଗଲକୁ ସଫା କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ କଣ୍ଟିଲୋ ଜଳସମ୍ପଦ ସହକାରୀ ଯନ୍ତ୍ରୀ ରାମମୋହନ ବେହେରାଙ୍କ ସହ ଯୋଗାଯୋଗ କରିବାରେ ସେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।


ମାଳବନ୍ଧର ଉଭୟ ପାର୍ଶ୍ୱରେ ଥିବା ବୁଦୁବୁଦିଆ ଜଙ୍ଗଲ ।

# ୬ ଦିନ ହେଲା ଜଳ ଯୋଗାଣ ବନ୍ଦ

- ୧୭ଶହ ଗ୍ରାମବାସୀ ଚିନ୍ତାରେ
- ଦୂଷିତ ପାଣି ଉପରେ ଭରସା କରିଛନ୍ତି ଗ୍ରାମବାସୀ
- ଜଳଯୋଗାଣ ପ୍ରକଳ୍ପ ମୋଟର ପୋଡ଼ି,କେବୁଲ ଚୋରି

ଖଣ୍ଡପଡ଼ା, ୮।୯ (ସ୍ୱ.ପ୍ର.)

ଭାପୁର ବ୍ଲକ୍ ଧାନଚେଙ୍ଗଡା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ (ଖପରମଲ୍ଲ) ଓ ଭୋଗଡ଼ା ଗ୍ରାମକୁ ଗତ ୬ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ସେହି ଅଞ୍ଚଳରେ ପାଣି ପାଇଁ ହାହାକାର ପଡ଼ିଛି । ଗ୍ରାମର ମହିଳାମାନେ ବିଭିନ୍ନ ଉତ୍ସରୁ ଦୂଷିତ ଜଳ ସଂଗ୍ରହ କରି ବ୍ୟବହାର କରୁଛନ୍ତି । ଜଳ ଯୋଗାଣ ପ୍ରକଳ୍ପ ମୋଟର ପୋଡ଼ି ଯାଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କେତେଜଣ କହୁଥିବା ବେଳେ ବିଦ୍ୟୁତ୍ ଯୋଗାଣ କେବୁଲକୁ କେହି ଚୋରି କରି ନେଇଯାଇଥିବାରୁ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହିଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ଧାନଚେଙ୍ଗଡ଼ା ପଞ୍ଚାୟତର ୧, ୨ ୱାର୍ଡର ୭ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଭୋଗଡ଼ା ଓ ୩, ୪, ୫ ନମ୍ବର ୱାର୍ଡର ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ଲକ୍ଷ୍ମୀପ୍ରସାଦ ଗ୍ରାମ ଗଠିତ । ଲକ୍ଷ୍ମୀପ୍ରସାଦ ଗ୍ରାମରେ ୬ଟି ନଳକୂପ ରହିଥିଲେ ମଧ ସେହି ପାଣି ପାନୀୟ ଜଳ ଉପଯୋଗୀ ନୁହେଁ। ୨ କୂଅ ରହିଥିଲେ ମଧ ସେଥିରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇ ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ନୂଆଗାଁ(ଲକ୍ଷ୍ମୀପ୍ରସାଦ) ଓ ଭୋଗଡ଼ା ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ଯୋଜନାରେ କମେଇ ନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ନିକଟରେ ଏକ ବୋରୱେଲ ଖନନ କରାଯାଇ ମୋଟର ପମ୍ପ ଦ୍ୱାରା ଉପରୋକ୍ତ ଗ୍ରାମବାସୀଙ୍କୁ ଜଳ ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ସଂପୃକ୍ତ ପ୍ରକଳ୍ପର ମୋଟର ପମ୍ପଟି ପରିଚାଳନାଗତ ତ୍ରୁଟି ଯୋଗୁ ପୋଡ଼ି ଯାଇଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରୁଥିବା କେବୁଲକୁ କେହି ଚୋରି କରି ନେଇଥିବାରୁ ଜଳଯୋଗାଣ ପ୍ରକଳ୍ପଟି ବନ୍ଦ ରହିଛି । ଏ ସମ୍ପର୍କରେ ଧାନଚେଙ୍ଗଡା ପଞ୍ଚାୟତ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି, ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ସୂଚନା ଦେଇଛନ୍ତି ।

ଧରିତ୍ରୀ
DHARITRI
ଗୁରୁବାର, ୯ ସେପ୍ଟେମ୍ବର, ୨୦୨୧



## ଚୋରି କରି ଯୁବକ ଗିରଫ

**ପଦ୍ମପୁର, (ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ଇଚ୍ଛାପୁର ଗ୍ରାମର ପଦ୍ମାବତୀ ବେହେରାଙ୍କ ଘରୁ ମଙ୍ଗଳବାର ରାତିରେ ୪ ହଜାର ଟଙ୍କା ଓ ମୋବାଇଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଅରବିନ୍ଦ ବେହେରା। ଏନେଇ ସାବରଙ୍ଗ ଥାନାରେ ମାମଲା(ନଂ. ୨୦୩/୨୧) ରୁଜୁ କରାଯାଇ ବୁଧବାର ଅପରାହ୍ନରେ ଅରବିନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ନିଆଁରେ ପୋଡ଼ି ମା’, ପୁଅ ଗୁରୁତର

**ଭଦ୍ରକ ଅଫିସ, ୮।୯:** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର ପୁରୁଷୋତ୍ତମ ସାହୁଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ମନୋରମା ଓ ପୁଅ ହୃଦାନନ୍ଦ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ପୁରୁଷୋତ୍ତମଙ୍କ ପରିବାର ଲୋକ ଶୋଇଥିବା ବେଳେ ଗୁହାଳେ ନିଆଁ ଲାଗିଯାଇଥିଲା। ଗୋରୁମାନଙ୍କୁ ଉଦ୍ଧାର କରିବାକୁ ଯାଇ ମା’ ପୁଅ ନିଆଁରେ ପୋଡ଼ି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଗୁହାଳେ ଦିଆଯାଇଥିବା ଧୂଆଁରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

### କୁଶଭଦ୍ରାରେ ଭାସିଗଲେ ମହିଳା

**କପ୍ତିପଦା,୮।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ କୋଲିଅଳମ୍ ଗ୍ରାମର ଗିରିଶ ପାତ୍ରଙ୍କ ସ୍ତ୍ରୀ ସାବିତ୍ରୀ କୁଶଭଦ୍ରା ନଦୀରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନଦୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ରାତିରେ ନଦୀରୁ ତାଙ୍କର ମୃତଦେହ ଉଦ୍ଧାର କରିଥିଲେ। କପ୍ତିପଦା ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୧) ରୁଜୁ ହୋଇଛି।

### ଚନ୍ଦ୍ରମୋହନଙ୍କୁ ସ୍ୱର୍ଣ୍ଣ, ନରେଶଙ୍କୁ ରୌପ୍ୟ
#### ରାଜ୍ୟସ୍ତରୀୟ ଆଥଲେଟିକ ମିଟ୍

**ବାରିପଦା ଅଫିସ, ୮।୯:** କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ୬୮ତମ ବାର୍ଷିକ ଆଥଲେଟିକ ମିଟ୍‌ରେ ମୟୂରଭଞ୍ଜ ଜିଲାକୁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ମିଳିଛି। ଚନ୍ଦ୍ରମୋହନ ହେମ୍ବ୍ରମ ୧୦ହଜାର ମିଟର ଦୌଡ଼ରେ ସ୍ୱର୍ଣ୍ଣ ଏବଂ ନରେଶ ଚନ୍ଦ୍ର ହେମ୍ବ୍ରମ ରୌପ୍ୟ ପଦକ ହାସଲ କରି ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଏହି ପ୍ରତିଯୋଗିତାରେ କେବଳ ୧୮ବର୍ଷରୁ ଊର୍ଦ୍ଧ୍ୱ ସିନିୟର ଉଭୟ ପୁରୁଷ ଓ ମହିଳା ବର୍ଗର ଆଥଲେଟମାନେ ଯୋଗଦେଇଥିଲେ। ଜିଲାର ୬ଜଣିଆ ଦଳରେ ଏକମାତ୍ର ମହିଳା ଖେଳାଳି ଭାବେ ଲକ୍ଷ୍ମୀ ନାଏକଙ୍କ ସମେତ ଲକ୍ଷ୍ମଣ ହାଁସଦା, ରାଉତ ସିଂ ଓ ସାମଲ କୁମାର ପ୍ରଧାନ ସାମିଲ ହୋଇଥିଲେ। ମ୍ୟାନେଜର ଭାବେ ଦୋଲନ ଚନ୍ଦ୍ର କୁଅଁରଦେଓଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗସ୍ତ କରିଥିଲା। ସଫଳତା ପାଇଁ ଜିଲା ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସୁରେଶ ହେଲେ ଭାଜପା ଅନୁସୂଚିତ ମୋର୍ଚ୍ଚା ଜିଲା ସମ୍ପାଦକ

**ଭଣ୍ଡାରିପୋଖରୀ, ୮।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଅନୁସୂଚିତ ଜାତିର ନେତା ସୁରେଶ ଦାସଙ୍କୁ ଭାଜପା ଅନୁସୂଚିତ ମୋର୍ଚ୍ଚାର ଜିଲା ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସୋମବାର ନିଯୁକ୍ତି ଦିଆଯିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ସିଆରସିସି, ଶିକ୍ଷକ ସମ୍ମାନିତ

**ଠାକୁରମୁଣ୍ଡା,୮।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ଜଣେ ଶିକ୍ଷକ ଓ ଜଣେ ସିଆରସିସିଙ୍କୁ ବ୍ଲକର ଶ୍ରେଷ୍ଠ ସିଆରସିସି ଓ ଶ୍ରେଷ୍ଠ ଶିକ୍ଷକ ଭାବରେ ସମ୍ମାନୀତ କରାଯାଇଛି। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଚୟନ ପ୍ରକ୍ରିୟା ଦ୍ୱାରା ଶ୍ରେଷ୍ଠ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆରସିସି) ଭାବରେ ପ୍ରକାଶ ଚନ୍ଦ୍ର ମହାରଣା ଏବଂ ମଣ୍ଡଳଝୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରଙ୍ଗିଆ ଦାସଙ୍କୁ ମନୋନୀତ କରାଯାଇଥିଲା। ବୁଧବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକର ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମନ୍ୱୟ ସମିତି ତରଫରୁ ଶିକ୍ଷକ ରତ୍ନ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏବିଇଓ ଭଗୀରଥୀ ମହାନ୍ତି,ସମ୍ମାନୀତ ଅତିଥି ଜଗଦୀଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଏବିଇଓ କାୟା ମୁର୍ମୁ ଯୋଗ ଦେଇଥିଲେ। ଶିକ୍ଷକ ସଂଘର ସଭାପତି ନାଳରାଜ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶିକ୍ଷକ ରବୀନ୍ଦ୍ର କୁମାର ବାରିକ, ନୟନ କୁମାର ପଣ୍ଡା, କର୍ଣ୍ଣ କୁମାର ରାଜ, ତରଣୀସେନ ନାୟକ, ପ୍ରଦ୍ୟୁମ୍ନ କୁମାର ବାରିକ, ମାଳ୍ୟନନ୍ଦ ପଳେଇ, ଚିତ୍ରେଶ୍ୱର ମହାନ୍ତ ସହଯୋଗ କରିଥିଲେ।

# ସ୍ଥିତି ଅନୁଧ୍ୟାନ କଲା ଜିଲା ପ୍ରଶାସନ

**ଭୋଗରାଇ, ୮।୯(ଡି.ଏନ.ଏ.)**

ଦୀର୍ଘ ୧୦ମାସ ନୀରବତା ପରେ ପୁଣି ସୀମା ଦଖଲ ଲାଗି ଉଦ୍ୟମ କରିଛି

## ଉଦୟପୁର ଦଖଲକୁ ନେବାକୁ ପଶ୍ଚିମବଙ୍ଗର ଉଦ୍ୟମ

ପଶ୍ଚିମବଙ୍ଗ ସରକାର। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିକୁ କୌଶଳକ୍ରମେ ପୁଣି ଦଖଲକୁ ନେବାକୁ ଖେଳ ଖେଳିଛି। ଗତ ୨୦୨୦ ନଭେମ୍ବର ୭ରେ ସାହାବାଜିପୁର ଗାଁକୁ ପଶ୍ଚିମବଙ୍ଗ ପ୍ରଶାସନ ଜେସିବି ମେଶିନ ଲଗାଇ ଜାଗା ଦଖଲ କରିବାକୁ ଧସେଇ ପଶିଥିବା ବେଳେ ସ୍ଥାନୀୟ ଲୋକଙ୍କ ପ୍ରତିରୋଧ ଏବଂ ଜିଲା ପ୍ରଶାସନର ହସ୍ତକ୍ଷେପ ଯୋଗୁ କାର୍ଯ୍ୟ ବନ୍ଦ ହୋଇଥିଲା। ଏବେ ପୁଣି ଉଦୟପୁର ବେଳାଭୂମିକୁ ଦଖଲକୁ ନେବାକୁ ଉଦ୍ୟମ କରିଛି। ଏହା ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ


ଉଦୟପୁର ସୀମା ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜିଲା ପ୍ରଶାସନ ଓ ଜନପ୍ରତିନିଧି।

ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ପହଞ୍ଚି ବେଆଇନ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ପରେ ସେଠାରେ କାର୍ଯ୍ୟ ବନ୍ଦ ହୋଇଛି। ବୁଧବାର ଅତିରିକ୍ତ ଜିଲାପାଳ ଭବେଶ ନାୟକ, ଭୋଗରାଇ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସ୍ଥିତି ଅନୁଧ୍ୟାନ କରିଥିଲେ। ଜନପ୍ରତିନିଧି ତପନ କୁମାର ପଣ୍ଡା, ଅରୁଣ କୁମାର ଗିରି, ତାଳସାରୀ ମେରାଇନ ଥାନା ଅଧିକାରୀଙ୍କ ସହିତ ଆଲୋଚନା କରି ଜିଲା ପ୍ରଶାସନକୁ ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

ଗତ ବାତ୍ୟା ‘ୟାସ’ ଯୋଗୁ ସମୁଦ୍ରକୂଳ ପଥରବନ୍ଧ ବ୍ୟାପକ କ୍ଷତି ହୋଇଥିବାରୁ ପଶ୍ଚିମବଙ୍ଗ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଉପକୂଳ ସୁରକ୍ଷାବନ୍ଧ ନିର୍ମାଣ କରୁଛି। ଉଦୟପୁର ସୀମାରୁ ୧୫୦ମିଟର ପଶ୍ଚିମବଙ୍ଗ ଦୀଘା ଉପକୂଳକୁ ସଂଯୋଗ କରୁଥିବା ତଟ ସୁରକ୍ଷା ପଥର ବନ୍ଧରେ ବଙ୍ଗ ସରକାରଙ୍କ ଏକ ୱାଚ ସେଣ୍ଟର ରହିଛି। ଏହି ୱାଚ୍ ସେଣ୍ଟର ପଶ୍ଚିମବଙ୍ଗ ସୀମାନ୍ତ ହୋଇଥିବା ବେଳେ ପଶ୍ଚିମଦିଗକୁ ଓଡ଼ିଶା ସୀମା ଲମ୍ବିଛି। ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଓ ତାଙ୍କ ସରକାରଙ୍କ ସେଚ ବିଭାଗ ପକ୍ଷରୁ ଓଡ଼ିଶା ମଧ୍ୟକୁ ୧୫ରୁ ୨୦ ଫୁଟ ତଟ ସୁରକ୍ଷା ପାଚେରି କରୁଥିବା ବେଳେ ବନ୍ଦ କରାଯାଇଛି।

# ଭାଙ୍ଗିଦେଲେ ଗଣେଶ, ବିଶ୍ୱକର୍ମାଙ୍କ ମୂର୍ତ୍ତି

**ବାସୁଦେବପୁର, ୮।୯(ଡି.ଏନ.ଏ.)**

## ଥାନାର ଦ୍ୱାରସ୍ଥ ହେଲେ ଶିଳ୍ପୀ

ଭଦ୍ରକ ଜିଲା ବାସୁଦେବପୁର ସହର ମଧ୍ୟରେ ଧାମରା ରୋଡ୍‌ରେ ପୂର୍ବ ଶତ୍ରୁତା ଓ ଆକ୍ରୋଶକୁ କେନ୍ଦ୍ରକରି କେତେକ ଅସାମାଜିକ ବ୍ୟକ୍ତି ଅଜୟ କୁମାର ଦାଶ ନାମକ ଜଣେ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ୮୦ରୁ ଊର୍ଦ୍ଧ୍ୱ ଗଣେଶ ଓ ବିଶ୍ୱକର୍ମାଙ୍କ ମୂର୍ତ୍ତିକୁ ଭାଙ୍ଗି ଦେଇଛନ୍ତି। ଶିଳ୍ପୀ ଅଜୟ ଏ ନେଇ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି।

କମାରଗାଁ ଅଞ୍ଚଳର ଅଜୟ ଏତଲାରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଅସାମାଜିକ ବ୍ୟକ୍ତିମାନେ ତାଙ୍କ ଅସ୍ଥାୟୀ ଭଡ଼ାଘରେ ପଶି କେହି ନ ଥିବାର ସୁଯୋଗ ନେଇ ମୂର୍ତ୍ତିଗୁଡ଼ିକୁ ଭାଙ୍ଗି ଦେଇଛନ୍ତି। ବୁଧବାର ସକାଳେ ଆସି ସେ ଏସବୁ ଦେଖିବାକୁ ପାଇଥିଲେ। ତାଙ୍କର ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ସେ ଦର୍ଶାଇଛନ୍ତି। ଏପରି କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ


ଭାଙ୍ଗି ଦିଆଯାଇଥିବା ମୂର୍ତ୍ତି।

ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ତେବେ ଦିନକ ପରେ ଗଣେଶ ପୂଜା ଥିବାବେଳେ ମୂର୍ତ୍ତିଗୁଡ଼ିକୁ ଏପରି ଭଙ୍ଗାଯିବା ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

# ଆଜି ଖଇରା ବନ୍ଦ

**ଖଇରା, ୮।୯(ଡି.ଏନ.ଏ.)**

## ଯୋଗ ଦେବେ ଖଇରାର ସମସ୍ତ ସଙ୍ଗଠନ

ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସ୍ଥାନୀୟ ଜନସାଧାରଣ ତଥା ବ୍ଲକର ସମସ୍ତ ସଙ୍ଗଠନ ଗୁରୁବାର ରାଜରାସ୍ତାକୁ ଓହ୍ଲାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ୬ଟାରୁ ୧୨ଟା ପର୍ଯ୍ୟନ୍ତ ଦୋକାନୀମାନେ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିଭଳି ଖଇରା ବ୍ଲକରେ କାର୍ଯ୍ୟରତ ସମସ୍ତ ସ୍ୱେଚ୍ଛାସେବୀ, ସାଂସ୍କୃତିକ ସଙ୍ଗଠନଗୁଡିକ ଏଥିରେ ସାମିଲ ହେବାକୁ କର୍ମକର୍ତ୍ତାମାନେ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ସମସ୍ତ ଯାନବାହନ ଚଳାଚଳ ତଥା ସରକାରୀ ବେସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିବ। ଶେଷରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ସେହିଭଳି ଗଣ୍ଡିବେଡଠାରେ ସୌମ୍ୟଙ୍କ ହତ୍ୟାରେ ସାମିଲ ଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗୁରୁବାର ସନ୍ଧ୍ୟାରେ ମଧ୍ୟ ସ୍ଥାନୀୟ ଯୁବ ସ୍ୱାଭିମାନ ମଞ୍ଚ, ଆଞ୍ଚଳିକ ଉନ୍ନୟନ ପରିଷଦ ଓ ବଣିକ ସଂଘ ପକ୍ଷରୁ ନ୍ୟାୟ ପ୍ରଦାନ ଦାବିରେ ବିଶାଳ ଶୋଭାଯାତ୍ରା ଆୟୋଜିତ କରାଯାଇଥିବା ନେଇ ବୁଧବାର ଖଇରା ଥାନାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

# ‘ଜେଡିଏରେ ସାମିଲ ହେଉ ଚାରିଗଡ଼ ପୀଢ଼’


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାରିଗଡ଼ ପୀଢ଼ ବାସିନ୍ଦା।

**କେନ୍ଦୁଝର, ୮।୯(ଡି.ଏନ୍.ଏ./ସ୍ୱ.ପ୍ର.)**

ଜୁଆଙ୍ଗ ଉନ୍ନୟନ ସଂସ୍ଥା ବା ଜେଡିଏରେ ତେଲକୋଇ ବ୍ଲକର ଚାରିଗଡ଼ ପୀଢ଼କୁ ସାମିଲ ପାଇଁ ସୋମବାର ପ୍ରବଳ ବର୍ଷାରେ ଆଦିମ ଜନଜାତି ଜୁଆଙ୍ଗଙ୍କ ତରଫରୁ ଏକ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ କରାଯାଇଛି। ବାଂଶପାଳ ବ୍ଲକର ଗୋନାସିକାଠାରେ ଥିବା ଜୁଆଙ୍ଗ ଉନ୍ନୟନ ସଂସ୍ଥାରେ ଏହି ତେଲକୋଇ ବ୍ଲକର ଚାରିଗଡ଼ ପୀଢ଼ ଅଞ୍ଚଳ ବାସିନ୍ଦାଙ୍କୁ ସାମିଲ କରିବା ପାଇଁ ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପତ୍ରସଂଖ୍ୟା ୭୭୪୩ ତା ୪।୬।୨୦୨୦ରେ ଦର୍ଶାଯାଇଥିଲା। ଏହି ଅଞ୍ଚଳରେ ରହୁଥିବା ଜୁଆଙ୍ଗମାନଙ୍କୁ ସମସ୍ତ ପ୍ରକାରର ସରକାରୀ ସୁବିଧାସୁଯୋଗ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ରହିଥିଲା। ମାତ୍ର ଏହି ସୁବିଧା ମିଳି ନ ଥିବାରୁ ଦୁଃଖ ଓ କ୍ଷୋଭ ପ୍ରକାଶ ପାଇଛି । କୋଭିଡ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ଜୁଆଙ୍ଗ ପରିବାରକୁ ୫ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ ମଧ୍ୟ ଉକ୍ତ ଅଞ୍ଚଳବାସୀଙ୍କ ନିକଟକୁ ଏହା ପହଞ୍ଚିପାରି ନାହିଁ। ଏହି ଅଞ୍ଚଳରେ ସ୍ୱତନ୍ତ୍ର କୋଭିଡ ଟିକା ପ୍ରଦାନ ପାଇଁ ସେମାନେ ଦାବି କରିବା ସହ ଆବାସିକ ବିଦ୍ୟାଳୟ ମଧ୍ୟ ଖୋଲିବାକୁ ଦାବି ଜଣାଇଛନ୍ତି। ତେଲକୋଇ ବ୍ଲକର ଦୁବନାଳି, କରମଙ୍ଗି, ନମକାନି, ଟାଙ୍ଗିରି, ପଡାଙ୍ଗ, ରାଙ୍କି ଭଳି ୪୨ଟି ଗ୍ରାମକୁ ସାମିଲ କରିବାକୁ ଦାବି ଜଣାଇଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଚିତ୍ରଡ଼ା,୮।୯(ଡି.ଏନ.ଏ.)**

ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ନିଜ ଗାଁ ମାଟିରେ ପାଦ ଦେଇଛନ୍ତି। ଅପରାହ୍ନରେ ସେ ମୋରଡ଼ା ବ୍ଲକ ସାନ ମୁଣ୍ଡାବଣି ଗାଁରେ ପହଞ୍ଚିଥିଲେ। ଗାଁକୁ ଆସିବା ବାଟରେ ଶଙ୍ଖାଭଙ୍ଗା, ନିରୁଆପଦା,ବାରମାଇଲ ଏବଂ ଚିତ୍ରଡ଼ାର ଶୀର୍ଷାପାଳ ଛକରେ ତାଙ୍କୁ ଅଞ୍ଚଳବାସୀ ସ୍ୱାଗତ ଜଣାଇଥିଲେ। ପରେ ଚିତ୍ରଡା ଛଉ ପେଣ୍ଡାଲରେ ଡ.କୋମଳେନ୍ଦୁଲାଲ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିଲେ। ତାଙ୍କ ସହିତ ଜୀବନ ସାହୁ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସନ୍ତୋଷ କୁମାର ବେହେରା, ତ୍ରିଲୋଚନ ସିଂ ବାବୁ, ନରେନ୍ଦ୍ର ମହାନ୍ତ, ଅଜୟ ପାଲ, ଜେମାମଣି ମହାନ୍ତ, ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ଉପକାରୀ ବଗିଚା ବୁଲିଲେ ପ୍ରକଳ୍ପ ନିର୍ଦ୍ଦେଶକ

**ପଦ୍ମପୁର, ୮।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ସର୍ଦ୍ଦାରପୁର ଗ୍ରାମରେ ବିଭିନ୍ନ ହିତାଧିକାରୀଙ୍କ ମୋ ଉପକାରୀ ବଗିଚା ମଙ୍ଗଳବାର ବୁଲି ଦେଖିଛନ୍ତି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ। ସେ ପୂର୍ବାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ସିଧାସଳଖ ହିତାଧିକାରୀଙ୍କୁ ଭେଟିବାକୁ ଚାହିଁଥିଲେ। ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ସମିତିସଭ୍ୟ ବନଜ କୁମାର ମହାପାତ୍ର, ଜିଆର୍‌ଏସ୍ ବିଜୟ ବେହେରା ଓ ପଦ୍ମପୁର ମହିଳା ମହାସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପ୍ରତି ହିତାଧିକାରୀଙ୍କୁ ୧୦,୭୨୯ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।

# ବର୍ଷାରେ ୨ ପରିବାରର ଘର ଭୁଶୁଡ଼ିଲା

**ଜଳେଶ୍ୱର, ୮।୯(ଡି.ଏନ.ଏ.)**

ଗତ ୨ଦିନ ଧରି ବାଲେଶ୍ୱର ଜିଲାର ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଲଘୁଚାପଜନିତ ବର୍ଷା ଲାଗି ରହିବାରୁ ୪ଟି ଘର ଭୁଶୁଡିପଡିଛି।

ଜଳେଶ୍ୱର ବ୍ଲକ କୋଟସାହି ଗାଁର ମହାଦେବ ପାତ୍ରଙ୍କ ଘର ଭୁଶୁଡି ପଡିବାରୁ ୪ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବହୁ


ଭାଙ୍ଗି ଯାଇଥିବା ଘର

ଆସବାବପତ୍ର ମାଟିତଳେ ପୋତି ହୋଇଯାଇଛି। ସେହିପରି ବର୍ତ୍ତନା ପଞ୍ଚାୟତର ଖରିଦା ଗାଁର ରବୀନ୍ଦ୍ର ମହାଲିକଙ୍କର ମାଟିଘର ଭୁଶୁଡି ପଡିଛି। ଏପରିକି ଘରୁ ଚାଉଳ, ଧାନ, ଲୁଗାପଟା ଉଦ୍ଧାର କରାଯାଇପାରିନାହିଁ। ସେହିପରି ନଛିମପୁର ଗାଁର କୃପାସିନ୍ଧୁ ପାତ୍ର ଓ ଲାଙ୍ଗୁଡସାହି ଗାଁର ଗୋପାଳ ଜେନାଙ୍କ ଘର ମଧ୍ୟ ଭୁଶୁଡି ଯାଇଛି।

# କଂଗ୍ରେସ ପକ୍ଷରୁ ଶ୍ରମିକ ସମ୍ମାନ ଉତ୍ସବ

**ରସାଲପୁର, ୮।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ବୁଆଁଳ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ୍) ସମ୍ମାନ ଉତ୍ସବ ଅଖିଳ ଭାରତ ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍ ଶ୍ରମିକଙ୍କ ସଂଖ୍ୟା ୧ହଜାର ୧୦୦ ପଞ୍ଜିକୃତ ହୋଇଥିବା ବେଳେ ୩ଟି ପରିବାରର ମୁଖ୍ୟ ଜବକାର୍ଡ଼ଧାରୀ ୧୦୦ଦିନର କାମ ପାଇଛନ୍ତି। ଉକ୍ତ ପରିବାରର ୧୨ଜଣ ସଦସ୍ୟଙ୍କ ନାମ ରହିଛି। ଆଇନ ଅନୁଯାୟୀ ଏହି ପଞ୍ଚାୟତରେ ୧୦୦ଦିନର କାମ ପାଇଥିବା ୩ଟି ପରିବାରର ୧୨ଜଣଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବୁଆଁଳ ପଞ୍ଚାୟତ କଂଗ୍ରେସ ସଭାପତି ଭାବେ ସୁଶାନ୍ତ ପରିଡ଼ା, ଯୁବ ସଭାପତି ଭାବେ ରଜନୀକାନ୍ତ ମହାଲିକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଅଣସଙ୍ଗଠିତ ଶ୍ରମିକ କଂଗ୍ରେସର ସଦର ବ୍ଲକ ସଭାପତି ମାନରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଦାଦନ ଖଟିବାକୁ ଗଲେ ଅନାଥ ନାବାଳକ

**ସାରସକଣା,୮।୯(ଡି.ଏନ.ଏ.)**

## ମିଳିଲାନି ସରକାରୀ ସହାୟତା

ମା’ ବାପାଙ୍କୁ ହରାଇ ଅନାଥ ପାଲଟି ଯାଇଥିବା ଜଣେ ୧୪ ବର୍ଷର ନାବାଳକ ପେଟ ପାଇଁ ଦାଦନ ଖଟିବାକୁ ଯିବା ଭଳି ସମ୍ବେଦନଶୀଳ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ ସହାୟତା ନ ମିଳିବାରୁ ନିଜ ସାନ ଭାଇକୁ ମଣିଷ କରିବା ସକାଶେ ଗାଁର କେତେକ ଯୁବକଙ୍କ ସହ ସେ ସୁଦୂର ଗୁଜୁରାଟ ଯାଇଛନ୍ତି। ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଜାଲଦା ପଞ୍ଚାୟତର ଜାଲଦା ଗାଁରେ ଏହି ଘଟଣା ଦେଖିବାକୁ ମିଳିଛି।

୮ ବର୍ଷ ତଳେ ମା’ ବାପାଙ୍କ ମୃତ୍ୟୁ ପରେ ୧୪ ଓ ୧୧ ବର୍ଷର ଦୁଇଭାଇ ବେସାହାରା ହୋଇ ପଡ଼ିଥିଲେ। ସେମାନଙ୍କ ଦେଖାଶୁଣା କରିବା ପାଇଁ କେହି ନ ଥିଲା ବେଳେ ସମ୍ପର୍କୀୟ ପୀଉସୀ ଏବଂ ବଡ଼ମା ସାହାରା ଦେଇ ସେମାନଙ୍କୁ ଆପଣାଇ ନେଇଥିଲେ। ବିଭିନ୍ନ ସମୟରେ କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସାହାଯ୍ୟର ହାତ ବଢ଼ାଇଥିଲେ ମଧ୍ୟ ତାହା ଗୁଜୁରାଣ ପାଇଁ ଯଥେଷ୍ଟ ନ ଥିଲା। ସମ୍ପର୍କୀୟ ପୀଉସି ଏବଂ ବଡ଼ମାଙ୍କ ପାରିବାରିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପେଟ ଚିନ୍ତା ଓ ସାନଭାଇର ଭବିଷ୍ୟତ କଥା ଚିନ୍ତା କରି ନାବାଳକ ବଡ଼ଭାଇ ଗୁଜୁରାଟ ଯିବାକୁ ସ୍ଥିର କରିଥିଲେ। ତେବେ ତାଙ୍କ ସାନ ଭାଇ ବର୍ତ୍ତମାନ ଗ୍ରାମର ବିଭିନ୍ନ ଲୋକଙ୍କ ଘରକୁ ଯାଇ ଖାଦ୍ୟ ମାଗି ଖାଉଥିଲା ବେଳେ ବିଭିନ୍ନ ସମୟରେ ବନସୀ ଧରି ମାଛ ଧରିବାକୁ ଘରପାଖ ପୋଖରୀକୁ ଯାଉଥିବା ଦେଖିବାକୁ ମିଳୁଛି। ପାଠ ପଢ଼ିବା କଥା ପଚାରିଲେ ସେ କୁହନ୍ତି, ପଢ଼ିବାକୁ ଇଚ୍ଛା ଅଛି ମାତ୍ର ଏବେ ପଢ଼ିବା ବାବଦକୁ ଖର୍ଚ୍ଚ ଦେବ କିଏ। ଦୁଇଭାଇଙ୍କ ଦୁଃଖ କଥା ସ୍ଥାନୀୟ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଯାଏ ସମସ୍ତେ ଅବଗତ ଥିଲେ ମଧ୍ୟ ସେମାନଙ୍କୁ ସହାୟତା ମିଳି ପାରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଆବାସ ହିତାଧିକାରୀ ଠକେଇର ଶିକାର

**ବାହାନଗା, ୮।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡ଼ଶାଳ ପଞ୍ଚାୟତର ଦୁଇଜଣ ଆବାସ ହିତାଧିକାରୀ ଠିକାଦାରଙ୍କ ଦ୍ୱାରା ଠକେଇର ଶୀକାର ହୋଇଥିବା ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଗ୍ରାମର ଭାସ୍କର ମହାଲିକଙ୍କ ପୁଅ ଅଜିତ ଓ ରଞ୍ଜିତ ମହାଲିକଙ୍କ ସ୍ତ୍ରୀ କାଦମ୍ବିନୀଙ୍କ ନାମରେ ୨୦୧୭ ମସିହାରେ ପୃଥକ ଭାବେ ଦୁଇଟି ଆବାସ ଯୋଜନାରେ ଘର ଆସିଥିଲା। ଦୁଇ ହିତାଧିକାରୀ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ଘର ଖଣ୍ଡେ କରିବା ପାଇଁ ଅର୍ଥ ନ ଥିଲା। ଏହି ସମୟରେ ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ଠିକାଦାର ଉକ୍ତ ଦୁଇ ପରିବାରକୁ ଘର ସମ୍ପୂର୍ଣ୍ଣ କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଠିକାଦାରଙ୍କ ଚକ୍ରବ୍ୟୁହରେ ପଡ଼ି ହିତାଧିକାରୀମାନେ ଆବାସ ଯୋଜନା ବାବଦକୁ ଆସିଥିବା ଏଟିଏମ କାର୍ଡ, ବ୍ୟାଙ୍କ ପାସବୁକ୍ ପରବର୍ତ୍ତୀ ସମୟରେ ନିଜସ୍ୱ ହାତଉଧାରୀ ୪୦ହଜାରରୁ ଅଧିକ ଟଙ୍କା ଦେଇଥିଲେ। ତେବେ ଠିକାଦାର ଜଣକ ସମସ୍ତ ଟଙ୍କା ଓ ଆବାସ ଯୋଜନାର ଆସିଥିବା ଟଙ୍କା ଉଠାଇ ନେଇ ଘରକୁ ଅଧା ନିର୍ମାଣ କରି ଛାଡ଼ି ଦେଇଥିଲେ। ଯାହାକୁ ନେଇ ଉକ୍ତ ହିତାଧିକାରୀ ଦୁଇଜଣ ମଙ୍ଗଳବାର ଗୋପାଳପୁର ଫାଣ୍ଡିରେ ପହଞ୍ଚି ଠିକାଦାରଙ୍କ ଦ୍ୱାରା ଠକାମିର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ବାହାନଗା ବ୍ଲକରେ ବହୁ ହିତାଧିକାରୀ ଆବାସ ଯୋଜନାରେ ଘର ପାଇଥିଲେ ମଧ୍ୟ ନିଜେ କରି ନ ପାରିବାରୁ ଠିକାଦାରମାନଙ୍କ ଚକ୍ରବ୍ୟୁହରେ ପଡି ନୟାନ୍ତ ହେବାକୁ ବସିଛନ୍ତି। ପାଇଥିବା ଘର ସବୁ ନିମ୍ନମାନର ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ସେଥିପ୍ରତି ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଠିକାଦାରମାନେ ଯେଉଁ ଆବାସ ଯୋଜନାରେ ଘର ନିର୍ମାଣ କରୁଛନ୍ତି ତାହା ଫାଇଲିନ୍ କିମ୍ବା ହୁଡୁ ହୁଡୁ ଭଳି ବାତ୍ୟା ଆସିଲେ ଘର ଭୁଶୁଡିପଡିବ ବୋଲି ଅଭିଯୋଗ ହେଉଛି।

# ସାର ପାଇଁ ଚାଷୀଙ୍କ ଲମ୍ବାଧାଡ଼ି

**ବନ୍ତ,୮।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ସେବା ସମବାୟ ସମିତି ଆଗରେ ସାର ନେବା ପାଇଁ ଚାଷୀଙ୍କ ଲମ୍ବାଧାଡ଼ି ଲାଗିଥିଲା। ପ୍ରତ୍ୟେକ ଚାଷୀଙ୍କଠାରୁ ଆଧାର କାର୍ଡ ନିଆଯାଇ ମୁଣ୍ଡ ପିଛା ଗୋଟିଏ ଲେଖାଏ ସାର ଦିଆଯାଇଥିଲା। ଚାଷୀମାନେ ଦୀର୍ଘ ସମୟ ଧରି ଧାଡ଼ିରେ ଠିଆ ହୋଇ ସାର ନେଇଥିଲେ। ଉକ୍ତ ସମିତି ଅଧୀନରେ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଚାଷୀ ଥିବାବେଳେ ଆସିଥିବା ସାର ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ କହିଛନ୍ତି। ଜିଲା କୃଷି ବିଭାଗ ବ୍ଲକର ସମସ୍ତ ସମିତିକୁ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ କିଛିଦିନ ହେବ ବଜାରରେ ଡିଏପି, ୟୁରିଆ, ପଟାସ ଆଦି ସାର ମିଳୁ ନ ଥିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୧୫ଦିନରୁ ଊର୍ଦ୍ଧ୍ୱ ହେବ ଧାନ ରୁଆ ସରିଥିଲେ ମଧ୍ୟ ଚାଷୀମାନେ ଜମିରେ


ସମିତି ଆଗରେ ଚାଷୀମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ସାର ପ୍ରୟୋଗ କରିପାରୁ ନାହାନ୍ତି। ଦୁଇ ସପ୍ତାହ ତଳେ କେତେକ ସମବାୟ ସମିତିରେ କେବଳ ୟୁରିଆ ସାର ଅଣାଯାଇ ମୁଣ୍ଡ ପିଛା ଗୋଟିଏ ଲେଖାଏ ବସ୍ତା ଚାଷୀମାନଙ୍କୁ ଦିଆଯାଇଥିଲା। ଏବେ ସାର ଅଭାବ ଲାଗି ରହିଥିବା ବେଳେ ସୋମବାର କେତେକ ସମିତିକୁ ଡିଏପି ସାର ଆସିଥିବାର ଦେଖାଯାଇଥିଲା। ପଧାନପଡ଼ା ସମିତିକୁ ୨ ଶହ ବସ୍ତା ଡିଏପି ସାର ଆସିଥିବା ବେଳେ ମଙ୍ଗଳବାର ସକାଳ ୮ଟାଠାରୁ ଚାଷୀମାନେ ସମିତି ଆଗରେ ଧାଡ଼ି ହୋଇ ଠିଆ ହୋଇଥିଲେ। ଅପରପକ୍ଷେ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲରମାନଙ୍କଠାରେ ଚାଷୀମାନେ ସାର ପାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କୁ ପଚାରିବାରୁ କହିଛନ୍ତି, ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଛି। ୪ରୁ ୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ।